

**ଅମିତାଭଙ୍କୁ ୧୮ କୋଟି**

▶ପୃଷ୍ଠା ୧୪ ଦେଖନ୍ତୁ...

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 42 ◆ISSUE-18 ◆BHUBANESWAR ◆SATURDAY ◆13 JULY 2024 ◆PAGE-16 ◆₹ 6.00

◆ବର୍ଷ-୪୨ ◆ସଂଖ୍ୟା-୧୮ ◆ଭୁବନେଶ୍ୱର ◆ଶନିବାର ◆୧୩ ଜୁଲାଇ ୨୦୨୪ ◆ପୃଷ୍ଠା-୧୬ ◆ଟ.୬.୦୦


**ନେପାଳରେ ନଦୀକୁ ଖସିଲା ବସ୍**

## ୭ ଭାରତୀୟଙ୍କ ସମେତ ୬୦ ନିଖୋଜ

**କାଠମାଣ୍ଡୁ, ୧୨।୭ (ଏଜେନ୍ସି):** ନେପାଳରେ ଆଜି ଭୋରରେ ଭୂସ୍ଖଳନରେ ଦୁଇଟି ବସ୍‌ର ଡ୍ରାଇଭରଙ୍କୁ ମିଶାଇ ୬୦ ଜଣ ଯାତ୍ରୀ ନିଖୋଜ ହେଇଯାଇଛନ୍ତି। ନେପାଳର ମଦନ-ଆଶ୍ରିତ ରାଜପଥରେ ରାତି ୩ଟା ୩୦ ମିନିଟରେ ଡ୍ରାଇଭରଙ୍କୁ ମିଶାଇ ୪୧ ଜଣଙ୍କୁ ନେଇ ଏକ ବସ୍ କାଠମାଣ୍ଡୁରୁ ଗୌର ଯାଉଥିଲା। ଅନ୍ୟ ବସ୍‌ଟି ଡ୍ରାଇଭରଙ୍କୁ ମିଶାଇ ୨୪ ଜଣଙ୍କୁ ନେଇ ବୀରଗଞ୍ଜରୁ କାଠମାଣ୍ଡୁ ଯାଉଥିଲା। ରାଜପଥର ଗୋଟିଏ ପଟରେ ତୀଖା ପାହାଡ଼, ଅନ୍ୟ ପଟରେ ଗଭୀର ଖାଇ। ତଳେ ପ୍ରବାହିତ ହେଉଛି ପୂର୍ଣ୍ଣଗର୍ଭା ତ୍ରିଶୂଳୀ ନଦୀ। ଅଚାନକ ବଡ଼ ଧରଣର ଭୂସ୍ଖଳନ ଘଟିଲା। କେହି କିଛି ବୁଝିବା ପୂର୍ବରୁ ଉପରୁ ଖସିଆସିଲା ସହସ୍ର ସହସ୍ର ଟନ୍ ପଥର, ମାଟି ଓ କାଦୁଅ। ଏଥିଯୋଗୁଁ ୨ଟି ବସ୍ ନଦୀକୁ ଖସି ପଡ଼ିଥିଲା। ନଦୀର ପ୍ରଘର ସୁଅ ବସ୍ ଦୁଇଟିକୁ କୁଆଡ଼େ ଭସାଇ ନେଇଛି ତାହାର କିଛି ପତ୍ତା ମିଳିନାହିଁ। ▶ପୃଷ୍ଠା-୯



## ମୌସୁମି ସକ୍ରିୟ; ୪ଦିନ ପ୍ରବଳ ବର୍ଷା ଆଶଙ୍କା

**ଭୁବନେଶ୍ୱର, ୧୨।୭ (ସମିସ):** ରାଜ୍ୟରେ ବର୍ତ୍ତମାନ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ସକ୍ରିୟ ରହିଥିବା ବେଳେ ଏହାର ପ୍ରଭାବରେ ଆସନ୍ତାକାଲିଠାରୁ ବର୍ଷାର ପରିମାଣ ବଢ଼ିବ। ୧୩ରୁ ୧୬ ତାରିଖ ପର୍ଯ୍ୟନ୍ତ ମୋଟ ୪ ଦିନ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ସମ୍ଭାବନା ରହିଛି। ଏନେଇ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି। କେନ୍ଦ୍ର ପକ୍ଷରୁ କୁହାଯାଇଛି ଯେ ଶନିବାର ଦିନ ମାଲକାନଗିରି, କୋରାପୁଟ, ନବରଙ୍ଗପୁର, ରାୟଗଡ଼ା, ଗଜପତି, ଗଞ୍ଜାମ, ମୟୂରଭଞ୍ଜ ଓ କେନ୍ଦୁଝର ଜିଲ୍ଲାର କେତେକ ସ୍ଥାନରେ ବିଜୁଳି ଘଡଘଡି ସହ ପ୍ରବଳ ବର୍ଷା ସମ୍ଭାବନା ରହିଛି। ଉପରୋକ୍ତ ଜିଲ୍ଲାଗୁଡ଼ିକୁ ପାଣିପାଗ କେନ୍ଦ୍ର ପକ୍ଷରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ରବିବାର ବର୍ଷାର ବିସ୍ତୃତି ବଢ଼ିବ ଓ ୧୨ଟି ଜିଲ୍ଲାର କେତକ ସ୍ଥାନରେ ପ୍ରବଳ ବର୍ଷା ହୋଇପାରେ। ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼, ଝାରସୁଗୁଡା, ବରଗଡ, ସମ୍ବଲପୁର, ଦେବଗଡ, ଗଞ୍ଜାମ, ଗଜପତି, ରାୟଗଡା, କନ୍ଧମାଳ ଓ କଳାହାଣ୍ଡି ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନା ରହିଛି। ସେହିପରି ୧୫ ଓ ୧୬ ତାରିଖରେ ମଧ ରାଜ୍ୟର ବିଭିନ୍ନ ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନା ଥିବାନେଇ ପାଣିପାଗ କେନ୍ଦ୍ର ପକ୍ଷରୁ ଜାରି ବୁଲେଟିନରେ କୁହାଯାଇଛି।



**ନୀତି ବିଳମ୍ବ**

### ନାକଚଣା ଦ୍ୱାରରେ ଦୁଇରଥ

## ଅଟକିଗଲା ନନ୍ଦିଘୋଷ



**ପୁରୀ, ୧୨।୭ (ସମିସ):** ପବିତ୍ର ହେରାପଞ୍ଚମୀରେ ଲକ୍ଷ୍ମୀ ଠାକୁରାଣୀ ମହାପ୍ରଭୁଙ୍କୁ ଶ୍ରୀମନ୍ଦିରକୁ ଫେରାଇ ନେବାକୁ ଆସିଥିଲେ। ହେଲେ ମହାପ୍ରଭୁ ସାଥୀରେ ନ ଯିବାରୁ ଅଭିମାନ କରି ଚାଲିଗଲେ ଲକ୍ଷ୍ମୀ ସାଆନ୍ତାଣୀ। ପ୍ରାଣପ୍ରିୟାଙ୍କ ମନ କଥା ଜାଣିପାରି ଏବେ ବଡ଼ଦେଉଳକୁ ଫେରିବା ଲାଗି ପ୍ରସ୍ତୁତ ଆରମ୍ଭ କରିଛନ୍ତି ବିଶ୍ୱନିୟନ୍ତା। ଆସନ୍ତା ୧୫ ତାରିଖରେ ବାହୁଡ଼ା ଯାତ୍ରା। ଶ୍ରୀମନ୍ଦିର ଅଭିମୁଖେ ବାହୁଡ଼ିବେ ଚତୁର୍ଦ୍ଧା ମୂର୍ତ୍ତି। ଏଥିଲାଗି ପରମ୍ପରା ଅନୁଯାୟୀ ଶୁକ୍ରବାର ତିନିରଥର ଦକ୍ଷିଣ ମୋଡ଼ କରାଯାଉଥିଲା। ଦେବୀ ସୁଭଦ୍ରାଙ୍କ ଦେବଦଳନ ଓ ବଡ଼ଠାକୁର ବଳଭଦ୍ରଙ୍କ ତାଳଧ୍ୱଜ ରଥ ଦକ୍ଷିଣ ମୋଡ଼ ହୋଇ ଗୁଣ୍ଡିଚା ମନ୍ଦିର ନାକଚଣା ଦ୍ୱାର ସମ୍ମୁଖରେ ଲାଗିଛି। ହେଲେ ନୀତି ବିଳମ୍ବ ଯୋଗୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥ ଗଡ଼ି ପାରିନାହିଁ। ଶନିବାର ନନ୍ଦିଘୋଷ ରଥକୁ ଦକ୍ଷିଣ ମୋଡ଼ କରାଯିବ। ମଧ୍ୟାହ୍ନ ସାଢ଼େ ୧୨ଟାରେ ଆଜ୍ଞାମାଳ ବିଜେ ହେବା ଲାଗି ସମୟ ନିର୍ଘଣ୍ଟ ▶ପୃଷ୍ଠା-୯

**୨ ଘଣ୍ଟା ୪୫ ମିନିଟ୍ ବିଳମ୍ବରେ ଆଜ୍ଞାମାଳ ବିଜେ**

**କଠୋର ଆଭିମୁଖ୍ୟ ରଖିଲେ ମୁଖ୍ୟ ପ୍ରଶାସକ**

## ବିଶୃଙ୍ଖଳାକୁ ବରଦାସ୍ତ କରାଯିବନି

**ପୁରୀ, ୧୨।୭ (ସମିସ):** ମହାପ୍ରଭୁଙ୍କ ନୀତିକାନ୍ତି ସବୁଠୁ ଗୁରୁତ୍ୱପୂର୍ଣ୍ଣ। ଏହା ଉପରେ ସର୍ବାଧିକ ଗୁରୁତ୍ୱ ଦେବ ଶ୍ରୀମନ୍ଦିର ପ୍ରଶାସନ। ନୀତିକାନ୍ତିରେ ବିଶୃଙ୍ଖଳା କଲେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ। ରଥ ଉପରକୁ କେହି ମୋବାଇଲ ଫୋନ୍ ନେଇ ଯାଇପାରିବେ ନାହିଁ। ସମାନ ଭାବେ ରଥ ଉପରକୁ କୌଣସି ଅନଧିକୃତ ବ୍ୟକ୍ତି ଚଢ଼ିପାରିବେ ନାହିଁ। ଯଦି ଏହାକୁ କେହି ନ ମାନନ୍ତି, ତାଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଶ୍ରୀମନ୍ଦିରର ନୂଆ ମୁଖ୍ୟ ପ୍ରଶାସକ ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ଏଭଳି କଠୋର ଆଭିମୁଖ୍ୟ ରଖିଛନ୍ତି ଅରବିନ୍ଦ ପାଢ଼ୀ।

ମୁଖ୍ୟ ପ୍ରଶାସକ ଭାବେ ନିଯୁକ୍ତି ପାଇବା ପରେ ଶୁକ୍ରବାର ଶ୍ରୀ ପାଢ଼ୀ ପୁରୀ ଆସି ଆଡ଼ପ ମଣ୍ଡପରେ ଚତୁର୍ଦ୍ଧା ବିଗ୍ରହଙ୍କୁ ଦର୍ଶନ କରିଛନ୍ତି।



**ରଥ ଉପରକୁ ମୋବାଇଲ ମନା**

**ଅନଧିକୃତ ବ୍ୟକ୍ତି ରଥକୁ ଚଢ଼ିଲେ କଡ଼ା କାର୍ଯ୍ୟାନୁଷ୍ଠାନ**

**ମହାପ୍ରଭୁଙ୍କ ନୀତି ଶୃଙ୍ଖଳା ସବୁଠୁ ଗୁରୁତ୍ୱପୂର୍ଣ୍ଣ**

ଏହି ଅବସରରେ ଗଣମାଧ୍ୟମରେ ପ୍ରତିକ୍ରିୟା ରଖି ସେ କହିଛନ୍ତି, ଆମ ଓଡ଼ିଆ ଜାତିର ପ୍ରାଣପ୍ରିୟ ଠାକୁର ମହାପ୍ରଭୁ ଶ୍ରୀଜଗନ୍ନାଥ। ତାଙ୍କ କୃପା ଏବଂ ଆଶୀର୍ବାଦରୁ ସବୁ ▶ପୃଷ୍ଠା-୯

### କେନ୍ଦ୍ରୀୟ ଜଳ କମିଶନଙ୍କ ଉଦ୍‌ବେଗ

## ୧୫୦ ଜଳଭଣ୍ଡାର ଶୁଖିଲା

**ପ୍ରମୁଖ ଜଳଭଣ୍ଡାରରେ ଅଛି ମାତ୍ର ୨୬% ଜଳ**

**ପୂର୍ବ ବର୍ଷ ତୁଳନାରେ ବହୁତ କମ୍**

**ପୂର୍ବ ଭାରତରେ ସ୍ଥିତି ଅତ୍ୟନ୍ତ ଜଟିଳ**

**ମହାନଦୀର ଜଳପ୍ରବାହ ଅତ୍ୟଧିକ ପ୍ରଭାବିତ**

**ନୂଆଦିଲ୍ଲୀ, ୧୨।୭ (ଏଜେନ୍ସି):** ଖରା ଦିନ ଯାଇ ବର୍ଷା ଦିନ ଆସିଲାଣି। ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ହେବା ସତ୍ତ୍ୱେ ଏବେ ବି ଦେଶର ଜଳଭଣ୍ଡାରଗୁଡ଼ିକ ଶୁଖିଲା ପଡ଼ିଛି। ପୂର୍ଣ୍ଣ ହେବା ପରିବର୍ତ୍ତେ ଅଧା ପାଣି ବି ନାହିଁ। ଏହାକୁ ନେଇ କେନ୍ଦ୍ରୀୟ ଜଳ କମିଶନ (ସିଡବ୍ଲ୍ୟୁସି) ଉଦ୍‌ବେଗ ପ୍ରକାଶ କରିଛନ୍ତି। ଯଦି ସ୍ଥିତି ଏପରି ଲାଗି ରୁହେ ତେବେ ଆଗକୁ ବିଦ୍ୟୁତ ଉତ୍ପାଦନ ବାଧାପ୍ରାପ୍ତ ହୋଇପାରେ। ବିଦ୍ୟୁତ ସଙ୍କଟ ମଧ ଦେଖା ଦେଇପାରେ। କେନ୍ଦ୍ରୀୟ ଜଳ କମିଶନଙ୍କ ରିପୋର୍ଟ ଅନୁଯାୟୀ ଦେଶର ପ୍ରମୁଖ ୧୫୦ ଜଳଭଣ୍ଡାରରେ ଏବେ ମାତ୍ର ୨୬% ରହିଛି। ଗତ ସପ୍ତାହରେ ଏହା ଥିଲା ୨୨%। ଦେଶର ମୁଖ୍ୟ ୧୫୦ ଜଳଭଣ୍ଡାରର ଜଳଧାରଣ କ୍ଷମତା ହେଉଛି ୧୭୮.୭୮୪ ବିଲିଅନ୍ କ୍ୟୁବିକ୍ ମିଟର ବା ବିସିଏମ୍। ଏହା ଦେଶରେ ଥିବା ସମସ୍ତ ଜଳଭଣ୍ଡାରର ଜଳଧାରଣ କ୍ଷମତାର ୬୯.୩୫%। ଆଜି ସୁଦ୍ଧା ଏହି ୧୫୦ ଜଳଭଣ୍ଡାରରେ ମାତ୍ର ୪୬.୩୧୧ ବିସିଏମ୍ (୨୬%) ଜଳ ରହିଛି। ଏହା ଗତବର୍ଷ ତୁଳନାରେ ବହୁତ କମ୍। ଗତବର୍ଷ ଜୁଲାଇ ୧୨ରେ ଏହି ସବୁ ୫୮.୮୬୪ ବିସିଏମ୍ ଜଳ ଥିଲା। ସିଡବ୍ଲ୍ୟୁସି ତାଙ୍କ ଜୁଲାଇ ୧୨ ଶୁକ୍ରବାର ବୁଲେଟିନରେ ଏହି ତଥ୍ୟ ଦେଇଛନ୍ତି।

ରିପୋର୍ଟ ଅନୁଯାୟୀ ଉତ୍ତର ଭାରତର ହିମାଚଳ ପ୍ରଦେଶ, ପଞ୍ଜାବ ଓ ରାଜସ୍ଥାନରେ ରହିଛି ୧୦ ମୁଖ୍ୟ ଜଳଭଣ୍ଡାର। ଏହି ୧୦ ଜଳଭଣ୍ଡାରର ଜଳଧାରଣ କ୍ଷମତା ୧୯.୬୬୩ ବିସିଏମ୍। ଆଜି ସୁଦ୍ଧା ଏହି ୧୦ ଜଳଭଣ୍ଡାରେ ମାତ୍ର ୫.୯୭୯ ▶ପୃଷ୍ଠା-୯

**ଟ୍ରିପଲ୍ ଇଞ୍ଜିନ୍ ସରକାରକୁ ଡବଲ୍ ଝଟକା**

## ମରଣମୁହାଁ ମହାନଦୀ



**ସମ୍ବଲପୁର, ୧୨।୭ (ସମିସ):** ଓଡ଼ିଶାକୁ ଛତିଶଗଡ଼ର ଡ଼ବଲ୍ ଝଟ୍‌କା। ଏକ ପକ୍ଷରେ ମହାନଦୀ ଜଳ ବିବାଦର ସମାଧାନ ଗଡ଼ିଗଡ଼ି ଚାଲିଥିବାବେଳେ କଲମାରୁ ଛତିଶଗଡ଼ ପାଣି ଛାଡୁନାହିଁ; ଅନ୍ୟପକ୍ଷରେ କଲମାପ୍ରକଳ୍ପ ନିକଟରେ ଛତିଶଗଡ଼ ଆହୁରି ୨୦ଟି ଜଳଯୋଗାଣ ପ୍ରକଳ୍ପ କାମ ଆରମ୍ଭ କରିଛି। ଓଡ଼ିଶାରେ ବିଜେଡି ସରକାର ଛତିଶଗଡ଼ର ମନମାନି ବିରୋଧରେ ସ୍ୱର ଉତ୍ତୋଳନ କରୁଥିଲା, ମାତ୍ର ଏବେ ଟ୍ରିପଲ ଇଞ୍ଜିନ୍‌ର ଅଂଶୀଦାର ଓଡ଼ିଶା ସରକାର ପୁରା ନିରବ। ଛତିଶଗଡ଼ ପାଇଁ ଏହା ଏବେ ସୁବର୍ଣ୍ଣ ସୁଯୋଗ ପାଲଟିଛି ଏବଂ ବେଧଡ଼କ ଭାବରେ ନିୟମ ପରେ ନିୟମ ଭାଙ୍ଗି ପ୍ରକଳ୍ପ ପରେ ପ୍ରକଳ୍ପ ନିର୍ମାଣ କରୁଛି। ବେଆଇନ ନିର୍ମିତ ପୁରୁଣା ପ୍ରକଳ୍ପ ତ ପଛ କଥା, ନୂଆ କରି ନିର୍ମାଣ ଚାଲିଥିବା ୨୦ଟି ବେଆଇନ ପ୍ରକଳ୍ପ ସମ୍ପର୍କରେ ରାଜ୍ୟ ସରକାର ସମ୍ପୂର୍ଣ୍ଣ ନିରବତା ଅବଲମ୍ବନ କରୁଛନ୍ତି। ଓଡ଼ିଶାରେ ସରକାର ଆସିଲେ ଓଡ଼ିଶାର ହକ ମାରିବାକୁ ଦିଆଯିବ ନାହିଁ ବୋଲି ନିର୍ବାଚନ ସମୟରେ କହୁଥିବା ବିଜେପି ନେତାଙ୍କ ମୁହଁରେ ଏବେ ତୁଣ୍ଡି ବନ୍ଧା ହୋଇଥିବା ସାଧାରଣରେ ଚର୍ଚ୍ଚା ହେଉଛି।

କଲମା ବ୍ୟାରେଜର ଉପରମୁଣ୍ଡରେ ଛତିଶଗଡ଼ ବେଆଇନ ଭାବରେ ୨୦ଟି ଜଳ ଯୋଗାଣ ପ୍ରକଳ୍ପ ଆରମ୍ଭ କରିଛି। ସେଥିରୁ କିଛି ପ୍ରକଳ୍ପର କାମ ଅଧା ସରିଥିବାବେଳେ ବାକିର କାମ ଦୃତ ଗତିରେ ଆଗେଇ ଚାଲିଛି। ୭୦୨ କୋଟି ଟଙ୍କା ବ୍ୟୟରେ ଜଳ ଜୀବନ ମିଶନ କାର୍ଯ୍ୟକ୍ରମ ଅଧୀନରେ ଏହି ପ୍ରକଳ୍ପ ▶ପୃଷ୍ଠା-୯

**ସନ୍ଦେହରେ ରାଜସ୍ଥାନ ବିଶ୍ୱବିଦ୍ୟାଳୟ**

## ଯାଞ୍ଚ ହେବ ୪୩ ହଜାର ଡିଗ୍ରୀ

**ଜୟପୁର, ୧୨।୭ (ଏଜେନ୍ସି):** ଆବଶ୍ୟକ ସ୍ୱୀକୃତି ନ ଥାଇ ରାଜସ୍ଥାନର ଏକ ଘରୋଇ ବିଶ୍ୱବିଦ୍ୟାଳୟ ବିଭିନ୍ନ ପାଠ୍ୟକ୍ରମରେ ଡିଗ୍ରୀ ସାର୍ଟିଫିକେଟ୍ ଦେଉଥିବା ଖବର ସାମ୍ନାକୁ ଆସିବା ପରେ ଏଥିନେଇ ଯାଞ୍ଚ ଆରମ୍ଭ ହୋଇଛି। ଯେଉଁସବୁ ପାଠ୍ୟକ୍ରମକୁ ନେଇ ଏହି ବିଶ୍ୱବିଦ୍ୟାଳୟ ସ୍ୱୀକୃତି ପାଇ ନାହିଁ ସେ ବିଷୟରେ ମଧ ଏଠାରେ ଡିଗ୍ରୀ ସାର୍ଟିଫିକେଟ ଦିଆଯାଇଛି। ଏପରିକି ହଜାର ହଜାର ସଂଖ୍ୟାରେ ନକଲି ଏବଂ ପଛୁଆ ତାରିଖରେ ସାର୍ଟିଫିକେଟ୍ ଦିଆଯାଇଛି। ଏଭଳି ଘଟଣା ଦେଖାଯାଇଛି ରାଜସ୍ଥାନର ଓମ୍ ପ୍ରକାଶ ଯୋଗେନ୍ଦର ସିଂ(ଓପିଜେଏସ୍) ଘରୋଇ ବିଶ୍ୱବିଦ୍ୟାଳୟରେ । ୨୦୧୩ରେ ଏହି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରାଯାଇଥିଲା ବେଳେ ବର୍ତ୍ତମାନ ସୁଦ୍ଧା ୪୩ ହଜାର ୪୦୯ ନକଲି ସାର୍ଟିଫିକେଟ୍ ଇସ୍ୟୁ କରାଯାଇଥିବା ଜଣାପଡ଼ିବା ପରେ ରାଜସ୍ଥାନ ପୁଲିସର ସ୍ୱତନ୍ତ୍ର ଅପରେସନ ଗ୍ରୁପ୍(ଏସଓଜି) ପକ୍ଷରୁ ଯାଞ୍ଚ ଆରମ୍ଭ ହୋଇଛି। ଏହି ବିଶ୍ୱବିଦ୍ୟାଳୟର ଏଭଳି କାରନାମା ସମ୍ପର୍କରେ ଗତ ଏପ୍ରିଲ ୮ ତାରିଖରେ ସୁରାକ ମିଳିଥିଲା। ଏହି ମାସରେ ରାଜସ୍ଥାନର ୨୦୨୨ ଫିଜିକାଲ ଟ୍ରେନିଂ ଇନଷ୍ଟ୍ରକଟର(ପିଟିଆଇ) ପରୀକ୍ଷା ଅନୁଷ୍ଠିତ ହୋଇଥିଲା ବେଳେ ଏହି ବିଶ୍ୱବିଦ୍ୟାଳୟରୁ ସାର୍ଟିଫିକେଟ ହାସଲ କରିଥିବା ୧୩୦୦ ଛାତ୍ରଛାତ୍ରୀ ସେମାନଙ୍କ ଶିକ୍ଷାଗତ ପ୍ରମାଣପତ୍ର ଦେବାସମୟରେ ସେମାନଙ୍କ ସାର୍ଟିଫିକେଟକୁ ନେଇ ସନ୍ଦେହ ଉପୁଜିଥିଲା। ପିଟିଆଇ ପରୀକ୍ଷା ପାଇଁ ରାଜସ୍ଥାନ ସରକାରଙ୍କ ପକ୍ଷରୁ ପ୍ରକାଶ ▶ପୃଷ୍ଠା-୯

**ସ୍ୱୀକୃତି ନ ଥାଇ ଦିଆଯାଇଛି ସାର୍ଟିଫିକେଟ୍**

### ଲୋକକଥା



ଚିଟ୍‌ଫଣ୍ଡ ଲୁଟେରା କିଏ ଜେଲ୍‌ରେ  
କିଏ ବେଲ୍‌ରେ ବୁଲୁଚି,  
ଚିଟ୍‌ଫଣ୍ଡ ପୀଡ଼ିତ ଚାହିଁ ରହିଛନ୍ତି  
'ଫୁଲ' କହି ଭୋଟ ନେଇଚି।  
କିଏ କେତେ ଫେରି ପାଉଚି,  
ଜଣେ ଅଧେ ନୁହେଁ ଶହଶହ ଲୋକ  
ଲୋଭରେ କଷଣ ଭୋଗୁଚି !!

**ବାଧକ ସାଜିଛି କରୋନା-ନୋଟ୍‌ବନ୍ଦୀ-ଜିଏସ୍‌ଟି**

## ୭ ବର୍ଷରେ ଚାକିରି ହରାଇଛନ୍ତି ୧୬ ଲକ୍ଷ

**ନୂଆଦିଲ୍ଲୀ, ୧୨।୭ (ଏଜେନ୍ସି):** ବିମୁଦ୍ରାୟନ ଓ ନୋଟ୍‌ବନ୍ଦୀ, କରୋନା ମହାମାରୀ ଏବଂ ଦ୍ରବ୍ୟ ଏବଂ ସେବା ଟିକସ (ଜିଏସ୍‌ଟି)ର ପ୍ରଭାବ ଦେଶର ଆର୍ଥିକ ସହ ସାମାଜିକ କ୍ଷେତ୍ର ଉପରେ ବିଶେଷ ଭାବେ ଅନୁଭୂତ ହୋଇଛି। ଏଥିଯୋଗୁ ଲକ୍ଷାଧିକ ଲୋକ ନିଯୁକ୍ତି ହରାଇଛନ୍ତି। ଯାହାର ଜ୍ୱଳନ୍ତ ଉଦାହରଣ ନିକଟରେ ପ୍ରକାଶିତ ଏକ ସରକାରୀ ପରିସଂଖ୍ୟାନରୁ ଜଣାପଡିଛି। ନୋଟ୍‌ବନ୍ଦୀ, କରୋନା ମହାମାରୀ ଏବଂ ଜିଏସ୍‌ଟି କାର୍ଯ୍ୟକାରୀ ହେବା ଯୋଗୁ ବିଗତ ୭ ବର୍ଷ ମଧ୍ୟରେ ଦେଶର ଅନୌପଚାରିକ କ୍ଷେତ୍ରରେ ପ୍ରାୟ ୧୬.୪୫ ଲକ୍ଷ ଚାକିରି ଉଡ଼ିଯାଇଛି। ପରିସଂଖ୍ୟାନ ଓ କାର୍ଯ୍ୟକ୍ରମ ରୂପାୟନ ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶିତ ଏହି ରିପୋର୍ଟ ଅନୁଯାୟୀ, ୨୦୨୨-୨୩ ବର୍ଷରେ ଦେଶରେ ଅନୌପଚାରିକ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଲୋକଙ୍କ ସଂଖ୍ୟା ୧୬.୪୫ ଲକ୍ଷ କିମ୍ବା ପ୍ରାୟ ୧.୫ ପ୍ରତିଶତ ହ୍ରାସ ହୋଇ ୧୦.୯୬ କୋଟିରେ ପହଞ୍ଚିଛି, ଯାହା ୨୦୧୫-୧୬ ରେ ୧୧.୧୩ କୋଟି ରହିଥିଲା। ଜୁଲାଇ ୨୦୧୬ ରେ ଜିଏସ୍‌ଟି କାର୍ଯ୍ୟକାରୀ ହେବା ପରେ ୨୦୧୬ ନଭେମ୍ବରରେ ବିମୁଦ୍ରାୟନ ଘୋଷଣା କରାଯାଇଥିଲା। ସେହିପରି ୨୦୨୦ ମାର୍ଚ୍ଚରେ କରୋନା ମହାମାରୀ ଦେଶରେ ହା ହା କାର ମଚାଇଥିଲା। ମନ୍ତ୍ରଣାଳୟ ପକ୍ଷର ୨୦୧୫-୧୬ ପରଠାରୁ ପ୍ରଥମ ଥର ପାଇଁ ଏହି ତଥ୍ୟ ପ୍ରକାଶ କରାଯାଇଛି।

ଅବିଭକ୍ତ ଉଦ୍ୟୋଗ ବାର୍ଷିକ ସର୍ଭେ ରିପୋର୍ଟ ଅନୁଯାୟୀ, ୨୦୧୫-୧୬ ମସିହାରେ ଦେଶରେ ଅବିଭକ୍ତ ଉଦ୍ୟୋଗ ସଂଖ୍ୟା ୬.୩୩ କୋଟି ଥିଲା, ଯାହା ୨୦୨୨-୨୩ରେ ୬.୫୦ କୋଟିକୁ ବୃଦ୍ଧି ପାଇଥିଲା। ଅର୍ଥାତ୍ ଏହି ସଂଖ୍ୟା ୧୬.୫୬ ଲକ୍ଷ ବୃଦ୍ଧି ପାଇଛି। ନୋଟ୍‌ବନ୍ଦୀ,କରୋନା ଏବଂ ଜିଏସ୍‌ଟି କାରଣରୁ ଅନୌପଚାରିକ କ୍ଷେତ୍ର ସର୍ବାଧିକ କ୍ଷତିଗ୍ରସ୍ତ ହୋଇଛି। ମହାରାଷ୍ଟ୍ର, ବିହାର, ଗୁଜୁରାଟ, ମଧ୍ୟପ୍ରଦେଶ ଏବଂ ଓଡିଶାରେ ୨୦୧୫-୧୬ରୁ ▶ପୃଷ୍ଠା-୯



**ପରିସଂଖ୍ୟାନ ଓ କାର୍ଯ୍ୟକ୍ରମ ରୂପାୟନ ମନ୍ତ୍ରଣାଳୟର ରିପୋର୍ଟ**

**ସଂପତ୍ତି କଳିର କରୁଣ ପରିଣତି**

## ବୋମାମାଡ଼ରେ ସାନ ପୁଅ ମୃତ

**ବାଣପୁର, ୧୨।୭ (ସମିସ):** ଖୋର୍ଦ୍ଧା ଜିଲ୍ଲା ବାଣପୁର ଥାନା ଅନ୍ତର୍ଗତ ଭବାନୀପୁର ପଞ୍ଚାୟତ ଅଧୀନ ସାହାସପୁର ଶାନ୍ତିନଗରରେ ପାରିବାରିକ କଳହକୁ ନେଇ ଶୁକ୍ରବାର ଏକ ବୀଭତ୍ସ ହତ୍ୟାକାଣ୍ଡ ଘଟିଛି। ବୋମାମାଡ଼ରେ ଗୋଟିଏ ପରିବାରର ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଦୁଇଜଣ ଆହତ ହୋଇଛନ୍ତି। ମୃତକ ହେଲେ, ସଠ ରାଉତରାୟଙ୍କ ସାନପୁଅ ଦିବ୍ୟାସିଂହ ରାଉତରାୟ ଓରଫ୍ କାଳିଆ (୪୨)। ଖବର ପାଇ ପୁଲିସ୍ ଘଟଣାସ୍ଥଳରୁ କାଳିଆଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ବନ୍ଧୁକ ଜବତ କରିଛି। ଏହି ଘଟଣାରେ ପୁଲିସ୍ ସଠ ଓ ତାଙ୍କର ବଡ଼ପୁଅ ସୁବାସ ରାଉତରାୟଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ବାଲୁଗାଁ ଏସ୍‌ଡିପିଓ ଶୁଭ୍ରାଂଶୁ ଶେଖର ମିଶ୍ର, ବାଲୁଗାଁ ଥାନା ଅଧିକାରୀ ଜୟ ପ୍ରକାଶ ପରିଡ଼ା ଓ ବାଣପୁର ଥାନା ଅଧିକାରୀ ରମେଶ କୁମାର ଦେବତା ପ୍ରମୁଖ ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ସାଇଣ୍ଟିଫିକ ଟିମ୍‌କୁ ଡକାଇ ତଦନ୍ତ ଜାରି ରଖିଛନ୍ତି। ତଦନ୍ତ ଚାଲିଛି, କିଏ ବୋମାମାଡ଼ କିଏ କରିଛି ତାହା ଅସ୍ପଷ୍ଟ ରହିଛି। ତଦନ୍ତ ପରେ ସବୁ କିଛି ଜଣାପଡ଼ିବ ବୋଲି ଏସ୍‌ଡପିଓ ଶ୍ରୀ ମିଶ୍ର ଓ ଆଇଆଇସି ଶ୍ରୀ ଦେବତା ସୂଚନା ଦେଇଛନ୍ତି।

ମିଳିଥିବା ସୂଚନାନୁଯାୟୀ, ସାହସପୁର ଶାନ୍ତିନଗରର ସଠ ରାଉତରାୟଙ୍କ ଦୁଇ ପୁଅ ▶ପୃଷ୍ଠା-୯

**ବଡ଼ ପୁଅ ଓ ବାପ ଅଟକ**

## ପୁରାଣେ ପୁରୁଷୋତ୍ତମ-୧୦

### ବାମନ ମହାପୁରାଣ



ଅଷ୍ଟାଦଶ ମହାପୁରାଣ ଶୃଙ୍ଖଳାରେ ବାମନ ମହାପୁରାଣ ଅନନ୍ୟ। କୁରୁକ୍ଷେତ୍ର, ତତ୍ସନ୍ନିଟସ୍ଥ ତୀର୍ଥାବଳି, ବାମନ-ଅବତାରକଥା, ସରୋବରମାହାତ୍ମ୍ୟ, ଶିବ-ସତୀ-ଉପାଖ୍ୟାନ, ମହିଷାସୁରଦଳନ ପ୍ରଭୃତି ପ୍ରସଙ୍ଗକୁ ନେଇ ସମୃଦ୍ଧ ଏହି ପୁରାଣରେ ରହିଛନ୍ତି ସମୁଦାୟ ୯୫ ଅଧ୍ୟାୟ ଓ ୬ହଜାର ଶ୍ଳୋକ। ଏହି ପୁରାଣ(୩/୧୯)ରେ କୁରୁଜାଙ୍ଗଳକ୍ଷେତ୍ରରେ ପ୍ରବେଶପୂର୍ବକ ବିଷ୍ଣୁଙ୍କ ସ୍ତୁତି କଲାବେଳେ ଭଗବାନ୍ ଶିବ 'ଜଗନ୍ନାଥ' ବୋଲି ସମ୍ବୋଧନ କରିବା ସହ ପ୍ରକୃତି ଓ ପୁରୁଷଙ୍କ ଅଭେଦ ପ୍ରତିପାଦିତ କରିଛନ୍ତି-

"ଭୂରିଙ୍ଗଂ ତ୍ୱଂ ଜଗନ୍ନାଥ ଜଳାମ୍ବରହୁତାଶନଃ।
ବାୟୁର୍ବୁଦ୍ଧିର୍ମନଶ୍ଚାପି ଶର୍ବରୀ ତ୍ୱଂ ନମୋଽସ୍ତୁ ତେ।।"

ପୁନଶ୍ଚ ଏଥିରେ (୩/୫୧) ମହାଦେବ ବାରାଣସୀସ୍ଥ କପାଳମୋଚନତୀର୍ଥରେ ସ୍ନାନ କରିବା ଦ୍ୱାରା ବ୍ରହ୍ମହତ୍ୟାପାତକରୁ ମୁକ୍ତ ହେବାର ବର୍ଣ୍ଣନା ପୁରୁଷୋତ୍ତମ କ୍ଷେତ୍ର ପ୍ରଚଳିତ- କପାଳମୋଚନପ୍ରସଙ୍ଗର ସାମ୍ୟ ବହନ କରେ। ଯଥା-

"ସ୍ନାତସ୍ୟ ତୀର୍ଥେ ତ୍ରିପୁରାନ୍ତକସ୍ୟ ପରିଚ୍ୟୁତଂ ହସ୍ତତଳାତ୍କପାଳମ୍।
ନାମ୍ନା ବଭୂବାଥ କପାଳମୋଚନଂ ତତ୍ତୀର୍ଥବର୍ଯ୍ୟଂ ଭଗବତ୍ପ୍ରସାଦାତ୍।।"

ସେହିପରି (୧୮/୨୮-୨୯)ରେ ପଦ୍ମନାଭ-ନାରାୟଣଙ୍କ ଆଶ୍ୱିନମାସବିହିତ-ଅର୍ଚ୍ଚନାକାଳୀନ ଶରଣପଞ୍ଜର-ସ୍ତୋତ୍ରରେ ଉଭୟ 'ପୁରୁଷୋତ୍ତମ' ଓ 'ଜଗନ୍ନାଥ' ନାମ ପରିଲକ୍ଷିତ ହୁଏ। ଯଥା-

"ହଳମାଦାୟ ସୌନନ୍ଦଂ ନମସ୍ତେ ପୁରୁଷୋତ୍ତମ।
ପ୍ରତୀଚ୍ୟାଂ ରକ୍ଷ ମେ ବିଷ୍ଣୋ ଭବନ୍ତଂ ଶରଣଂ ଗତମ୍।।
ମୁସଳଂ ଶାତନଂ ଧୃତ୍ୱା ପୁଣ୍ଡରୀକାକ୍ଷ ରକ୍ଷ ମାମ୍।
ଉତ୍ତରସ୍ୟାଂ ଜଗନ୍ନାଥ ଭବନ୍ତଂ ଶରଣଂ ଗତମ୍।।"

ଆହୁରି ମଧ୍ୟ ବାମନଜନ୍ମପ୍ରସଙ୍ଗରେ (୮୭/୩୭-୩୮)ରେ ବ୍ରହ୍ମକୃତ-ବାମନସ୍ତୋତ୍ରରେ ଉଭୟ 'ପୁରୁଷୋତ୍ତମ' ଓ 'ଜଗନ୍ନାଥ' ନାମ ବ୍ୟକ୍ତ ହୋଇଛନ୍ତି-

"ନମସ୍ତେ ଜଗଦାଧାର ନମସ୍ତେ ପୁରୁଷୋତ୍ତମ।
ନାରାୟଣ ଜଗନ୍ମୂର୍ତ୍ତେ ଜଗନ୍ନାଥ ଗଦାଧର।।"

ପ୍ରହ୍ଲାଦଙ୍କ ତୀର୍ଥଯାତ୍ରାପ୍ରସଙ୍ଗରେ (୫୭/୯)ରେ ପ୍ରହ୍ଲାଦ ବିରଜାତୀର୍ଥରେ ସ୍ନାନ କରି ସେଠାରୁ ପୁରୁଷୋତ୍ତମତୀର୍ଥକୁ ଯାତ୍ରା କରିବା ଓ ସେଠାରେ ଛଅଦିନ ଅବସ୍ଥାନ କରିବାର କଥା ବର୍ଣ୍ଣିତ ହୋଇଛି-

"ସ୍ନାତ୍ୱା ବିରଜସେ ତୀର୍ଥେ ଦତ୍ତ୍ୱା ପିଣ୍ଡଂ ପିତୃଂସ୍ତଥା।
ଦର୍ଶନାୟ ଯଯୌ ଶ୍ରୀମାନଜିତଂ ପୁରୁଷୋତ୍ତମମ୍।।"

ଆହୁରି ମଧ୍ୟ ଏହି ପୁରାଣ(୬୭/୧୧-୧୭)ରେ ବଳିକୃତ ଚକ୍ରରାଜ-ସୁଦର୍ଶନଙ୍କ ସ୍ୱତନ୍ତ୍ର ସ୍ତୁତି ଅଭିନବ ଓ ଅତୀବ ହୃଦୟସ୍ପର୍ଶୀ। ଏଥିରୁ ଗୋଟିଏ ଉଦାହରଣ-

"ନମସ୍ୟାମି ହରେଶ୍ଚକ୍ରଂ ଦୈତ୍ୟଚକ୍ରବିଦାରଣମ୍।
ସହସ୍ରାଂଶୁସହସ୍ରାଭଂ ସହସ୍ରାରଂ ସୁନିର୍ମଳମ୍।।"

ଅର୍ଥାତ୍ ଅସୁର-ସଂହାରକ, ସହସ୍ରଭାନୁସମପ୍ରଭ, ସହସ୍ର-ଅର-ଯୁକ୍ତ, ସୁନିର୍ମଳ ହରିଚକ୍ର ସୁଦର୍ଶନଙ୍କୁ ନମନ କରୁଛି। ପୁରାଣ(୮୩/୬୭)ରେ ତ୍ରିସଂଧ୍ୟାରେ ପାପକ୍ଷୟ ପାଇଁ ଉଦ୍ଦିଷ୍ଟ ଜପନୀୟ ମନ୍ତ୍ରରେ ଜଗନ୍ନାଥ ନାମ ପ୍ରକୀର୍ତ୍ତିତ ହୋଇଛି-

"ଓଁ ହରିଂ କୃଷ୍ଣଂ ହୃଷୀକେଶଂ ବାସୁଦେବଂ ଜନାର୍ଦ୍ଦନମ୍।
ପ୍ରଣତୋଽସ୍ମି ଜଗନ୍ନାଥଂ ସ ମେ ପାପଂ ବ୍ୟପୋହତୁ।।"

ବାମନଜନ୍ମପ୍ରସଙ୍ଗରେ(୮୭/୨୧)ରେ ସାକ୍ଷାତ୍ ଧର୍ମସ୍ୱରୂପ ଅଖଣ୍ଡ ବିଷ୍ଣୁ ହିଁ ଜଗନ୍ନାଥ ଓ ପୂର୍ବକାଳରୁ ଚତୁର୍ଧା ମୂର୍ତ୍ତିରେ ଉଦ୍ଭାସିତ ବୋଲି ଉଲ୍ଲେଖ ରହିଛି-

"ଧର୍ମାଦ୍ୟୋ ଭଗବାନ୍ ବିଷ୍ଣୁରଖଣ୍ଡ ଇତି ବିଶ୍ରୁତଃ।
ଚତୁର୍ମୂର୍ତ୍ତିର୍ଜଗନ୍ନାଥଃ ପୂର୍ବମେବ ପ୍ରତିଷ୍ଠିତଃ।।"

ସେହି ପୁରାଣ-ପୁରୁଷୋତ୍ତମଙ୍କୁ ପ୍ରାଣରୁ ପ୍ରଣାମ।

ପ୍ରସ୍ତୁତି: ଡାକ୍ତର କୃଷ୍ଣକେଶବ ଷଡଙ୍ଗୀ
ମୋ-୯୪୩୭୫୬୬୩୭୪

■ ଓଡ଼ିଶା-ଛତିଶଗଡ଼ ସୀମାନ୍ତରେ ବଢ଼ୁଛି ଶିକାର

## ବିପଦରେ ବାଘ ବଂଶ

**ନୂଆପଡ଼ା, ୧୨।୭ (ସମିସ):** ଓଡ଼ିଶା-ଛତିଶଗଡ଼ ସୀମାନ୍ତରେ ଦିନକୁ ଦିନ ବାଘ ଶିକାର ବଢ଼ିବାରେ ଲାଗିଛି। ଗତ ବର୍ଷକ ମଧ୍ୟରେ ବନ ବିଭାଗ ଏହି ଅଞ୍ଚଳରୁ ଗୋଟିଏ ମହାବଳ ସମେତ ୬ଟି ବାଘଛାଲ ଜବତ କରିବା ଏବଂ ୨୩ ଶିକାରୀଙ୍କୁ ଗିରଫ କରିବା ଏହାର ଜ୍ୱଳନ୍ତ ପ୍ରମାଣ ବୋଲି କୁହାଯାଉଛି। ତେବେ ଏହା ଉପରେ ରୋକ୍ ନ ଲାଗିଲେ, ଖୁବ୍‌ଶୀଘ୍ର ଏଠାରେ ବାଘବଂଶ ଲୋପ ପାଇଯିବ ବୋଲି ବନ୍ୟପ୍ରାଣୀପ୍ରେମୀ ମହଲରେ ଆଶଙ୍କା ପ୍ରକାଶ ପାଇଛି।

ସୂଚନାନୁଯାୟୀ, ଓଡ଼ିଶା ଓ ଛତିଶଗଡ଼ ସୀମାନ୍ତରେ ସୁନାବେଡ଼ା ଓ ଉଦନ୍ତୀ ସୀତାନଦୀ ଅଭୟାରଣ୍ୟ ରହିଛି। ଉଦନ୍ତୀ ସୀତାନଦୀ ଅଭୟାରଣ୍ୟକୁ ସରକାର ବ୍ୟାଘ୍ର ପ୍ରକଳ୍ପ ଘୋଷଣା କରାଯାଇଥିବା ବେଳେ ୨୮ ବର୍ଷ ହେବ ସୁନାବେଡ଼ା ପ୍ରସ୍ତାବିତ ବ୍ୟାଘ୍ର ପ୍ରକଳ୍ପଟି ଝୁଲି ରହିଛି। ଏହି ସୀମାନ୍ତ ଅଞ୍ଚଳରେ ଏବେ ଶିକାରୀମାନେ ସକ୍ରିୟ ହୋଇଉଠିଛନ୍ତି। ସେମାନେ ବାଘକୁ ଶିକାର କରିବା ସହ ତାହାର ଚମଡ଼ା, ଛାଲ, ନଖ ଓ ଦାନ୍ତର ତସ୍କରି କରୁଛନ୍ତି।

୨୦୨୩ ମେ'ରେ ଛତିଶଗଡ଼ ରାଜ୍ୟ ଗରିଆବନ୍ଦ ଜିଲ୍ଲା ଉଦନ୍ତୀ ଅଭୟାରଣ୍ୟରେ ମହାବଳ ବାଘକୁ ଶିକାରୀ ବିଷ ଦେଇ ଶିକାର କରିବା ପରେ ତା' ଦେହାବଶେଷକୁ ନେଇଯାଇଥିଲେ। ଜୁନ୍ ୩ରେ ଓଡ଼ିଶା ଓ ଛତିଶଗଡ଼ର ୨୦ ଜଣିଆ ବନ ବିଭାଗ ଟିମ ବୋଡେନ ଥାନା ଖଡୁପାଣି ଗାଁରେ ଚଢ଼ଉ କରି ବାଘଛାଲ, ନଖ, ଦାନ୍ତ, ଫାଶ ଜବତ କରିଥିଲା। ଏହି ଘଟଣାରେ ୫ଜଣ ଶିକାରୀଙ୍କୁ ଗିରଫ କରାଯାଇଥିଲା। ନଭେମ୍ବର ୩୦ରେ ଗରିଆବନ୍ଦ ଜିଲ୍ଲା ଇନ୍ଦାଗାଁ ଥାନା ବିରିଘାଟ ଗାଁ ଓଡ଼ିଶା ସୀମାନ୍ତରେ ଛତିଶଗଡ ବନ ବିଭାଗ ଚଢ଼ଉ କରି କଳରାପତରିଆ ବାଘଛାଲ ଜବତ କରିଥିଲା। ଏହି ଘଟଣାରେ ବନବିଭାଗ ନବରଙ୍ଗପୁର ଜିଲ୍ଲା ଚନ୍ଦାହାଣ୍ଡି ଥାନା ଚକ୍କାମାଳ ଗାଁର ୩ଜଣଙ୍କୁ ଗିରଫ କରିଥିଲା। ସେହିପରି ଗତ ଜାନୁୟାରୀ ୮ରେ ଖଡ଼ିଆଳ ସହର ଏକ ହୋଟେଲରେ ଡିଲ ବେଳେ ବନ ବିଭାଗ ଚଢ଼ଉ କରି ଏକ ବାଘଛାଲ ଜବତ କରିଥିଲା। ଏଥିରେ ଖଡ଼ିଆଳ ଥାନା ୩ଜଣଙ୍କୁ ଗିରଫ କରିଥିଲା। ତା' ପରଦିନ ବଡପୋଲ ଛକରେ ଚଢ଼ଉ କରି ପୁଣି ଏକ ବାଘଛାଲକୁ ଜବତ କରିଥିଲା। ଏଥିରେ ଖଡ଼ିଆଳ ଥାନା ପୁଲିସ ୪ଜଣଙ୍କୁ ଗିରଫ କରିଥିଲା। ସେହିପରି ଗତ ମେ' ୨୨ର ହରିପୁର ଗାଁ ଏବଂ ଚଳିତ ମାସ ୭ ତାରିଖରେ କୁରୁଲୁଭଟାରୁ ଗୋଟିଏ ଲେଖାଏଁ ବାଘଛାଲ ଜବତ ହେବା ସହ ୮ ଜଣ ଶିକାରୀ ଓ ତସ୍କରଙ୍କୁ ବନ ବିଭାଗ ଗିରଫ କରିଛି।

**■ ବର୍ଷକରେ ମହାବଳ ସମେତ ୬ ବାଘଛାଲ ଜବତ**
**■ ୨୩ ଶିକାରୀ ଗିରଫ**

ଏତେ ସଂଖ୍ୟାରେ ବାଘଛାଲ ଜବତ ହେବା ଓ ଶିକାରୀ ଗିରଫ ହେବା ସ୍ପଷ୍ଟ କରୁଛି ଯେ ସୀମାନ୍ତ ଅଭୟାରଣ୍ୟରେ ଏବେ ଶିକାରୀମାନେ ନିଜର କାର୍ଯ୍ୟବିସ୍ତାର କରିଚାଲିଛନ୍ତି। ଫଳରେ ବାଘ ବଂଶ ପ୍ରତି ଏକ ବଡ଼ ବିପଦ ସୃଷ୍ଟି ହୋଇଛି। ଏଥିରେ ଯଥାଶୀଘ୍ର ରୋକ୍ ଲଗାନଗଲେ, ବାଘବଂଶ ବିଲୋପ ପାଇଯିବ ବୋଲି ବନ୍ୟପ୍ରାଣୀପ୍ରେମୀମାନେ ଆଶଙ୍କା ପ୍ରକାଶ କରିଛନ୍ତି।

ଏ ସଂପର୍କରେ ଖଡ଼ିଆଳ ଡିଏଫଓ ଅଜିଜ୍ ଖାନ କହିଛନ୍ତି ଯେ ବାଘ ଶିକାର ରୋକିବା ପାଇଁ ସୀମାନ୍ତ ଅଞ୍ଚଳରେ ଗୁଇନ୍ଦାକୁ ଦୃଢ଼ କରିବା ସହ ସଚେତନ କରୁଛୁ। ସୀମାନ୍ତ ଅଞ୍ଚଳରେ ନିୟମିତ ପାଟ୍ରୋଲିଂ ଚାଲିଛି। ଛତିଶଗଡ଼ ବନ ବିଭାଗ ସହ ସୁସମ୍ପର୍କ ରଖି ସୂଚନା ଆଦାନପ୍ରଦାନ କରାଯାଉଛି। ଯେଉଁଠୁ ଖବର ମିଳୁଛି, ତତ୍‌କ୍ଷଣାତ୍ ସେଠାରେ ଚଢ଼ଉ କରାଯାଉଛି।



**ଅଟକିବ ନନ୍ଦିଘୋଷ**

# ପୋଡ଼ପିଠା ଖାଇବେ ମହାପ୍ରଭୁ

**ମହାପ୍ରଭୁ ହେଉଛନ୍ତି ଭୋଜନପ୍ରିୟ। ସେଥିପାଇଁ ଠାକୁରଙ୍କ ନିକଟରେ ଷାଠିଏ ପଉଟି ଭୋଗ ଓ ଛପନ ପ୍ରକାର ବ୍ୟଞ୍ଜନର ବ୍ୟବସ୍ଥା ରହିଛି। ତଥାପି ପିଠା ଖାଇବା ପାଇଁ ମହାପ୍ରଭୁଙ୍କର ଥାଏ ବିଶେଷ ଅଭିରୁଚି। ଆସନ୍ତା ବୁଧବାର ବାହୁଡ଼ା ଯାତ୍ରା। ଜନ୍ମବେଦୀରୁ ରତ୍ନବେଦୀ ଅଭିମୁଖେ ବାହାରିବେ ମହାବାହୁ। ବାଟରେ ମାଉସୀ ମା' ଘର। ଶ୍ରୀଗୁଣ୍ଡିଚା ଯାତ୍ରାରେ ଯାଇ ବାହୁଡ଼ିବା ବେଳେ ମହାପ୍ରଭୁ ମାଉସୀ ମା' ଘରେ ପୋଡ଼ପିଠା ଖାଇ ଶ୍ରୀମନ୍ଦିର ଫେରିଥାନ୍ତି ବୋଲି ଜନଶ୍ରୁତି ରହିଛି। ମହାପ୍ରଭୁଙ୍କ ମାନବୀୟ ଲୀଳାରେ ଏହି ପରମ୍ପରା କେଉଁ ଅନାଦି କାଳରୁ ରହିଆସିଛି। ଏଥିପାଇଁ ପ୍ରସ୍ତୁତ କରାଯାଉଛି ସୁଆଦିଆ ପୋଡ଼ପିଠା।**

**ପୁରୀ, ୧୨।୭ (ସମିସ):** ଭାଦ୍ରବ ମାସ ଅମାବାସ୍ୟା ପୂର୍ବଦିନ ମହାପ୍ରଭୁ ଦେବୀ ଦକ୍ଷିଣକାଳୀଙ୍କୁ ଆଜ୍ଞାମାଳ ଦେଇ ସାତପୁରୀ ପିଠା କରିବା ପାଇଁ ଆଜ୍ଞା ଦେଇଥାନ୍ତି। ତାଙ୍କ ଆଜ୍ଞାକୁ ପାଳନ କରି ମା' ଦକ୍ଷିଣକାଳୀ ଆମାବାସ୍ୟା ଦିନ ତିନୋଟି ତାଡ଼ରେ ୭ ପ୍ରକାର ପୁରଦିଆ ସୁଆଦିଆ ପିଠା ପ୍ରସ୍ତୁତ କରି ମହାପ୍ରଭୁଙ୍କୁ ଖୁଆଇଥାନ୍ତି। ସେହିପରି ମକର ସଂକ୍ରାନ୍ତି ଦିନ ସ୍ୱୟଂ ମହାଲକ୍ଷ୍ମୀ ୮୪ ପ୍ରକାରର ପିଠା ପ୍ରସ୍ତୁତ କରି ମହାପ୍ରଭୁଙ୍କୁ ମଣୋହି କରାଇଥାନ୍ତି। ଏହାବ୍ୟତୀତ ପ୍ରତିଦିନ ବିଭିନ୍ନ ପ୍ରକାର ପିଠା ଠାକୁରଙ୍କୁ ଭୋଗ ଲାଗିଥାଏ। ଏହା ସତ୍ତ୍ୱେ ମାଉସୀ ମା'ଙ୍କଠାରୁ ପୋଡ଼ପିଠା ଖାଇବା ପାଇଁ ଅପେକ୍ଷା କରିଥାନ୍ତି ମହାପ୍ରଭୁ। ଆଷାଢ଼ ଶୁକ୍ଳ ଦ୍ୱିତୀୟାରେ ତିନିରଥରେ ନବଦିନାତ୍ମକ ଯାତ୍ରାରେ ଆସି ଜନ୍ମବେଦୀରେ ୭ ଦିନ ରହିବା ପରେ ନବମ ଦିନ ଶ୍ରୀମନ୍ଦିର ଅଭିମୁଖେ ବାହୁଡ଼ିଥାନ୍ତି। ଏପଟେ ମାଉସୀ ମା' ମଧ୍ୟ ପିଲାମାନଙ୍କ ଫେରିବା ବାଟକୁ ଚାହିଁ ରହିଥାନ୍ତି। ବଡ଼ଦେଉଳକୁ ତିନିରଥ ବଡ଼ଦାଣ୍ଡ ଦେଇ ଗଡ଼ି ଯାଉଥିବା ବେଳେ ମାଉସୀ ମା' ମନ୍ଦିର ସମ୍ମୁଖରେ



ଅଟକିଥାନ୍ତି। ମାଉସୀ ମା'ଙ୍କ ପକ୍ଷରୁ ସେଠାରେ ଛେନା ପୋଡ଼ପିଠା ଭୋଗ ଲାଗେ। ଏହି ଭୋଗର ପ୍ରସ୍ତୁତି ହେରାପଞ୍ଚମୀଠାରୁ ଆରମ୍ଭ ହୋଇଥାଏ। ଏଥିପାଇଁ ଶନିବାରଠାରୁ ମାଉସୀ ମା' ମନ୍ଦିରରେ ବେଶ୍ ନିଷ୍ଠା ଓ ଭକ୍ତିର ସହିତ ପୋଡ଼ପିଠା ପ୍ରସ୍ତୁତ କରାଯାଉଛି।

ପୋଡ଼ପିଠାର ପ୍ରସ୍ତୁତି ସମ୍ପର୍କରେ ପୂଜକ ବିଶ୍ୱନାଥ ମିଶ୍ର କୁହନ୍ତି, ଛେନା, ଅଟା, ଚିନି, ଲବଙ୍ଗ, ପିସ୍ତାବାଦାମ ଏବଂ ଦେଶୀ ଗାଇ ଘିଅ ମିଶାଯାଇ ଏକ ମିଶ୍ରଣ ପ୍ରସ୍ତୁତ କରାଯାଇଥାଏ। ଇଟାରେ ଚୁଲି ପ୍ରସ୍ତୁତ ହୁଏ। ଚୁଲିରେ ପାଣିହାଣ୍ଡି ବସାଯାଇ ଗରମ କରାଯାଏ। ହାଣ୍ଡି ଉପରେ ଏକ ଜାଲି ପଡ଼ିଥାଏ। ଜାଲିରେ ଏକ ପତ୍ର ପକାଯାଇ ଅଟାମିଶ୍ରଣକୁ ରଖାଯାଏ। ଗରମ ପାଣିରୁ ନିର୍ଗତ ବାମ୍ଫରେ ୭ରୁ ୮ ଘଣ୍ଟା ଏହି ମିଶ୍ରଣ ଶିଝିଯାଏ। ଏହା ସମ୍ପୂର୍ଣ୍ଣ ଶିଝି ପାଗ ହୋଇଯିବା ପରେ ତାହାକୁ ଓହ୍ଲାଇ ଥଣ୍ଡା କରାଯାଏ। ଥଣ୍ଡା ହେବା ପରେ ତାହାକୁ ସାଇଜ କରି ଶୁଦ୍ଧ ଘିଅରେ ଛଣାଯାଏ। ତିନୋଟି କୁଡୁଆରେ ଏହା ରଖାଯାଇଥାଏ। ବାହୁଡ଼ା ଦିନ ରଥ ମାଉସୀ ମା' ମନ୍ଦିର ନିକଟରେ ଅଟକିଥାଏ। ପୂଜାପଣ୍ଡା ସାମନ୍ତ ଆସି ମାଉସୀ ମା' ନିକଟରେ ଭୋଗ କରିବା ପରେ ରଥାରୂଢ଼ ଠାକୁରଙ୍କୁ ସମର୍ପଣ କରିଥାନ୍ତି। ଏହାକୁ ସର୍ପମଣୋହୀ ଭୋଗ କୁହାଯାଏ। ଠାକୁରଙ୍କ ପାଖରେ ଯେଉଁ ଭୋଗ କରାଯାଏ ତାହାକୁ ଭକ୍ତମାନଙ୍କ ମଧ୍ୟରେ ବାଣ୍ଟିଦିଆଯାଏ।

ପୋଡ଼ପିଠା କାହିଁକି ତାକୁ ନେଇ ବି ଏକ କିମ୍ବଦନ୍ତି ରହିଛି। ବହୁ ବର୍ଷ ପୂର୍ବରୁ ବଡ଼ଦାଣ୍ଡ ମାଳିନୀ ନଦୀ ଦ୍ୱାରା ଦୁଇ ଭାଗରେ ଥିଲା। ସେତେବେଳେ ରଥଯାତ୍ରା ସମୟରେ ୬ଟି ରଥ ହେଉଥିଲା। ଶ୍ରୀମନ୍ଦିରରୁ ଚତୁର୍ଦ୍ଧାମୂର୍ତ୍ତି ଆସି ନଦୀ ଆରପଟେ ଓହ୍ଲାଉଥିଲେ। ଚାପରେ ନଦୀ ପାର କରାଯାଇ ପୁନଶ୍ଚ ଅପର ପାର୍ଶ୍ୱରେ ଥିବା ରଥରେ ବିଜେ କରାଯାଉଥିଲା। ଏହି ନବଦିନାତ୍ମକ ଯାତ୍ରା ଅବସରରେ ରଥ ଅଦଳ ବଦଳରେ ଏକାଧିକ ଦିନ ଚାଲିଯାଉଥିଲା। ଏହି ଅସୁବିଧା ଦେଖି ମହାପ୍ରଭୁଙ୍କ ମାଉସୀ ମାଳିନୀ ନଦୀ ଜଳକୁ ଶୋଷି ଦେଇଥିଲେ, ଯେଉଁଥିପାଇଁ ତାଙ୍କୁ ଅର୍ଦ୍ଧଶୋଷିନୀ ବା ଅର୍ଦ୍ଧାଶିନୀ କୁହାଯାଏ। ପରେ ଏହି ନଦୀ ପୋତାଯିବା ଫଳରେ ରଥଯାତ୍ରା ସହଜ ହୋଇଥିଲା। ଚତୁର୍ଦ୍ଧାମୂର୍ତ୍ତିଙ୍କ ଅସୁବିଧା ଦୂର ପାଇଁ ମାଉସୀ ନଦୀ ଜଳ ଶୋଷି ଦେଇଥିବାରୁ ମହାପ୍ରଭୁ ଜଗନ୍ନାଥ କଥା ରକ୍ଷା କରି ବାହୁଡ଼ିବା ବେଳେ ମାଉସୀ ମା' ମନ୍ଦିରରେ ପୋଡ଼ପିଠା ଖାଇ ଯାଇଥାନ୍ତି ବୋଲି କିମ୍ବଦନ୍ତି ରହିଛି।

■ ଶ୍ରୀମନ୍ଦିର ଭିତର ଫଟୋ ଭାଇରାଲ ଘଟଣା

## ବ୍ୟକ୍ତିଗତ ହାଜର ପାଇଁ ନିର୍ଦ୍ଦେଶ ଦେଲା ପୁଲିସ

ପୁରୀ, ୧୨।୭ (ସମିସ): କିଛି ମାସର ବ୍ୟବଧାନ ପରେ ଶ୍ରୀମନ୍ଦିର ଭିତର ଫଟୋ ଭାଇରାଲ ହୋଇଛି। ବୁଧବାର ସୋସିଆଲ ମିଡିଆରେ ଏହି ଫଟୋ ଭାଇରାଲ ହୋଇଥିଲା। ଫଳରେ ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥାକୁ ନେଇ ପ୍ରଶ୍ନବାଚୀ ଉଠିଥିବା ବେଳେ ଏହାକୁ ଗୁରୁତ୍ୱର ସହ ଗ୍ରହଣ କରି ତ୍ୱରିତ ପଦକ୍ଷେପ ନେଇଛି ପୁଲିସ। ସମ୍ପୃକ୍ତ ଯୁବକଙ୍କୁ ଚିହ୍ନଟ କରାଯାଇଛି। ସେ ତୁରନ୍ତ ଫଟୋ ଅପସାରଣ କରିଛନ୍ତି। ତେବେ ସେ ଫଟୋ ଉଠାଇଛନ୍ତି ନା ତାଙ୍କ ପାଇଁ ଆଉ କିଏ ଉଠାଇଛି, ତାହାର ତଦନ୍ତ ପାଇଁ ସମ୍ପୃକ୍ତ ଯୁବକଙ୍କୁ ବ୍ୟକ୍ତିଗତ ହାଜର ହେବାକୁ ନିର୍ଦ୍ଦେଶ ଦିଆଯାଇଥିବା କହିଛନ୍ତି ଏସ୍‌ପି ପିନାକ ମିଶ୍ର।

ସୂଚନାଥାଉ କି, ଉକ୍ତ ଫଟୋ ଭାଇରାଲ କରିଥିବା ଯୁବକଜଣଙ୍କ ହେଲେ ନିଖିଲ ଗିରି। ସେ ଶ୍ରୀମନ୍ଦିର ଭିତର ଫଟୋ ଉଠାଇ ନିଜ ସୋସିଆଲ ମିଡ଼ିଆ ଇନ୍‌ଷ୍ଟାଗ୍ରାମ ଆକାଉଣ୍ଟରେ ଅପ୍‌ଲୋଡ୍ କରିଥିଲେ। ଆନନ୍ଦ ବଜାରର ପ୍ରବେଶ ପଥରେ ଏହା ଉଠାଯାଇଛି ବୋଲି ଫଟୋରୁ ଜଣାପଡୁଛି। ଏଥିସହ ଶ୍ରୀମନ୍ଦିରର ସମ୍ପୂର୍ଣ୍ଣ ଫଟୋ ରହିଛି। ଶ୍ରୀମନ୍ଦିରକୁ ମୋବାଇଲ ଫୋନ୍ ନେବା ନିଷିଦ୍ଧ ଥିବା ବେଳେ ଯୁବକଜଣକ କିଭଳି ମୋବାଇଲ ନେଲେ ତାକୁ ନେଇ ଉଠିଛି ପ୍ରଶ୍ନ। ପୁଲିସ ଘଟଣାର ତଦନ୍ତ କରି ସମ୍ପୃକ୍ତ ବ୍ୟକ୍ତିବିଶେଷଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଇଥିଲା। ପୂର୍ବରୁ ଶ୍ରୀମନ୍ଦିର ଭିତର ଫଟୋ ଅନେକଥର ଭାଇରାଲ୍ ହୋଇଥିବା ବେଳେ ପ୍ରଶାସନ ପକ୍ଷରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଉ ନ ଥିବାରୁ ଏଭଳି ଘଟଣା ବାରମ୍ବାର ଘଟୁଥିବା ଦେଖିବାକୁ ମିଳୁଛି।

**ଦଇତାପତି-ଚୁନରା ସେବକଙ୍କ ମଧ୍ୟରେ ବିବାଦ**

## ବିଳମ୍ବରେ ହେଲା ଧ୍ୱଜା ପରିବର୍ତ୍ତନ

**ପୁରୀ,୧୨।୭ (ସମିସ):** ଶ୍ରୀମନ୍ଦିରରେ ପୁଣି ସେବାୟତଙ୍କ ମଧ୍ୟରେ ବିବାଦ ଉପୁଜିଛି। ଏଥର ଦଇତାପତି ଏବଂ ଚୁନରା ସେବାୟତଙ୍କ ମଧ୍ୟରେ ହୋଇଛି ବିବାଦ। ଫଳରେ ନୀଳଚକ୍ରରେ ଧ୍ୱଜା ପରିବର୍ତ୍ତନ ବିଳମ୍ବ ହୋଇଛି। ଜିଲ୍ଲାପାଳଙ୍କ ହସ୍ତକ୍ଷେପ ପରେ ରାତି ପ୍ରାୟ ୮ଟାରେ ନୀଳଚକ୍ରରେ ବାନା ବନ୍ଧାଯାଇଛି।

ଦଇତାପତିଙ୍କ କହିବା ମୁତାବକ, ଶ୍ରୀମନ୍ଦିରରେ ସେମାନଙ୍କର ପ୍ରବେଶ ପରଠାରୁ ସମସ୍ତ ସେବା ନୀତିକୁ ସେମାନେ ଆପଣାଇ ନେଇଥାନ୍ତି। ତେଣୁ ନୀଳାଦ୍ରିବିଜେ ପର୍ଯ୍ୟନ୍ତ ପ୍ରାୟ ମାସେ ପର୍ଯ୍ୟନ୍ତ ମନ୍ଦିରର ଯାହା ଆୟ ସବୁ ସେମାନଙ୍କର। ବାନା ଉପରେ ସେମାନେ ତାଙ୍କର ହକ୍ ଜାହିର କରିବାରୁ ଏହାକୁ ନେଇ ଉଭୟପକ୍ଷ ମଧ୍ୟରେ ଦୀର୍ଘ ବର୍ଷରୁ ବିବାଦ ରହିଥିଲା। ତେବେ ସହମତିରେ ଉଭୟପକ୍ଷ ରହିଥିବା ବେଳେ ଚଳିତବର୍ଷ ପୁଣି ବିବାଦ ମୁଣ୍ଡ ଟେକିଛି। ଶୁକ୍ରବାର ଚୁନରା ସେବକ ବାନା ବାନ୍ଧିବା ସମୟରେ ଉଭୟ ସେବାୟତଙ୍କ ମଧ୍ୟରେ ଯୁକ୍ତିତର୍କ ଲାଗିଥିଲା। କେତେଜଣ ଦଇତାପତି ସେମାନଙ୍କୁ ବାନା ବନ୍ଧାଇ ନଦେବା ଅଭିଯୋଗ କରି ଚୁନରା ସେବକ ଧ୍ୱଜା ପରିବର୍ତ୍ତନ କରି ନ ଥିଲେ। ଫଳରେ ନୀଳଚକ୍ରରେ ବାନା ବନ୍ଧା ଦେଖିବାକୁ ଚାହିଁ ବସିଥିବା ଭକ୍ତମାନେ ଏ ଦୃଶ୍ୟ ଦେଖିବାରୁ ବଞ୍ଚିତ ହୋଇଥିଲେ।

ଏନେଇ ଚୁନରା ସେବକ ଜିଲ୍ଲାପାଳଙ୍କୁ ଅବଗତ କରାଇଥିଲେ। ଫଳରେ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଏଥିରେ ହସ୍ତକ୍ଷେପ କରିବା ପରେ ଉଭୟପକ୍ଷ ମଧ୍ୟରେ ଶ୍ରୀମନ୍ଦିର ପରିସରରେ ବୈଠକ ବସିଥିଲା। ଆପୋଷ ସମାଧାନ ହେବାକୁ ପ୍ରାୟ ୨ରୁ ଅଢ଼େଇ ଘଣ୍ଟା ଲାଗିଥିଲା। ଏହାପରେ ରାତି ପ୍ରାୟ ୮ଟା ସମୟରେ ଧ୍ୱଜା ପରିବର୍ତ୍ତନ ହୋଇଥିଲା।

ଜଣେ ବରିଷ୍ଠ ଚୁନରା ସେବକଙ୍କ କହିବା ମୁତାବକ, ପ୍ରତିଦିନ ଚୁନରା ସେବକ ଯେଉଁ ବାନା ବାନ୍ଧନ୍ତି ତା' ପରଦିନ ବାନା ଓହ୍ଲାଯାଇ ୧୪ ହାତରୁ ଅଧିକ ଲମ୍ବର ବାନା ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟକୁ ପ୍ରଦାନ କରାଯାଏ। ୧୪ହାତ ଲମ୍ବରୁ ଛୋଟ ବାନା ଚୁନରା ସେବକମାନେ ନେଇଯାଆନ୍ତି। ଏହା ଦୀର୍ଘ ଦିନ ଧରି ଚଳି ଆସୁଛି। ମାତ୍ର ଦଇତାପତି ସେବକମାନେ ପ୍ରବେଶ କରିବା ପରେ ସେମାନଙ୍କ ସେବା ନୀତି ଶ୍ରୀମନ୍ଦିର ମଧ୍ୟରେ ଆରମ୍ଭ ହୋଇଥିବାରୁ ବାନା ଉପରେ ସେମାନଙ୍କର ହକ୍ ଦାବି କରିଥିଲେ। ଏହାକୁ ନେଇ ଦୀର୍ଘ ବର୍ଷରୁ ଉଭୟ ପକ୍ଷ ମଧ୍ୟରେ ବିବାଦ ରହିଥିଲା। ତେବେ ଶୁକ୍ରବାର ଏଥିପାଇଁ ଧ୍ୱଜା ପରିବର୍ତ୍ତନ ବିଳମ୍ବ ହୋଇଥିଲା।

# ନିଜ ରାଜ୍ୟରେ ଅବହେଳିତ ଭାସ୍କର୍ଯ୍ୟ ଶିଳ୍ପୀ

**ପଥର ପାଉ ନ ଥିବାରୁ ରାଜ୍ୟ ଛାଡ଼ିଲେଣି ୯୦ ପ୍ରତିଶତ କାରିଗର**

**ଭୁବନେଶ୍ୱର, ୧୨।୭ (ସୁମିତ୍ରା ସାହୁ):** ପ୍ରସ୍ତର ଯୁଗରୁ ମଣିଷର ଜୀବନଜୀବିକା ସହିତ ପଥର ଓତପ୍ରୋତ ଭାବେ ଯୋଡ଼ି ହୋଇଯାଇଛି। ଗୃହ ନିର୍ମାଣଠାରୁ ଆରମ୍ଭ କରି ଗୃହୋପଯୋଗୀ ଉପକରଣ, ଧର୍ମଧାରଣା, ମୂର୍ତ୍ତି ଉପାସନାରେ ପଥର ହିଁ ମଣିଷର ମୁଖ୍ୟ ଅବଲମ୍ବନ ହୋଇଆସିଛି। ପ୍ରତିବଦଳରେ ମଣିଷ ମଧ୍ୟ ପଥରକୁ ନାନା ରୂପ ଦେଇ ତା' ମୁହଁରେ ହସ ଫୁଟାଇଛି। ମଣିଷର ନିହାଣ ମୁନର ସ୍ପର୍ଶରେ ପଥର ମଧ୍ୟ କଥା କହିଛି। ଯାହାର ପ୍ରମାଣ ଏବେବି ଛିଡ଼ା ହୋଇଥିବା ପ୍ରାଚୀନ ମଠ ମନ୍ଦିରରୁ ମିଳେ। ହେଲେ ବର୍ତ୍ତମାନ ସମୟ ବଦଳିବା ସହ ମଣିଷର ଚାହିଦା ପୂରଣ କରିବାରେ ପ୍ରକୃତିର ଏହି ଅସୀମିତ ଉପାଦାନ ବି ଅସହାୟ ହୋଇପଡ଼ିଛି। ତା'ସହିତ ବିପନ୍ନ ହୋଇଛି ପଥରକୁ ଆଶ୍ରା କରି ବଞ୍ଚୁଥିବା ଶିଳ୍ପୀ ଓ କାରିଗରମାନଙ୍କର ଜୀବନଜୀବିକା।

କଳିଙ୍ଗ ସ୍ଥାପତ୍ୟ କଳା ଓ ପରମ୍ପରାର ସବୁଠୁ ଉର୍ଦ୍ଧ୍ୱରେ। ଓଡ଼ିଶା କାରିଗରଙ୍କ ତ୍ରିଭଙ୍ଗୀ ଶୈଳୀ ବା ଉତ୍କଳୀୟ ଶୈଳୀ ସାରା ବିଶ୍ୱରେ ପ୍ରସିଦ୍ଧି ଲାଭ କରିଛି। ଦିଲ୍ଲୀର ଅକ୍ଷର ଧାମଠାରୁ ଆରମ୍ଭ କରି ରାଜସ୍ଥାନ, ଚେନ୍ନାଇ, ଦୁବାଇର ଆବୁଧାବିରେ ମଧ୍ୟ ଶୋଭା ପାଉଛି ଓଡ଼ିଶା କାରିଗରଙ୍କ ସୂକ୍ଷ୍ମ କାରୁକାର୍ଯ୍ୟ। ଯଦିଓ ବିଭିନ୍ନ ରାଜ୍ୟର କାରିଗରମାନେ ଆଧୁନିକ ଶୈଳୀରେ ମନ୍ଦିର ନିର୍ମାଣ କରୁଛନ୍ତି; କିନ୍ତୁ ସାରା ବିଶ୍ୱରେ ଓଡ଼ିଶା ଭାସ୍କର୍ଯ୍ୟ କାରିଗରଙ୍କ ବିକଳ୍ପ ନାହିଁ। ପ୍ରତ୍ୟେକ ମଠ, ମନ୍ଦିରରେ ଓଡ଼ିଶାର ସଂସ୍କୃତି, ଐତିହ୍ୟ ଝଲସି ଉଠେ। କିନ୍ତୁ ଭାସ୍କର୍ଯ୍ୟ କ୍ଷେତ୍ରରେ ଓଡ଼ିଶାକୁ ବିଶ୍ୱରେ ପରିଚିତ କରାଇଥିବା ପଥର ଶିଳ୍ପୀ ବା ଭାସ୍କର୍ଯ୍ୟ ଶିଳ୍ପୀମାନେ ପଥର ଖଣ୍ଡେ ପାଇ ପାରୁନାହାଁନ୍ତି; ଯାହା ପଥର ଶିଳ୍ପୀଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଛି। ବାଲେଶ୍ୱର ଜିଲ୍ଲାର ବାଗୁଡ଼ି, ଖୋର୍ଦ୍ଧା



ଜିଲ୍ଲାର ତାପଙ୍ଗ, ମୟୂରଭଞ୍ଜ ଜିଲ୍ଲାର ଖିଚିଙ୍ଗ୍ ଆଦି ସ୍ଥାନରୁ ଶାଣପଥର, ମୁଗୁନି ପଥର, ଅଡ଼ିଆକନ୍ଦା, ଖଡ଼ି ପଥର, କେନ୍ଦୁମଣ୍ଡି ଆଦି ପଥର ସଂଗ୍ରହ କରି ସେଥିରେ ଶିଳ୍ପୀମାନେ ବିଭିନ୍ନ କଳା କାରୁକାର୍ଯ୍ୟ ଖୋଦେଇ କରିଥା'ନ୍ତି। ଯାହା କେବଳ ସେମାନଙ୍କ କୌଳିକ ବୃତ୍ତିକୁ ବଞ୍ଚାଇ ରଖିବାରେ ସହାୟକ ହୋଇନାହିଁ; ଓଡ଼ିଶାର କଳା-ସଂସ୍କୃତିକୁ ପିଢ଼ି ପରେ ପିଢ଼ି ବଞ୍ଚାଇ ରଖିବାରେ ବିଶ୍ୱରେ ପରିଚିତ କରାଇଛି। କିନ୍ତୁ ପରିତାପର ବିଷୟ ଯେ ଓଡ଼ିଶାର ଶିଳ୍ପୀଙ୍କ ଦ୍ୱାରା ନିର୍ମିତ କୋଣାର୍କ ଚକ୍ରକୁ 'ଜି-୨୦' ସମ୍ମିଳନୀରେ ପ୍ରଶଂସା କରାଯାଇଥିବା ବେଳେ ଏଠାରେ ଶିଳ୍ପୀଟିଏ ପଥର ପାଇପାରୁ ନାହିଁ। ଫଳରେ ରାଜ୍ୟରେ ରହିଥିବା ପ୍ରାୟ ୩୦ ହଜାର ଭାସ୍କର୍ଯ୍ୟ ଶିଳ୍ପୀଙ୍କ ମଧ୍ୟରୁ ୯୦ ପ୍ରତିଶତ ଶିଳ୍ପୀ ରାଜ୍ୟ ବାହାରକୁ ଯାଇ ରାଜସ୍ଥାନ, ଚେନ୍ନାଇ, କୋଲକାତା ଆଦି ସ୍ଥାନରେ କାମ କରୁଛନ୍ତି।

ରାଜ୍ୟର ଅଧିକାଂଶ ପଥର ଖଣି ରାଜସ୍ୱ ବିଭାଗ ଅଧୀନରେ ରହିଥିବାବେଳେ କେତେକ ଶ୍ରୀମନ୍ଦିର ପ୍ରଶାସନ ଅଧୀନରେ ମଧ୍ୟ ରହିଛି। ତେଣୁ କଟକଣା ଯୋଗୁଁ ପୂର୍ବଭଳି ପଥରଶିଳ୍ପୀମାନେ ଖଣିରୁ ପଥର ପାଇ ପାରୁ ନାହାଁନ୍ତି।

**ଆଜି ବିଶ୍ୱ ପଥର ଦିବସ**

୨୦୨୩ ମସିହାରେ ପରିକ୍ରମା ପକଳ୍ପ ନିମନ୍ତେ ଖୋର୍ଦ୍ଧା ଜିଲ୍ଲା ତାପଙ୍ଗରୁ ପଥର ସଂଗ୍ରହ କରାଯାଇଥିଲା। ଶିଳ୍ପୀ ମହାସଂଘ ପକ୍ଷରୁ ଏହାକୁ ବିରୋଧ କରାଯିବାରୁ ଭାସ୍କର୍ଯ୍ୟ ଶିଳ୍ପୀଙ୍କୁ ଏହି ଖଣିରୁ ବାହାରୁ ଥିବା ଅବ୍ୟବହୃତ ପଥର ଦିଆଯିବାକୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏଥିପାଇଁ କାରିଗରମାନେ ଆବେଦନ କରିଥିବାବେଳେ କିଛି କାରିଗରଙ୍କୁ ଏହି ପଥର ମିଳିଥିଲା। ଯେଉଁଥିରେ ସେମାନେ ଖୋଦେଇ କାମ କରୁଥିଲେ ମଧ୍ୟ ପଥରର ଆବଶ୍ୟକୀୟ ଆକୃତି ନଥିବାରୁ ଶିଳ୍ପୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ନିଜର କଳା ସଂସ୍କୃତିକୁ ବଞ୍ଚାଇ ରଖିବାକୁ ଅଧିକାଂଶ ଶିଳ୍ପୀ ରାଜସ୍ଥାନ, ପାହାନପୁର ଆଦି ସ୍ଥାନରୁ ମାର୍ବଲ ଓ ପଥର ଆମଦାନୀ କରୁଛନ୍ତି; ହେଲେ ଲାଭବାନ ହୋଇପାରୁ ନାହାଁନ୍ତି। ପଥର ଆମଦାନୀରେ ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରିବାକୁ ପଡୁଥିବାବେଳେ ଉଚିତ୍ ପାରିଶ୍ରମିକ ମିଳୁ ନ ଥିବା କହିଛନ୍ତି। ତେଣୁ ସରକାର ଭାସ୍କର୍ଯ୍ୟ ଶିଳ୍ପୀଙ୍କ ପାଇଁ ଓଡ଼ିଶା ଖଣିରୁ ପଥର ଯୋଗାଇଦେବାକୁ ପଦକ୍ଷେପ ନିଅନ୍ତୁ ବୋଲି ଓଡ଼ିଶା ଶିଳ୍ପୀ ମହାସଂଘ ପକ୍ଷରୁ ସମ୍ପାଦକ ପ୍ରିୟ ରଞ୍ଜନ କର କହିଛନ୍ତି। କେବଳ କାରିଗରୀକୁ ଭଲପାଇ ବାହାବା ଦେଲେ ହେବ ନାହିଁ; କାରିଗରଙ୍କୁ ଆବଶ୍ୟକୀୟ ସହଯୋଗ ଯୋଗାଇଦେବାକୁ ସରକାର ଚିନ୍ତା କରିବା ଆବଶ୍ୟକ ବୋଲି ଶ୍ରୀ କର ମତବ୍ୟକ୍ତ କରିଛନ୍ତି।

ଏ ସମ୍ପର୍କରେ ମତ ରଖି ଭାସ୍କର୍ଯ୍ୟଶିଳ୍ପୀ ପଦ୍ମବିଭୂଷଣ ସୁଦର୍ଶନ ସାହୁ କହିଛନ୍ତି, ସବୁ କଳାଠାରୁ ଭାସ୍କର୍ଯ୍ୟ କଳା ଉର୍ଦ୍ଧ୍ୱରେ। କିନ୍ତୁ ବିଗତ କିଛି ବର୍ଷ ହେବ ବଡ଼ବଡ଼ ଶିଳ୍ପପତିମାନଙ୍କୁ ପଥର ସହଜରେ ମିଳିପାରୁଥିବା ବେଳେ ଭାସ୍କର୍ଯ୍ୟ ଶିଳ୍ପୀ ଏଥିରୁ ବାଦ୍ ପଡ଼ିଛନ୍ତି। ଓଡ଼ିଶାର ୯୦ ପ୍ରତିଶତ ପଥର ଶିଳ୍ପୀ ରାଜସ୍ଥାନରେ କାମ କରୁଥିବାବେଳେ ଓଡ଼ିଶାରେ ଏମାନଙ୍କ ସଂଖ୍ୟା ମାତ୍ର ହାତଗଣତି। ପଥର ଶିଳ୍ପୀ ନ ରହିଲେ ଓଡ଼ିଶାର ଅସ୍ମିତା ନଷ୍ଟ ହୋଇଯିବ। ତେଣୁ ସରକାର ଓଡ଼ିଶାର ପଥର ଶିଳ୍ପୀମାନଙ୍କୁ ଉପଯୁକ୍ତ ସୁବିଧାସୁଯୋଗ ଯୋଗାଇ ଦେଇ ଭାସ୍କର୍ଯ୍ୟ କଳାକୁ ବଞ୍ଚାଇ ରଖିବାକୁ ସହଯୋଗ କରିବା ଜରୁରୀ ବୋଲି ଶ୍ରୀ ସାହୁ କହିଛନ୍ତି।

## ପ୍ରାକ୍-ବଜେଟ୍ ଆଲୋଚନା

# ‘ଲୋକଙ୍କ ବଜେଟ୍’ରେ ସମସ୍ତଙ୍କ ଆଶା-ଆକାଂକ୍ଷା ପ୍ରତିଫଳିତ ହେବ: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୧୨।୭ (ସମିସ):** ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ସାଧାରଣ ବଜେଟ ଆଗାମୀ ୨୫ ତାରିଖରେ ବିଧାନସଭାରେ ଉପସ୍ଥାପିତ ହେବାକୁ ଯାଉଛି। ଏଥିପାଇଁ ଅନଲାଇନ୍ ଜରିଆରେ ଲୋକଙ୍କ ମତାମତ ସଂଗ୍ରହ କରିଥିଲୁ। ଏଥିରେ ଆମେ ପ୍ରାୟ

- **ଅନଲାଇନରେ ମିଳିଛି ୧୨ହଜାରରୁ ଅଧିକ ମତାମତ**
- **ନାଗରିକ ସମାଜ, ବିଶେଷଜ୍ଞ ଓ ବିଭିନ୍ନ କ୍ଷେତ୍ରର ପ୍ରତିନିଧିଙ୍କ ସହିତ ଆଲୋଚନା କଲେ ମୁଖ୍ୟମନ୍ତ୍ରୀ**

୧୨ ହଜାରରୁ ଅଧିକ ମତାମତ ପାଇଛୁ। ପୂର୍ବବର୍ଷ ଅପେକ୍ଷା ଏହା ପ୍ରାୟ ୬ ଗୁଣ ଅଧିକ। ବଜେଟ୍ ପ୍ରସ୍ତୁତି ପ୍ରକ୍ରିୟାରେ ଲୋକଙ୍କ ଏପରି ବ୍ୟାପକ ଅଂଶ ଗ୍ରହଣ ଆମ ପାଇଁ ଖୁବ୍ ଉତ୍ସାହଜନକ ବୋଲି ପ୍ରାକ୍-ବଜେଟ୍ ଆଲୋଚନାରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଶୁକ୍ରବାର ଲୋକସେବା ଭବନର ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ଏହି ବୈଠକରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଆମର ବଜେଟ୍‌ଟି ଯେପରି ବାସ୍ତବରେ ‘ଲୋକଙ୍କ ବଜେଟ୍’ ଭାବେ ସମସ୍ତଙ୍କ ଆଶା ଆକାଂକ୍ଷାକୁ ପ୍ରତିଫଳିତ କରିବ, ସେଥିପାଇଁ ଆମର ଉଦ୍ୟମ ଜାରି ରହିଛି। ସେଥିପାଇଁ ସମାଜର ସବୁବର୍ଗଙ୍କ ମତାମତ ଆମେ ଗ୍ରହଣ କରୁଛୁ। ଲୋକଙ୍କ ସରକାର ଭାବରେ ସାଧାରଣ ଜନତାଙ୍କ ମତାମତକୁ ଗୁରୁତ୍ୱ ଦେବାର ଆମର ପରମ୍ପରା ଜାରି ରହିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ବୈଠକରେ ବିଭିନ୍ନ ନାଗରିକ ସମାଜ, ବିଶେଷଜ୍ଞ ଓ ବିଭିନ୍ନ କ୍ଷେତ୍ରର ପ୍ରତିନିଧିଙ୍କ ସହ ମୁଖ୍ୟମନ୍ତ୍ରୀ ଆଲୋଚନା କରିଥିଲେ। ବୈଠକରେ ମୁଖ୍ୟମନ୍ତ୍ରୀଙ୍କ ସହିତ ଦୁଇ ଉପ-ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଏବଂ ପ୍ରଭାତୀ ପରିଡ଼ା, ଅର୍ଥ ବିଭାଗର ପ୍ରମୁଖ ସଚିବ ଶାଶ୍ୱତ ମିଶ୍ର ଏବଂ ଅର୍ଥ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ପୂର୍ବତନ ଅର୍ଥମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡାଇ, ପଞ୍ଚାନନ କାନୁନଗୋ, ଶଶିଭୂଷଣ ବେହେରା, ପୂର୍ବତନ ଅର୍ଥ ସଚିବଗଣ, ରିଜର୍ଭ ବ୍ୟାଙ୍କର ଆଞ୍ଚଳିକ ନିର୍ଦ୍ଦେଶକ, ନାବାର୍ଡ ଜେନେରାଲ ମ୍ୟାନେଜରଙ୍କ ସହ ବିଭିନ୍ନ କ୍ଷେତ୍ରର ପ୍ରାୟ ୨୬ଜଣ ବିଶିଷ୍ଟ ବ୍ୟକ୍ତି ସେମାନଙ୍କ ମତାମତ ଦେଇଥିଲେ। ବୈଠକ ପରେ ଗଣମାଧ୍ୟମକୁ ବିବୃତି ଦେଇ ମୁଖ୍ୟମନ୍ତ୍ରୀ କହିଲେ ଯେ ଆପଣମାନେ ଜାଣନ୍ତି ଆମ ସରକାର ପ୍ରଥମରୁ ହିଁ ଲୋକଙ୍କ ସରକାର ଭାବରେ ସାଧାରଣ ଜନତାଙ୍କ ମତାମତକୁ ଗୁରୁତ୍ୱ ଦେଇ ଆସୁଛି। ଆଗାମୀ ବଜେଟ୍‌ରେ ଏହି ସବୁ ମତାମତକୁ ପ୍ରତିଫଳିତ କରିବାକୁ ସରକାର ଯଥାସମ୍ଭବ ଉଦ୍ୟମ କରି ଲୋକଙ୍କ ଆଶା ଆକାଂକ୍ଷାକୁ ପୂରଣ କରିବାକୁ ପ୍ରଚେଷ୍ଟା କରିବେ ବୋଲି ସେ କହିଛନ୍ତି।



## ■ ଏଏସ୍‌ଓଙ୍କୁ ରାଜ୍ୟପାଳଙ୍କ ପୁଅ ମାଡ଼ ମାରିବା ଅଭିଯୋଗ

# ଜରୁରୀ ବୈଠକ ଡାକି ଘଟଣାକୁ ସଂଘର ନିନ୍ଦା

**ଭୁବନେଶ୍ୱର,୧୨।୭ (ସମିସ):** ଏଏସ୍‌ଓ ବୈକୁଣ୍ଠନାଥ ପ୍ରଧାନଙ୍କୁ ରାଜ୍ୟପାଳଙ୍କ ପୁଅ ମାଡ଼ ମାରିବା ଘଟଣାକୁ ନେଇ ସୃଷ୍ଟି ହୋଇଛି ବିବାଦ। ଗତକାଲି ଏ ସଂକ୍ରାନ୍ତରେ ସମ୍ପୃକ୍ତ ଏଏସ୍‌ଓଙ୍କ ଅଭିଯୋଗ ପରେ ରାଜ୍ୟ ସଚିବାଳୟ ସେବା ସଂଘ ଘଟଣାରେ ହସ୍ତକ୍ଷେପ କରିଛି। ସଂଘ ପକ୍ଷରୁ ଅନୁଷ୍ଠିତ ଏକ ଜରୁରୀ ବୈଠକରେ ଘଟଣାର ନିନ୍ଦା କରାଯାଇଛି। ଏହା ସହ ପୁଲିସ ଅଭିଯୋଗର ପଞ୍ଜୀକରଣ କରୁ ନ ଥିବାରୁ ସଂଘ ଉଦ୍‌ବେଗ ପ୍ରକାଶ କରିଛି। ସାମାଜିକ ଗଣମାଧ୍ୟମ ‘ଏକ୍ସ’ରେ ସଂଘ ପକ୍ଷରୁ ମଧ୍ୟ ଅଭିଯୋଗପତ୍ରକୁ ସଂଲଗ୍ନ କରାଯାଇ ଘଟଣା ସମ୍ପର୍କରେ ସୂଚନା ଦିଆଯାଇଛି।

**ପୁଲିସ ମାମଲା ରୁଜୁ କରୁ ନ ଥିବାରୁ ଉଦ୍‌ବେଗ**

ସଂଘ ପକ୍ଷରୁ କୁହାଯାଇଛି ଯେ ସରକାରୀ କର୍ମଚାରୀଙ୍କ ପ୍ରତି ଏଭଳି ଅତ୍ୟାଚାର ନିନ୍ଦନୀୟ। ନୂଆ ସରକାର କେବେ ଅଫିସରଙ୍କୁ ନ୍ୟାୟ ଦେବେ ସେହି ଅପେକ୍ଷାରେ ରହିଛୁ। ଥାନାରେ ଅଭିଯୋଗ କରିଥିଲେ ମଧ୍ୟ ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ, ଏପରିକି ମାମଲା ରୁଜୁ କରାଯାଇନଥିବା ଦୁଃଖର ବିଷୟ ବୋଲି ସଂଘ ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷରେ ଏହି ଘଟଣା ସଂକ୍ରାନ୍ତରେ ମାନବାଧିକାର କର୍ମୀ ଜୟନ୍ତ କୁମାର ଦାଶ ଜାତୀୟ ମାନବିକ ଅଧିକାର ଆୟୋଗ(ଏନ୍‌ଏଚ୍‌ଆରସି)ରେ ଅଭିଯୋଗ କରିଛନ୍ତି ଓ ଏହାର ଶୁଣାଣି ପାଇଁ ପଞ୍ଜୀକୃତ ହୋଇଛି। ରାଜ୍ୟପାଳଙ୍କ ପୁଅଙ୍କ ବିରୋଧରେ ଆଇନ୍‌ଗତ କାର୍ଯ୍ୟାନୁଷ୍ଠାନ ସହ ୨ଲକ୍ଷ କ୍ଷତିପୂରଣ ଦେବାକୁ ଶ୍ରୀ ଦାସ ଏନ୍‌ଏଚ୍‌ଆର୍‌ସିରେ ଆବେଦନ କରିଛନ୍ତି।

ଅଭିଯୋଗ ମୁତାବକ ୧୩ବର୍ଷ ହେବ ଓଡ଼ିଶା ରାଜ୍ୟପାଳଙ୍କ ବାସଭବନ (ଭୁବନେଶ୍ୱର)ରେ ଆସିଷ୍ଟାଣ୍ଟ ସେକ୍ସନ ଅଫିସର ରୂପେ କାର୍ଯ୍ୟ କରୁଥିବା ବୈକୁଣ୍ଠନାଥ ପ୍ରଧାନଙ୍କୁ ୭ ତାରିଖରେ ରାଷ୍ଟ୍ରପତି ଗସ୍ତ ନିମନ୍ତେ ପୁରୀକୁ ପଠାଯାଇଥିଲା। ସେଠାରେ ସେ ତାଙ୍କ କାର୍ଯ୍ୟ କରୁଥିବା ସମୟରେ ରାଜ୍ୟପାଳଙ୍କ ପୁଅ ଲଳିତ କୁମାର, ତାଙ୍କର ଦୁଇ ଜଣ ବନ୍ଧୁ, ୨ ଜଣ ପିଏସଓ, ରୋଷେୟା ମିଳିମିଶି ତାଙ୍କୁ ରାଜଭବନ ଭିତରେ ମାଡ଼ ମାରିବା ସହ ଲହୁ ଲୁହାଣ କରିଥିଲେ। ସେମାନଙ୍କୁ ଆଣିବା ପାଇଁ ଷ୍ଟେସନକୁ ଦୁଇଟି ଦାମୀ ଗାଡି ପଠାଯାଇ ନ ଥିବାରୁ ବୈକୁଣ୍ଠଙ୍କୁ ସେମାନେ ପିଟିଥିବା ଅଭିଯୋଗ ହୋଇଥିଲା। ଏପରିକି ସେ



ଜୀବନ ବଞ୍ଚାଇ ବାହାରକୁ ପଳାଇ ଆସୁଥିବା ବେଳେ ପୁଣି ତାଙ୍କୁ ଦୁଇ ଜଣ ପିଏସଓ ଟେକି ନେଇ ରୁମ୍ ନଂ ୪ରେ ପୁରାଇ ମରଣାନ୍ତକ ଆକ୍ରମଣ କରିଥିଲେ। ଏହି ଆକ୍ରମଣରେ ତାଙ୍କର ପାଟି, ନାକ, ଗୋଡ଼ ଏବଂ ହାତରେ ଆଘାତ ଲାଗିଥିଲା। ସେହିପରି ରାଜ୍ୟପାଳଙ୍କ ପୁଅ ଓ ଅନ୍ୟମାନେ ଜୋତାରେ ଛେପ ପକାଇ ତାଙ୍କୁ ଚାଟିବାକୁ କହିଥିବା ଏଏସ୍‌ଓ ବୈକୁଣ୍ଠ ରାଜ୍ୟପାଳ ଓ ରାଜ୍ୟପାଳଙ୍କ ସଚିବଙ୍କୁ ୧୧ ତାରିଖ ସୁଦ୍ଧା ଅବଗତ କରିଥିଲେ ଓ ଏନେଇ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନଥିବାରୁ ସେ ପୁରୀ ସମୁଦ୍ରକୂଳ ଥାନାରେ ଅଭିଯୋଗ କରିଥିଲେ। କିନ୍ତୁ ତାଙ୍କ ଅଭିଯୋଗ ଆଧାରରେ ମାମଲା ରୁଜୁ ହୋଇ ନାହିଁ ବୋଲି ସେ ଅଭିଯୋଗ କରିଛନ୍ତି।

# ଭିଜିଲାନ୍ସ ଜାଲରେ ବଲାଙ୍ଗିର ମୁଖ୍ୟ ଯୋଗାଣ ଅଧିକାରୀ

**ବଲାଙ୍ଗିର, ୧୨।୭ (ସମିସ):** ଭିଜିଲାନ୍ସ ଜାଲରେ ବଲାଙ୍ଗିର ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ଜି. ପ୍ରଭାକର ପାତ୍ର। ଜିଲ୍ଲାର ଜଣେ ମିଲର୍ସଙ୍କ ପାଖରୁ ୫୦ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଶୁକ୍ରବାର ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟରୁ ତାଙ୍କୁ ଭିଜିଲାନ୍ସ ଟିମ୍ ରସାୟନ ବୋଳା ଟଙ୍କା ସହ ଧରିଛି। ଏହାସହ ତାଙ୍କ ଭଡ଼ାଘର, ଗଞ୍ଜାମ ବୁଗୁଡ଼ା ଅଞ୍ଚଳରେ ଥିବା ମାର୍କେଟ କମ୍ପ୍ଲେକ୍ସ, ଭୁବନେଶ୍ୱରରେ ଥିବା ତାଙ୍କର ଦୁଇଟି ଫ୍ଲାଟ୍‌ରେ ଏକକାଳୀନ ଚଢ଼ଉ କରାଯାଇଛି। ତେବେ ସେ କେଉଁ ବିଲ୍ ପାଇଁ ଏତେ ଟଙ୍କା ନେଉଥିଲେ, ବିଲ୍‌ରେ କିଛି ହେରାଫେରି କରାଯାଇଥିଲା କି ଯେଉଁଥିପାଇଁ ଏତେ ଟଙ୍କା ଲାଞ୍ଚ ନେଉଥିଲେ ବୋଲି ଏବେ ପ୍ରଶ୍ନ ଉଠିଛି। ଏନେଇ ଭିଜିଲାନ୍ସ ଅଧିକ ତଦନ୍ତ ଜାରି ରଖିଛି। ଭିଜିଲାନ୍ସ ଶ୍ରୀ ପାତ୍ରଙ୍କୁ ଅଟକ ରଖି ପଚରାଉଚରା କରୁଥିବା ଜଣାପଡ଼ିଛି। ସୂଚନା ଅନୁସାରେ, ତୁଷୁରାସ୍ଥିତ ଗଜାନନ ରାଇସ ମିଲ୍ ମାଲିକ ଆଶିଷ କୁମାର ଶର୍ମାଙ୍କ ପାଖରୁ ସେ ଏହି ୫୦ ହଜାର ଟଙ୍କା ଲାଞ୍ଚ ନେଇଥିଲେ। କୌଣସି ଏକ ବିଲ୍ କରାଇବା ପାଇଁ ସେ ଏହି ଲାଞ୍ଚ ନେଉଥିଲେ। ସମ୍ପୃକ୍ତ ଅଭିଯୋଗକାରୀଙ୍କ ପାଖରୁ ପୂର୍ବରୁ ମଧ୍ୟ ଶ୍ରୀ ପାତ୍ର ୧ଲକ୍ଷ ୩୦ ହଜାର ଟଙ୍କା ଲାଞ୍ଚ ନେଇଥିଲେ। ପରେ ପୁଣି ୫୦ହଜାର ଟଙ୍କା ଦାବି କରିବାରୁ ଶ୍ରୀ ଶର୍ମା ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ତାଙ୍କ ଅଭିଯୋଗ ପରେ ଭିଜିଲାନ୍ସ ଶ୍ରୀ ପାତ୍ରଙ୍କୁ ଧରିବା ପାଇଁ ଜାଲ ବିଛାଇଥିଲା। ଯୋଜନା ମୁତାବକ, ସୋନପୁର ଭିଜିଲାନ୍ସ ଟିମ୍ ବଲାଙ୍ଗିରରେ ଚଢ଼ଉ କରିଥିବା ବେଳେ ବଲାଙ୍ଗିର ଭିଜିଲାନ୍ସ ଟିମ୍ ଗଞ୍ଜାମରେ ଚଢ଼ଉ କରିଥିବା ଜଣାପଡ଼ିଛି। ଶ୍ରୀ ପାତ୍ରଙ୍କ ପାଖରୁ ଭିଜିଲାନ୍ସ ଉକ୍ତ ୫୦ ହଜାର ଟଙ୍କା ଜବତ କରିଛି। ଶ୍ରୀ ପାତ୍ର ସ୍ଥାନୀୟ ସିଲିକନ୍ ଭ୍ୟାଲିରେ ଭଡ଼ାରେ ରହୁଥିବା ବେଳେ ସେଠାରେ ଭିଜିଲାନ୍ସ ଟିମ୍ ଚଢ଼ଉ କରିଛି। ସେହିପରି ଭୁବନେଶ୍ୱର ସୂର୍ଯ୍ୟ ଏନକ୍ଲେଭରେ ଥିବା ଫ୍ଲାଟ୍ ନଂ ୨୨ ଓ ୨୩ରେ ଭିଜିଲାନ୍ସ ଟିମ୍ ଚଢ଼ଉ କରିଥିବା ବେଳେ ଗଞ୍ଜାମ ବୁଗୁଡ଼ା ବାଲିପଦରରେ ଥିବା ମାର୍କେଟ୍ କମ୍ପ୍ଲେକ୍ସରେ ମଧ୍ୟ ଭିଜିଲାନ୍ସ ଟିମ୍ ଚଢ଼ଉ କରିଥିବା ସୂଚନା ମିଳିଛି।

**ମିଲର୍ସଙ୍କ ପାଖରୁ ନେଉଥିଲେ ୫୦ ହଜାର ଟଙ୍କା ଲାଞ୍ଚ**

# କନିଷ୍ଠ ଯନ୍ତ୍ରୀଙ୍କୁ ୨ବର୍ଷ ଜେଲ୍, ଲକ୍ଷେ ଟଙ୍କା ଜରିମାନା

**ଭୁବନେଶ୍ୱର, ୧୨।୭(ସମିସ) :** ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ନୂଆପଡ଼ା ବ୍ଲକର ପୂର୍ବତନ କନିଷ୍ଠ ଯନ୍ତ୍ରୀ କାମଦେବ ଦୀପଙ୍କୁ ଜେଲ ଓ ଜୋରିମାନାରେ ଦଣ୍ଡିତ କରିଛନ୍ତି ଅଦାଲତ। ବଲାଙ୍ଗୀର ସ୍ପେଶାଲ ଭିଜିଲାନ୍ସ କୋର୍ଟ ଏହି ମାମଲାର ଶୁଣାଣି କରି ତାଙ୍କୁ ୨ବର୍ଷ ଜେଲ୍‌ଦଣ୍ଡ ସହ ୧ଲକ୍ଷ ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦେୟ ପାଇଁ ଅଧିକ ୩ମାସ ଦଣ୍ଡ ଭୋଗିବାକୁ କୁହାଯାଇଛି। ନୂଆପଡ଼ା ବ୍ଲକରେ କାମଦେବ ଦୀପ କନିଷ୍ଠ ଯନ୍ତ୍ରୀ ଥିବା ବେଳେ ତାଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗ ଆସୁଥିଲା। ଭିଜିଲାନ୍ସ ଚଢାଉ ବେଳେ ତାଙ୍କ ଠାରୁ ୨୩୪ ପ୍ରତିଶତ ଆୟ ବହିର୍ଭୂତ ସମ୍ପତ୍ତି ଠାବ କରାଯାଇଥିଲା। ଏହି ମାମଲାର ତଦନ୍ତ କରି ସମ୍ବଲପୁର ଭିଜିଲାନ୍ସର ପୂର୍ବତନ ଡିଏସ୍‌ପି ମହେଶ୍ୱର ସେଠୀ କୋର୍ଟରେ ଚାର୍ଜସିଟ୍ ଦାଖଲ କରିଥିଲେ। କୋର୍ଟ ତାଙ୍କର ସବୁ ଦସ୍ତାବିଜ୍ ଏବଂ ସାକ୍ଷ୍ୟ ପରଖିବା ପରେ ଏହି ରାୟ ଦେଇଛନ୍ତି।




## ବିହାରରେ ବଜ୍ରପାତରେ ୨୫ ମୃତ, ୩୯ ଆହତ



ପାଟନା,୧୨।୭(ଏଜେନ୍ସି): ବିହାରରେ ଗତ ୨୪ ଘଣ୍ଟା ମଧ୍ୟରେ ବଜ୍ରପାତରେ ୨୫ ଜଣଙ୍କ ଜୀବନ ଯାଇଛି ଓ ଅନ୍ୟ ୩୯ ଜଣ ଆହତ ହୋଇଛନ୍ତି। ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଏଥିରେ ଶୋକବ୍ୟକ୍ତ କରିଛନ୍ତି। ପ୍ରତ୍ୟେକ ମୃତକଙ୍କ ପରିବାରକୁ ୪ଲକ୍ଷ ଟଙ୍କା ଅନୁକମ୍ପା ରାଶି ଭାବେ ଦିଆଯିବ ବୋଲି ସେ ଘୋଷଣା କରିଛନ୍ତି। ବର୍ଷା ଓ ବିଜୁଳି ବେଳେ ଘରୁ ନ ବାହାରିବା ପାଇଁ ଲୋକଙ୍କୁ ସେ ପରାମର୍ଶ ଦେଇଛନ୍ତି। ଗତ ୨୪ ଘଣ୍ଟା ମଧ୍ୟରେ ବଜ୍ରପାତରେ ମଧୁବନୀ ଜିଲ୍ଲାରେ ୫, ଔରଙ୍ଗାବାଦରେ ୪, ସୁପାଉଲରେ ୩, ନାଳନ୍ଦାରେ ୩, ଲଖିସରାଇରେ ୨, ପାଟନାରେ୨ ଏବଂ ବେଗୁସରାଇ, ଜାମୁଇ, ଗୋପାଳଗଞ୍ଜ, ରୋହତାସ, ସମସ୍ତିପୁର ଓ ପୂର୍ଣ୍ଣିଆରେ ଜଣେ ଲେଖାଏଁ ପ୍ରାଣ ହରାଇଛନ୍ତି। ବିହାରରେ କେବଳ ଜୁଲାଇରେ ବଜ୍ରପାତରେ ୫୦ ଜଣଙ୍କ ମୃତ୍ୟୁ ହେଲାଣି।

## ଅଗଷ୍ଟ ସୁଦ୍ଧା ବାୟୁସେନାକୁ ମିଳିବ ତେଜସ ମାର୍କ-୧ଏ

ନୂଆଦିଲ୍ଲୀ, ୧୨।୭ (ଏଜେନ୍ସି): ହିନ୍ଦୁସ୍ଥାନ ଏରୋନଟିକ୍ସ ଲିମିଟେଡ (ହାଲ୍) ଅଗଷ୍ଟ ୧୫ ସୁଦ୍ଧା ଭାରତୀୟ ବାୟୁ ସେନା (ଆଇଏଏଫ)କୁ ଲଢୁଆ ବିମାନ ଏଲ୍‌ସିଏ ମାର୍କ-୧ଏ (ତେଜସ) ପ୍ରଦାନ କରିବ। ସଫ୍ଟୱେର ଇଣ୍ଟିଗ୍ରେସନରେ ସମସ୍ୟା ଏବଂ ଜିଇ-୪୦୪ ଇଞ୍ଜିନ ଯୋଗାଣରେ ବିଳମ୍ବ ଯୋଗୁଁ ଯୋଗାଣ ବିଳମ୍ବ ହେଉଛି। ଏବେ ଆମେରିକା ଇଞ୍ଜିନ ନିର୍ମାତା କମ୍ପାନୀ 'ଜିଇ' ସେପ୍ଟେମ୍ବର-ଅକ୍ଟୋବରରୁ ଇଞ୍ଜିନ ଯୋଗାଣ ଆରମ୍ଭ ହେବ ବୋଲି କହିଛି। ବାୟୁସେନା ଅଧିକାରୀଙ୍କ ସୂଚନା ଅନୁଯାୟୀ ତେଜସକୁ ପ୍ରଧାନମନ୍ତ୍ରୀଙ୍କ ଉପସ୍ଥିତିରେ ଆଇଏଏଫକୁ ପ୍ରଦାନ କରାଯାଇପାରେ। ୮୩ଟି ଲଢୁଆ ବିମାନ ନିର୍ମାଣ ପାଇଁ ହାଲ୍‌କୁ ୪୮ ହଜାର କୋଟି ଟଙ୍କାର ଅର୍ଡର ଦିଆଯାଇଛି। ୨୦୨୪ ଶେଷ ସୁଦ୍ଧା ଆଉ ୯୭ଟି ବିମାନ ପାଇଁ ୬୫ ହଜାର କୋଟି ଟଙ୍କାର ଅର୍ଡର ମିଳିବାର ସମ୍ଭାବନା ରହିଛି। ଏହା ପୂର୍ବରୁ ୮,୮୦୨ କୋଟି ଟଙ୍କା ବ୍ୟୟରେ ୪୦ ତେଜସ ଅର୍ଡର ଦିଆଯାଇଥିଲା। ଏଥିରୁ ୩୨ଟି ଏକକ ସିଟ୍ ବିଶିଷ୍ଟ ଏବଂ ୨ଟି ଦ୍ୱୈତ ସିଟ୍ ବିଶିଷ୍ଟ ବିମାନ ମିଳିସାରିଛି। ୨୦୨୫ ସୁଦ୍ଧା ବର୍ଷକୁ ୨୪ଟି ବିମାନ ପ୍ରସ୍ତୁତ ପାଇଁ କମ୍ପାନୀ ଲକ୍ଷ୍ୟ ରଖିଛି।



# ସୁପ୍ରିମକୋର୍ଟଙ୍କ ଜାମିନ ସତ୍ତ୍ୱେ ମୁକୁଳିବେନି କେଜ୍ରିୱାଲ

## ଇଡି ମାମଲାରେ ଜାମିନ; ସିବିଆଇ ମାମଲାରେ ୨୫ ଯାଏଁ ନ୍ୟାୟିକ ହେପାଜତ ବୃଦ୍ଧି



ନୂଆଦିଲ୍ଲୀ,୧୨।୭(ଏଜେନ୍ସି): ଦିଲ୍ଲୀ ଅବକାରୀ ନୀତି ଦୁର୍ନୀତି ଏବଂ ଅର୍ଥ ହେରଫେର ମାମଲାରେ ଦୁଇ କେନ୍ଦ୍ରୀୟ ଏଜେନ୍ସି ଇଡି ଏବଂ ସିବିଆଇ ଦ୍ୱାରା ଗିରଫ ହୋଇ ଜେଲରେ ଥିବା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କୁ ଜାମିନ ସତ୍ତ୍ୱେ ମୁକ୍ତି ମିଳିପାରି ନାହିଁ। ଇଡି ମାମଲାରେ ସୁପ୍ରିମକୋର୍ଟ ଶୁକ୍ରବାର କେଜ୍ରିୱାଲଙ୍କୁ ଶୁକ୍ରବାର ଅନ୍ତରୀଣ ଜାମିନ ପ୍ରଦାନ କରିଛନ୍ତି। କିନ୍ତୁ ଏହାର କିଛି ସମୟ ପରେ ସିବିଆଇ ମାମଲାରେ ଦିଲ୍ଲୀର ରାଉଜ୍ ଆଭେନ୍ୟୁ କୋର୍ଟ ତାଙ୍କର ନ୍ୟାୟିକ ହେପାଜତ ଅବଧିକୁ ଜୁଲାଇ ୨୫ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରିଥିବାରୁ କେଜ୍ରିୱାଲ ଜେଲରୁ ମୁକୁଳିବା ସମ୍ଭବ ହୋଇପାରି ନାହିଁ। ସିବିଆଇ ମାମଲାକୁ ନେଇ କେଜ୍ରିୱାଲଙ୍କ ନ୍ୟାୟିକ ଅବଧି ଶେଷ ହେବା ପରେ ଶୁକ୍ରବାର ତାଙ୍କୁ ଭିଡିଓ କନଫରେନ୍ସିଂ ଜରିଆରେ ରାଉଜ୍ ଆଭେନ୍ୟୁ କୋର୍ଟରେ ହାଜର କରାଯାଇଥିଲା। ତେବେ ସିବିଆଇ ପକ୍ଷରୁ କେଜ୍ରିୱାଲଙ୍କ ବିରୋଧରେ ଦାଖଲ କରାଯାଇଥିବା ଅତିରିକ୍ତ ଚାର୍ଜସିଟ୍‌କୁ ପରଖିବା ପରେ ତାଙ୍କର ନ୍ୟାୟିକ ହେପାଜତ ଅବଧି ବୃଦ୍ଧି କରିଥିଲେ। ଅନ୍ୟପକ୍ଷରେ କେଜ୍ରିୱାଲ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେବାକୁ ନେଇ ସୁପ୍ରିମକୋର୍ଟରେ ଚର୍ଚ୍ଚା ହୋଇଥିଲା। ମାର୍ଚ୍ଚ ୨୧ରେ ଇଡି ଗିରଫ କରିବା ପରଠାରୁ ବିରୋଧୀ ବିଜେପି ତାଙ୍କର ଇସ୍ତଫା ଦାବି କରି ଚାଲିଛି। ହେଲେ କେଜ୍ରିୱାଲ ମୁଖ୍ୟମନ୍ତ୍ରୀ ପଦ ଛାଡ଼ି ନାହାନ୍ତି। ଶୁକ୍ରବାର କୋର୍ଟରେ ଶୁଣାଣି ବେଳେ କେଜ୍ରିୱାଲ ମୁଖ୍ୟମନ୍ତ୍ରୀ ପଦ ଛାଡ଼ିବା ଦରକାର କି ନାହିଁ, ସେକଥା ଉଠିଥିଲା। ହେଲେ କୋର୍ଟ ଏହା ଉପରେ କୌଣସି ପ୍ରକାର ନିର୍ଦ୍ଦେଶ ଜାରି କରିପାରିବେ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି। ଅରବିନ୍ଦ କେଜ୍ରିୱାଲ ଜଣେ ନିର୍ବାଚିତ ନେତା ଓ ଦିଲ୍ଲୀର ମୁଖ୍ୟମନ୍ତ୍ରୀ। ଏହି ପଦବୀ ବେଶ ଗୁରୁତ୍ୱପୂର୍ଣ୍ଣ ଓ ଏହାର ପ୍ରଭାବ ମଧ୍ୟ ରହିଛି। ତେଣୁ ଜଣେ ନିର୍ବାଚିତ ପ୍ରତିନିଧିଙ୍କୁ ପଦ ଛାଡ଼ିବାକୁ କୋର୍ଟ କହିପାରିବେ କି ନାହିଁ, ତା'କୁ ନେଇ ମଧ୍ୟ ଆମେ ଦ୍ୱନ୍ଦ୍ୱରେ ରହିଛୁ ବୋଲି ସୁପ୍ରିମକୋର୍ଟ କହିଛନ୍ତି।

### ବିଭବ କୁମାରଙ୍କୁ ମିଳିଲାନି ଜାମିନ



ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କ ପୂର୍ବତନ ବ୍ୟକ୍ତିଗତ ସଚିବ ବିଭବ କୁମାରଙ୍କୁ ଦିଲ୍ଲୀ ହାଇକୋର୍ଟ ଜାମିନ ଦେଲେ ନାହିଁ। ଆଜି ହାଇକୋର୍ଟରେ ବିଭବଙ୍କ ଜାମିନ ଆବେଦନର ଶୁଣାଣି ହୋଇଥିଲା। ହାଇକୋର୍ଟ କହିଛନ୍ତି, ବିଭବ ଦିଲ୍ଲୀ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଥିଲେ। ତେଣୁ ତାଙ୍କର କିଛି ପ୍ରଭାବ ନାହିଁ ବୋଲି କହିବା ଠିକ୍ ନୁହେଁ। ଜାମିନ ପାଇଲେ ସେ ସାକ୍ଷୀଙ୍କୁ ପ୍ରଭାବିତ କରିବା, ପ୍ରମାଣକୁ ନଷ୍ଟ କରିବା ଆଦି କାର୍ଯ୍ୟରେ ଲିପ୍ତ ରହିବା ସମ୍ଭାବନା ରହୁଛି। ଆମ୍ ଆଦମୀ ପାର୍ଟି(ଆପ୍) ରାଜ୍ୟସଭା ସାଂସଦ ସ୍ୱାତି ମାଲିୱାଲ ମୁଖ୍ୟମନ୍ତ୍ରୀ କେଜ୍ରିୱାଲଙ୍କ ବାସଭବନକୁ ଯାଇଥିବା ବେଳେ ବିଭବ କୁମାର ତାଙ୍କୁ ସେଠାରେ ସାଂଘାତିକ ମାଡ଼ ଦେଇଥିଲେ। ମାଲିୱାଲଙ୍କ ଅଭିଯୋଗ କ୍ରମେ ଦିଲ୍ଲୀ ପୁଲିସ୍ ଗତ ମାର୍ଚ୍ଚ ୧୮ ତାରିଖରେ ବିଭବଙ୍କୁ ଗିରଫ କରିଥିଲା। ସେବେଠାରୁ ବିଭବ ଜେଲରେ ଅଛନ୍ତି। ଟ୍ରାଏଲ କୋର୍ଟ ଓ ସେସନ୍ସ କୋର୍ଟ ତାଙ୍କ ଜାମିନ ଆବେଦନ ଖାରଜ କରିଥିଲେ। ଏବେ ହାଇକୋର୍ଟ ମଧ୍ୟ ତାଙ୍କୁ ଜାମିନ ଦେବାକୁ ମନା କରିଥିବାରୁ ସୁପ୍ରିମକୋର୍ଟ ଯିବା ବ୍ୟତୀତ ବିଭବଙ୍କ ପାଖରେ ଅନ୍ୟ ଉପାୟ ନାହିଁ।

### ● ସହିଦ କ୍ୟାପ୍ଟେନଙ୍କ ମାତାପିତାଙ୍କ ଦୁଃଖ

## କୀର୍ତ୍ତିଚକ୍ର ନେଇ ବାପଘରକୁ ପଳାଇଛି ବୋହୂ

ଲକ୍ଷ୍ନୌ, ୧୨।୭ (ଏଜେନ୍ସି): ଉତ୍ତର ପ୍ରଦେଶ ସହିଦ କ୍ୟାପ୍ଟେନ ଅଂଶୁମାନ ସିଂହଙ୍କ ମାତାପିତା ଏବଂ ବୋହୂ ମଧ୍ୟରେ ବିବାଦ ଦାଣ୍ଡରେ ପଡ଼ି ହାଟରେ ଗଡ଼ିଲାଣି। ସହିଦଙ୍କ ପିତା ରବି ସିଂହ ବୋହୂ ସ୍ମୃତିଙ୍କ ବିରୋଧରେ ଗୁରୁତର ଅଭିଯୋଗ ଲଗାଇଛନ୍ତି। ବୋହୂ ଆମ ଘର ଛାଡ଼ି ପଳାଇଛି। ନିଜ ଠିକଣା ମଧ୍ୟ ବଦଳାଇ ଦେଇଛି। ୩-୪ ଦିନ ପର୍ଯ୍ୟନ୍ତ ଦିଲ୍ଲୀରେ ରହିଥିଲୁ ମାତ୍ର ସେ ଆମ ସହ କଥା ହୋଇ ନ ଥିଲେ। କୀର୍ତ୍ତି ଚକ୍ର ମିଳିବାର କୌଣସି ସଙ୍କେତ ମଧ୍ୟ ଆମ ପାଖରେ ନାହିଁ। ପୁଅ ସହ ଜଡିତ ସ୍ମୃତି ବିଷୟରେ ବୋହୂର କିଛି ଯାଏ ଆସେ ନାହିଁ। ସେ ଆମକୁ କୀର୍ତ୍ତି ଚକ୍ର ଛୁଇଁବାକୁ ମଧ୍ୟ ଦେଇ ନ ଥିଲେ। ପୁଅର ଫଟୋରେ ଏହା ଲଗାଇବାକୁ ମଧ୍ୟ ଆମେ ଯୋଗ୍ୟ ନୁହେଁ। ସବୁ କିଛି ବୋହୂକୁ ଦିଆଯାଇଥିଲା। ଏବେ ଏହି ସମ୍ମାନର ନିୟମ ବଦଳିବା ଉଚିତ। ବୋହୂମାନେ ଘର ଛାଡ଼ି ପଳାଉଛନ୍ତି। ଏଭଳି ସ୍ଥିତିରେ ମାତାପିତାଙ୍କୁ କିଛି ମିଳୁନାହିଁ। ଆମେ ବୋହୂକୁ ଝିଅ ଭାବିଥିଲୁ। ସାନ ପୁଅ ସହ ବିବାହ କରାଇବାକୁ ମଧ୍ୟ ପ୍ରସ୍ତୁତ ଥିଲୁ। କିନ୍ତୁ ବୋହୂ ଏପରି କରିବ ବୋଲି ଭାବି ନ ଥିଲୁ। ବୋହୂ ଆମ ସମସ୍ତଙ୍କୁ ଛାଡ଼ି ଚାଲିଗଲା। ତାର କେବଳ ଟଙ୍କା ଦରକାର ବୋଲି ସହିଦଙ୍କ ମାତାପିତା ଅଭିଯୋଗ କରିଛନ୍ତି। ଏହା ଉପରେ ସ୍ମୃତି କହିଛନ୍ତି ଯେ ଯାହାର ଯେମିତି ଚିନ୍ତାଧାରା ସେ ସେମିତି କରିବେ। ଏଥିରେ କୌଣସି ଆପତ୍ତି ନାହିଁ।

## ଆସ୍ଥା ଭୋଟରେ ହାରିଲା ପ୍ରଚଣ୍ଡ ସରକାର

କାଠମାଣ୍ଡୁ,୧୨।୭(ଏଜେନ୍ସି): ୧୯ ମାସ ପରେ ପୁଣିଥରେ ପ୍ରଚଣ୍ଡ ସରକାରଙ୍କୁ ଧକ୍କା ଲାଗିବା ସହିତ ନେପାଳ ରାଜନୀତିରେ ହଟଚମଟ ସୃଷ୍ଟି ହୋଇଛି। ଶୁକ୍ରବାର ନେପାଳ ସଂସଦରେ ହୋଇଥିବା ଆସ୍ଥା ଭୋଟରେ ପ୍ରଧାନମନ୍ତ୍ରୀ ପୁଷ୍ପ କମଲ ଦହଲ 'ପ୍ରଚଣ୍ଡ' ହାରି ଯାଇଛନ୍ତି। ପ୍ରଚଣ୍ଡ ସରକାରରେ ସାମିଲ ରହିଥିବା ସବୁଠୁ ବଡ଼ ରାଜନୈତିକ ଦଳ ଭାବେ ନେପା କମ୍ୟୁନିଷ୍ଟ ପାର୍ଟି ସମର୍ଥନ ପ୍ରତ୍ୟାହାର କରିବା ପରେ ଆସ୍ଥା ଭୋଟ ପ୍ରସ୍ତାବ ଆସିଥିଲା। କିନ୍ତୁ ପ୍ରଧାନମନ୍ତ୍ରୀ ପୁଷ୍ପ କମଲ ଶକ୍ତି ପରୀକ୍ଷାରେ ହାରି ଯାଇଛନ୍ତି। ନେପାଳର ୨୭୫ ସଦସ୍ୟ ବିଶିଷ୍ଟ ସଂସଦରେ କୌଣସି ଦଳକୁ ସଂଖ୍ୟାଗରିଷ୍ଠତା ହାସଲ କରିବା ପାଇଁ ୧୩୮ ସଦସ୍ୟଙ୍କ ସମର୍ଥନର ଆବଶ୍ୟକତା ରହିଛି। ହେଲେ ବାଚସ୍ପତି ଦେବରାଜ ଘିମିରେଙ୍କ ସୂଚନା ଅନୁସାରେ ପୁଷ୍ପ କମଲଙ୍କ ସପକ୍ଷରେ ୬୩ ଭୋଟ ମିଳିଥିଲା ବେଳେ ବିପକ୍ଷରେ ୧୯୪ ଭୋଟ ପଡ଼ିଥିଲା। ଫଳରେ ପ୍ରଧାନମନ୍ତ୍ରୀ ପଦରୁ ପୁଷ୍ପ କମଲ ଇସ୍ତଫା ଦେବା ସହିତ ତାଙ୍କର ୧୯ ମାସର ସରକାରର ପତନ ଘଟିଛି।

### ● ଜାତିସଂଘରେ ରୁଷ୍ ବିରୋଧୀ ସଙ୍କଳ୍ପ ପାରିତ

## ଅନୁପସ୍ଥିତ ରହିଲା ଭାରତ

ନ୍ୟୁୟର୍କ, ୧୨।୭(ଏଜେନ୍ସି): ୟୁକ୍ରେନ ଉପରେ ରୁଷ ଯେଉଁ ଆକ୍ରମଣ ଜାରି ରଖିଛି ତାକୁ ତୁରନ୍ତ ବନ୍ଦ କରି ୟୁକ୍ରେନ ଭୂମିରୁ ତା'ର ସମସ୍ତ ସୈନ୍ୟ ଓ ଜାପୋରିଜିଆ ନ୍ୟୁକ୍ଲିଅର ପାଓ୍ୱାର ପ୍ଲାଣ୍ଟରୁ ଅନଧିକୃତ ଭାବେ ପ୍ରବେଶ କରିଥିବା ସମସ୍ତ ବ୍ୟକ୍ତିଙ୍କୁ ହଟାଉ ଦାବି କରି ଏକ ସଙ୍କଳ୍ପ ଗତକାଲି ଜାତିସଂଘ ସାଧାରଣ ପରିଷଦରେ ପାରିତ ହୋଇଛି। ଜାତିସଂଘରେ ୧୯୩ ସଦସ୍ୟ ଦେଶ ଅଛନ୍ତି। ସଙ୍କଳ୍ପ ସପକ୍ଷରେ ୯୯ ଭୋଟ ମିଳିଥିବା ବେଳେ ସଙ୍କଳ୍ପ ବିରୋଧରେ ୯ଟି ଭୋଟ ମିଳିଥିଲା। ଭାରତ ସମେତ ୬୦ଟି ଦେଶ ଭୋଟ ବେଳେ ଅନୁପସ୍ଥିତ ଥିଲେ। ଭୋଟ ବେଳେ ଅନୁପସ୍ଥିତ ରହିବାକୁ ନିଷ୍ପତ୍ତି ନେଇଥିବା ଅନ୍ୟ କେତେକ ଦେଶ ହେଲେ ବାଂଲା ଦେଶ, ଭୁଟାନ, ଚୀନ, ଇଜିପ୍ଟ, ନେପାଳ, ପାକିସ୍ତାନ, ସାଉଦୀ ଆରବ, ଦକ୍ଷିଣ ଆଫ୍ରିକା ଓ ଶ୍ରୀଲଙ୍କା। ସଙ୍କଳ୍ପ ବିରୋଧରେ ଭୋଟ ଦେଇଥିବା କେତେକ ଦେଶ ହେଲେ ବେଲାରୁଷ୍, କ୍ୟୁବା, ଉତ୍ତର କୋରିଆ, ରୁଷ୍ ଓ ସିରିୟା। ସଙ୍କଳ୍ପର ଶୀର୍ଷକ ଥିଲା 'ସେଫଟି ଆଣ୍ଡ ସିକ୍ୟୁରିଟି ଅଫ୍ ନ୍ୟୁକ୍ଲିଅର ଫାସିଲିଟିଜ୍ ଅଫ୍ ୟୁକ୍ରେନ ଇନକ୍ଲୁଡିଂ ଜାପୋରିଜିଆ ନ୍ୟୁକ୍ଲିଅର ପାଓ୍ୱାର ପ୍ଲାଣ୍ଟ'। ସେଥିରେ ଉଲ୍ଲେଖ ଥିଲା,ରୁଷର ଆକ୍ରମଣ ୟୁକ୍ରେନର କ୍ରିଟିକାଲଏନର୍ଜି ଇନଫ୍ରାଷ୍ଟ୍ରକଚର ପ୍ରତି ବିପଦ ସୃଷ୍ଟି କରୁଛି ଓ ଆଣବିକ ଦୁର୍ଘଟଣା ଘଟିବା ସମ୍ଭାବନା ରହିଛି। ଏହି ସଙ୍କଳ୍ପ ୟୁକ୍ରେନ ପକ୍ଷରୁ ଉପସ୍ଥାପିତ ହୋଇଥିଲା ଓ ଫ୍ରାନ୍ସ, ଜର୍ମାନୀ, ଆମେରିକା ଆଦି ୫୦ ଦେଶ ସଙ୍କଳ୍ପକୁ ସମର୍ଥନ କରିଥିଲେ। ଏହାକୁ ନେଇ ଜାତିସଂଘର ରୁଷ ସ୍ଥାୟୀ ପ୍ରତିନିଧି ପ୍ରଥମ ଡେପୁଟି ଦିମିତ୍ରି ପୋଲ୍ୟାନସ୍କି କହିଛନ୍ତି, ଏଭଳି ଏକ ସଙ୍କଳ୍ପ ପାରିତ କରି ଆମେରିକା ଓ ତା'ର ମିତ୍ର ରାଷ୍ଟ୍ରମାନେ ସଂଘର୍ଷ ଜାରି ରହୁ ବୋଲି ଚାହୁଁଛନ୍ତି।

### ● ମହାରାଷ୍ଟ୍ର ଏମଏଲ୍‌ସି ନିର୍ବାଚନ

## ଏନ୍‌ଡିଏ ୯, ଇଣ୍ଡିଆ ୨ ଆସନରେ ବିଜୟୀ

ମୁମ୍ବାଇ, ୧୨।୭ (ଏଜେନ୍ସି): ମହାରାଷ୍ଟ୍ର ବିଧାନ ପରିଷଦଲ (ଏମଏଲସି) ନିର୍ବାଚନ ପାଇଁ ଶୁକ୍ରବାର ମତଦାନ ହୋଇଛି। ଏହି ନିର୍ବାଚନରେ କ୍ଷମତାସୀନ ଏନ୍‌ଡିଏ ବଡ଼ ବିଜୟ ହାସଲ କରିଛି। ଏହି ମେଣ୍ଟକୁ ୯ ଆସନ ଏବଂ ବିରୋଧୀ ମେଣ୍ଟ ଇଣ୍ଡିଆକୁ ୨ଟି ଆସନ ମିଳିଛି। ବିରୋଧୀ ମେଣ୍ଟର ଜଣେ ସଦସ୍ୟ ହାରି ଯାଇଥିବାବେଳେ କଂଗ୍ରେସର ୭ରୁ ୮ ବିଧାୟକ କ୍ରସ ଭୋଟିଂ କରିଥିବା ସୂଚନା ମିଳିଛି। ୧୧ଟି ଆସନ ମଧ୍ୟରୁ ବିଜେପିକୁ ୫ଟି, ଶିବସେନାର ସିନ୍ଦେ ଗୋଷ୍ଠୀ ଏବଂ ଅଜିତ ପାୱାରଙ୍କ ଏନ୍‌ସିପି ହାତକୁ ୨ଟି ଲେଖାଏଁ ଆସନ ଯାଇଛି। ସେହିପରି ବିରୋଧୀ ଶିବସେନା (ୟୁବିଟି) ଏବଂ କଂଗ୍ରେସ ଗୋଟିଏ ଲେଖାଏଁ ଆସନରେ ବିଜୟୀ ହୋଇଛି। ଶରଦ ପାୱାରଙ୍କ ସମର୍ଥନରେ ଛିଡ଼ା ହୋଇଥିବା ଜୟନ୍ତ ପାଟିଲ ନିର୍ବାଚନ ହାରି ଯାଇଛନ୍ତି। ସୂଚନା ଅନୁଯାୟୀ ଏମଏଲସି ନିର୍ବାଚନରେ ବିଜୟୀ ହେବା ପାଇଁ ଜଣେ ପ୍ରାର୍ଥୀଙ୍କୁ ୨୩ ବିଧାୟକଙ୍କ ଭୋଟ ଦରକାର ଥିଲା।

## ଜଗନମୋହନଙ୍କ ବିରୋଧରେ ହତ୍ୟା ଉଦ୍ୟମ ମାମଲା

ଗୁଣ୍ଟୁର, ୧୨।୭ (ଏଜେନ୍ସି): ଆନ୍ଧ୍ର ପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ୱାଇଏସଆର କଂଗ୍ରେସ ମୁଖ୍ୟ ଜଗନ ମୋହନ ରେଡ୍ଡୀଙ୍କ ସହିତ ୨ ଆଇପିଏସ ଅଧିକାରୀଙ୍କ ବିରୋଧରେ ଏତଲା ରୁଜୁ କରାଯାଇଛି। କ୍ଷମତାସୀନ ଟିଡିପି ବିଧାୟକ ରଘୁରାମ କୃଷ୍ଣ ରାଜୁ ଜଗନ ମୋହନଙ୍କ ଅଭିଯୋଗରେ ପୁଲିସ ଏହି କାର୍ଯ୍ୟାନୁଷ୍ଠାନ ନେଇଛି। ରାଜୁ କହିଛନ୍ତି ଯେ ଜଗନ ରେଡ୍ଡୀ ଆଇପିଏସ ପିଭି ସୁନୀଲ କୁମାର ଏବଂ ଆଇପିଏସ ପିଏସଆର ସୀତାରମଞ୍ଜନୟୁଲୁଙ୍କ ସହ ମିଶି ତାଙ୍କ ବିରୋଧରେ ଆପରାଧିକ ଷଡ଼ଯନ୍ତ୍ର ରଚିଥିଲେ। ଏହି ମାମଲାରେ ପୁଲିସ ଅଧିକାରୀ ଆର୍ ବିଜୟ ପାଲ ଏବଂ ଗୁଣ୍ଟୁର ସରକାରୀ ଜେନେରାଲ ହସ୍ପିଟାଲର ପୂର୍ବତନ ଅଧିକ୍ଷକ ଜି ପ୍ରଭାୱତ ମଧ୍ୟ ଅଭିଯୁକ୍ତ ଅଛନ୍ତି। ସୂଚନା ଅନୁଯାୟୀ ୨୦୨୧ ମେ' ୧୪ରେ କରୋନା ମହାମାରୀ ମଧ୍ୟରେ ରାଜୁଙ୍କୁ ଗିରଫ କରାଯାଇଥିଲା। ସେତେବେଳର ମୁଖ୍ୟମନ୍ତ୍ରୀ ଜଗନ ରେଡ୍ଡୀଙ୍କୁ ସମାଲୋଚନା କରିବାରୁ ହତ୍ୟା ଧମକ ଦିଆଯାଇଥିଲା।

## ଜୁନ୍ ୨୫କୁ କେନ୍ଦ୍ର ପାଳିବ 'ସମ୍ବିଧାନ ହତ୍ୟା ଦିବସ'

ନୂଆଦିଲ୍ଲୀ,୧୨।୭(ଏଜେନ୍ସି): ୧୯୭୫ ମସିହାରେ ଦେଶରେ ଲାଗୁ କରାଯାଇଥିବା ଜରୁରୀକାଳୀନ ପରିସ୍ଥିତି ସମ୍ବିଧାନ ଏବଂ ଗଣତାନ୍ତ୍ରିକ ବ୍ୟବସ୍ଥା ପ୍ରତି ଶକ୍ତ କୁଠାରଘାତ। ତେଣୁ ପ୍ରତିବର୍ଷ ଜୁନ ୨୫କୁ ଦେଶରେ ସମ୍ବିଧାନ ହତ୍ୟା ଦିବସ ଭାବେ ପାଳନ କରିବାକୁ କେନ୍ଦ୍ର ସରକାର ଶୁକ୍ରବାର ଘୋଷଣା କରିଛନ୍ତି। ୧୯୭୫ ମସିହା ଜୁନ ୨୫ରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଦେଶରେ ଜରୁରୀକାଳୀନ ପରିସ୍ଥିତି ଲାଗୁ କରିଥିଲେ। କିନ୍ତୁ ଗଣତନ୍ତ୍ର ଏବଂ ସମ୍ବିଧାନ ଉପରେ ଏହା ଆକ୍ରମଣ ଥିଲା ବୋଲି କେନ୍ଦ୍ର ମନ୍ତ୍ରୀ ଅମିତ ଶାହ କହିଛନ୍ତି। ସେ କହିଛନ୍ତି ଯେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ନିଜର ଏକଛତ୍ରବାଦୀ ମାନସିକତାକୁ ନେଇ ସେ ସମୟରେ ଦେଶରେ ଜରୁରୀକାଳୀନ ପରିସ୍ଥିତି ଲାଗୁ କରିଥିଲେ। ସେ ଏଭଳି କାର୍ଯ୍ୟ କରି ଦେଶର ଗଣତନ୍ତ୍ର ଏବଂ ସାମ୍ବିଧାନିକ ବ୍ୟବସ୍ଥାକୁ ହତ୍ୟା କରିଥିଲେ। ଏହି ସମୟରେ ଲକ୍ଷ ଲକ୍ଷ ନେତା ଓ ଜନତାଙ୍କୁ ଜେଲରେ ଭର୍ତ୍ତି କରାଯାଇଥିଲା। ସମ୍ବିଧାନର ଚତୁର୍ଥ ସ୍ତମ୍ଭ ଭାବେ ପରିଚିତ ଗଣମାଧ୍ୟମ ସ୍ୱରକୁ ମଧ୍ୟ ଚାପି ଦିଆଯାଇଥିଲା। ଏଥିପାଇଁ ଭାରତ ସରକାର ପ୍ରତିବର୍ଷ ଜୁନ ୨୫କୁ ସମ୍ବିଧାନ ହତ୍ୟା ଦିବସ ଭାବେ ପାଳନ କରିବାକୁ ନିଷ୍ପତ୍ତି ନେଇଛନ୍ତି ବୋଲି ଶ୍ରୀ ଶାହ କହିଛନ୍ତି।

## ଜୁନ୍ ୪କୁ କଂଗ୍ରେସ ପାଳିବ 'ମୋଦୀ ମୁକ୍ତ ଦିବସ'

କେନ୍ଦ୍ର ସରକାରଙ୍କ ଏଭଳି ଘୋଷଣାକୁ ନେଇ କଂଗ୍ରେସ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିବା ସହିତ ଏହା କପଟୀ ମୋଦୀ ସରକାରଙ୍କ ଆଉ ଏକ ନାଟକ ବୋଲି କହିଛି। ଯେଉଁ ସରକାର ବିଗତ ୧୦ ବର୍ଷ ହେଲା ଦେଶରେ ଏକଛତ୍ରବାଦ ଶାସନ ଚଳାଇଛି ଦେଶବାସୀ ଏହି ନିର୍ବାଚନରେ ଉଚିତ୍ ଶିକ୍ଷା ଦେଇଛନ୍ତି। ୨୦୨୪ ଜୁନ୍ ୪ରେ ପ୍ରକାଶ ପାଇଥିବା ନିର୍ବାଚନ ଫଳାଫଳରେ ଏହା ପ୍ରମାଣିତ ହୋଇଛି। ପ୍ରତିବର୍ଷ ଏହି ଦିନକୁ 'ମୋଦୀ ମୁକ୍ତି ଦିବସ' ଭାବେ ପାଳନ କରିବାକୁ କଂଗ୍ରେସ ନିଷ୍ପତ୍ତି ନେଇଛି।

### ୟୁକ୍ରେନ ଯୁଦ୍ଧ ଭୂମିରେ ରୁଷ୍ ସେନାରେ ଫସିଛନ୍ତି ଭାରତୀୟ

## ଗୋଟିଏ କଣ୍ଟିଜେଣ୍ଟରେ ୧୫ ଭାରତୀୟଙ୍କ ମଧ୍ୟରୁ ମଲେଣି ୧୩

ନୂଆଦିଲ୍ଲୀ,୧୨।୭(ଏଜେନ୍ସି): ରୁଷିଆରେ ଚାକିରି କରିବାକୁ ଯାଇ ଅନେକ ଭାରତୀୟ ଫସିଥିବା ଖବର ବିଗତ କିଛି ମାସ ଧରି ଉଦ୍‌ବେଗ ସୃଷ୍ଟି କରିଆସିଛି। ବିଶେଷକରି ଚାକିରି କରିବାକୁ ଯାଇଥିବା ଭାରତୀୟମାନଙ୍କୁ ରୁଷ ସେନାରେ ଜବରଦସ୍ତ ଭର୍ତ୍ତି କରାଯାଇ ୟୁକ୍ରେନ ଯୁଦ୍ଧଭୂମିକୁ ପଠାଇ ଦିଆଯାଇଥିଲା ବେଳେ ସେମାନେ ଚାହିଁଲେ ବି ସ୍ୱଦେଶ ଫେରି ପାରୁନାହାନ୍ତି। ଏହାମଧ୍ୟରେ ଅନେକ ଭାରତୀୟଙ୍କ ମଧ୍ୟ ମୃତ୍ୟୁ ହୋଇସାରିଲାଣି। ରୁଷ ସେନାରେ ସାମିଲ ଥିବା ଜଣେ ଭାରତୀୟ ଏବେ ଏ ସମ୍ପର୍କିତ ଏକ ଖବର ଭିଡିଓ ବାର୍ତ୍ତା ଯୋଗେ ପଠାଇବା ପରେ ସେଠାକାର ଯୁଦ୍ଧଭୂମିରେ ଭାରତୀୟମାନେ କିଭଳି ମୃତ୍ୟୁମୁଖରେ ପଡୁଛନ୍ତି ତାହାର ଚିତ୍ର ସାମ୍ନାକୁ ଆସିଛି। ପଶ୍ଚିମବଙ୍ଗର କାଲିମପୋଙ୍ଗ ଜିଲ୍ଲାର ୪୭ ବର୍ଷୀୟ ଉରଗେନ ତମାଙ୍ଗ ରୁଷିଆକୁ ସିକ୍ୟୁରିଟି ଗାର୍ଡ ଚାକିରି କରିବାକୁ ଯାଇଥିଲେ। ତାଙ୍କୁ ଯେଉଁ ଏଜେଣ୍ଟ ସେଠାକୁ ନେଇଥିଲା ଏହି ଚାକିରି ଦେବାକୁ ପ୍ରତିଶ୍ରୁତି ଦେଇଥିଲା। କିନ୍ତୁ ସିକ୍ୟୁରିଟି ଗାର୍ଡ ବଦଳରେ ଗତ ୬ ମାସ ହେଲା ଉରଗେନ ରୁଷ ସେନାର ଏକ କଣ୍ଟିଜେଣ୍ଟରେ ସାମିଲ ହୋଇ ୟୁକ୍ରେନ ବିପକ୍ଷ ଯୁଦ୍ଧରେ ସାମିଲ ହୋଇଛନ୍ତି ବୋଲି ଏକ ଭିଡିଓ ବାର୍ତ୍ତାରେ କହିଛନ୍ତି। ଏହି କଣ୍ଟିଜେଣ୍ଟରେ ୧୫ ଭାରତୀୟ ରହିଥିଲା ବେଳେ ବର୍ତ୍ତମାନ ସୁଦ୍ଧା ୧୩ ଜଣଙ୍କ ମୃତ୍ୟୁ ହୋଇସାରିଛି ବୋଲି ସେ ତାଙ୍କ ବାର୍ତ୍ତାରେ କହିଛନ୍ତି। ତାଙ୍କୁ ମଧ୍ୟ କୌଣସି ମୁହୂର୍ତ୍ତରେ ମୃତ୍ୟୁର ଦ୍ୱାର ଦେଖିବାକୁ ପଡ଼ିପାରେ ବୋଲି ଉରଗେନ କହିଛନ୍ତି। ଏହି କଣ୍ଟଜେଣ୍ଟରେ ସାମିଲ ରହିଥିବା ଅଣ-ରୁଷୀୟଙ୍କ ମଧ୍ୟରେ ତାଙ୍କ ସହ ଶ୍ରୀଲଙ୍କାର ଜଣେ ବ୍ୟକ୍ତି ରହିଥିବା ସେ କହିଛନ୍ତି। ଉରଗେନ ରୁଷିଆରେ ଫସି ରହିଥିବା ଖବର ପ୍ରଥମେ ଇଣ୍ଡିଆନ ଏକ୍ସପ୍ରେସରେ ପ୍ରକାଶ ପାଇବା ପରେ ତାଙ୍କ ପରିବାର ପକ୍ଷରୁ କାଲିମପୋଙ୍ଗ ମ୍ୟୁନିସିପାଲିଟି ବୋର୍ଡ ଅଧ୍ୟକ୍ଷଙ୍କୁ ଗୁହାରି କରାଯାଇ ଉରଗେନଙ୍କୁ ଉଦ୍ଧାର କରିବାକୁ କୁହାଯାଇଥିଲା। କିନ୍ତୁ କୌଣସି ସୁଫଳ ମିଳିପାରି ନାହିଁ। ପ୍ରଧାନମନ୍ତ୍ରୀ ମୋଦୀ ନିକଟରେ ରୁଷ ଗସ୍ତ କରି ରାଷ୍ଟ୍ରପତି ପୁଟିନଙ୍କୁ ଭେଟିଥିଲା ବେଳେ ଭାରତୀୟମାନଙ୍କୁ ମୁକ୍ତି କରିବାକୁ ଅନୁରୋଧ କରିଥିବା ଏବଂ ପୁଟିନ ଏଥିପାଇଁ ସହମତି ପ୍ରକାଶ କରିଥିବାରୁ ଆଗକୁ ଭାରତୀୟମାନଙ୍କୁ ମୁକ୍ତି ମିଳିପାରେ ବୋଲି ଆଶା କରାଯାଉଛି।



ଉରଗେନ ତମାଙ୍ଗ

## ହାଥ୍‌ରସ ମାମଲାର ଶୁଣାଣିକୁ ସୁପ୍ରିମକୋର୍ଟଙ୍କ ନା

ନୂଆଦିଲ୍ଲୀ,୧୨।୭(ଏଜେନ୍ସି): ଉତ୍ତର ପ୍ରଦେଶ ହାଥରସ ଦଳାଚକଟାକୁ ନେଇ ଦାଏର ଆବେଦନର ଶୁଣାଣି କରିବାକୁ ସୁପ୍ରିମକୋର୍ଟ ଶୁକ୍ରବାର ମନା କରିଦେଇଛନ୍ତି। ମାତ୍ର ଭାରତର ପ୍ରଧାନ ବିଚାରପତି ଡିୱାଇ ଚନ୍ଦ୍ରଚୂଡ଼ ଏହି ଘଟଣା ଚିନ୍ତାଜନକ ବୋଲି କହିଛନ୍ତି। କିନ୍ତୁ ଏଭଳି ମାମଲା ପାଇଁ ହାଇକୋର୍ଟ ପର୍ଯ୍ୟାପ୍ତ। ତେଣୁ ସିଜେଆଇ ଆବେଦନକାରୀଙ୍କୁ ହାଇକୋର୍ଟ ଯିବାକୁ ପରାମର୍ଶ ଦେଇଛନ୍ତି। ଏହି ଜନସ୍ୱାର୍ଥ ମାମଲାରେ ଅଘଟଣର ତଦନ୍ତ ଦାବି କରାଯାଇଥିଲା। ଜୁଲାଇ ୨ ତାରିଖରେ ଦାଖଲ ଏହି ଆବେଦନରେ ସୁପ୍ରିମକୋର୍ଟର ଅବସରପ୍ରାପ୍ତ ବିଚାରପତିଙ୍କ ନେତୃତ୍ୱରେ ୫ ଜଣିଆ ବିଶେଷଜ୍ଞ କମିଟି ଯାଞ୍ଚ କରୁ ବୋଲି ଦାବି କରାଯାଇଥିଲା।

### ପଦାରେ ପଡ଼ିଲା ଡବଲ୍ ଇଞ୍ଜିନ ଅବ୍ୟବସ୍ଥା

# ବର୍ଷା-ବନ୍ୟାରେ ୟୁପି ବେହାଲ

- ପାଣିରେ ବୁଡ଼ିଛି ୟୁପିର ୯୨୩ ଗାଁ
- ଭୟରେ ପଳାୟନ କରୁଛନ୍ତି ଲୋକେ
- ୨୪ ଘଣ୍ଟାରେ ୫୪ ମୃତ
- ଦିଲ୍ଲୀ-ଲକ୍ଷ୍ନୌ ରାଜପଥରେ ୩ ଫୁଟର ପାଣି



ଲକ୍ଷ୍ନୌ, ୧୨।୭ (ଏଜେନ୍ସି): ବର୍ଷା ଏବଂ ବନ୍ୟା ଉତ୍ତର ପ୍ରଦେଶରେ ବିପର୍ଯ୍ୟୟ ଆଣିଛି। ନଦୀଗୁଡିକ ଫୁଲିବା ଯୋଗୁଁ ୧୬ ଜିଲ୍ଲାରେ ହାହାକାର ସ୍ଥିତି ସୃଷ୍ଟି ହୋଇଛି। ପିଲିଭିତ, ଲଖୀମପୁର ଖେରି, ବହରାଇଚ, ଶ୍ରାବସ୍ତି, ବଳରାମପୁର, ସିଦ୍ଧାର୍ଥନଗର, ମହରାଜଗଞ୍ଜ ଆଦି ଜିଲ୍ଲାର ୯୨୩ ଗାଁ ବନ୍ୟା ଘେରରେ ରହିଛି। ଏଠାକାର ୨୪ ଲକ୍ଷରୁ ଅଧିକ ଲୋକ ପ୍ରଭାବିତ ହୋଇଛନ୍ତି। ଦିଲ୍ଲୀ-ଲକ୍ଷ୍ନୌ ହାଇୱେରେ ୨ରୁ ୩ ଫୁଟ ପାଣି ଜମା ହୋଇଛି। ଏଥିଯୋଗୁଁ ହାଇୱେର ଗୋଟିଏ ପାର୍ଶ୍ୱକୁ ବନ୍ଦ କରିଦିଆଯାଇଛି। ପାହାଡ଼ିଆ ଅଞ୍ଚଳରେ ହେଉଥିବା ବର୍ଷା ଯୋଗୁଁ ନେପାଳ-ୟୁପି ସୀମାର ଅନେକ ଜିଲ୍ଲାରେ ବନ୍ୟା ସ୍ଥିତି ସୃଷ୍ଟି ହୋଇଛି। ବନ୍ୟା ଯୋଗୁଁ ଶାହଜହାଁପୁରରେ ସ୍ଥିତି ବିଗିଡ଼ିବାରେ ଲାଗିଛି। ଏଠାରୁ ଲୋକେ ପଳାୟନ ଆରମ୍ଭ କରିଛନ୍ତି। ହରଦୋଇରେ ବନ୍ୟା ଯୋଗୁଁ ବର ଗୋଟିଏ କିମି ପର୍ଯ୍ୟନ୍ତ ଚାଲି ଚାଲି ଯାଇଛି। ବଳରାମପୁର ପ୍ରାଥମିକ ସ୍କୁଲ୍‌ରେ ୩ ଫୁଟର ପାଣି ଜମା ହୋଇଛି। ଏଠାରେ ପିଲା ଗାଧୋଉଥିବା ଦେଖାଯାଉଛି। ବନ୍ୟା ଏବଂ ବର୍ଷା ଦ୍ୱାରା ଡବଲ ଇଞ୍ଜିନ ସରକାରର ବିକାଶ କାର୍ଯ୍ୟରେ ପାଣି ପଶିଯାଇଛି। ଭିତ୍ତିଭୂମି ବିକାଶକୁ ନେଇ ଯେଉଁ ସୁନେଲି ଚିତ୍ର ଦେଖା ଯାଉଥିଲା ତାହା ପଦାରେ ପଡ଼ିଯାଇଛି। ଏହାକୁ ନେଇ ବିରୋଧୀ ଦଳଗୁଡିକ ସରକାରଙ୍କୁ ସମାଲୋଚନା କରୁଛନ୍ତି।

ଅନ୍ୟପଟେ ଗତ ୨୪ ଘଣ୍ଟାରେ ପ୍ରାକୃତିକ ବିପର୍ଯ୍ୟୟରେ ୫୪ ଲୋକଙ୍କ ମୃତ୍ୟୁ ହୋଇଛି। ବଜ୍ରପାତରେ ୪୩ ଜଣ, ସାପ କାମୁଡ଼ିବାରୁ ୨ ଜଣ ଏବଂ ପାଣିରେ ବୁଡ଼ି ୯ ଜଣଙ୍କ ଜୀବନ ଯାଇଛି। ସେହିପରି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ବନ୍ୟା ପ୍ରଭାବିତ ଜିଲ୍ଲା ଉପରେ ନଜର ରଖିଛନ୍ତି। ଉଦ୍ଧାରକାର୍ଯ୍ୟରେ ଅବହେଳାକୁ ନେଇ ସେ ୫ ଜିଲ୍ଲାର ଏଡିଏମଙ୍କୁ ଜବାବ ତଲବ କରିଛନ୍ତି।

## ଭୁଲ୍ ବ୍ୟକ୍ତିଙ୍କୁ ଧରିଲା ସିବିଆଇ

ନୂଆଦିଲ୍ଲୀ, ୧୨।୭ (ଏଜେନ୍ସି): ୟୁଜି-ନିଟ୍ ପ୍ରଶ୍ନପତ୍ର ପ୍ରଘଟ ମାମଲାରେ ଗିରଫ ଗଙ୍ଗାଧର ଗୁଣ୍ଡେଙ୍କୁ ଦିଲ୍ଲୀ ରାଉଜ ଆଭିନ୍ୟ କୋର୍ଟ ଶୁକ୍ରବାର ଜାମିନ ପ୍ରଦାନ କରିଛନ୍ତି। ସିବିଆଇ ଭୁଲ୍‌ରେ ତାଙ୍କୁ ଗିରଫ କରିଥିଲା ବୋଲି କୋର୍ଟ କହିଛନ୍ତି। ସମାନ ନାମ ଯୋଗୁଁ ସିବିଆଇ ଭଳି ତଦନ୍ତକାରୀ ଏଜେନ୍ସି ଏପରି ଭୁଲ୍ କରିଥିଲା। ଏଜେନ୍ସି ମହାରାଷ୍ଟ୍ର ଲାତୁରର ଏନ୍. ଗଙ୍ଗାଧର ଅପ୍ପାଙ୍କ ବିରୋଧରେ ମାମଲା ରୁଜୁ କରିଥିଲା।

## ଲେହରେ ୨ ଯବାନ ମୃତ

ନୂଆଦିଲ୍ଲୀ, ୧୨।୭ (ଏଜେନ୍ସି): ଲଦାଖର ଲେହରେ ସାମରିକ ଉପକରଣ ମରାମତି ସମୟରେ ବଡ଼ ଅଘଟଣ ଘଟିଛି। ଏକ ଉପକରଣରେ ବିସ୍ଫୋରଣ ହେବା ଯୋଗୁଁ ୨ ଯବାନଙ୍କ ମୃତ୍ୟୁ ହୋଇଛି। ସୂଚନା ଅନୁଯାୟୀ ବିସ୍ଫୋରଣ ପରେ କ୍ରାଫ୍ଟସମ୍ୟାନ ଶଙ୍କର ରାଓ ଗୋଟାପୁ ଏବଂ ହାବିଲଦାର ଶାହନୱାଜ ଅହମ୍ମଦ ଭଟ୍ଟ ଗୁରୁତର ଆହତ ହୋଇଥିଲେ। ଉଭୟଙ୍କୁ ଏୟାରଲିଫ୍ଟ କରି ଲେହର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ମାତ୍ର ଚିକିତ୍ସାଧୀନ ଅବସ୍ଥାରେ ଉଭୟେ ପ୍ରାଣ ହରାଇ ଥିଲେ।

ହେଉନି ମରାମତି

# ଲକ୍ଷ୍ମୀପୁର ଗ୍ରାମ୍ୟ ଉନ୍ନୟନ ରାସ୍ତା ଫାଟି ଆଁ

**କୟାଁଗୋଲା, ୧୨।୭ (ସମିସ)**





ଦଶରଥପୁର ବ୍ଲକ କୟାଁ ପଞ୍ଚାୟତ ଅଧୀନସ୍ଥ ଲକ୍ଷ୍ମୀପୁର ଗ୍ରାମ୍ୟ ଉନ୍ନୟନ ରାସ୍ତା ଯାତାୟାତ ପାଇଁ ଅନୁପଯୋଗୀ ହୋଇପଡ଼ିଛି। ଉକ୍ତ ରାସ୍ତା ଫାଟି ଆଁ କରିଛି। ଯାହାକି ଯାତାୟାତ ପାଇଁ ବିପଦ ସୃଷ୍ଟି କରିଛି। ମରାମତି ହେଉ ନ ଥିବାରୁ ଉକ୍ତ ରାସ୍ତାର ଅବସ୍ଥା ଏଭଳି ହୋଇଛି। ତୁରନ୍ତ ଉକ୍ତ ରାସ୍ତାର ନବୀକରଣ କରାଯିବାକୁ ସ୍ଥାନୀୟ ଅଞ୍ଚଳର ଲୋକେ ଦାବି କରିଛନ୍ତି। ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ପଞ୍ଚାୟତ ଅଫିସଠାରୁ ଲକ୍ଷ୍ମୀପୁର ଜେନାସାହି ପର୍ଯ୍ୟନ୍ତ ୧୦ ଲକ୍ଷ ଟଙ୍କା ଅଟକଳରେ ପକ୍କା ରାସ୍ତା କରାଯାଇଥିଲା। କିନ୍ତୁ ଏହି ରାସ୍ତାଟି ବର୍ତ୍ତମାନ ଯାତାୟାତ ପାଇଁ ସମ୍ପୂର୍ଣ୍ଣ ଅନୁପଯୋଗୀ ହୋଇପଡ଼ିଛି। ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ନ ପଡ଼ିବା ଦୁଃଖ ଓ ପରିତାପର ବିଷୟ। ଏପରିକି ଗାଁକୁ ଜରୁରିକାଳୀନ ଗାଡ଼ି ଯାତାୟାତ କରିବାରେ ବାଧା ସୃଷ୍ଟି ହେଉଥିବା ଦେଖାଯାଇଛି। ମୁଖ୍ୟରାସ୍ତାର ମଝି ସ୍ଥାନରେ ଢଳେଇ ଫାଟି ଭାଙ୍ଗି ଖଣ୍ଡ ଖଣ୍ଡ ହୋଇପଡ଼ିଥିବାବେଳେ ଗାଁକୁ ଯାତାୟାତ କରିବା ପାଇଁ ଗ୍ରାମବାସୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାସ୍ତା କଡ଼ରେ ବହୁ ପରିମାଣରେ ଅନାବନା ଘାସ ଗଛ ଉଠିଛି। ଯାହାକି ରାତିରେ ଯାତାୟାତ କରିବା ପାଇଁ ବିପଦ ସୃଷ୍ଟି କରୁଛି। ଏହି ରାସ୍ତାଟି ଲକ୍ଷ୍ମୀପୁର ଗାଁକୁ ଯାଇଥିବାବେଳେ ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେଉ ନ ଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି ରାସ୍ତାଟି କିପରି ଶୀଘ୍ର ମରାମତି ହୋଇପାରିବ, ସେଥିପ୍ରତି ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀ ଦୃଷ୍ଟି ଦେବାକୁ ଦାବି ହେଉଛି।

## ବାବା ବିଶ୍ୱନାଥ ମହାଦେବ ମନ୍ଦିରର ପ୍ରତିଷ୍ଠା ଉତ୍ସବ

**ବ୍ୟାସନଗର, ୧୨।୭ (ସମିସ):** ବ୍ୟାସନଗର ପୌରାଞ୍ଚଳର ୱାର୍ଡ ନମ୍ବର ୧୬ ହାଉସିଂବୋର୍ଡ ଉମାପଦା ଗ୍ରାମରେ ଓଁ ଶ୍ରୀଶ୍ରୀ ବାବା ବିଶ୍ୱନାଥ ମହାଦେବଙ୍କ ନୂତନ ମନ୍ଦିରର ବିଗ୍ରହ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଗୁରୁବାର ପ୍ରତିଷ୍ଠା ଦିବସରେ ଅଙ୍କୁରାରୋପଣ, ଘଟ ସ୍ଥାପନ, ଘଟାଧିବାସ, କଳସ ଶୋଭାଯାତ୍ରା, ଗୋପୂଜା, ସୂର୍ଯ୍ୟପୂଜା, ଧ୍ୱଜ କଳସ ସ୍ଥାପନ, ମନ୍ଦିର ସ୍ନାନ ଓ ବିଗ୍ରହ ପ୍ରବେଶ ଉତ୍ସବ କାର୍ଯ୍ୟ ସମାପନ ହୋଇଛି। ଓଡ଼ିଶାର ସୁନାମଧନ୍ୟ ବ୍ରାହ୍ମଣ ପଣ୍ଡିତ ପ୍ରଶାନ୍ତ କୁମାର ପଣ୍ଡା, କ୍ଷୀରୋଦ ପଣ୍ଡା, ଆଚାର୍ଯ୍ୟ ପରୀକ୍ଷିତ ପାଣିଗ୍ରାହୀ, ମହାପ୍ରସାଦ ପଣ୍ଡା, ମାନସ ରଞ୍ଜନ କର, ଅମିତ ରଥ, ଅଜିତ ଦାଶ, ପ୍ରତାପ ଚନ୍ଦ୍ର ଦାଶ, ଦୀପଙ୍କର ଦାଶ ପ୍ରମୁଖ ୫ ଯୋଡ଼ି କର୍ତ୍ତାକର୍ତ୍ତ୍ରିଙ୍କ ସହ ଯଜ୍ଞ ମଣ୍ଡପରେ ଠାକୁରଙ୍କ ଯଥାବିଧି ପୂଜାବିଧି ନୀତିକାନ୍ତି କରାଯାଉଛି। ପ୍ରତିଷ୍ଠା ଉତ୍ସବ ଅବସରରେ ପ୍ରତ୍ୟେକ ଦିନ ଯଜ୍ଞକର୍ମ ସହିତ ନାମ ସଂକୀର୍ତ୍ତନ, ଭଜନ, ଜଣାଣ, ପ୍ରବଚନ ଓ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। କାର୍ଯ୍ୟକ୍ରମକୁ ସ୍ଥାନୀୟ ଅଞ୍ଚଳବାସୀ ଓ ବାବା ବିଶ୍ୱନାଥ ମହାଦେବ ମନ୍ଦିର କମିଟି ପରିଚାଳନା କରୁଥିବା କମିଟିର ସଭାପତି କୁଳମଣି ଧଳ ଓ ମୁଖ୍ୟ କର୍ତ୍ତା ବିନୋଦ ବିହାରୀ ବେହେରା ସୂଚନା ଦେଇଛନ୍ତି।

## ଏସ୍‌ଜି କଲେଜ କର୍ମଚାରୀଙ୍କୁ ଆକ୍ରମଣ ଅଭିଯୋଗ

**ମଙ୍ଗଳପୁର/ଦଶରଥପୁର, ୧୨।୭ (ସମିସ)**

ଦଶରଥପୁର ବ୍ଲକ ଅନ୍ତର୍ଗତ ସାଧୁଗୌରେଶ୍ୱର ମହାବିଦ୍ୟାଳୟରେ ଜଣେ ମହିଳା ଅଧ୍ୟାପିକାଙ୍କ ସମେତ ଅନ୍ୟ ୨ ଜଣ କର୍ମଚାରୀଙ୍କ ୩ଟି ଗାଡ଼ିକୁ ବାଡ଼େଇ ଭାଙ୍ଗି ଦେବା ସହିତ ୨ ପୁରୁଷ କର୍ମଚାରୀଙ୍କୁ ଜଣେ ଦୁର୍ବୃତ୍ତ ମାଡ଼ ମାରିଥିବା ମଙ୍ଗଳପୁର ଥାନାରେ ୩ଟି ଲିଖିତ ଅଭିଯୋଗ ହୋଇଛି।

ଅଭିଯୋଗ ମୁତାବକ, କନିକାପଡ଼ା ପଞ୍ଚାୟତ ଓଳସାହି ଅଞ୍ଚଳର ସ୍ୱର୍ଗତ ଉଦୟନାଥ ମହାପାତ୍ରଙ୍କ ପୁଅ ସୂର୍ଯ୍ୟମଣି ମହାପାତ୍ର ଶୁକ୍ରବାର ୩ ଘଟିକା ସମୟରେ କାଠ ଫାଳିଆ ଧରି ହଠାତ୍ କଲେଜ ପରିସରରେ ପ୍ରବେଶ କରି ମହିଳା ଅଧ୍ୟାପିକା ଦୀପାଞ୍ଜଳି ସାହୁ ଓ କର୍ମଚାରୀ ଆଶିଷ କୁମାର ସାହୁ, ଜିତେନ୍ଦ୍ର କୁମାର ଜେନାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହିତ କଲେଜ ପାର୍କିଂରେ ଥିବା ସେମାନଙ୍କ ଗାଡ଼ିକୁ ବାଡ଼େଇ ଭାଙ୍ଗିଥିଲା। ଏପରିକି କର୍ମଚାରୀ ଜିତେନ୍ଦ୍ର ଜେନାଙ୍କୁ ଜାତିଆଣ ଆକ୍ଷେପ କରି ଗାଳିଗୁଲଜ କରିବା ସହିତ ତୁରନ୍ତ ଏଠାରୁ ପଳାଇ ନ ଗଲେ ଜୀବନରୁ ମାରିଦେବାକୁ ଚେତାବନୀ ଦେଇଥିଲା। ସୂର୍ଯ୍ୟମଣିଙ୍କୁ ହଠାତ୍ ଏଭଳି ଉଗ୍ର ରୂପରେ ଦେଖି ମହିଳା ଅଧ୍ୟାପିକା ଓ ୨ କର୍ମଚାରୀ ଭୟଭୀତ ଅବସ୍ଥାରେ ନିକଟସ୍ଥ କୋଠାରୀକୁ ଦୌଡ଼ି ପଳାଇ ଯାଉଥିବା ସମୟରେ ସୂର୍ଯ୍ୟମଣି ୨ କର୍ମଚାରୀଙ୍କୁ ମାଡ଼ ମାରିଥିବା ମଙ୍ଗଳପୁର ଥାନାରେ ମହିଳା ଅଧ୍ୟାପିକା ଦୀପାଞ୍ଜଳି ସାହୁଙ୍କ ସମେତ କର୍ମଚାରୀ ଆଶିଷ ସାହୁ ଓ ଜିତେନ୍ଦ୍ର ଜେନା ପୃଥକ ଭାବେ ୩ଟି ଅଭିଯୋଗ କରି ପୁଲିସ ସୁରକ୍ଷା ଲୋଡ଼ିବା ସହିତ ଅଭିଯୁକ୍ତ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି।

ଯାଜପୁରରୋଡ୍-ଧାମରା ରେଳପଥ ପ୍ରକଳ୍ପ

## ତୁରନ୍ତ ଡିପିଆର ପ୍ରେରଣ ପାଇଁ ଦାବି

**ଯାଜପୁର, ୧୨।୭ (ସମିସ)**



ଚଳିତ ମାସ ୧୫ ତାରିଖ ସୁଦ୍ଧା ପ୍ରସ୍ତାବିତ ଯାଜପୁରରୋଡ୍-ଧାମରା ରେଳପଥର ଡିପିଆର ରେଳବାଇ ବୋର୍ଡକୁ ପ୍ରେରଣ ପାଇଁ ଯାଜପୁରରୋଡ-ଧାମରା ରେଳପଥ ସଂଗ୍ରାମ ସମିତି ପକ୍ଷରୁ ଦାବି କରାଯାଇଛି। ସଂଗ୍ରାମ ସମିତିର ଆବାହକ ସନ୍ତୋଷ ଦାସ ପୂର୍ବତଟ ରେଳପଥ ମହାପ୍ରବନ୍ଧକଙ୍କ ପାଖକୁ ପତ୍ର ପ୍ରେରଣ କରିଛନ୍ତି। ଏଥିରେ ଉଲ୍ଲେଖ ରହିଛି ଯେ, ଡିପିଆର୍ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି ଓ ତାହା ତୁରନ୍ତ ପଠାଯାଇପାରିଲେ ଆସନ୍ତା ଜୁଲାଇ ୨୩ ତାରିଖରେ ପାର୍ଲିଆମେଣ୍ଟରେ ଆଗତ ହେବାକୁ ଥିବା ବାର୍ଷିକ ବଜେଟରେ ଏହି ନୂତନ ରେଳପଥ ନିର୍ମାଣ ପାଇଁ ଉପଯୁକ୍ତ ବ୍ୟୟବରାଦ କରାଯାଇପାରିବ।

ଅନ୍ୟପକ୍ଷରେ ଏହି ପ୍ରକଳ୍ପ ପାଇଁ (ଡିପିଆର) ଖୁବ୍‌ଶୀଘ୍ର ରେଳ ମନ୍ତ୍ରଣାଳୟକୁ ଦିଆଯିବ ବୋଲି ପୂର୍ବତଟ ରେଳବାଇର ମହାପ୍ରବନ୍ଧକ ପରମେଶ୍ୱର ଫଙ୍କୁଆଲ ଯାଜପୁରରୋଡ୍-ଧାମରା ରେଳପଥ ସଂଗ୍ରାମ ପରିଷଦ ପ୍ରତିନିଧି ଦଳକୁ କହିଛନ୍ତି। ଆଜି ମଧ୍ୟାହ୍ନରେ ସଂଗ୍ରାମ ପରିଷଦ ଅଧ୍ୟକ୍ଷ ପୂର୍ବତନ ସାଂସଦ ଡ. ରାମଚନ୍ଦ୍ର ଖୁଣ୍ଟିଆଙ୍କ ନେତୃତ୍ୱରେ ଏକ ପ୍ରତିନିଧିମଣ୍ଡଳୀ ପୂର୍ବତଟ ରେଳପଥ ମହାପ୍ରବନ୍ଧକଙ୍କୁ ଭେଟି ଯାଜପୁରରୋଡ୍-ଧାମରା ନୂତନ ରେଳପଥ ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରାଇବା ଓ ରେଳପଥର ପ୍ରକଳ୍ପର ସବିଶେଷ ତଥ୍ୟ (ଡିପିଆର) ଚଳିତ ମାସ ୧୫ ତାରିଖରେ ରେଲୱେ ବୋର୍ଡ଼ ଓ ମନ୍ତ୍ରଣାଳୟକୁ ପଠାଇବା ପାଇଁ ଦାବି କରିଥିଲେ। ଏହି ସମୟରେ ରେଳପଥ ସଂଗ୍ରାମ ପରିଷଦର ମୁଖ୍ୟ ସଂଯୋଜକ ପଦ୍ମାକର ଗୁରୁ, ଆବାହକ ସନ୍ତୋଷ ନନ୍ଦ, ଉପସଭାପତି ମନୋଜ ବିଶ୍ୱାଳ, କାର୍ଯ୍ୟକାରୀ ସଭ୍ୟ ମଦନମୋହନ ଧଳ, ହୃଷିକେଶ ପତି ଓ ରେଳପଥର ମହାପ୍ରବନ୍ଧକ ପ୍ରମୁଖ ଉପସ୍ଥିତ ଥିଲେ।

## ସମାଜସେବୀଙ୍କ ଦେହାନ୍ତ

**ରଗଡ଼ି, ୧୨।୭ (ସମିସ):** କୋରେଇ ବ୍ଲକ ପଛିକୋଟ ପଞ୍ଚାୟତ ପରମାନନ୍ଦପୁର ଗ୍ରାମର ଜଣାଶୁଣା ସମାଜସେବୀ ତଥା ବିଭିନ୍ନ ଅନୁଷ୍ଠାନ ସହିତ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ଜଡ଼ିତ ନଟବର ବଳଙ୍କ ୮୨ ବର୍ଷରେ ଭୁବନେଶ୍ୱରର ଏକ ଘରୋଇ ହସ୍‌ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ଶୁକ୍ରବାର ୧୦ଟା ସମୟରେ ଦେହାନ୍ତ ଘଟିଛି। ସେ ହୃଦଘାତର ଶିକାର ହୋଇ ସପ୍ତାହ ତଳେ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ତାଙ୍କ ମରଶରୀରକୁ ଗ୍ରାମ ପରିକ୍ରମା କରାଯାଇ ଶ୍ମଶାନରେ ଅନ୍ତିମ ସତ୍କାର କରାଯାଇଥିଲା। ତାଙ୍କ ମୃତ୍ୟୁରେ ଅଶୋକ ଦାସ ଫାଉଣ୍ଡେସନର ସଚିବ ଭବପ୍ରସାଦ ଦାସ, ଜିଲ୍ଲା ଯୁବ ବିଜେଡି ସଭାପତି ପ୍ରତାପ ମହାନ୍ତି, କୋରେଇ ବ୍ଲକ ବିଜେଡି ସଭାପତି ଭକ୍ତବତ୍ସଳ ସ୍ୱାଇଁ, ତାରକେଶ୍ୱର ମହାନ୍ତି, ଅନ୍ଧାରୀ ସରପଞ୍ଚ ରାଜେନ୍ଦ୍ର କୁମାର ରାଉତ ରାୟ, ସ୍ଥାନୀୟ ସରପଞ୍ଚ ଗୀତାଞ୍ଜଳି ସେଠୀ, ଜିଲ୍ଲା ପରିଷଦ ସଭ୍ୟା ସସ୍ମିତା ତରାଇ, ପୂର୍ବତନ ସମିତି ସଭ୍ୟ ନୀଳମାଧବ ଚକ୍ର, ପଞ୍ଚାୟତ ବିଜେଡି ସଭାପତି ଦିଲ୍ଲୀପ କୁମାର ସ୍ୱାଇଁ, କନ୍ତୋର ସରପଞ୍ଚ ସାରଙ୍ଗଧର ପ୍ରଧାନ, ସମିତି ସଭ୍ୟା ପ୍ରିୟଙ୍କା ବରାଳ, ପୂର୍ବତନ ସରପଞ୍ଚ ସୁଧାଂଶୁ ଶେଖର ବରାଳ ଓ ନିରଞ୍ଜନ ବାରିକ, ଶିକ୍ଷକ ନେତା ବିଜୟ କୁମାର ନାୟକ ପ୍ରମୁଖ ପହଞ୍ଚି ଶେଷ ଦର୍ଶନ କରିବା ସହ ପରିବାରକୁ ସମବେଦନା ଜଣାଇଛନ୍ତି। ପୁତୁରା ରାଜେଶ ବଳ ମୁଖାଗ୍ନି ଦେଇଥିଲେ।



## ଶିକ୍ଷାମନ୍ଦିରରେ ବନ ମହୋତ୍ସବ



**ବ୍ରହ୍ମବରଦା, ୧୨।୭ (ସମିସ):** ରସୁଲପୁର ବ୍ଲକ ଅନ୍ତର୍ଗତ ବନ୍ଧଡ଼ିହ ଗ୍ରାମସ୍ଥ ସରସ୍ୱତୀ ଶିକ୍ଷାମନ୍ଦିରରେ ବନ ମହୋତ୍ସବ ପାଳିତ ହୋଇଯାଇଛି। ବିଦ୍ୟାଳୟ ପରିସରରେ ଛାତ୍ରଛାତ୍ରୀ, ଗୁରୁମା ଗୁରୁଜୀଙ୍କ ସହିତ ଅଭିଭାବକ ସରୋଜ ଶରଣ, ସମାଜସେବୀ ଦିଲ୍ଲୀପ ପଣ୍ଡା, ବିବେକାନନ୍ଦ ନାୟକ, ବିଦ୍ୟାଳୟର ସମ୍ପାଦକ ଶଙ୍କର ସେଠୀ, ପ୍ରଧାନ ଗୁରୁମା ସରୋଜିନୀ ନାୟକଙ୍କ ମିଳିତ ଉଦ୍ୟମ ବୃକ୍ଷ ରୋପଣ କରାଯାଇଛି। ଶିକ୍ଷା ମନ୍ଦିରର ଗୁରୁମା ଅନୀତା ଗୁରୁମା, ମଧୁସ୍ମିତା ଗୁରୁମା, ସୁପ୍ରଭା ଗୁରୁମା, ହରପ୍ରିୟା ଗୁରୁମା, ସନ୍ଧ୍ୟାରାଣୀ ଜେନା, ଚିନ୍ମୟୀ ବେହେରା, ସୁପ୍ରଭା ବାରିକ ସହଯୋଗ କରିଥିଲେ। ଗୁରୁଜୀ ଓ ଗୁରୁମା ଗଛର ମହତ୍ୱ ଉପରେ ପିଲାଙ୍କୁ ବିସ୍ତୃତ ଭାବେ ବୁଝାଇ କହିଥିଲେ ‘ବୃକ୍ଷ ହିଁ ଆମ ଜୀବନ’। ବୃକ୍ଷ ନ ରହିଲେ ପୃଥିବୀ ପୃଷ୍ଠରେ ଜୀବନ ସମ୍ଭବ। ଆମ ପରିବେଶକୁ ସୁସ୍ଥ ରଖିବା ନିମନ୍ତେ ସାରା ପୃଥିବୀକୁ ସବୁଜମୟ କରିବା ପାଇଁ ଗଛ ଲଗାଇବାକୁ ପରାମର୍ଶ ଦେଇଥିଲେ।

## ଜବତ ଗାଡ଼ିରୁ ଉତ୍କଟ ଗନ୍ଧ



**ପାଣିକୋଇଲି, ୧୨।୭ (ସମିସ):** ପାଣିକୋଇଲି ଥାନା ଦ୍ୱାରା ଜବତ ଗାଡ଼ିରୁ ବାହାରୁଛି ଉତ୍କଟ ଗନ୍ଧ। ଫଳରେ ରାସ୍ତାରେ ଯାତାୟାତ କରୁଥିବା ଲୋକେ ନୟାନ୍ତ ହେଉଛନ୍ତି। ଏହାକୁ ନେଇ ପାଣିକୋଇଲି ବଜାରରେ ବିଭିନ୍ନ ଚର୍ଚ୍ଚା ହେଉଛି। ରାସ୍ତାର ସମସ୍ତ ପଥଚାରୀ ଓ ଆରୋହୀ ଭୋଗୁଛନ୍ତି କଷ୍ଟ। ଗତ ୩ ତାରିଖ ବିଳମ୍ବିତ ରାତିରେ ଟ୍ରକ ପଛରେ କାର୍ ଧକ୍କା ହୋଇ ଦୁଇଜଣଙ୍କ ମୃତ୍ୟୁ ହୋଇଥିଲା। ପୁଲିସ ଉକ୍ତ ଟ୍ରକ୍‌କୁ ଜବତ କରିଥିଲା। ଉକ୍ତ ଟ୍ରକ୍‌ରେ ମାଛ ଯାଉଥିଲା। ଦୁର୍ଘଟଣା ପରେ ପୁଲିସ ଉକ୍ତ କାର୍ ସହ ଟ୍ରକକୁ ଜବତ କରିଥିଲା। ଅଦ୍ୟାବଧି ଉକ୍ତ ଟ୍ରକର ମାଲିକ ଗାଡ଼ିକୁ ନେଇ ନ ଥିବାରୁ ସେହି ମାଛ ପଚି ଏଭଳି ଦୁର୍ଗନ୍ଧ ବାହାରୁଛି। ଯାହା ଲୋକଙ୍କ ପାଇଁ ସମସ୍ୟା ସୃଷ୍ଟି କରୁଛି। ଜବତ ଟ୍ରକ୍‌କୁ ଅନ୍ୟତ୍ର ସ୍ଥାନାନ୍ତର କରିବାକୁ ସାଧାରଣରେ ଦାବି ହୋଇଛି।

## ୨୦ନଂ ରାଜପଥରେ ପୁଣି ଲିଭିଲା ଲାଇଟ୍

**ପାଣିକୋଇଲି, ୧୨।୭ (ସମିସ):** ପାଣିକୋଇଲିଠାରୁ ଚାନ୍ଦପୁର ପର୍ଯ୍ୟନ୍ତ ୨୦ ନମ୍ବର ଜାତୀୟ ରାଜପଥରେ ଲଗାଯାଇଥିଲା ଲାଇଟ୍। ଏହି ଲାଇଟ ଦୀର୍ଘଦିନ ଧରି ନ ଜଳିବାରୁ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ଗତ ୮ ତାରିଖ ଏହି ଲାଇଟ ଜଳିଥିଲା। ଫଳରେ ବଜାରବାସୀ ସେମାନଙ୍କର ବହୁ ଦିନର ଆବଶ୍ୟକତା ମେଣ୍ଟିଥିବାରୁ ଖୁସିବ୍ୟକ୍ତ କରିଥିଲେ। ଏମିତିକି ବିଭାଗୀୟ ଅଧିକାରୀଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ। ପରିତାପର ବିଷୟ ଏହି ଲାଇଟ୍ ମାତ୍ର ଗୋଟିଏ ଦିନ ଜଳିବା ପରେ ଏବେ ଅନ୍ଧାର। ଯାହାକୁ ନେଇ ସାମାଜିକ କର୍ମୀ ତଥା ଯୁବ ନେତା ରାକେଶ କୁମାର ସାହୁ ଜାତୀୟ ରାଜପଥ ବିଭାଗ ନିକଟରେ ଅଭିଯୋଗ କରିଛନ୍ତି। ରାଜପଥ ବିଭାଗ ଯୁଦ୍ଧକାଳୀନ ଭିତ୍ତିରେ ଉକ୍ତ ଲାଇଟ ଜଳାଇବାକୁ ସବୁ ସ୍ତରରୁ ଦାବି ହୋଇଛି।

## ଟ୍ରକ୍ ଚାଳକ କୋର୍ଟ ଚାଲାଣ



**ପାଣିକୋଇଲି, ୧୨।୭ (ସମିସ):** ପାଣିକୋଇଲି ପୁଲିସ ଆଜି ଦୁର୍ଘଟଣା ଘଟାଇଥିବା ଜଣେ ଟ୍ରକ୍ ଚାଳକକୁ ଗିରଫ କରି ଅଦାଲତ ଚାଲାଣ କରିଛି। ଗତ ୮ ତାରିଖ ରାତିରେ ଟ୍ରକ ସହ କାର ଧକ୍କା ହୋଇ ଦୁଇଜଣ ମୃତ୍ୟୁବରଣ କରିଥିବାବେଳେ ଉଭୟ ଗାଡ଼ିକୁ ପୁଲିସ ଜବତ କରିଥିଲା। ତେବେ ଟ୍ରକ ଚାଳକ ଫେରାର ହୋଇଯାଇଥିଲା। ଆଜି ପୁଲିସ ଉକ୍ତ ମାମଲାରେ ଚାଳକ ବିହାରର କମତାଭର ଗ୍ରାମର କ୍ରିଷ୍ଣଦେଓ ମାଠୋଙ୍କ ପୁଅ ଅନୀଲ କୁମାର ମାଠୋ (୩୬)କୁ ଗିରଫ କରି ଅଦାଲତ ଚାଲାଣ କରିଛି।

## ଟ୍ରେନ୍ ଧକ୍କାରେ ଜଣେ ମୃତ

**କବାଟବନ୍ଧ, ୧୨।୭ (ସମିସ):** ଧର୍ମଶାଳା ବ୍ଲକ ଅଧୀନ ଜାରକା-କବାଟବନ୍ଧ ନଦୀବନ୍ଧ ରାସ୍ତାର ଚଉଷଠିପଡ଼ା ରେଲୱେ ବ୍ରିଜ ନିକଟରେ ଟ୍ରେନ ଦୁର୍ଘଟଣାରେ ଜଣେ ମୃତ୍ୟୁବରଣ କରିଥିବା ଜଣାପଡ଼ିଛି। ମୃତକ ଜଣଙ୍କ ହେଲେ ଯାଜପୁରରୋଡ୍ ଥାନା ଅଧୀନ ଖପୁରିଆପଦା ପଞ୍ଚାୟତ ଅଧୀନ ଚକୁଆ ଗ୍ରାମର କାଳନ୍ଦୀ ପାଳ ବୋଲି ଜଣାପଡ଼ିଛି। ମୃତକଙ୍କ ବୟସ ୪୫ ବୋଲି ଅନୁମାନ କରାଯାଉଛି। କାଳନ୍ଦୀ ବାଲିସାହି ଅଞ୍ଚଳରେ ଏକ କାରଖାନାରେ କାମ କରନ୍ତି। ଜେନାପୁର ଷ୍ଟେସନ ଅଧୀନ ଏହି ବ୍ରିଜ ଦେଇ ସେ ଦୈନିକ ସାଇକଲରେ ଯିବାଆସିବା କରନ୍ତି। ଶୁକ୍ରବାର ସନ୍ଧ୍ୟାରେ ବ୍ରିଜ ଉପରେ ସାଇକଲ ନେଇ ଫେରୁଥିବା ସମୟରେ ପଛ ପଟୁ ଏକ ଟ୍ରେନ ଧକ୍କା ଦେଇଥିଲା। ସେ ବ୍ରିଜ ଉପରୁ ତଳକୁ ଖସି ପଡ଼ିଥିଲେ।

ଜାତୀୟ ମତ୍ସ୍ୟଚାଷୀ ଦିବସ ପାଳିତ

## ସମନ୍ୱିତ ମାଛଚାଷ ଉପରେ ଗୁରୁତ୍ୱାରୋପ



**ଯାଜପୁର, ୧୨।୭ (ସମିସ):** ଯାଜପୁର ଜିଲ୍ଲା ସଦର ମହକୁମାସ୍ଥ ମିଶନ ଶକ୍ତି ଭବନରେ ଜିଲ୍ଲାସ୍ତରୀୟ ମତ୍ସ୍ୟଚାଷୀ ଦିବସ ପାଳିତ ହୋଇଯାଇଛି। ଜିଲ୍ଲା ମତ୍ସ୍ୟ ଅଧିକାରୀ ପ୍ରମୋଦ କୁମାର ରାଉତ ସ୍ୱାଗତ ଭାଷଣ ଦେବା ସହ ଦିବସର ତାତ୍ପର୍ଯ୍ୟ, ଉଦ୍ଦେଶ୍ୟ ଓ ମହତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ଯାଜପୁର ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ ଶୁଭେନ୍ଦ୍ର ସାମଲ ସଭାକୁ ଉଦ୍‌ଘାଟନ କରିଥିଲେ। ଯାଜପୁରର ଜଳଛାୟା ପ୍ରକଳ୍ପ ନିର୍ଦ୍ଦେଶକ ପ୍ରଦୀପ ପଟ୍ଟନାୟକ କ୍ଷେତ ପୋଖରୀର ମାଛଚାଷ ତଥା ଅନ୍ୟାନ୍ୟ ବିଭାଗର ଅବଦାନ ସମ୍ପର୍କରେ ମତ ରଖିଥିଲେ। ଉଦ୍ୟାନ ବିଭାଗର ସହକାରୀ ନିର୍ଦ୍ଦେଶକ ରାଧେଶ୍ୟାମ ବେହେରା ବିଭାଗୀୟ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିଲେ। ଏଡିଭିଓ (ଏଲ୍‌ପି) ଡକ୍ଟର ଗଗନ ଚରଣ ନାୟକ ପଶୁ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ଉପରେ ସବିଶେଷ ତଥ୍ୟ ପ୍ରଦାନ କରିଥିଲେ। ଆତ୍ମାର ଉପପ୍ରକଳ୍ପ ନିର୍ଦ୍ଦେଶକ ହେମନ୍ତ କୁମାର ସାମଲ ସମନ୍ୱିତ ଚାଷ ଉପରେ ଗୁରୁତ୍ୱାରୋପ କରିଥିଲେ।

ଏ ଅବସରରେ ସଫଳ ମତ୍ସ୍ୟଚାଷୀ ଭାବେ ପଦ୍ମଲୋଚନ ମହାନ୍ତଙ୍କୁ ଉତ୍ତରୀୟ, ମାନପତ୍ର ତଥା ଉପଢୌକନ ଦିଆଯାଇ ବିଭାଗ ପକ୍ଷରୁ ସମ୍ମାନିତ କରାଯାଇଥିଲା। ସେହିପରି ବଡ଼ବାଙ୍କସାହି ପଞ୍ଚାୟତସ୍ଥ ମା’ ଦୁର୍ଗା ସ୍ୱୟଂସହାୟକ ଗୋଷ୍ଠୀ ପୋଖରୀରେ ସଫଳ ମାଛଚାଷ କରିଥିବା ଯୋଗୁଁ ସମ୍ବର୍ଦ୍ଧିତ କରାଯାଇଥିଲା। ଦଶରଥପୁରର ରଞ୍ଜନ ଦାସ ବାୟୋଫ୍ଲକ ମାଧ୍ୟମରେ ସଫଳ ମାଛଚାଷ କରିଥିବା ଯୋଗୁଁ ତାଙ୍କୁ ବିଭାଗ ପକ୍ଷରୁ ସମ୍ମାନିତ କରାଯାଇଥିଲା। ଅତିରିକ୍ତ ଜିଲ୍ଲାପାଳ ସଫଳ ମତ୍ସ୍ୟ ଉଦ୍ୟୋଗୀ ସୃଷ୍ଟି ପାଇଁ ଜିଲ୍ଲା ସ୍ତରରେ ଉଦ୍ୟମ କରିବାକୁ ପରାମର୍ଶ ଦେଇଥିଲେ। ମନୋସ୍ମିତା ନାୟକ ସଭା ପରିଚାଳନା କରିଥିବାବେଳେ ସନ୍ଦୀପ ଶଙ୍କର ପଟ୍ଟନାୟକ ସମସ୍ତ ପ୍ରକାର ଆୟୋଜନ କରିଥିଲେ। ସଚିନ ପଣ୍ଡିତ, ଦେବାଶିଷ ସ୍ୱାଇଁ, ଅଜୟ କୁମାର ସିଂ, ପର୍ଶୁରାମ ତ୍ରିପାଠୀ, ଗାୟତ୍ରୀ ନାୟକ, ସୁଲଗ୍ନା ରାଉତରାୟ, ଜ୍ୟୋତିପ୍ରକାଶ, ରାମ ରାୟ, ମିହିର, ଅସିତ, ଦିବ୍ୟଲୋଚନ, ହିତେଶ, ପ୍ରଣତି, ଶ୍ରେୟା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଅତିରିକ୍ତ ମତ୍ସ୍ୟ ଅଧିକାରିଣୀ ରଞ୍ଜିତା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

କୁସୁମା ବିବାଦ

# ନିର୍ବାଚନ ପର୍ଯ୍ୟବେକ୍ଷକଙ୍କୁ କଟେଜ୍‌ରେ ରଖିଥିଲା ଜିଲ୍ଲା ପ୍ରଶାସନ

**ଯାଜପୁର, ୧୨।୭ (ସମିସ)**

ଗତ କିଛିଦିନ ଧରି କୁସୁମା କଟେଜ୍‌କୁ ନେଇ ବିବାଦ ଦେଖାଦେଇଛି। କିଏ ଏହି କଟେଜର ମାଲିକ, କାହା ନିର୍ଦ୍ଦେଶରେ ଏହା ନିର୍ମାଣ ହୋଇଛି ଓ କାହା ପାଖରେ ଏହାର ଚାବି ରହିଛି; ଏଭଳି ଅନେକ ପ୍ରଶ୍ନ କେତେକ ନିର୍ଦ୍ଦିଷ୍ଟ ଗଣମାଧ୍ୟମରେ ପ୍ରଚାର ହେଉଥିବାବେଳେ ଜିଲ୍ଲା ପ୍ରଶାସନର ମନ୍ତବ୍ୟ ମଧ୍ୟ ସମଗ୍ର ଘଟଣାକୁ ଅଧିକ ଗୋଳମାଳିଆ କରିଛି। ଜିଲ୍ଲା ପ୍ରଶାସନ ଏହାର ତଦନ୍ତ କରିବା ଭଳି ଭେଳିକି ଦେଖାଇ ରାଜ୍ୟବାସୀଙ୍କୁ ଭ୍ରମିତ କରିଥିଲା। ଯାହାକୁ ନେଇ ଜିଲ୍ଲାରେ ମଧ୍ୟ ନାନା ଅଶାନ୍ତି ବାତାବରଣ ଦେଖାଦେଇଥିଲା। ତେବେ କୁସୁମା କଟେଜ୍ ବିବାଦ ପଛରେ ଜିଲ୍ଲା ପ୍ରଶାସନର ସମ୍ପୂର୍ଣ୍ଣ ହାତ ଥିବା ସ୍ପଷ୍ଟ ହୋଇଛି। ଦୈନିକ ଖବରକାଗଜ ‘ସକାଳ’ ହାତରେ ଲାଗିଥିବା ଏକ ଚିଠି ଜିଲ୍ଲା ପ୍ରଶାସନର ସମସ୍ତ ସମ୍ପୃକ୍ତିକୁ ପଦାରେ ପକାଇଛି।

ମିଳିଥିବା ଚିଠି ମୁତାବକ, ଗତ ନିର୍ବାଚନ ସମୟରେ ଭାରତର ନିର୍ବାଚନ ଆୟୋଗ ଦ୍ୱାରା ନିଯୁକ୍ତ ପର୍ଯ୍ୟବେକ୍ଷକ ଏହି ବିବାଦୀୟ କଟେଜ୍‌ରେ ରାତ୍ରିଯାପନ କରିଛନ୍ତି। ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶ କ୍ରମେ ସମ୍ପୃକ୍ତ କଟେଜକୁ ପୌର ପରିଷଦ ନିର୍ବାଚନ ପର୍ଯ୍ୟବେକ୍ଷକଙ୍କ ରହଣୀ ପାଇଁ ଅନୁମତି ଦେଇଥିଲା। ଏଭଳି ତଥ୍ୟ ଖୋଦ ଜିଲ୍ଲା ପ୍ରଶାସନ ନଥିପତ୍ରରୁ ସ୍ପଷ୍ଟ ହୋଇଛି। କିନ୍ତୁ କେତେକ ନିର୍ଦ୍ଦିଷ୍ଟ ଗଣମାଧ୍ୟମ କୁସୁମା କଟେଜ କାହା ଦାୟିତ୍ୱରେ ରହିଥିବା ପ୍ରଶ୍ନ କରୁଥିବାବେଳେ ଜିଲ୍ଲା ପ୍ରଶାସନ ଦ୍ୱନ୍ଦାତ୍ମକ ବିବୃତ୍ତି ଦେଇଆସୁଛି। ଜିଲ୍ଲା ପ୍ରଶାସନର ନଥିପତ୍ରକୁ ଅନୁଶୀଳନ କରିବା ପରେ ଏହା ସ୍ପଷ୍ଟ ହୋଇଛି ଯେ କୁସୁମାରେ ନିର୍ମିତ କଟେଜ୍ ଜିଲ୍ଲା ପ୍ରଶାସନର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରହିଥିଲା ଓ ପୌର ପରିଷଦ ନିକଟରେ ଏହାର ଚାବି ଥିଲା।

ପ୍ରଶାସନ ସୂତ୍ରରୁ ମିଳିଥିବା ସୂଚନା ମୁତାବକ, ଯାଜପୁର ଜିଲ୍ଲା ପ୍ରଶାସନ କୁସୁମା ନିର୍ମିତ କଟେଜକୁ ନିର୍ମାଣ କରିଛି। ଏହି କଟେଜ୍ ଜିଲ୍ଲା କ୍ରୀଡ଼ା ବିଭାଗକୁ ହସ୍ତାନ୍ତର କରାଯାଇଥିଲେ ହେଁ ଏହାର ପରିଚାଳନା ଦାୟିତ୍ୱ ପୂର୍ବଭଳି ପୌର ପ୍ରଶାସନ ହାତରେ ରହିଥିଲା। ପରବର୍ତ୍ତୀ ସମୟରେ ସମ୍ପୃକ୍ତ କଟେଜ ପ୍ରତ୍ୟକ୍ଷ ଭାର କ୍ରୀଡ଼ା ବିଭାଗକୁ ମିଳିଥା’ନ୍ତା। ଜିଲ୍ଲା ପ୍ରଶାସନର ନଜରରେ ରହିଥିବା କଟେଜଗୁଡ଼ିକୁ ଜିଲ୍ଲା ପ୍ରଶାସନ ବହୁ ସମୟରେ ବ୍ୟବହାର କରିଥିବା ପ୍ରମାଣ ରହିଛି। ୨୦୨୪ ମେ ମାସ ୨୪ ତାରିଖରେ ଜିଲ୍ଲା ପ୍ରଶାସନର ପତ୍ର ସଂଖ୍ୟା ୨୮୮୨/୨୪ରୁ ସ୍ପଷ୍ଟ ହୋଇଛି ଯେ ଖୋଦ ଜିଲ୍ଲାପାଳ କୁସୁମାର ୫ଟି କଟେଜରେ ନିର୍ବାଚନ ପର୍ଯ୍ୟବେକ୍ଷକଙ୍କୁ ରହଣୀ ପାଇଁ ବ୍ୟବସ୍ଥା କରିଛି। ୨୦୨୪ ସାଧାରଣ ନିର୍ବାଚନର ପର୍ଯ୍ୟବେକ୍ଷକ ସୁଧାଂଶୁ କୁମାର ଚୌବେ, ଶ୍ରୀମତୀ ନନ୍ଦିନୀ ଆୱେଡ, ସୁଶ୍ରୀ ସରିତା ନାରକେ, ସନ୍ତୋଷ ଦାସ, ରାଜେଶ କୁମାର ସିଂ ଏହି କଟେଜରେ ଜୁନ ୪ ତାରିଖରେ ରହିଛନ୍ତି। ଏହି ଅଧିକାରୀଙ୍କ ସମନ୍ୱୟ ରକ୍ଷା ନିମନ୍ତେ ଜିଲ୍ଲା ପ୍ରଶାସନର ୫ ଜଣ ଅଧିକାରୀ ବି କୁସୁମା କଟେଜ ତତ୍ତ୍ୱାବଧାନରେ ରହିଥିବା ଚିଠିରେ ଉଲ୍ଲେଖ ରହିଛି।

କୁସୁମା ମଧ୍ୟରେ ନିର୍ମିତ କଟେଜ କାହାର ବୋଲି କେତେକ ଗଣମାଧ୍ୟମ ବିଭ୍ରାନ୍ତିକର ଖବର ପରିବେଷଣ କରିଛନ୍ତି। ଜିଲ୍ଲା ପ୍ରଶାସନର ପ୍ରତ୍ୟକ୍ଷ ମାଲିକାନାରେ ରହିଥିବା କୁସୁମା କଟେଜ୍‌କୁ ଖୋଦ ଜିଲ୍ଲା ପ୍ରଶାସନ ନିଜ ବ୍ୟବହାରରେ ଲଗାଇଛନ୍ତି। ସରକାରୀ ଜାଗା, ସରକାରୀ ଅନୁଦାନରେ ନିର୍ମିତ କୁସୁମା କଟେଜର ଉତ୍ତରଦାୟିତ୍ୱ ମଧ୍ୟ ଜିଲ୍ଲା ପ୍ରଶାସନ ହାତରେ ରହିଛି। ଏଭଳି ପରିସ୍ଥିତିରେ କୁସୁମାର ପ୍ରକୃତ ମାଲିକ କିଏ? ବୋଲି ବିଭ୍ରାନ୍ତିକର ତଥ୍ୟ କେତେକ ଗଣମାଧ୍ୟମରେ ପ୍ରକାଶ ପାଇବା ଘଟଣା ଯାଜପୁରବାସୀଙ୍କୁ ବ୍ୟଥିତ କରିଛି। ଏପରିକି ଜିଲ୍ଲା ପ୍ରଶାସନ ମଧ୍ୟ କୁସୁମା କଟେଜ ମାଲିକାନାକୁ ନେଇ ଅସ୍ପଷ୍ଟ ମନ୍ତବ୍ୟ ଦେବା ଘଟଣା ସାଧାରଣରେ ଅସନ୍ତୋଷ ସୃଷ୍ଟି କରିଛି।



ELECTION URGENT

COLLECTORATE, JAJPUR
Ph. 06728-222001(O), 222330(R), FAX-222087
e-mail: dm-jajpur@nic.in website: http://www.jajpur.odisha.gov.in
[DISTRICT ELECTION SECTION]
Letter No. 2882 /Elec. Date: 24-05-2024

To,
The Executive Officer, Jajpur Municipality.

Sub : Requisition of Rooms at Kusuma Park for accommodation of Counting Observers in connection with SGE-2024.

Ref : Letter No. 2838 /ZP/ Dt. 22.05.2024.

Sir,

With reference to the subject cited above, I am to say that the counting process for Jajpur District is scheduled to be held on 04.06.2024 in the 7th phase of SGE-2024. In this connection accommodation of Counting Observers prior to counting is indispensable.

You are therefore requested to requisition the Rooms for 5 observers as listed below at Kusuma Park for ensuring smooth accommodation of Counting Observers in connection with Simultaneous General Election-2024.

| Sl. No. | OBS Code | Name of the Observers | Name of the Liaison Officer | Contact No. |
| --- | --- | --- | --- | --- |
| 1 | S-36144 | Mr. Sudhanshu Kumar Choub, SCS | Sitanshu Kumar Sahoo, DPC, Mission Shakti, Jajpur | 7008115949 |
| 2 | S-26545 | Mrs. Nandini Awade, SCS | Madhusmita Padhi, Dist. Data Manager, NHM, Jajpur | 9439992254 |
| 3 | S-35009 | Ms. Sarita Sunil Narke, SCS | Nijham Mohapatra, Microbiologist, DHH, Jajpur | 7205782815 |
| 4 | S-34923 | Mr. Santosh Das, SCS | Chinmyananda Das, Executive Assistant, ZP, Jajpur | 9178693232 |
| 5 | S-26404 | Mr. Rajesh Kumar Singh, SCS | Priyabrata Pati, Faculty, DPRC, Jajpur | 8908710870 |

Encl : As above

Yours faithfully,

DEO & Collector, Jajpur

## କଠିନ ପରିଶ୍ରମ ଓ ଦୃଢ଼ ଆତ୍ମବିଶ୍ୱାସ ଆଗରେ ହାର୍ ମାନିଛି ଦାରିଦ୍ର୍ୟ

# ଗବେଷଣା ପାଇଁ ଆମେରିକା ଯିବେ ଅଂଶୁମାନ



**ଯାଜପୁର, ୧୨।୭ (ସମିସ)**

ଦୃଢ଼ ଆତ୍ମବିଶ୍ୱାସ ଓ କଠିନ ପରିଶ୍ରମ ସଫଳତାର ଚାବିକାଠି। ଏହି ଉକ୍ତିକୁ ପ୍ରମାଣ କରି ଦେଖାଇଛନ୍ତି ଯାଜପୁର ବ୍ଲକ ଖଇରାବାଦ ପଞ୍ଚାୟତ ମଙ୍ଗଳପୁର ଗ୍ରାମର ଅଂଶୁମାନ ସାହୁ। ଅଂଶୁମାନ କଠିନ ପରିଶ୍ରମ ବଳରେ ଆମେରିକାରେ ୫ ବର୍ଷିଆ ଗବେଷଣା କରିବା ପାଇଁ ମନୋନୀତ ହୋଇଛନ୍ତି। ଏହି ଖବର ପ୍ରଚାରିତ ହେବା ପରେ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି।

ଅଂଶୁମାନ ପିଲାଟି ବେଳୁ ଜଣେ ମେଧାବୀ ଥିଲେ। ସେ ୨୦୧୬ରେ ପାଣିକୋଇଲିସ୍ଥ ଜବାହାର ନବୋଦୟ ବିଦ୍ୟାଳୟରୁ ମାଟ୍ରିକ ଓ ୨୦୧୮ରେ +୨ ବିଜ୍ଞାନରେ ସଫଳତାର ସହିତ ପାସ କରିଥିଲେ। ଏହାପରେ ସେ ଓଡ଼ିଶା ଖଣି ନିଗମ ପକ୍ଷରୁ ପ୍ରଦାନ କରାଯାଉଥିବା କୋଚିଂ ନେଇ ବିଭିନ୍ନ ପରୀକ୍ଷା ଦେଇଥିଲେ। ଗୋଟିଏ ବର୍ଷର କୋଚିଂ ପରେ ସେ ରାଉରକେଲା ଏନ୍ଆଇଟି ଓ ଖୋର୍ଦ୍ଧା ନାଇଜରରେ ନାମ ଲେଖାଇବାକୁ ଯୋଗ୍ୟ ବିବେଚିତ ହୋଇଥିଲେ। ନାଇଜରରେ ୫ବର୍ଷିଆ ଇଣ୍ଟିଗ୍ରେଟେଡ ଏମ୍ଏସ୍ସି ପାଇଁ ସ୍ଥିର କରିଥିଲେ। ସେଠାରେ ପଢ଼ିବା ସମୟରେ ପ୍ରଫେସର ସତ୍ୟପ୍ରସାଦ ସେନାନାୟକଙ୍କ ଅଧୀନରେ ମାନୁଆଲ ଇଲେକ୍ଟ୍ରୋନିକ୍ସ ଏଣ୍ଡ ଡିଭାଇସ ଫିଜିକ୍ସ ଗବେଷଣାଗାରରେ ଗବେଷଣା କରିଥିଲେ। ଏବେ ତାଙ୍କର ୫ ବର୍ଷିଆ ଏମଏସସି ଶେଷ ହେବା ପରେ ଆମେରିକାର ପିଟସବର୍ଗସ୍ଥ କାର୍ନିଗ ମେଲୋନ ବିଶ୍ୱବିଦ୍ୟାଳୟରେ ପିଏଚ୍ଡି କରିବା ପାଇଁ ମନୋନୀତ ହୋଇଛନ୍ତି। ସେ ଆସନ୍ତା ୫ ବର୍ଷ ପାଇଁ ସେଠାରେ ଆଗାମୀ ପିଢ଼ି ପାଇଁ ଆବଶ୍ୟକ ହେବାକୁ ଥିବା ଇଲେକ୍ଟ୍ରୋନିକ ମ୍ୟାଗନେଟିକ ଉପରେ ଗବେଷଣା କରିବେ। ଚଳିତ ବର୍ଷ ଏଭଳି ଏକ ମର୍ଯ୍ୟାଦାଜନକ ବିଶ୍ୱବିଦ୍ୟାଳୟରେ ପିଏଚ୍ଡି କରିବା କ୍ଷେତ୍ରରେ ସେ ଦ୍ୱିତୀୟ ଭାରତୀୟ। ଏଥିପାଇଁ ସମସ୍ତ ଖର୍ଚ୍ଚ ସମ୍ପୃକ୍ତ ବିଶ୍ୱବିଦ୍ୟାଳୟ ବହନ କରିବ ବୋଲି ଜଣାପଡ଼ିଛି।

ଅଂଶୁମାନଙ୍କ ବାପା ଅଶୋକ ସାହୁ ଗତ ୨୦୨୦ରେ କୋଭିଡ୍ରେ ମୃତ୍ୟୁବରଣ କରିଥିଲେ। ସ୍ୱର୍ଗତ ଅଶୋକ ପେସାରେ ଜେରକ୍ସ ଦୋକାନୀ ହୋଇଥିବା ବେଳେ ମାଆ ସ୍ମୃତିଙ୍କ ସମେତ ଦାଦା ଓ ପରିବାରର ଅନ୍ୟ ସଦସ୍ୟ ସବୁବେଳେ ସାହାଯ୍ୟ ସହଯୋଗ ଯୋଗାଇ ଆସିଛନ୍ତି। ତାଙ୍କର ଏଭଳି ସଫଳତା ପଛରେ ସମସ୍ତଙ୍କ ହାତ ଥିବା ଅଂଶୁମାନ କହିଛନ୍ତି।

## ସରକାରୀ ଅଫିସ ପରିସରରୁ ଓଭରସିଅରଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

# ହତ୍ୟା ଅଭିଯୋଗ ଆଣିଲେ ପରିବାର

**ଯାଜପୁର, ୧୨।୭(ସମିସ):** ଯାଜପୁର ଥାନା ଅନ୍ତର୍ଗତ ଜଳ ବିଭାଜିକା/ମୃତ୍ତିକା ସଂରକ୍ଷଣ ଉପନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ପରିସରରୁ ମୃତ୍ତିକା ସଂରକ୍ଷଣ ବିଭାଗ ଓଭରସିଅର ସୁରେଶ ମଲ୍ଲିକଙ୍କ ଝୁଲନ୍ତା ମୃତଦେହ ଆଜି ପୂର୍ବାହ୍ନରେ ଉଦ୍ଧାର କରାଯାଇଛି। ସୁରେଶଙ୍କ ଘର କେନ୍ଦ୍ରାପଡ଼ା ଜିଲ୍ଲା ଅହମଦପୁର ଗ୍ରାମରେ ହୋଇଥିବାବେଳେ ସେ ୨୦୧୬ରୁ ମୃତ୍ତିକା ସଂରକ୍ଷଣ ବିଭାଗର ଓଭରସିଅର ଭାବେ ଯାଜପୁର ବ୍ଲକ ଅଞ୍ଚଳରେ କାର୍ଯ୍ୟ କରୁଥିଲେ। ଆଜି ସକାଳୁ ଅଫିସ ପରିସରରେ ଥିବା ଏକ ଗଛରେ ସୁରେଶଙ୍କ ଝୁଲନ୍ତା ମୃତଦେହ ଦେଖି ନାଇଟ୍ ୱାଚମ୍ୟାନ ପୁଲିସ ଓ ଉପରିସ୍ଥ ଅଧିକାରୀଙ୍କୁ ଖବର ଦେଇଥିଲେ। ଯାଜପୁର ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।



ଯାଜପୁର ଏସପି ବିନିତ ଅଗ୍ରୱାଲ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିର ଅନୁଧ୍ୟାନ କରିଥିଲେ। ଘଟଣାସ୍ଥଳରୁ ସୁରେଶଙ୍କ ଗାଡ଼ି ଜବତ ହୋଇଥିବାବେଳେ ପୁଲିସ ସାଇଣ୍ଟିଫିକ ଟିମ୍ର ସହାୟତା ଲୋଡ଼ିଛି। ସେପଟେ ମୃତକଙ୍କ ପରିବାର ପକ୍ଷରୁ ଏହା ଏକ ହତ୍ୟାକାଣ୍ଡ ବୋଲି ଅଭିଯୋଗ କରାଯାଇଛି। ଅଫିସର ସହଯୋଗୀ ସୁରେଶଙ୍କୁ ହତ୍ୟା କରିଥିବା ଅଭିଯୋଗ ହୋଇଛି। ପୁଲିସ ଏ ସଂକ୍ରାନ୍ତରେ ଏକ ହତ୍ୟା ମାମଲା ୨୯୭/୨୪ରେ ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ତଦନ୍ତ ଆଗକୁ ଯିବ ବୋଲି ଯାଜପୁର ଟାଉନ ଥାନା ଅଧିକାରୀ ବିଲ୍ୱମଙ୍ଗଳ ସେଠୀ ସୂଚନା ଦେଇଛନ୍ତି।

## ରାଷ୍ଟ୍ରୀୟ ଶିଶୁ ପୁରସ୍କାର ପାଇଁ ଆବେଦନପତ୍ର ଆହ୍ୱାନ

**ଯାଜପୁର, ୧୨।୭(ସମିସ):** ଭାରତ ସରକାରଙ୍କ ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ ପକ୍ଷରୁ ୨୦୨୫ ବର୍ଷ ନିମନ୍ତେ ପ୍ରଧାନମନ୍ତ୍ରୀ ରାଷ୍ଟ୍ରୀୟ ଶିଶୁ ପୁରସ୍କାର ଚୟନ ନିମନ୍ତେ ଆବେଦନ ପତ୍ର ଆହ୍ୱାନ କରାଯାଇଛି। ଶିଶୁଙ୍କ ପ୍ରତିଭାକୁ ଲୋକଲୋଚନକୁ ଆଣିବା ଓ ସେମାନଙ୍କ ମଧ୍ୟରେ ଥିବା ଅନ୍ତର୍ନିହିତ ଦକ୍ଷତା ଓ ପାରଦର୍ଶିତାର ପରିସ୍ଫୁଟନ କରିବା ଏହି ଯୋଜନାର ମୂଳଲକ୍ଷ୍ୟ ଅଟେ। ଶିଶୁଙ୍କ ମଧ୍ୟରେ ଥିବା କ୍ରୀଡ଼ା, ସମାଜସେବା, ବିଜ୍ଞାନ ଓ କାରିଗରୀ କୌଶଳ, କଳା ଓ ସଂସ୍କୃତି ଆଦି କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ୫ରୁ ଊର୍ଦ୍ଧ୍ୱ ୧୮ ବର୍ଷ ପର୍ଯ୍ୟନ୍ତ ଶିଶୁ ବିଭାଗ ପକ୍ଷରୁ ପ୍ରଦତ୍ତ ନିର୍ଦ୍ଧାରିତ ଦରଖାସ୍ତ ଫର୍ମ ପୋର୍ଟାଲରେ ୩୧.୦୭.୨୦୨୪ ସୁଦ୍ଧା ଆବେଦନ କରିପାରିବେ। ଏହି ପ୍ରଧାନମନ୍ତ୍ରୀ ରାଷ୍ଟ୍ରୀୟ ଶିଶୁ ପୁରସ୍କାର ୨୦୨୫ ଚୟନରେ ଉତ୍ତୀର୍ଣ୍ଣ ପ୍ରତିଯୋଗୀଙ୍କୁ ନୂଆଦିଲ୍ଲୀରେ ଏକ ସ୍ୱତନ୍ତ୍ର ଉତ୍ସବରେ ଭାରତର ରାଷ୍ଟ୍ରପତିଙ୍କ ଦ୍ୱାରା ପୁରସ୍କୃତ କରାଯିବ।

## ୨ ସନ୍ତାନ ଆଇନ ଲାଗୁ କରିବାକୁ ଅତିରିକ୍ତ ଜିଲ୍ଲାପାଳଙ୍କୁ ଦାବିପତ୍ର



**ବ୍ୟାସନଗର, ୧୨।୭(ସମିସ):** ସବୁ ନାଗରିକଙ୍କ ପାଇଁ ସମାନ ସଂହିତା ଆଇନ ପ୍ରଣୟନ ସହିତ ଜାତି, ବର୍ଣ୍ଣ, ଧର୍ମ ନିର୍ବିଶେଷରେ ସବୁ ନାଗରିକଙ୍କ ନିମନ୍ତେ ୨ ସନ୍ତାନ ଆଇନ ଲାଗୁ କରିବା ପାଇଁ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଯାଜପୁର ଜିଲ୍ଲା ସଭାପତି ନିତ୍ୟାନନ୍ଦ ମହାଳିକ, କୁଞ୍ଜବିହାରୀ ମହାନ୍ତି, ସନ୍ତୋଷ ଜେନା, ବରିଷ୍ଠ ସାମ୍ବାଦିକ ନାରାୟଣ ଚନ୍ଦ୍ର ରାଉତରାୟ, କରିମ ଖାନ, ସୁଦର୍ଶନ ମଲିକ, ପ୍ରଫୁଲ୍ଲ ନାୟକଙ୍କ ନେତୃତ୍ୱରେ ଅତିରିକ୍ତ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଜନସଂଖ୍ୟା ସମାଧାନ ଫାଉଣ୍ଡେସନ ପକ୍ଷରୁ ଦେଶରେ (ୟୁସିସି) ସବୁ ନାଗରିକଙ୍କ ପାଇଁ ସମାନ ଆଇନ ପ୍ରଣୟନ କରିବାକୁ ଦାବି କରାଯାଇଛି। ଦେଶ ବର୍ତ୍ତମାନ ବିସ୍ଫୋରକ ଜନସଂଖ୍ୟାଜନିତ ସଙ୍କଟମୟ ପରିସ୍ଥିତି ମଧ୍ୟଦେଇ ଗତି କରୁଛି। ପୃଥିବୀର ସମୁଦାୟ ଜନସଂଖ୍ୟାର ୧୮% ଲୋକ ଆମ ଦେଶରେ ଥିବାବେଳେ ଜନସଂଖ୍ୟାରେ ଭାରତ ଚୀନକୁ ଟପିଗଲାଣି। ଚୀନର କ୍ଷେତ୍ରଫଳ ୯୫.୯୬ ହଜାର ବର୍ଗ କିମି ଥିବାବେଳେ ଆମ ଦେଶର କ୍ଷେତ୍ରଫଳ ହେଉଛି ମାତ୍ର ୩୨.୮୭ ହଜାର କିମି ଅର୍ଥାତ ଆମ ଦେଶ ଭାରତ ଅପେକ୍ଷା ଚୀନର କ୍ଷେତ୍ରଫଳ ତିନି ଗୁଣାରୁ ଅଧିକ। କିନ୍ତୁ ଜନସଂଖ୍ୟାରେ ଆମେ ଚୀନଠାରୁ ଅଧିକ। ଏତେ ବଡ଼ ଜନସଂଖ୍ୟାକୁ ଶସ୍ୟ ସାମଗ୍ରୀ, ଫଳ, ପନିପରିବା, ଦୁଗ୍ଧ, ବିଜୁଳି, ପାଣି, ଇନ୍ଧନ, ସ୍ୱାସ୍ଥ୍ୟ, ଶିକ୍ଷା, ଖାଦ୍ୟ ଇତ୍ୟାଦି ଅତ୍ୟାବଶ୍ୟକୀୟ ଜିନିଷ ଯୋଗାଇବା ସମ୍ପୂର୍ଣ୍ଣ ଅସମ୍ଭବ। ତୁରନ୍ତ ସରକାର ଏ ଦିଗରେ ଧ୍ୟାନ ଦେବାକୁ ଫାଉଣ୍ଡେସନ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଛି।

## ଆନ୍ତର୍ଜାତିକ ପରିଦର୍ଶକ ନେତୃତ୍ୱ କାର୍ଯ୍ୟକ୍ରମ ପାଇଁ ପ୍ରୀତିଶ ମନୋନୀତ



**ଦଶରଥପୁର, ୧୨।୭ (ସମିସ):** ଦଶରଥପୁର ଗ୍ରାମର ଡଃ ପ୍ରୀତିଶ ସାହୁ ଆମେରିକାର ବାଣିଜ୍ୟ ନୀତି ମୂଲ୍ୟାଙ୍କ ନିମନ୍ତେ ଆମେରିକା ସରକାରଙ୍କ ଦ୍ୱାରା ପ୍ରତିଷ୍ଠିତ ପରିଦର୍ଶକ ନେତୃତ୍ୱ କାର୍ଯ୍ୟକ୍ରମ ପାଇଁ ମନୋନୀତ ହୋଇଛନ୍ତି। ଡଃ ସାହୁ ଏବେ ଭୁବନେଶ୍ୱର ଆନ୍ତର୍ଜାତିକ ମ୍ୟାନେଜମେଣ୍ଟ ଇନ୍ଷ୍ଟିଚ୍ୟୁଟ୍ରେ ଅର୍ଥନୀତି ପ୍ରାଧ୍ୟାପକ ଭାବେ କାର୍ଯ୍ୟରତ ଅଛନ୍ତି। ପୃଥିବୀର ବିଭିନ୍ନ ଦେଶରୁ ଏହି ପରିଦର୍ଶକ ନେତୃତ୍ୱ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରୁଥିବା ୧୬ ଜଣ ଅଂଶଗ୍ରହଣକାରୀଙ୍କ ମଧ୍ୟରୁ ଡଃ ସାହୁ ଏକମାତ୍ର ଭାରତୀୟ ଭାବେ ମନୋନୀତ ହୋଇଛନ୍ତି। ଉକ୍ତ ସମ୍ମାନଜନକ ବୃତ୍ତିଗତ ବିନିମୟ କାର୍ଯ୍ୟକ୍ରମ ନିମନ୍ତେ ଆମେରିକା ସରକାର ସମସ୍ତ ଖର୍ଚ୍ଚ ବହନ କରିବେ। ଡଃ ସାହୁଙ୍କ ସମେତ ପୃଥିବୀର ଅନ୍ୟ ୧୫ଟି ଦେଶର ପ୍ରତିନିଧି ଆମେରିକ ବାଣିଜ୍ୟ ବ୍ୟାପାର ମୂଲ୍ୟାଙ୍କନ ପାଇଁ ଫେଡେରାଲ୍, ପ୍ରୋଭିନ୍ସନ୍ ସରକାର ଅନୁଷ୍ଠାନ ସହିତ ସ୍ଥାନୀୟ ବେସରକାରୀ ଶିଳ୍ପ ଅନୁଷ୍ଠାନର ଅଧିକାରୀଙ୍କ ସହିତ ବିସ୍ତୃତ ଆଲୋଚନା କରି ବିଶ୍ୱ ବଜାରରେ ଆମେରିକା କିପରି ପ୍ରତିଯୋଗିତା କରୁଛି ତାହାର ଅନୁଧ୍ୟାନ କରିବେ। ୧୬ ସଦସ୍ୟ ବିଶିଷ୍ଟ ପ୍ରତିନିଧି ମଣ୍ଡଳୀ ଆମେରିକାର ବାଣିଜ୍ୟ ବିଭାଗ, ସଚିବାଳୟ, ବାଣିଜ୍ୟ ପ୍ରତିନିଧି, ଆନ୍ତର୍ଜାତିକ ବାଣିଜ୍ୟ ଆୟୋଗ, ଆନ୍ତର୍ଜାତିକ ମୁଦ୍ରା ପାଣ୍ଠି (ଆଇଏମ୍ଏଫ୍), ବିଭିନ୍ନ ଶିଳ୍ପ ସଂସ୍ଥା ଓ ଆମେରିକାର ବିଭିନ୍ନ ଶୀର୍ଷ ବିଶ୍ୱ ବିଦ୍ୟାଳୟର ଅଧିକାରୀଙ୍କୁ ସାକ୍ଷାତ କରି ଆମେରିକା ତଥା ବିଶ୍ୱ ବାଣିଜ୍ୟ ବ୍ୟବସ୍ଥା ଉପରେ ଅନୁଧ୍ୟାନ କରିବେ।

## ପେଟ୍ରୋଲ ପମ୍ପ ଉଦ୍ଘାଟିତ

**କବାଟବନ୍ଧ, ୧୨।୭ (ସମିସ):** ଧର୍ମଶାଳା ବ୍ଲକ ଅଧୀନ ଚଣ୍ଡିଖୋଲ-ଡୁବୁରୀ ୫୩ ନମ୍ବର ଜାତୀୟ ରାଜପଥର କୁସୁନପୁର ଛକ ନିକଟରେ ସାଧନା ଫିଲିଂ ଷ୍ଟେସନ ନାମକ ଏକ ପେଟ୍ରୋଲ ପମ୍ପ ଶୁକ୍ରବାର ଉଦଘାଟିତ ହୋଇଛି। ମୁଖ୍ୟଅତିଥି ଭାବେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ଯୋଗ ଦେଇ ଉଦ୍ଘାଟନ କରିଥିଲେ। ସାଧନା ଫିଲିଂ ଷ୍ଟେସନର ପ୍ରତିଷ୍ଠାତା ସ୍ୱର୍ଗତ ମନୋଜ କୁମାର ପ୍ରଧାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ଗ୍ରାହକଙ୍କୁ ଫୁଲଚାରା ଓ ମିଠା ପ୍ୟାକେଟ ବଣ୍ଟନ କରାଯାଇଥିଲା। ଏ ଅବସରରେ ଗ୍ରାହକଙ୍କ ପାଇଁ ଆକର୍ଷଣୀୟ ପୁରସ୍କାର ପ୍ରଦାନ କରାଯିବ ବୋଲି ପେଟ୍ରୋଲ ପମ୍ପ ପକ୍ଷରୁ ସୂଚନା ମିଳିଛି। ଆସନ୍ତା ଅଗଷ୍ଟ ମାସରେ ଲକି ଡ୍ର ମାଧ୍ୟମରେ ଭାଗ୍ୟଶାଳୀ ବିଜେତାଙ୍କୁ ପୁରସ୍କାର ପ୍ରଦାନ କରାଯିବ। ଏଠାରେ ଗ୍ରାହକଙ୍କୁ ବିଶୁଦ୍ଧ ଥଣ୍ଡା ପାଣି, ଶୌଚାଳୟ, ଭଳି ଉତ୍ତମ ସେବା ଓ ଖୁବଶୀଘ୍ର ଏକ ବେକେରୀ ସପ ଖୋଲାଯିବ ବୋଲି ପମ୍ପ ପକ୍ଷରୁ ସୂଚନା ମିଳିଛି। ଜିଓ କମ୍ପାନୀ ଓଡ଼ିଶା ମୁଖ୍ୟ ମୋହିତ ବିଶତ, ଏସବିଡିଏମ ବିଜୟ ପାତ୍ର, ସେଲସ ଆଣ୍ଡ ନେଟୱର୍କ ଟିମ ସମେତ ପ୍ରୋପ୍ରାଇଟର ପ୍ରଦୀପ୍ତ ପ୍ରଧାନ, ମ୍ୟାନେଜର ସନ୍ତୋଷ ରାଉତ, ସରୋଜ ବେହେରା, ସୁନୀଲ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ଫେରୋକ୍ରୋମ୍ ମଜଦୁର ସଂଘ ପୁନର୍ଗଠିତ

**ବ୍ୟାସନଗର, ୧୨।୭(ସମିସ):** ଯାଜପୁରରୋଡ ସହରର ପୁରାତନ କାରଖାନା ଫେରୋକ୍ରୋମ ପ୍ଲାଣ୍ଟର ଶ୍ରମିକ ସଂଗଠନ ଫେରୋକ୍ରୋମ ମଜଦୁର ୟୁନିଅନର ନୂତନ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ୟୁନିଅନର ସଭାପତି ଭାବେ କୋରେଇ ବିଧାୟକ ଆକାଶ ଦାସନାୟକ ସର୍ବସମ୍ମତି କ୍ରମେ ନିର୍ବାଚିତ ହୋଇଛନ୍ତି। କାର୍ଯ୍ୟକାରୀ ସଭାପତି ଭାବେ ଜଗବନ୍ଧୁ ଦାସ, ପ୍ରୀତିରଞ୍ଜନ ସାହୁ, ଉପସଭାପତି ଭାବେ କଳିଙ୍ଗ ପହି, ପ୍ରିୟବ୍ରତ ସାହୁ, ପଦ୍ମନାଭ ଜେନା, ଅମର ବିଶ୍ୱାଳ, ସାଧାରଣ ସମ୍ପାଦକ ଭାବେ ଜନ୍ମେଜୟ ରାଉତ, ସହସମ୍ପାଦକ ଭାବେ ଇନ୍ଦ୍ରମଣି ସାହୁ, କୋଷାଧ୍ୟକ୍ଷ ଭାବେ ଦୁଲାରାମ ବିରୁଆ, ଉପଦେଷ୍ଟା ଭାବେ ଅନୁପ ରାଉତ, ଶିଶିର ରାଉତ, ଜିତେନ୍ଦ୍ର ବେହୁରିଆ, ଗୋକୁଳାନନ୍ଦ ଜେନା, ପ୍ରିୟବ୍ରତ ରାଉତ ଓ କାର୍ଯ୍ୟକାରିଣୀ କମିଟି ସଦସ୍ୟ ଭାବେ ଅଚ୍ୟୁତାନନ୍ଦ ସାମଲ, ମହେଶ୍ୱର ପ୍ରଧାନ, ରଘୁନାଥ ସିଙ୍କୁ ଓ ସନ୍ତୋଷ ମୋଦିଙ୍କୁ ମନୋନୀତ କରାଯାଇଛି। ସଂଘର ପୁନର୍ଗଠନ ନେଇ ଫେରୋକ୍ରୋମ ପ୍ଲାଣ୍ଟର ୟୁନିଟ ହେଡ ଏବଂ ଯୁଗ୍ମ ଶ୍ରମ କମିଶନର ଯାଜପୁର ରୋଡଙ୍କ ଅବଗତି ନିମନ୍ତେ ପତ୍ର ମାଧ୍ୟମରେ ସୂଚନା ଦିଆଯାଇଛି।

## ହୃଦ୍ଘାତରେ ଅବସରପ୍ରାପ୍ତ କର୍ମଚାରୀ ମୃତ

**ବ୍ୟାସନଗର, ୧୨।୭ (ସମିସ):** କୋରେଇ ବ୍ଲକ ଅନ୍ତର୍ଗତ ଖମଣ ପଞ୍ଚାୟତ ଶଙ୍ଖଚିଲା ଗୁରୁସାହିର ଅବସରପ୍ରାପ୍ତ ସରକାରୀ କର୍ମଚାରୀ ଗୋବିନ୍ଦ ଚନ୍ଦ୍ର ଗୁରୁ(୮୨)ଙ୍କ ହୃଦଘାତରେ ମୃତ୍ୟୁ ଘଟିଛି। ସେ ଗୁରୁବାର ଘରେ ବସିଥିବା ସମୟରେ ହଠାତ୍ ତଳେ ପଡ଼ିଯାଇଥିଲେ। ପରିବାର ଲୋକେ ତାଙ୍କୁ ମେଡିକାଲ ନେବା ପରେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଶ୍ରୀ ଗୁରୁ ରାଜ୍ୟ ସରକାରଙ୍କ କୃଷି ବିଭାଗରେ ଓଭରସିଅର ଭାବେ ଚାକିରି କରି ଲୋକପ୍ରିୟତା ହାସଲ କରିଥିଲେ। ତାଙ୍କ ମୃତ୍ୟୁରେ ଶଙ୍ଖଚିଲା ଓ ଏହା ଆଖପାଖ ଗ୍ରାମରେ ଶୋକର ଛାୟା ଖେଳିଯାଇଥିଲା। ଖମଣ ସରପଞ୍ଚ ଜୟନ୍ତୀ ରାଉତ, କୋରେଇ ବ୍ଲକ ଅଧ୍ୟକ୍ଷା ଜୟନ୍ତୀ ଦଳାଇ, ଖମଣ ପଞ୍ଚାୟତର ବିଜେଡି ସଭାପତି କୈଳାସ ସାହୁ, ବିଜେଡି ଯୁବନେତା ଆଲେକଜାଣ୍ଡାର ଦାସ, ବାବୁଲାଲ ଗୁରୁଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶ୍ରୀ ଗୁରୁଙ୍କ ଶେଷ ଦର୍ଶନ କରିଥିଲେ। ପରେ ଗାଁ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ପୁଅ ଗିରିଜା ଶଙ୍କର ଗୁରୁ ମୁଖାଗ୍ନି ଦେଇଥିଲେ।

## ସାପ କାମୁଡ଼ାରେ ମହିଳାଙ୍କ ମୃତ୍ୟୁ

**ଯାଜପୁର, ୧୨।୭(ସମିସ):** ଯାଜପୁର ସଦର ଥାନା ଅନ୍ତର୍ଗତ ଶଙ୍ଖନାଳି ଗ୍ରାମର ନରେନ୍ଦ୍ର ପଣ୍ଡାଙ୍କ ପତ୍ନୀ ସ୍ୱର୍ଣ୍ଣଲତା ପଣ୍ଡା (୫୫)ଙ୍କ ସାପ କାମୁଡ଼ାରେ ପରଲୋକ ଘଟିଛି। ଗତ ୧୧ ତାରିଖ ଅପରାହ୍ନରେ ଖାଇସାରିବା ପରେ ନଳକୂପ ନିକଟରେ ବାସନ ମାଜୁଥିବା ସମୟରେ ହଠାତ୍ ଏକ ବିଷଧର ସାପ ସ୍ୱର୍ଣ୍ଣଲତାଙ୍କ ହାତକୁ କାମୁଡ଼ି ଦେଇଥିଲା। ସେ ଘଟଣାସ୍ଥଳରେ ସଂଜ୍ଞାହୀନ ହୋଇ ପଡ଼ିଯାଇଥିଲେ। ପରିବାର ସଦସ୍ୟ ଓ ଗ୍ରାମର ଲୋକେ ନିକଟସ୍ଥ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ସଦର ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଥିବା ଜଣାପଡ଼ିଛି।

# ସମସରପୁର ବିଦ୍ୟାଳୟରେ ପରିବେଶ ସଚେତନତା

**ବଡ଼ଚଣା, ୧୨।୭(ସମିସ):** ଛତିଆ ନିକଟସ୍ଥ ସମସରପୁର ପ୍ରାଥମିକ ବିଦ୍ୟାଳୟରେ ଉଦୀୟମାନ ସବୁଜ ବାହିନୀ ପରିବେଶ ପରିକ୍ରମା ପକ୍ଷରୁ ଏକ ପରିବେଶ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଛତିଆ ଗାନ୍ଧୀ ଆଶ୍ରମ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରତାପ ଚନ୍ଦ୍ର ଆଚାର୍ଯ୍ୟ ଉଦଘାଟନ କରି କହିଲେ, ବର୍ତ୍ତମାନ ସମୟରେ ବିଶ୍ୱ ତାପାୟନର ଅନିୟମିତତା ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡୁଛି। ଏହାର ନିୟନ୍ତ୍ରଣ ଲାଗି ବ୍ୟାପକ ବୃକ୍ଷରୋପଣର ଆବଶ୍ୟକତା ରହିଛି। ମୁଖ୍ୟଅତିଥି ମନୋଜ କୁମାର ସାମଲ କହିଲେ, ଉଦୀୟମାନର ଏହି ମହତ କାର୍ଯ୍ୟକୁ ଯେତେ ପ୍ରଶଂସା କଲେ କମ୍ ହେବ। ମୁଖ୍ୟବକ୍ତା ଡା. କୈବଲ୍ୟ ମହାପାତ୍ର କହିଲେ, ଛାତ୍ରଛାତ୍ରୀ ହେଉଛନ୍ତି ଆଗାମୀ ଦିନର ଭବିଷ୍ୟତ। ଏମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଇପାରିଲେ ଆଗାମୀ ପିଢ଼ିଙ୍କ ଜୀବନ ଉଜ୍ଜ୍ୱଳମୟ ହେବ। ସମ୍ମାନିତ ଅତିଥି କୈଳାସ ଚନ୍ଦ୍ର ସାମଲ କହିଲେ, ବୃକ୍ଷ ବିନା ଏ ଜୀବ ଜଗତ ଅସମ୍ଭବ। ତେଣୁ ବୃକ୍ଷରୋପଣର ନିହାତି ଆବଶ୍ୟକତା ରହିଛି। ଅନ୍ୟମାନଙ୍କ ମଧ୍ୟରେ ସମାଜସେବୀ ଅଭିରାମ ସ୍ୱାଇଁ, ସ୍ୱେଚ୍ଛାସେବୀ ମାନସୀ ଦାଶ ପ୍ରମୁଖ ଆଲୋଚନାରେ ଭାଗନେଇ ଛାତ୍ରଛାତ୍ରୀଙ୍କୁ ପ୍ରେରଣା ଦେଇଥିଲେ। ଏହି ସଚେତନତା ସଭାକୁ ଶାଖା ସମ୍ପାଦିକା ସସ୍ମିତା ମହାପାତ୍ର ସଭାପତିତ୍ୱ କରିଥିବାବେଳେ ମୁଖ୍ୟ ପରିଚାଳିକା ବବିତା ସାମଲ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଉଷାକାନ୍ତ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଅତିଥିଙ୍କ ସହ ସାମାଜିକ କର୍ମୀ ଜନ୍ମେଜୟ ସାମଲ, କିରଣବାଳା ସାମଲ, କନକଲତା ଶତପଥୀ, ନିର୍ଝରିଣୀ ପଣ୍ଡା, ଜ୍ୟୋସ୍ନାରାଣୀ ରାଉଳ, ନିର୍ମଳା ବିଶ୍ୱାଳ, ଅନ୍ନପୂର୍ଣ୍ଣା ରାଉଳ ପ୍ରମୁଖ ବିଦ୍ୟାଳୟ ପରିସରରେ ବିଭିନ୍ନ ଫଳଫୁଲ ଓ ଔଷଧୀୟ ବୃକ୍ଷ ରୋପଣ କରିଥିଲେ।



## ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା ଓ ପାଠଚକ୍ରର ସାଂଗଠନିକ ସମ୍ମିଳନୀ

**ବିଂଝାରପୁର, ୧୨।୭(ସମିସ):** ନିଖିଳ ଉତ୍କଳ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା ଓ ପାଠଚକ୍ରର ସାଂଗଠନିକ କର୍ମୀ ସମ୍ମିଳନୀ ରାଜ୍ୟର ପ୍ରତ୍ୟେକ ଜିଲ୍ଲାରେ ଜୁଲାଇ ୧ ତାରିଖରୁ ଆରମ୍ଭ ହୋଇ ୩୦ଟି ଜିଲ୍ଲାରେ ୩୦ ଦିନରେ ଶେଷ ହୁଏ। ତେବେ ଜୁଲାଇ ୧୨ ତାରିଖ ଶୁକ୍ରବାର ଦିନ ଯାଜପୁର ଜିଲ୍ଲାରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ନିରବ ଧ୍ୟାନ ଓ ତତ୍ପରେ ଶ୍ରୀଅରବିନ୍ଦଙ୍କ ସ୍ୱହସ୍ତ ଲିଖିତ ଦୁର୍ଗା ସ୍ତୋତ୍ର ପାଠ କରାଯାଇଥିଲା। ଜିଲ୍ଲା ସଭାପତି କୈଳାସ ଚନ୍ଦ୍ର କୁଅଁର ସଭା କାର୍ଯ୍ୟ ପରିଚାଳନା କରିଥିବାବେଳେ ମୁଖ୍ୟବକ୍ତା କପିଳାସ ପ୍ରସାଦ ଦାସ 'ଭଗବାନ ଜୀବନର ଏକମାତ୍ର ଅବଲମ୍ବନ' ଶୀର୍ଷକ ବିଷୟବସ୍ତୁରେ ନିଜର ଗଭୀର ଜ୍ଞାନାଲୋକର ପ୍ରତିଫଳନ କରାଇଥିଲେ। ନ୍ୟୁ ଲାଇଫ ଏଜ୍ୟୁକେସନ୍ ଟ୍ରଷ୍ଟର କୋଡିନେଟର ବ୍ରଜସୁନ୍ଦର ତ୍ରିପାଠୀ ଶ୍ରୀଅରବିନ୍ଦଙ୍କ ପ୍ରଣିତ ପୂର୍ଣ୍ଣାଙ୍ଗ ଶିକ୍ଷା ସମ୍ବନ୍ଧରେ ବିସ୍ତାର ଆଲୋଚନା କରିଥିଲେ। ଓଡ଼ିଶା ରାଜ୍ୟ ଶ୍ରୀଅରବିନ୍ଦ ପାଠଚକ୍ର ସମ୍ମିଳନୀର କର୍ଣ୍ଣଧାର ତଥା ନ୍ୟୁ ଲାଇଫ ଏଜ୍ୟୁକେସନ ଟ୍ରଷ୍ଟର ସମ୍ପାଦକ ପ୍ରସାଦ ତ୍ରିପାଠୀ ସ୍ୱର୍ଗତ କାଙ୍ଗାଳି ଚରଣ ପତିଙ୍କ ଜନ୍ମ ଶତବାର୍ଷିକୀ ଅବସରରେ ତାଙ୍କର ନିଷ୍ଠା, ଉଦ୍ୟମ, କର୍ତ୍ତବ୍ୟ ପରାୟଣ ଓ ମୃତ୍ୟୁ ପର୍ଯ୍ୟନ୍ତ ଏହି ମହାନ୍ କର୍ମରେ ନିଜକୁ ଉତ୍ସର୍ଗ କରିଥିଲେ ବୋଲି କହିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଯାଜପୁର ଜିଲ୍ଲାର ସମସ୍ତ ବ୍ଲକରୁ ପାଠଚକ୍ର ସଭ୍ୟ ଓ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରରୁ ସହସ୍ରାଧିକ ଅପା ଭାଇ ଯୋଗ ଦେଇଥିଲେ। ଜିଲ୍ଲା ସଂଗଠନର ପୁରୁଷୋତ୍ତମ ନାଏକ, କହ୍ନେଇ ଚରଣ ପୃଷ୍ଟି, ବନମାଳୀ ଆଚାର୍ଯ୍ୟ, ସଦାନନ୍ଦ ନାଏକ, ହେମଲତା ବେହେରା ଉପସ୍ଥିତ ଥିଲେ।



## ସୁକିନ୍ଦା ରଥଯାତ୍ରାରେ ମାରପିଟ୍ ଘଟଣା

# ଅତିରିକ୍ତ ଜିଲ୍ଲାପାଳଙ୍କ ବୈଠକ ପରେ ସ୍ଥିତି ସ୍ୱାଭାବିକ

**ସୁକିନ୍ଦା, ୧୨।୭ (ସମିସ)**

ଚଳିତ ଗୁଣ୍ଡିଚା ଯାତ୍ରାରେ ରଥରୁ ଠାକୁରଙ୍କୁ ଆଡ଼ପ ମଣ୍ଡପକୁ ନେବାକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ମାରପିଟ୍ ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଲାଗିରହିଥିବା ଉତ୍ତେଜନାର ଅବସାନ ଘଟିଛି। ଚଳିତ ରଥଯାତ୍ରାର ଗତ ସୋମବାର ସନ୍ଧ୍ୟାରେ ରଥ ଗୁଣ୍ଡିଚା ମନ୍ଦିରରେ ପହଞ୍ଚିବା ପରେ ରଥରୁ ଠାକୁରଙ୍କୁ ଗୁଣ୍ଡିଚା ମନ୍ଦିରକୁ ନ ନେଇ ସୁକିନ୍ଦା ଶାସନର ବ୍ରାହ୍ମଣ ସେବାୟତ ଚାଲିଯାଇଥିଲେ। ପହଣ୍ଡି ସମୟରେ କିଛି ଲୋକ ସେମାନଙ୍କୁ ଖରାପ ବ୍ୟବହାର କରିଥିବା ଅଭିଯୋଗ କରି ସେମାନେ ଚାଲିଯାଇଥିଲେ। ସୁକିନ୍ଦା ତହସିଲଦାର ଦମୟନ୍ତୀ ସାହୁ, ଆରଆଇ ଓ ଦେବୋତ୍ତର କମିଟି ସଦସ୍ୟ ବହୁ ଚେଷ୍ଟା କରିଥିଲେ ମଧ୍ୟ ସେବାୟତ ରାଜି ହୋଇ ନ ଥିଲେ। ସୁକିନ୍ଦାର ବଡ଼ପଣ୍ଡା ପରିବାର ସଦସ୍ୟଙ୍କ ସହ ଅନ୍ୟ କେତେକ ବ୍ରାହ୍ମଣ ଯୁବକ ଠାକୁରଙ୍କୁ ରଥରୁ ଗୁଣ୍ଡିଚା ମନ୍ଦିରକୁ ନେବାକୁ ପ୍ରସ୍ତୁତ ହେବା ସମୟରେ ଶାସନ ସେବାୟତ ସେଠାରେ ପହଞ୍ଚି ବିରୋଧ କରିଥିଲେ। ଏହି ଘଟଣାକୁ ନେଇ ଉଭୟ ଗୋଷ୍ଠୀ ମଧ୍ୟରେ ପ୍ରଥମେ ପାଟିତୁଣ୍ଡ ଓ ପରେ ମାରପିଟ୍ ହୋଇଥିଲା। ତହସିଲଦାରଙ୍କ ନିର୍ଦ୍ଦେଶରେ ସ୍ଥାନୀୟ ପୁଲିସ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲା। ଶାସନ ସେବାୟତ ଚାଲିଯିବାରୁ ଅନ୍ୟ ସେବାୟତ ଠାକୁରଙ୍କୁ ବିଳମ୍ବିତ ରାତିରେ ଗୁଣ୍ଡିଚା ମନ୍ଦିରକୁ ନେଇଥିଲେ। ଏହି ଘଟଣାକୁ ନେଇ ଉଭୟ ପକ୍ଷରୁ ସୁକିନ୍ଦା ଥାନାରେ ଅଭିଯୋଗ ହୋଇଛି।

ବାହୁଡ଼ା ଯାତ୍ରା ପୂର୍ବରୁ ଘଟଣାର ସମାଧାନ ପାଇଁ ତହସିଲଦାର ଓ କଳିଙ୍ଗନଗର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଉଭୟ ପକ୍ଷଙ୍କୁ ନେଇ ସୁକିନ୍ଦା ଥାନାରେ ବୈଠକ କରିଥିଲେ ମଧ୍ୟ କିଛି ସମାଧାନ ହୋଇପାରି ନ ଥିଲା। ଘଟଣା ସମ୍ପର୍କରେ ସ୍ଥାନୀୟ ଲୋକେ ସୁକିନ୍ଦା ବିଧାୟକ ତଥା ମନ୍ତ୍ରୀ ପ୍ରଦୀପ ବଳସାମନ୍ତଙ୍କୁ ଜଣାଇବା ପରେ ମନ୍ତ୍ରୀ ଶ୍ରୀ ବଳସାମନ୍ତ ଯାଜପୁର ଅତିରିକ୍ତ ଜିଲ୍ଲାପାଳ ନବକୃଷ୍ଣ ଜେନାଙ୍କ ସହ ଘଟଣା ସମ୍ପର୍କରେ ଆଲୋଚନା କରି ଘଟଣାର ସମାଧାନ କରିବାକୁ ପରାମର୍ଶ ଦେଇଥିଲେ। ଗତ ବୁଧବାର ସନ୍ଧ୍ୟାରେ ସୁକିନ୍ଦା ପୂର୍ତ୍ତ ବିଭାଗ ଅତିଥିଶାଳାରେ ଅତିରିକ୍ତ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଯେଉଁଥିରେ ତହସିଲଦାର ଦମୟନ୍ତୀ ସାହୁ, ଥାନା ଅଧିକାରୀ ଉପସ୍ଥିତ ଥିଲେ। ଅତିରିକ୍ତ ଜିଲ୍ଲାପାଳ ଉଭୟ ପକ୍ଷ ସଦସ୍ୟଙ୍କ ସହ ଅଲଗା ଅଲଗା ଆଲୋଚନା କରି ଲାଗି ରହିଥିବା ବିବାଦର ସମାଧାନ କରିଥିଲେ। ପୂର୍ବରୁ ହୋଇଆସୁଥିବା ବିଧି ଅନୁସାରେ ସେବା କାର୍ଯ୍ୟ ଜାରି ରହିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିବା ଜଣାପଡ଼ିଛି। ଉଭୟ ପକ୍ଷରୁ ହୋଇଥିବା ଅଭିଯୋଗ ପୁଲିସ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅତିରିକ୍ତ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ବୁଧବାର ବୈଠକରେ ନିଷ୍ପତ୍ତି ହୋଇ ସମାଧାନ ପରେ ସ୍ଥାନୀୟ ଅଞ୍ଚଳରେ ଲାଗି ରହିଥିବା ଅଶାନ୍ତ ପରିସ୍ଥିତି ସ୍ୱାଭାବିକ ହୋଇଛି। ଆସନ୍ତା ବାହୁଡ଼ା ଯାତ୍ରା ସୁରୁଖୁରୁରେ ହେବା ନେଇ ଭକ୍ତଙ୍କ ମହଲରେ ଆନନ୍ଦ ଦେଖାଦେଇଛି।

# ସହରରୁ ଗ୍ରାମାଞ୍ଚଳକୁ ଡେଇଁଲା ଡେଙ୍ଗୁ

**ଭୁବନେଶ୍ୱର, ୧୨।୭(ସମିସ):** ସାଧାରଣତଃ ଡେଙ୍ଗୁ ସହରାଞ୍ଚଳରେ ଦେଖାଯାଏ। କିନ୍ତୁ ବିଭିନ୍ନ କାରଣ ପାଇଁ ସହରାଞ୍ଚଳରୁ ଏବେ ଗ୍ରାମାଞ୍ଚଳକୁ ଡ଼େଇଁଲାଣି ଡେଙ୍ଗୁ। ସରକାରୀ ଭାବେ ଡେଙ୍ଗୁ ଆକ୍ରାନ୍ତଙ୍କ ସଂଖ୍ୟା ୫୧୫ ବୋଲି କୁହାଯାଇଥିବା ବେଳେ ବେସରକାରୀ ଭାବେ ଏହି ସଂଖ୍ୟା ହଜାରେରୁ ଅଧିକ। ଏହାକୁ ନେଇ ମୁଖ୍ୟ ସଚିବ ମନୋଜ ଆହୁଜା ଚିନ୍ତା ବ୍ୟକ୍ତ କରିବା ସହିତ ଡେଙ୍ଗୁ ମୁକାବିଲା ପାଇଁ ୧୦ ବିଭାଗର ସହଯୋଗ ଲୋଡିଛନ୍ତି। ମୁଖ୍ୟ ସଚିବ ନିଜେ ବିଭିନ୍ନ ବିଭାଗର ମୁଖ୍ୟମାନଙ୍କୁ ପତ୍ର ଲେଖି ସେମାନଙ୍କ ଦାୟିତ୍ୱ ସମ୍ପର୍କରେ ଅବଗତ କରାଇବା ପରିସ୍ଥିତିର ଗମ୍ଭୀରତାକୁ ଦର୍ଶାଉଛି।

ମୁଖ୍ୟ ସଚିବ ନିଜ ପତ୍ରରେ ଗଣଶିକ୍ଷା ବିଭାଗ, ପଞ୍ଚାୟତିରାଜ ବିଭାଗ, ନଗର ଉନ୍ନୟନ ବିଭାଗ, ଶିଳ୍ପ ବିଭାଗ, ଗ୍ରାମ୍ୟ ଉନ୍ନୟନ ବିଭାଗ, ଏସ୍‌ଟି ଓ ଏସ୍‌ସି ବିଭାଗ, ସୂଚନା ଓ ଲୋକ ସମ୍ପର୍କ ବିଭାଗ, ମତ୍ସ୍ୟ ଓ ପଶୁ ସମ୍ପଦ ବିଭାଗ, କୃଷି ବିଭାଗ, ମହିଳା ଓ ଶିଶୁ କଲ୍ୟାଣ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ତଥା ପ୍ରମୁଖ ସଚିବଙ୍କ ହସ୍ତକ୍ଷେପ ଲୋଡିଛନ୍ତି। ଏଥିରେ



ସବୁଠାରୁ ଅଧିକ ଦାୟିତ୍ୱ ରହିଛି ନଗର ଉନ୍ନୟନ, ପଞ୍ଚାୟତିରାଜ, ଗଣଶିକ୍ଷା ବିଭାଗର। ତେବେ କଥା ହେଉଛି ଏସବୁ ବିଭାଗ ଗୁଡିକର ଯାହା ସବୁ ସମ୍ପର୍କରେ ଅବଗତ କରାଯାଇଛି ତାହା ସେମାନଙ୍କ ପାଇଁ କିଛି ନୂଆ କଥା ନୁହେଁ। ସମସ୍ତେ ନିଜ ନିଜ ଦାୟିତ୍ୱ ସମ୍ପର୍କରେ ପୂର୍ବରୁ ଜାଣିଛନ୍ତି। କିନ୍ତୁ ସେମାନେ ନିଜ ଦାୟିତ୍ୱ ଠିକ୍ ଭାବେ ପାଳନ କରୁନଥିବାରୁ ଚଳିତ ବର୍ଷ ପରି ଅତୀତରେ ଡେଙ୍ଗୁ ମାରାତ୍ମକ

- ସରକାରୀ ଭାବେ ୫୦୦ରୁ ଅଧିକ ଆକ୍ରାନ୍ତ
- ୧୦ ବିଭାଗର ହସ୍ତକ୍ଷେପ ଲୋଡ଼ିଲେ ମୁଖ୍ୟ ସଚିବ

ରୂପ ଧାରଣ କରୁଛି। ସବୁ ବର୍ଷ ଏହି ବିଭାଗ ମାନଙ୍କୁ ସେମାନଙ୍କ ଦାୟିତ୍ୱ ସମ୍ପର୍କରେ ବୁଝାଇବାକୁ ପଡୁଛି। ବର୍ଷକୁ ଥରେ ଦୁଇ ଥର ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜିଲ୍ଲାସ୍ତରୀୟ ଅଧିକାରୀମାନଙ୍କୁ ପତ୍ର ଲେଖି ଏପରି ନିର୍ଦ୍ଦେଶ ଦିଆଯାଏ। ଏଥିରେ ଯେଉଁ ସବୁ ପଦକ୍ଷେପ ନେବା ପାଇଁ କୁହାଯାଇ ଥାଏ ତାହା କିଛି ନୂଆ ନୁହେଁ। ଦାୟିତ୍ୱରେ ଥିବା ଅଧିକାରୀଙ୍କ ଠାରୁ ତଳିଆ କର୍ମଚାରୀ ସମସ୍ତେ ଜାଣନ୍ତି ଏହି ପଦକ୍ଷେପ ନେବାକୁ ହେବ। ତଥାପି ବିଭାଗ ପକ୍ଷରୁ ପତ୍ର ଲେଖି ବିସ୍ତୃତ ଭାବେ ସେମାନଙ୍କ ଦାୟିତ୍ୱ ସମ୍ପର୍କରେ ବୁଝାଇବାକୁ ପଡେ। କାରଣ ଯଦି ପ୍ରକୃତରେ ଜିଲ୍ଲାସ୍ତରୀୟ ଅଧିକାରୀମାନେ ନିଜ କର୍ତ୍ତବ୍ୟ ଠିକ୍ ଭାବେ ସମ୍ପାଦନ କରନ୍ତେ ତା ହେଲେ ସବୁ ଥର ଡେଙ୍ଗୁ, ମ୍ୟାଲେରିଆ ବ୍ୟାପି ଲୋକଙ୍କ ଜୀବନ ଯିବା ପରେ କର୍ତ୍ତବ୍ୟ ସମ୍ପର୍କରେ ବୁଝାଇବାକୁ ପଡନ୍ତା ନାହିଁ। ନା ସଚେତନତା ପାଇଁ ଉପଯୁକ୍ତ ପଦକ୍ଷେପ ନିଆଯାଉଛି ନା ସମୟ ଥାଉ ଥାଉ ପ୍ରତିକାର ବ୍ୟବସ୍ଥା ହେଉଛି। ବାହାଘର ବେଳେ ବାଇଗଣ ରୁଆ ନୀତିରେ କାମ ଚାଲିଥିବା ଅଭିଯୋଗ ହେଉଛି।

■ ରାସନ କାର୍ଡଧାରୀଙ୍କ ଚିହ୍ନଟ ପ୍ରକ୍ରିୟା ବ୍ୟାପକ

# ୨୫ ଲକ୍ଷ ଭୂତ ହିତାଧିକାରୀ ଚିହ୍ନଟ

**ଭୁବନେଶ୍ୱର, ୧୨।୭(ସମିସ):** ଖାଦ୍ୟ ସୁରକ୍ଷା ଯୋଜନାରେ ଭୂତ ଏବଂ ଅଯୋଗ୍ୟ ରାସନ କାର୍ଡ ହିତାଧିକାରୀଙ୍କ ଚିହ୍ନଟ ପ୍ରକ୍ରିୟାକୁ ବ୍ୟାପକ କରିଛି ନୂଆ ବିଜେପି ସରକାର। ଅନେକ ଦିନରୁ ଅଯୋଗ୍ୟ ହିତାଧିକାରୀଙ୍କ ସହ ଭୂତ ରାସନ କାର୍ଡ କାର୍ଯ୍ୟକ୍ଷମ ଥିବାବେଳେ ଏହାକୁ ଚିହ୍ନଟ କରିବାରୁ ବିଭାଗୀୟ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ସବୁ ଜିଲ୍ଲାର ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଯାବତ୍ ରାଜ୍ୟବ୍ୟାପୀ ପ୍ରାୟ ୨୫ ଲକ୍ଷ ଭୂତ କାର୍ଡ ଚିହ୍ନଟ ହେଲାଣି। ଚଳିତ ମାସ ଶେଷ ଯାଏଁ ଏହି ଚିହ୍ନଟ ପ୍ରକ୍ରିୟା ଜାରି ରହିବ ବୋଲି ମନ୍ତ୍ରୀ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

ମନ୍ତ୍ରୀ ଶ୍ରୀ ପାତ୍ରଙ୍କ ଅନୁଯାୟୀ ଜାଲ ରାସନ କାର୍ଡ ଚିହ୍ନଟ ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏହି ପ୍ରକ୍ରିୟା ବର୍ତ୍ତମାନ ଜୋର୍‌ଦାର ଭାବେ ଚାଲିଥିବା ବେଳେ ଚଳିତ ମାସ ଶେଷ ସୁଦ୍ଧା ଚିହ୍ନଟ ପ୍ରକ୍ରିୟା ସରିବ। ଏହାପରେ ନୂଆ ହିତାଧିକାରୀଙ୍କୁ ଖାଦ୍ୟ ସୁରକ୍ଷା ଯୋଜନା ଅଧିନରେ ରାସନ କାର୍ଡ ଯୋଗାଇ ଦିଆଯିବ। ସରକାର ଗଠନର ପ୍ରଥମ ୧୦୦ ଦିନିଆ କାର୍ଯ୍ୟଖସଡ଼ାରେ

**ଚଳିତ ମାସ ଶେଷ ଯାଏଁ ଚାଲିବ ଚିହ୍ନଟ ପ୍ରକ୍ରିୟା**

ଏହି ନୂଆ ହିତାଧିକାରୀଙ୍କୁ ସାମିଲ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଅତି ବେଶୀରେ ମାସେ ଭିତରେ ଜାଲ କାର୍ଡ ଚିହ୍ନଟ ଶେଷ ହେବ। ଆଉ ମାସେରୁ ୨ ମାସ ଭିତର ନୂଆ ହିତାଧିକାରୀଙ୍କୁ ଯୋଡ଼ା ଯିବ। ଅପରପକ୍ଷେ ରାସନ କାର୍ଡ ପାଇବାକୁ ପ୍ରତିଟି ଯୋଗ୍ୟ ଆବେଦନକାରୀଙ୍କୁ ସରକାର ନୂଆ ରାସନ କାର୍ଡ ଯୋଗାଇ ଦେବେ ବୋଲି ମନ୍ତ୍ରୀ ସୂଚନା ପ୍ରଦାନ କରିଛନ୍ତି।

# ୧୪ରେ ପହଞ୍ଚିବ ସରକାରୀ ମେଡିକାଲ କଲେଜ

**ଭୁବନେଶ୍ୱର, ୧୨।୭(ସମିସ):** ରାଜ୍ୟରେ ଏବେ ୧୧ଟି ସରକାରୀ ମେଡିକାଲ କଲେଜ ଅଛି। ଚଳିତ ବର୍ଷ ଯାଜପୁର ମେଡିକାଲ କଲେଜରେ ନାମ ଲେଖା ପାଇଁ ଅନୁମତି ମିଳିଥିବା ବେଳେ ତାଳଚେର ଏବଂ କନ୍ଧମାଳ ମେଡିକାଲ କଲେଜରେ ନାମ ଲେଖା ଆରମ୍ଭ ହେବ। ଏଥିପାଇଁ ପ୍ରାକ୍ ପ୍ରସ୍ତୁତି ଶେଷ ହୋଇଛି ବୋଲି କହିଛନ୍ତି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗ। ମନ୍ତ୍ରୀ କହିଛନ୍ତି ଯେ ଯାଜପୁରରେ ୫୦ଟି ଏମ୍‌ବିବିଏସ୍ ସିଟ୍‌ରେ ନାମ ଲେଖା ହେବ। ଏଥିପାଇଁ ଏନ୍‌ଏମ୍‌ସି ଅନୁମତି ଦେଇଛି। ତେବେ ତାଳଚେର ଏବଂ କନ୍ଧମାଳ ମେଡିକାଲ କଲେଜ ପାଇଁ ଏନ୍‌ଏମ୍‌ସି ନିକଟରେ ଆବେଦନ କରାଯିବ। ଭିତ୍ତିଭୂମି ପ୍ରସ୍ତୁତ ଥିବାରୁ ଖୁବ୍ ଶୀଘ୍ର ଅନୁମୋଦନ ମିଳିବ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ବିଶ୍ୱାସବ୍ୟକ୍ତ କରିଛନ୍ତି।

ରାଜ୍ୟରେ ୧୧ଟି ମେଡିକାଲ କଲେଜରେ ପ୍ରତି ବର୍ଷ ୧୫୫୦ ଛାତ୍ରଛାତ୍ରୀଙ୍କ ନାମ ଲେଖା ହେଉଛି। ଯାଜପୁର ମେଡିକାଲ କଲେଜର ୫୦ ଆସନକୁ ମିଶାଇଲେ ଏହି ସଂଖ୍ୟା ୧୬୦୦ରେ ପହଞ୍ଚିବ। ଯଦି ଚଳିତ ବର୍ଷ ସୁଦ୍ଧା ତାଳଚେର ଏବଂ କନ୍ଧମାଳ ମେଡିକାଲ କଲେଜରେ ୧୦୦ ସିଟ୍‌ରେ ବି ନାମ ଲେଖା ପାଇଁ ଅନୁମତି ମିଳୁଛି ତା ହେଲେ ପ୍ରତି ବର୍ଷ ଓଡ଼ିଶାରୁ ୧୮୦୦ ଡାକ୍ତର ଛାତ୍ରଛାତ୍ରୀ ବାହାରିବେ। ୨୦୨୫ ସୁଦ୍ଧା ଓଡ଼ିଶାକୁ ଡାକ୍ତର ବଳକା ରାଜ୍ୟରେ ପରିଣତ କରିବା ପାଇଁ ପୂର୍ବ ସରକାର ଘୋଷଣା କରିଥିଲେ। ସେହି ଲକ୍ଷ୍ୟରେ ମେଡିକାଲ କଲେଜ ଭିତ୍ତିଭୂମି ନିର୍ମାଣ ଉପରେ ଗୁରୁତ୍ୱ ଦିଆଯାଇଥିଲା। ଫଳରେ ଗତ ୬ ବର୍ଷ ଭିତରେ ଓଡ଼ିଶାରେ ୮ଟି ସରକାରୀ ମେଡିକାଲ କଲେଜ ପ୍ରତିଷ୍ଠା ହୋଇପାରିଛି। ସେହିପରି ଦୁଇଟି ପିଜି ଅନୁଷ୍ଠାନ ପ୍ରତିଷ୍ଠା କରାଯାଇଛି। ବର୍ଷକୁ ୮୨୬ ଜଣ ପିଜି ଡାକ୍ତର ବାହାରୁଛନ୍ତି।

- ତାଳଚେର ଓ କନ୍ଧମାଳ ପାଇଁ ଏନ୍‌ଏମ୍‌ସିରେ ହେବ ଆବେଦନ
- କାର୍ଯ୍ୟକ୍ଷମ ହେଲେ ବର୍ଷକୁ ବାହାରିବେ ୧୮୦୦ ଡାକ୍ତର

ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ କହିବା ଅନୁସାରେ ସରକାରଙ୍କ ଆନ୍ତରିକତା ରହିଲେ ଆସନ୍ତା ବର୍ଷରୁ ଓଡ଼ିଶାରେ ୧୮୦୦ରୁ ଅଧିକ ଏମ୍‌ବିବିଏସ୍ ଡାକ୍ତର ବାହାରିବେ। କାରଣ ନୂଆ କରି ପ୍ରତିଷ୍ଠା ହୋଇଥିବା ୬ ମେଡିକାଲ କଲେଜରେ ୧୦୦ ଲେଖାଏଁ ଆସନରେ ନାମ ଲେଖା ହେଉଛି। ଯଦିଓ ଯାଜପୁର ମେଡିକାଲ କଲେଜରେ ଚଳିତ ବର୍ଷରୁ ୫୦ଟି ସିଟ୍‌ରେ ନାମ ଲେଖା ପାଇଁ ଅନୁମତି ମିଳିଛି ତେବେ ଆଉ ୫୦ ସିଟ୍ ପାଇଁ ସମୟ ଲାଗିବ ନାହିଁ। ଏଥିସହ ତାଳଚେର ଏବଂ କନ୍ଧମାଳ ମେଡିକାଲ କଲେଜରେ ଅନ୍ତତଃ ୧୦୦ ସିଟ୍‌ରେ ନାମ ଲେଖା ପାଇଁ ସରକାର ଆବେଦନ କରିବେ। ଗତ ୩ ବର୍ଷ ଭିତରେ ରାଜ୍ୟ ସରକାର ୪୫୦୦ ଏଲୋପାଥିକ୍ ଡାକ୍ତରଙ୍କୁ ନିଯୁକ୍ତି ଦେଇଥିବା ବେଳେ ୫୦୦୦ ନୂଆ ପଦବୀ ସୃଷ୍ଟି କରିଥିଲେ। ସରକାରୀ ଡାକ୍ତରକାନାରେ ଶିକ୍ଷା ଗ୍ରହଣ ପରେ ସରକାରୀ ଡାକ୍ତରଖାନାରେ କାର୍ଯ୍ୟ କରିବା ବାଧ୍ୟତାମୂଳକ ଥିବାରୁ ଡାକ୍ତର ଅଭାବ ଅନେକାଂଶରେ ଦୂର ହୋଇଛି। ତେଣୁ ନୂଆ ସରକାର ନୂତନ ପଦବୀରେ ଡାକ୍ତର ନିଯୁକ୍ତି ଦେଲେ ଓଡ଼ିଶା ଡାକ୍ତର ବଳକା ରାଜ୍ୟ ହୋଇପାରିବ।

ପୂର୍ବରୁ ରାଜ୍ୟ ସରକାର ଏସ୍‌ସିବି ମେଡିକାଲ କଲେଜକୁ ଏମ୍ସ ପ୍ଲସ୍‌ରେ ପରିଣତ କରିବା ପାଇଁ ଯେଉଁ କାର୍ଯ୍ୟ ଆରମ୍ଭ କରିଥିଲେ ତାହା ବହୁତ ବାଟ ଆଗେଇ ଯାଇଛି। ସେହିପରି ଜିଲ୍ଲା ଓ ଉପଖଣ୍ଡ ଡାକ୍ତରଖାନା ଗୁଡିକର ନବକଳେବର କରାଯାଇ ଥିବା ବେଳେ ସ୍ୱାସ୍ଥ୍ୟ କର୍ମଚାରୀଙ୍କ କ୍ୟାଡର୍ ପୁନର୍ଗଠନ କରି ସେମାନଙ୍କୁ ଉତ୍ସାହିତ କରାଯାଉଛି। ପରିଣାମ ସ୍ୱରୂପ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ନେଇ ପିଏଚ୍‌ସି, ସିଏଚ୍‌ସି ପର୍ଯ୍ୟନ୍ତ ସବୁଠି ଡାକ୍ତର ନିୟୋଜିତ ହୋଇଛନ୍ତି।

# ଏ ସରକାର କଥା ବେଶି, କାମ କମ୍: ତାରା

## ମାସେ ଭିତରେ କାମ ହୋଇ ନାହିଁ, ଅନର୍ଥ ହୋଇଛି: ନୃସିଂହ

**ଭୁବନେଶ୍ୱର, ୧୨।୭(ସମିସ):** ବିଜେପି ସରକାର ଯାହା କହିଥିଲେ ତାହା ପାଳନ କରିବାରେ ବିଫଳ ହୋଇଛନ୍ତି। କେବଳ ଭାଷଣବାଜି ଚାଲିଛି, କାମ ନାହିଁ। ମାସେ ଭିତରେ ଯାହା ସବୁ କରିବେ କହିଥିଲେ ତାହା କରିପାରିଲେ ନାହିଁ। ବିଜେପି ସରକାରର ଏକ ମାସ ପୂର୍ତ୍ତୀ ଅବସରରେ କଂଗ୍ରେସ୍ ବିଧାୟକ ତାରା ପ୍ରସାଦ ବାହିନୀପତି କହିଛନ୍ତି, ମଦ ବନ୍ଦ କରିବେ କହିଥିଲେ, କରିପାରିଲେ ନାହିଁ। ମାସେ ଚିଟ୍‌ଫଣ୍ଡ ଟଙ୍କା ଫେରାଇବେ କହିଥିଲେ, ଦୁର୍ନୀତି ରୋକିବେ ବୋଲି କହିଥିଲେ କିଛି ହେଲା ନାହିଁ। ୩୦୦ ୟୁନିଟ୍ ମାଗଣା ବିଜୁଳି କୁଆଡେ ଗଲା? ଧାନ ଏମ୍‌ଏସ୍‌ପି ବୃଦ୍ଧି ପାଇଁ ପ୍ରତିଶ୍ରୁତି ଦେଇ ଭୋଟ ପାଇଥିଲେ। କିନ୍ତୁ ଆଜି ପର୍ଯ୍ୟନ୍ତ ତାହାର ଚିହ୍ନ ବର୍ଣ୍ଣ ନାହିଁ। ୩୦୦୦ ଟଙ୍କା ଭତ୍ତା ହେଲା ନାହିଁ। ଦୁର୍ନୀତିର ମୂଳୋତ୍ପାଟନ କରିବେ ବୋଲି ଭାଷଣ ଦେଇଥିଲେ, ଏଥିପାଇଁ କ'ଣ କଲେ ବୋଲି ଶ୍ରୀ ବାହିନୀପତି ପ୍ରଶ୍ନ କରିଛନ୍ତି। ମାସେ ଭିତରେ ଦୁଇ ଦୁଇ ଥର କ୍ୟାବିନେଟ୍ ବୈଠକ ବସିଥିଲା। ହେଲେ ସେଥିରୁ ଲୋକଙ୍କୁ କିଛି ମିଳି ନାହିଁ। ଏ ସରକାରର କଥା ଜୋର, କାମ କମ୍। କେବଳ କଥା କହିଦେଲେ ନାହିଁ, କାମ କରିବା ଦରକାର ବୋଲି ଶ୍ରୀ ବାହିନୀପତି କହିଛନ୍ତି।

ବିଜେଡି ନେତା ନୃସିଂହଚରଣ ସାହୁ କହିଛନ୍ତି, ବିଜେପି ସରକାରକୁ ମାସେ ପୂରଣ ହୋଇଛି, କିନ୍ତୁ ଆଜି ପର୍ଯ୍ୟନ୍ତ ସରକାରରେ କାହା କଥା ସହ ତାଳମେଳ ନାହିଁ। ମାସେ ଭିତରେ କିଛି କାର୍ଯ୍ୟକ୍ରମ ନାହିଁ, କେବଳ ରଙ୍ଗ ବଦଳାଇବା, ନାମ ବଦଳାଇବା ଚାଲିଛି। ଯା ଭିତରେ କିଛି ଭଲ ହୋଇ ନାହିଁ ବରଂ ଅନର୍ଥ ହୋଇଛି। ପହଣ୍ଡି ସମୟରେ ମହାପ୍ରଭୁ ବଳଭଦ୍ର ପଡ଼ିଯିବା ଅତ୍ୟନ୍ତ ଦୁଃଖଦ ଘଟଣା ଥିଲା। ଇତିହାସରେ କେବେ ଏପରି ହୋଇନଥିଲା। ସାରା ବିଶ୍ୱର ଜଗନ୍ନାଥ ପ୍ରେମୀଙ୍କୁ ବେଶ୍ ବ୍ୟଥିତ କରିଛି। କିନ୍ତୁ ଘଟଣା ଦିନ ଆଇନ୍ ମନ୍ତ୍ରୀ, ଉପ-ମୁଖ୍ୟମନ୍ତ୍ରୀ ପୁରୀରେ ପହଞ୍ଚି ଏହା ଠାକୁରଙ୍କ ଇଚ୍ଛା ବୋଲି କହି ଦାୟିତ୍ୱ ସାରି ଦେଲେ। କିନ୍ତୁ ସେମାନେ ଯଦି ଆଜି ବିରୋଧୀ ଦଳରେ ଥାଆନ୍ତେ ତା ହେଲେ ଏହି ପ୍ରସଙ୍ଗକୁ ନେଇ ତୁମ୍ବିତୋଫାନ କରିଥାନ୍ତେ। ଏତେ ବଡ଼ କଥାକୁ ଖାମଖିଆଲି ଭାବେ ଉଡେଇ ଦେବା ଆଦୌ ଗ୍ରହଣୀୟ ନୁହେଁ। ଏହି ଘଟଣାର ବିଧିବଦ୍ଧ ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେଲେ ଯାଇ ଜଗନ୍ନାଥ ପ୍ରେମୀଙ୍କ ମନକୁ ଶାନ୍ତ କରିବ ବୋଲି ଶ୍ରୀ ସାହୁ କହିଛନ୍ତି।

■ ଝାରସୁଗୁଡ଼ା ବିଧାୟକଙ୍କ ନିର୍ବାଚନକୁ ଚାଲେଞ୍ଜ

# ହାଇକୋର୍ଟଙ୍କ ଦ୍ୱାରସ୍ଥ ହେଲେ ଦୀପାଳି

**କଟକ, ୧୨।୭(ସମିସ):** ଓଡ଼ିଶା ହାଇକୋର୍ଟରେ ଗୋଟିଏ ପରେ ଗୋଟିଏ ନିର୍ବାଚନୀ ମକଦ୍ଦମା ରୁଜୁ ହେବାରେ ଲାଗିଛି। ଏହି କ୍ରମରେ ଆଜି ଝାରସୁଗୁଡ଼ା ବିଧାନସଭା ଆସନରୁ ନିର୍ବାଚିତ ହୋଇଥିବା ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ନିର୍ବାଚନକୁ ଚାଲେଞ୍ଜ କରି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି ବିଜେଡି ପ୍ରାର୍ଥୀ ଦୀପାଳି ଦାସ। ବିଧାୟକ ଶ୍ରୀ ତ୍ରିପାଠୀଙ୍କ ନିର୍ବାଚନ ଅସିଦ୍ଧ ଘୋଷଣା ପାଇଁ ଦୀପାଳି ଏହି ମାମଲା ରୁଜୁ କରିଛନ୍ତି। ନାମାଙ୍କନ ବେଳେ ଶ୍ରୀ ତ୍ରିପାଠୀ ତ୍ରୁଟିପୂର୍ଣ୍ଣ ସତ୍ୟପାଠ ଦାଖଲ କରିଛନ୍ତି। ସତ୍ୟପାଠରେ ଶ୍ରୀ ତ୍ରିପାଠୀଙ୍କ ବିରୋଧରେ ଥିବା ଅପରାଧିକ ମାମଲା ସମ୍ପର୍କିତ ସମ୍ପୂର୍ଣ୍ଣ ତଥ୍ୟ ଉଲ୍ଲେଖ କରାଯାଇନାହିଁ ବୋଲି ଆବେଦନରେ ଦର୍ଶାଯାଇଛି। ମିଥ୍ୟା ସତ୍ୟପାଠ ଦେଇଥିବାରୁ ଜନପ୍ରତିନିଧି ଆଇନ ଅନୁସାରେ ତାଙ୍କର ନିର୍ବାଚନ ଅସିଦ୍ଧ ଘୋଷଣା କରାଯାଉ ବୋଲି ଆବେଦନକାରୀ ଉଲ୍ଲେଖ କରିଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ ଯେ ୯୧୧୦୫ ଖଣ୍ଡ ଭୋଟ ପାଇ ବିଜେପି ପ୍ରାର୍ଥୀ ଶ୍ରୀ ତ୍ରିପାଠୀ ଝାରସୁଗୁଡ଼ା ଆସନରୁ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ଅନ୍ୟପକ୍ଷରେ ୮୯୭୭୨ ଖଣ୍ଡ ଭୋଟ ପାଇ ବିଜେଡି ପ୍ରାର୍ଥୀ ଦିପାଳୀ ଦାସ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ରହିଥିଲେ।

# ଅନ୍‌ଲାଇନ୍‌ରେ ହେବ +୩ ସ୍ଲଟ୍ ନାମଲେଖା

**ଭୁବନେଶ୍ୱର, ୧୨।୭ (ସମିସ):** ଚଳିତଥର ଅନ୍‌ଲାଇନ୍‌ରେ ହେବ +୩ ସ୍ଲଟ୍ ନାମଲେଖା। ସମସ୍ତ ପ୍ରକ୍ରିୟା ଅନ୍‌ଲାଇନ୍‌ରେ ହିଁ କରାଯିବ। ଛାତ୍ରଛାତ୍ରୀଙ୍କୁ କଲେଜକୁ ଯିବାକୁ ପଡ଼ିବ ନାହିଁ। ନିଜର ଷ୍ଟୁଡେଣ୍ଟ ଲଗ୍-ଇନ୍ ଆଇଡି ବ୍ୟବହାର କରି ଆବେଦନ ଓ ନାମ ଲେଖାଇ ପାରିବେ। ତିନୋଟି ପର୍ଯ୍ୟାୟରେ ନାମଲେଖା ସରିବା ପରେ ସ୍ଲଟ୍ ନାମଲେଖା ହେବ। ଏଥିପାଇଁ ଆସନ୍ତା ୨୫ରୁ ୨୮ ତାରିଖ ମଧ୍ୟରେ ଆବେଦନ ହେବ। ୩୧ ତାରିଖରେ ମେଧା ତାଲିକା ପ୍ରକାଶ ପାଇବ। ଅଗଷ୍ଟ ୧ରେ ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକ ନୋଟିସ୍ ବୋର୍ଡରେ ମେଧା ତାଲିକା ପ୍ରକାଶ କରିବା ସହ ଫୋନ୍, ଏସ୍‌ଏମ୍‌ଏସ୍, ମେଲ୍ ଓ ହ୍ୱାଟସ୍‌ଆପ୍ ଜରିଆରେ ଚୟନ ହୋଇଥିବା ଛାତ୍ରଛାତ୍ରୀଙ୍କୁ ଅବଗତ କରିବେ। ଏନେଇ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ଏକ ପରିବର୍ତ୍ତିତ ଗାଇଡ୍‌ଲାଇନ୍ ପ୍ରକାଶ ପାଇଛି। ଶିକ୍ଷାନୁଷ୍ଠାନରେ ଭିଡ଼ କମାଇବା ପାଇଁ ଓ ଛାତ୍ରଛାତ୍ରୀ ଯେପରି ହଇରାଣ ନ ହେବେ, ତାକୁ ଦୃଷ୍ଟିରେ ରଖି ଏହି ପଦକ୍ଷେପ ନିଆଯାଇଛି।

ସୂଚନା ଅନୁଯାୟୀ, ସ୍ଲଟ୍ ନାମଲେଖା ପାଇଁ ସମସ୍ତ ଛାତ୍ରଛାତ୍ରୀ ଆବେଦନ କରିପାରିବେ। ପ୍ରଥମ ତିନୋଟି ପର୍ଯ୍ୟାୟରେ ନାମ ଲେଖାଇଥିବା ଛାତ୍ରଛାତ୍ରୀ ସ୍ଲଟ୍ ନାମଲେଖା ପାଇଁ ଚୟନ ହେଲେ, ପୂର୍ବରୁ ନାମ ଲେଖାଇଥିବା କଲେଜରୁ ସି.ଏଲ୍.ସି ଆଣି ଚୟନ ହୋଇଥିବା ଶିକ୍ଷାନୁଷ୍ଠାନରେ ତୁରନ୍ତ ଦାଖଲ କରିବେ। ସେମାନେ ସମ୍ପୂର୍ଣ୍ଣ ନାମଲେଖା ଫି' ଦାଖଲ ନ କରି କେବଳ ଫରକ ଥିବା ଫି' ହିଁ ପୈଠ କରିବେ। ସେହିପରି ଆଦୌ ନାମଲେଖାଇନଥିବା ଛାତ୍ରଛାତ୍ରୀମାନେ ମଧ୍ୟ ଏଥିପାଇଁ ଆବେଦନ କରିପାରିବେ। ଚୟନ ହେବା ପରେ ଅନ୍‌ଲାଇନ୍‌ରେ ହିଁ ଆବଶ୍ୟକ ଫି' ଦାଖଲ କରି ନାମ ଲେଖାଇ ପାରିବେ। ଏହି ନାମଲେଖା ପର୍ଯ୍ୟାୟରେ କୌଣସି ସଂରକ୍ଷଣ ବ୍ୟବସ୍ଥା ରହିବ ନାହିଁ।

# ଭିନ୍ନକ୍ଷମ ଆୟୋଗଙ୍କ ହସ୍ତକ୍ଷେପ ପରେ ନାମଲେଖା ସୁଯୋଗ ପାଇଲେ ୫ ଛାତ୍ରଛାତ୍ରୀ

**ଭୁବନେଶ୍ୱର, ୧୨।୭(ସମିସ):** ରାଜ୍ୟ ଭିନ୍ନକ୍ଷମ ଆୟୋଗଙ୍କ ହସ୍ତକ୍ଷେପ ଫଳରେ ୫ ଜଣ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟରେ ନାମ ଲେଖା ସୁଯୋଗ ମିଳିଛି। ସୂଚନା ଅନୁସାରେ ସୁନ୍ଦରଗଡ଼ ଜିଲ୍ଲା ଲାଠିକଟା ସ୍ଥିତ ଦେଓକରନ ବିଦ୍ୟାପୀଠରେ ୯ମ ଶ୍ରେଣୀରେ ୫ ଜଣ ଦିବ୍ୟାଙ୍ଗ ଛାତ୍ରଛାତ୍ରୀ ନାମ ଲେଖା ପାଇଁ ଆବେଦନ କରିଥିଲେ। ତେବେ ସେମାନଙ୍କ ବୟସ ଅଧିକ ହୋଇଥିବାରୁ ସେମାନଙ୍କୁ ନାମ ଲେଖାରୁ ବଞ୍ଚିତ କରାଯାଇଥିଲା। ଏ ସମ୍ପର୍କରେ ରାଜ୍ୟ ଭିନ୍ନକ୍ଷମ ଆୟୋଗ ଜାଣିବା ପରେ ତୁରନ୍ତ ହସ୍ତକ୍ଷେପ କରି ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ରିପୋର୍ଟ ତଲବ କରିଥିଲେ। ତେବେ ଆୟୋଗ କହିଥିଲେ ଯେ ପ୍ରଚଳିତ ନିୟମ ଅନୁସାରେ ଉଚ୍ଚଶିକ୍ଷାରେ ନାମ ଲେଖା ପାଇଁ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ବୟସସୀମା ୫ ବର୍ଷ କୋହଳ କରାଯାଇପାରିବ। ସେହି ଦୃଷ୍ଟିରୁ ସେମାନଙ୍କୁ ନାମ ଲେଖାରୁ କୌଣସି ଶିକ୍ଷାନୁଷ୍ଠାନ ବଞ୍ଚିତ କରିପାରିବେ ନାହିଁ। ସେହି ଅନୁସାରେ ଆୟୋଗଙ୍କ ନିର୍ଦ୍ଦେଶକ୍ରମେ ୫ ଛାତ୍ରଛାତ୍ରୀ ସେହି ଶିକ୍ଷାନୁଷ୍ଠାନରେ ନାମ ଲେଖା ସୁଯୋଗ ପାଇଲେ।

# କଣ୍ଟାବାଞ୍ଜିରେ ମାଡ଼ିଚାଲିଛି ଝାଡ଼ାବାନ୍ତି



**କଣ୍ଟାବାଞ୍ଜି, ୧୨।୭ (ସମିସ):** ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ଅଞ୍ଚଳରେ ଡାଇରିଆ ମାଡ଼ିମାଡ଼ି ଚାଲିଛି। ପ୍ରତିଦିନ ରୋଗୀଙ୍କ

- ୧୨ ଦିନରେ ୨୫୨ ରୋଗୀ
- ଡାକ୍ତରଖାନାରେ ଶଯ୍ୟା ଅଭାବ
- ଚେୟାର୍‌ରେ ବସି, ଛିଡ଼ା ହୋଇ ଚିକିତ୍ସିତ ହେଉଛନ୍ତି ରୋଗୀ
- ପହଞ୍ଚିଲା ସ୍ୱାସ୍ଥ୍ୟ ବିଭାଗର ସ୍ୱତନ୍ତ୍ର ଟିମ୍

ସଂଖ୍ୟା ବଢ଼ିବାରେ ଲାଗିଛି। ଗତ ୧୨ଦିନ ମଧ୍ୟରେ କଣ୍ଟାବାଞ୍ଜି ଡାକ୍ତରଖାନାରେ ୨୫୨ରୁ ଊର୍ଦ୍ଧ୍ୱ ଡାଇରିଆ ରୋଗୀ ଚିକିତ୍ସିତ ହେଉଥିବା ବେଳେ ସଂଖ୍ୟା ଆହୁରି ବଢ଼ିବ ବୋଲି ଅନୁମାନ କରାଯାଉଛି। ତେବେ ଏକାସାଙ୍ଗରେ ଏତେ ରୋଗୀଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାରେ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କ ପାଇଁ କାଠିକର ହୋଇଛି। ଡାକ୍ତରଖାନାରେ ମାତ୍ର ୩୦ଟି ଶଯ୍ୟା ଥିବାରୁ ବାକି ରୋଗୀ ଚେୟାର୍‌ରେ ବସି ଏବଂ ଛିଡ଼ା ହୋଇ ଚିକିତ୍ସିତ ହେଉଥିବା ଜଣାଯାଇଛି। ଅନ୍ୟପକ୍ଷରେ ଶୁକ୍ରବାର ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ଏକ ସ୍ୱତନ୍ତ୍ର ଟିମ କଣ୍ଟାବାଞ୍ଜି ଡାକ୍ତରଖାନାରେ ପହଞ୍ଚି ଡାଇରିଆ ରୋଗୀଙ୍କୁ ଭେଟିବା ସହ ସେମାନଙ୍କ ସ୍ୱାସ୍ଥ୍ୟ ଅବସ୍ଥା ପଚାରି ବୁଝିଛନ୍ତି।

# ଡିଏଲ୍ ଟେଷ୍ଟରେ ୪୦ ହଜାର ଫେଲ୍

## ୬ ମାସରେ ଆବେଦନ କରିଥିଲେ ୨ଲକ୍ଷ

**କଟକ, ୧୨।୭(ସମିସ):** ଡ୍ରାଇଭିଂ ଲାଇସେନ୍ସ (ଡିଏଲ) ନଥାଇ ଗାଡ଼ି ଚଳାଉଛନ୍ତି ଲକ୍ଷାଧିକ ଚାଳକ। ଏହା ପୁଲିସ ଓ ପରିବହନ ବିଭାଗର ଚିନ୍ତା ବଢ଼ାଇଛି। ଡିଏଲ ପାଇଁ ଆବଶ୍ୟକ ଟେଷ୍ଟ ବା ପରୀକ୍ଷାରେ ବି ପ୍ରତିବର୍ଷ ସହସ୍ରାଧିକ ଅକୃତକାର୍ଯ୍ୟ ହେଉଥିବା ଜଣାପଡ଼ିଛି। ଡିଏଲ ଟେଷ୍ଟରେ ଅକୃତକାର୍ଯ୍ୟ ହେବା ପରେ କେତେକ ଦ୍ୱିତୀୟଥର ପାଇଁ ଆବେଦନ କରୁଥିବା ବେଳେ ଆଉ କେତେକ ଆବେଦନ ନକରି ବିନା ଲାଇସେନ୍ସରେ ଗାଡ଼ି ଚଳାଉଥିବା ଜଣାପଡ଼ିଛି।

ମିଳିଥିବା ସୂଚନାନୁସାରେ, ରାଜ୍ୟରେ ଗତ ୬ ମାସ ମଧ୍ୟରେ ପ୍ରାୟ ୪୦ ହଜାର ୫୮୬ଜଣ ଡିଏଲ୍ ପରୀକ୍ଷାରେ ଅକୃତକାର୍ଯ୍ୟ ବା ଫେଲ ହୋଇଛନ୍ତି। ଗତ ୨୦୨୩ର ଜାନୁଆରୀରୁ ଜୁଲାଇ ୧୨ ମଧ୍ୟରେ ମୋଟ ୨, ୫୦୩୯୨ଜଣ ଡିଏଲ ପାଇଁ ଆବେଦନ କରିଥିବା ବେଳେ ୧, ୯୦୨୩୫ ଜଣ ପାସ କରିଥିଲେ। ସେହିପରି ୫୦୪୯୩ଜଣ ଫେଲ ହୋଇଥିଲେ। ୨୦୨୪ର ପ୍ରଥମ ୬ ମାସ ମଧ୍ୟରେ ଅକୃତକାର୍ଯ୍ୟଙ୍କ ସଂଖ୍ୟା ହ୍ରାସ ପାଇଥିବା କୁହାଯାଉଛି। ଗତ ୨୦୨୪ ଜାନୁଆରୀ ୧ରୁ ଜୁଲାଇ ୧୨ ସୁଦ୍ଧା ଲର୍ଣ୍ଣର୍ ଲାଇସେନ୍ସ ପାଇଁ ମୋଟ ୧,୪୮,୦୧୮ଜଣ ଆବେଦନ କରିଥିଲେ। ଏମାନଙ୍କ ମଧ୍ୟରୁ ଟେଷ୍ଟ ପାଇଁ ୧୫ଜଣ ଅନୁପସ୍ଥିତ ଥିଲେ। ୧,୩୦,୯୭୫ଜଣ ପାସ୍ କରିଥିଲେ ଓ ୧୭,୦୨୮ଜଣ ଅକୃତକାର୍ଯ୍ୟ ହୋଇଥିଲେ।

ଅନ୍ୟପକ୍ଷେ, ଉପରୋକ୍ତ ଅବଧିରେ ଡିଏଲ ପାଇଁ ୨,୧୨,୬୯୮ଜଣ ପରୀକ୍ଷା ଦେଇଥିଲେ। ଏଥିମଧ୍ୟରୁ ୧, ୬୪,୯୮୨ଜଣ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ୪୦,୫୮୬ ଜଣ ଫେଲ ହୋଇଥିଲେ। ସେହିପରି ୭୧୩୦ଜଣ ଅନୁପସ୍ଥିତ ଥିଲେ। ଗଞ୍ଜାମ ଜିଲ୍ଲାରେ ସର୍ବାଧିକ ୩୪୦୬ଜଣ ଅକୃତକାର୍ଯ୍ୟ ହୋଇଥିବା ବେଳେ ଭୁବନେଶ୍ୱର-୧ ଆରଟିଓରେ ୩୨୭୩ଜଣ ଓ କଟକରେ ୨୬୯୪ଜଣ ବିଗତ ୬ମାସ ମଧ୍ୟରେ ଫେଲ ହୋଇଥିବା ଜଣାପଡ଼ିଛି। ଅନ୍ୟପଟରେ ୨୦୨୩ର ଜାନୁଆରୀ ୧ରୁ ଜୁଲାଇ୧୨ ମଧ୍ୟରେ ଲର୍ଣ୍ଣର ଲାଇସେନ୍ସ ପାଇଁ ୨,୦୨,୮୩୩ଜଣ ଟେଷ୍ଟ ଦେଇଥିଲେ। ସେଥିମଧ୍ୟରୁ ୧,୬୧,୭୮୧ଜଣ ପାସ୍ ଓ ୩୮,୭୦୬ଜଣ ଫେଲ ହୋଇଥିଲେ। ଆବେଦନ କରି ୨୩୪୬ଜଣ ଅନୁପସ୍ଥିତ ରହିଥିଲେ। ପୂର୍ବରୁ ମାନୁଆଲଭିତ୍ତିକ ଟେଷ୍ଟ ହେଉଥିବା ବେଳେ କିଛି ବର୍ଷ ଧରି ଏହା କମ୍ପ୍ୟୁଟରଭିତ୍ତିକ କରାଗଲାଣି।

# ଜୀବନ ନେଉଛି ଜୀବନରେଖା

## ମୟୂରଭଞ୍ଜରେ ହୋଟେଲ ଓ ଲଜ୍ ପାଇଁ ୫ ନଦୀ ପ୍ରଦୂଷିତ

**ବାରିପଦା,୧୨।୭(ସମିସ):** ମୟୂରଭଞ୍ଜ ଜିଲ୍ଲା ଦେଇ ପ୍ରବାହିତ ୫ ନଦୀ ଯଥା ବୁଢ଼ାବଳଙ୍ଗ, ଖଡ଼ଖାଇ, ସୋନ, ଦେଓ ଏବଂ ବୈତରଣୀର ଜଳ ପ୍ରଦୂଷଣ ଦିନକୁ ଦିନ ବଢ଼ିବାରେ ଲାଗିଛି। ଗୋଟିଏ ପଟେ ବର୍ଷା ଅଭାବରୁ ନଦୀରେ ପାଣି କମ୍ ରହୁଥିବା ବେଳେ ଅନ୍ୟପଟେ ହୋଟେଲ ଓ ଲଜ୍‌ରୁ ବାହାରୁଥିବା ବର୍ଜ୍ୟଜଳ ସିଧାସଳଖ ଛାଡ଼ି ଦିଆଯାଉଥିବାରୁ ନଦୀଜଳ ବିଷାକ୍ତ ହେବାରେ ଲାଗିଛି। ଫଳରେ ନଦୀରେ ରହୁଥିବା ମାଛ ଓ ଅନ୍ୟାନ୍ୟ ଜଳଚର ଜୀବ ମୃତ୍ୟୁମୁଖରେ ପଡୁଛନ୍ତି। ସେହିପରି ନଦୀପାଣି ବ୍ୟବହାର କରି ମଣିଷ ଓ ଜୀବଜନ୍ତୁ ବିଭିନ୍ନ ରୋଗର ଶିକାର ହେଉଛନ୍ତି। ଏକଦା ଜିଲ୍ଲାବାସୀଙ୍କ ପାଇଁ ଜୀବନରେଖା ଥିବା ଏହି ନଦୀଗୁଡ଼ିକ ଏବେ ଜୀବନ ନେବା ପାଇଁ ପଛାଉନାହାନ୍ତି ବୋଲି କୁହାଯାଉଛି। କିନ୍ତୁ ମନୁଷ୍ୟକୃତ ଏହି ବିପର୍ଯ୍ୟୟକୁ ଅଟକାଇବାକୁ କେହି ନାହିଁ। ଆଞ୍ଚଳିକ ପ୍ରଦୂଷଣ ବୋର୍ଡ କାର୍ଯ୍ୟାଳୟ ତରଫରୁ ମଧ୍ୟ ଏହାକୁ ଯାଞ୍ଚ କରାଯାଉ ନଥିବା ଅଭିଯୋଗ ହେଉଛି।

ମୟୂରଭଞ୍ଜ ଜିଲ୍ଲାର ଏହି ୫ନଦୀ ବାରିପଦା, ରାଇରଙ୍ଗପୁର, ଉଦଳା ଓ କରଞ୍ଜିଆ ସହର ସଂଲଗ୍ନ ଦେଇ ପ୍ରବାହିତ। ଏହି ୪ ସହରର ହୋଟେଲ ଓ ଲଜ୍‌ଗୁଡ଼ିକରୁ ପ୍ରତିଦିନ ବହୁମାତ୍ରାରେ ଦୂଷିତ ଜଳ ବାହାରୁଛି। କିନ୍ତୁ ସମସ୍ୟା ହେଲା, ଉକ୍ତ ଦୂଷିତ ଜଳକୁ ବିଶୋଧନ କରାନଯାଇ ଛଡ଼ାଯାଉଛି। ଫଳରେ ସେହି ପାଣି ଝରଣା ଓ ନଦୀଗୁଡ଼ିକର ଜଳ ପ୍ରଦୂଷିତ କରିବାରେ ଲାଗିଛି।

ସୂଚନାଯୋଗ୍ୟ, ହୋଟେଲ ଓ ଲଜ୍ ଚଳାଇବା ପାଇଁ ସରକାରଙ୍କ ନିୟମ ଅନୁସାରେ ଜଳବାୟୁ ପ୍ରଦୂଷଣ ବୋର୍ଡ ନିକଟରୁ ପରିଚାଳନା ସମ୍ମତିପତ୍ର ବା କନସେଣ୍ଟ ଟୁ ଅପରେଟ (ସିଟିଓ) ଆଣିବାର ନିୟମ ରହିଛି। କିନ୍ତୁ ଜିଲ୍ଲାରେ ଏହାର ଖୋଲାଖୋଲି ଉଲ୍ଲଂଘନ କରାଯାଉଥିବା ଅଭିଯୋଗ ହେଉଛି। ପ୍ରଦୂଷଣ ବୋର୍ଡ ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ଏନେଇ ତଦାରଖ ମଧ୍ୟ



ହେଉ ନଥିବାରୁ ବିନା ସିଟିଓରେ ବାରିପଦା ସମେତ ୪ଟି ସହରରେ ଥିବା ବଡ଼ବଡ଼ ହୋଟେଲ ଏବଂ ଲଜ୍‌ଗୁଡ଼ିକ ନିୟମକୁ ଖୋଲାଖୋଲି ଉଲ୍ଲଂଘନ କରି ବ୍ୟବସାୟ ଚଳାଇଛନ୍ତି।

ବାରିପଦା ସହରରେ ଥିବା ହୋଟେଲ ଓ ଲଜ୍‌ଗୁଡ଼ିକ ମଧ୍ୟରୁ ମାତ୍ର ଦୁଇଟି ସଂସ୍ଥା ଉପରୋକ୍ତ ଅନୁମତିପତ୍ର ପାଇଥିବା ନେଇ ସୂଚନା ଅଧିକାର ଆଇନ ବଳରେ ତଥ୍ୟ ଜଣାପଡ଼ିଛି। ରାଜ୍ୟ ପ୍ରଦୂଷଣ ବୋର୍ଡ ଆଞ୍ଚଳିକ କାର୍ଯ୍ୟାଳୟ ଗୋଟିଏ ହୋଟେଲକୁ ୧୦ ବର୍ଷ ପାଇଁ ସିଟିଓ ଦେଇଥିବା ବେଳେ ଅନ୍ୟ ଏକ ହୋଟେଲ ୫ ବର୍ଷ ପାଇଁ ଦେଇଛି। କିନ୍ତୁ ବାକି ସଂସ୍ଥାଗୁଡ଼ିକ ବେଆଇନ ଭାବେ ଚାଲିଛି। ସେହିପରି ହୋଟେଲ ଏବଂ ଲଜ୍‌ର ବର୍ଜ୍ୟଜଳ ବିଶୋଧନ କରି ଡ୍ରେନ୍‌ରେ ଛାଡ଼ିବାର ନିୟମ ରହିଥିଲେ ମଧ୍ୟ ତାହା ସିଧାସଳଖ ଡ୍ରେନ୍‌ରେ ଛଡ଼ା ଯାଉଥିବାରୁ ସେହି ପାଣି ଜରାଳୀ, ସରାଳୀ ନଦୀ ଦେଇ ବୁଢ଼ାବଳଙ୍ଗରେ ମିଶୁଛି ଓ ନଦୀପାଣି ପ୍ରଦୂଷିତ ହେଉଛି।

ସେହିପରି କିଛି ହୋଟେଲ ଏବଂ ଲଜ୍‌ର ପାଇଖାନା ଟାଙ୍କି ପାଣି ମଧ୍ୟ ଟ୍ରିଟମେଣ୍ଟ ନକରି ଡ୍ରେନ୍‌ରେ ଛଡ଼ାଯାଉଛି। ତାହା ପୂତିଗନ୍ଧମୟ ପରିବେଶ ସୃଷ୍ଟି ହେଉଛି। ହୋଟେଲ ଏବଂ ଲଜ୍‌ର ବର୍ଜ୍ୟ ଜଳ ଏଫ୍ଲ୍ୟୁଏଣ୍ଟ ଟ୍ରିଟମେଣ୍ଟ ପ୍ଲାଣ୍ଟ (ଇଟିପି) ମାଧ୍ୟମରେ ସଫା କରି ଡ୍ରେନ୍‌ରେ ଛଡ଼ାଯିବାର ନିୟମ ରହିଛି। ମାତ୍ର ତାହା କରାନଯାଇ ସିଧାସଳଖ ଡ୍ରେନରେ ଛାଡୁଥିବାରୁ ପ୍ରଦୂଷଣ ବଢ଼ିବାରେ ଲାଗିଛି। ଇଟିପି ମାଧ୍ୟମରେ ଜଳରୁ ବିଷାକ୍ତ ପଦାର୍ଥ

- ସିଟିଓ ପ୍ରମାଣପତ୍ର ଓ ଏଫ୍ଲ୍ୟୁଏଣ୍ଟ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ବିନା ଚାଲିଛି ବ୍ୟବସାୟ
- ସବୁ ଦେଖି ନିରବ ପ୍ରଦୂଷଣ ବୋର୍ଡ ଆଞ୍ଚଳିକ କାର୍ଯ୍ୟାଳୟ

କିମ୍ବା ରାସାୟନିକ ପଦାର୍ଥକୁ ବାହାର କରାଯାଇଥାଏ। ଏହାଦ୍ୱାରା ଜଳକୁ ପୁନଃ ବ୍ୟବହାର କିମ୍ବା ବିଷାକ୍ତମୁକ୍ତ କରାଯାଇପାରିବ। ଏହାଦ୍ୱାରା ପରିବେଶର କମ୍ କ୍ଷତି ଘଟିବ। କିନ୍ତୁ ଅନୁମତି ପାଇଥିବା ହୋଟେଲଗୁଡ଼ିକ ମଧ୍ୟ ଏଦିଗରେ କୌଣସି ପଦକ୍ଷେପ ଗ୍ରହଣ କରି ନାହାନ୍ତି। ହୋଟେଲ ଓ ଲଜ୍‌ଗୁଡ଼ିକ ଚିହ୍ନଟ କରାଯାଇ ପ୍ରଦୂଷଣର ମାତ୍ରା ଅନୁସାରେ ତିନି ପ୍ରକାର ଯଥା-ରେଡ, ଅରେଞ୍ଜ ଓ ଗ୍ରୀନ ଆକାରରେ ଅନୁମତି ପ୍ରଦାନ କରିବାର ବ୍ୟବସ୍ଥା ରହିଛି। ମାତ୍ର ଏସବୁ ନିୟମକୁ ଫୁଁ' କରି ମାଲିକମାନେ ମନଇଚ୍ଛା କାରବାର ଚଳାଇ ଆସୁଛନ୍ତି। ତେଣୁ ଏହି ବେଆଇନ କାରବାର ଉପରେ ଅଙ୍କୁଶ ଲଗାଇବା ପାଇଁ ବୁଦ୍ଧିଜୀବୀମହଲରେ ଦାବି ହୋଇଛି।



ଶିଶୁମାନେ ବିଶ୍ୱର ସବୁଠାରୁ ମୂଲ୍ୟବାନ ସମ୍ପଦ
-ଜେ ଏଫ୍ କେନେଡ଼ି

ସକାଳ
THE SAKALA

## ବଢୁଛି ଋତୁକାଳୀନ ବ୍ୟାଧି

# ଆଶୁ ପଦକ୍ଷେପ ଜରୁରୀ

ପ୍ରାକୃତିକ ବିପତ୍ତି ମଧ୍ୟରେ ପ୍ରତିବର୍ଷ ବିଭିନ୍ନ ଅଞ୍ଚଳରେ ଋତୁକାଳୀନ ରୋଗବ୍ୟାଧି ବ୍ୟାପିବା ଓଡ଼ିଶାର ଆଉ ଏକ ବିଲକ୍ଷଣତା। ସେ ପୁଣି ବର୍ଷର ଏକ ନିର୍ଦ୍ଦିଷ୍ଟ ସମୟରେ ଆସେ, ବିଭିନ୍ନ ଅଞ୍ଚଳରେ ବ୍ୟାପେ ଓ ଏଥିରେ ଅନେକ ମୃତ୍ୟୁମୁଖରେ ପଡ଼ନ୍ତି, ବହୁଲୋକ ମଧ୍ୟ ଅସୁସ୍ଥ ହୁଅନ୍ତି। ଉପକୂଳଠାରୁ ଆରମ୍ଭ କରି ପାର୍ବତ୍ୟାଞ୍ଚଳ, ଜଙ୍ଗଲ ଓ ଖଣି ଖାଦାନପୂର୍ଣ୍ଣ ଇଲାକା, ଆଦିବାସୀବହୁଳ ଅଞ୍ଚଳ, ସବୁଠି ଏହାର ପ୍ରାଦୁର୍ଭାବ ଦେଖାଯାଏ। ବିଶେଷକରି ବର୍ଷାଦିନ ଚାରିମାସ ଓଡ଼ିଶା ପାଇଁ ନାନାପ୍ରକାର ଜଳ ଓ ବାୟୁ ବାହିତ ସଂକ୍ରାମକ ରୋଗ ବ୍ୟାପିବାର ସମୟ। ଏହି ସମୟରେ ମଶାମାଛିଙ୍କ ପ୍ରାଦୁର୍ଭାବ ବଢ଼ିବା ସହିତ ଜୀବାଣୁ ଭୂତାଣୁ ସଂକ୍ରମଣ ବଢ଼ିଥାଏ। ତେଣୁ ହଇଜା, ଝାଡ଼ାବାନ୍ତି, ପେଟରୋଗ, ମେଲେରିଆ, ଡେଙ୍ଗୁ ଜ୍ୱର, ଆନ୍ତ୍ରିକଜ୍ୱର ଭଳି ବିଭିନ୍ନ ଜ୍ୱର, ଡିପ୍‌ଥେରିଆ, ଆନ୍ଥ୍ରାକ୍ସ ଓ ଅନ୍ୟାନ୍ୟ ରୋଗ ଅଧିକ ଦେଖାଦିଏ। ବେଳେବେଳେ ବିଭିନ୍ନ ପ୍ରକାର ଅଜଣା ଜ୍ୱରରେ ଅନେକ ଶିଶୁ ଏବଂ ବାଡ଼ି (ହଇଜା)ରେ ବହୁଲୋକ ଓଡ଼ିଶାର ଆଦିବାସୀବହୁଳ ଦକ୍ଷିଣ-ପଶ୍ଚିମାଞ୍ଚଳରେ ପ୍ରାଣ ହରାଇଥା'ନ୍ତି। ସ୍ୱାସ୍ଥ୍ୟ ସଚେତନତାର ଅଭାବ, ଦୂଷିତ ଖାଦ୍ୟ ଓ ପାନୀୟଜଳ ଏବଂ ଚିକିତ୍ସା ସୁବିଧାର ଅଭାବ ଏହି ସାମୟିକ ବ୍ୟାଧିକୁ ଗୁରୁତର ରୂପ ଦେଇଥାଏ। ଓଡ଼ିଶାରେ ନୂଆ ସରକାର ପାଇଁ ଏହା ଏକ ବଡ଼ ପରୀକ୍ଷା ଏଥର ହୋଇପାରେ।

ଏବେ ଓଡ଼ିଶାରେ ସହରାଞ୍ଚଳ ବୃଦ୍ଧି ଫଳରେ ଡେଙ୍ଗୁ ଏକ ନୂଆ ସ୍ୱାସ୍ଥ୍ୟ ସମସ୍ୟା ରୂପେ କାୟା ମେଲୁଛି। ମ୍ୟାଲେରିଆ ଭଳି ଏଥିରେ ମଧ୍ୟ ଅନେକ ଲୋକ ଆକ୍ରାନ୍ତ ହେଉଛନ୍ତି ଏବଂ ବେଳେବେଳେ ମଶକବାହିତ ଏହି ଜ୍ୱରରେ ଲୋକଙ୍କର ଚିକିତ୍ସା ଅଭାବରୁ ମୃତ୍ୟୁ ଘଟୁଛି। ଚଳିତବର୍ଷ ମଧ୍ୟ ରାଜ୍ୟରେ ଡେଙ୍ଗୁ, ମ୍ୟାଲେରିଆ, ଡିପ୍‌ଥେରିଆ, ଝାଡ଼ାବାନ୍ତି ଓ ଅନ୍ୟାନ୍ୟ ଋତୁକାଳୀନ ରୋଗ ସଂକ୍ରମଣ ଆରମ୍ଭ ହୋଇଛି। ସମ୍ବାଦପତ୍ରର ରିପୋର୍ଟରୁ ଯାହା ଜଣାଯାଏ, ଏହିସବୁ ରୋଗ ଉଭୟ ସହର ଓ ଗ୍ରାମାଞ୍ଚଳରେ ବ୍ୟାପୁଛି। କେଉଁ ଅଞ୍ଚଳରେ କେତେ ଲୋକ କି କି ରୋଗରେ ଆକ୍ରାନ୍ତ ହୋଇଛନ୍ତି, ତାହାର ପରିସଂଖ୍ୟାନ ଉଲ୍ଲେଖ କରିବା ଏଠି ଦରକାର ନାହିଁ; କାରଣ ସରକାରୀ ଓ ବେସରକାରୀ ରିପୋର୍ଟ ସର୍ବଦା ଦୁଇଟି ଭିନ୍ନ ତଥ୍ୟ ଦେଇଥାଏ। ବାସ୍ତବ ସ୍ଥିତିକୁ ସରକାର ସର୍ବଦା ଲୁଚାଇ ପରିସ୍ଥିତି ନିୟନ୍ତ୍ରଣାଧୀନ ବୋଲି କହିଥା'ନ୍ତି। ପ୍ରକୃତ ବ୍ୟାଧି ଓ ତାହାର ସଂକ୍ରମଣ ବ୍ୟବସ୍ଥାରେ ମଣିଷ ଅବଶ୍ୟ ଆକ୍ରାନ୍ତ ହେବେ। ତେବେ ସଚେତନତା, ପ୍ରତିକାର, ଚିକିତ୍ସା ଓ ସତର୍କତା ଦ୍ୱାରା ଅନେକ ରୋଗକୁ ଦୂରେଇ ରଖିହେବ ଏବଂ ଏହାର ସଂକ୍ରମଣକୁ ନିୟନ୍ତ୍ରିତ କରାଯାଇପାରିବ।

ଲୋକଙ୍କ ସ୍ୱାସ୍ଥ୍ୟ ସମସ୍ୟା ବୁଝିବା ଓ ଏହାର ପ୍ରତିକାର କରିବା ଦାୟିତ୍ୱ ରାଜ୍ୟ ସରକାରଙ୍କର ସ୍ୱାସ୍ଥ୍ୟ ବିଭାଗର। ଏହା ନିରବଚ୍ଛିନ୍ନ ଭାବେ ପ୍ରତିବର୍ଷ ଋତୁକାଳୀନ ବ୍ୟାଧିର ମୁକାବିଲା ପାଇଁ କାମ କରୁଛି। ଏଥିପାଇଁ ଏକ ମାନକ କାର୍ଯ୍ୟାନୁଷ୍ଠାନ ନୀତି ଅନୁସରଣ କରାଯାଇଥାଏ। ପୂର୍ବାପେକ୍ଷା ରାଜ୍ୟରେ ଏବେ ଉଭୟ ଗ୍ରାମ ଓ ସହରାଞ୍ଚଳରେ ଡାକ୍ତରଖାନା ସଂଖ୍ୟା ବଢ଼ିଛି। ବଡ଼ବଡ଼ ହସ୍ପିଟାଲ ଓ ସୁପରସ୍ପେଶାଲ ଚିକିତ୍ସା କେନ୍ଦ୍ରମାନ କାମ କରୁଛି। ଗମନାଗମନ ବ୍ୟବସ୍ଥାରେ ଉନ୍ନତି ଘଟିଛି। ତେଣୁ କୌଣସି ସ୍ଥାନରେ କିଛି ଋତୁକାଳୀନ ରୋଗ ବ୍ୟାପିଲେ ଚିକିତ୍ସା ସୁବିଧା ଯୋଗାଣରେ ଆପାତତଃ କିଛି ଅସୁବିଧା ନାହିଁ ବୋଲି କୁହାଯାଇପାରେ। କିନ୍ତୁ ତଥାପି ସମସ୍ୟା ନିୟନ୍ତ୍ରିତ ହେବା ପରିବର୍ତ୍ତେ ବର୍ଷକୁ ବର୍ଷ ବଢୁଥିବା ନିଶ୍ଚିତ ଭାବେ ଚିନ୍ତାଜନକ। ଏହାପଛରେ ଥିବା ଅନ୍ୟାନ୍ୟ କାରଣ ମଧ୍ୟରୁ ଗୋଟିଏ ହେଲା ରାଜ୍ୟ ସରକାର ସବୁବର୍ଷ ଭଳି ଧରାବନ୍ଧା ଭାବେ ରୋଗ ନିୟନ୍ତ୍ରଣ ପାଇଁ ସ୍ୱାସ୍ଥ୍ୟ ବିଭାଗକୁ ନିର୍ଦ୍ଦେଶ ଦେଇ ଦାୟିତ୍ୱ ସାରିଦିଅନ୍ତି। ନିର୍ଦ୍ଦେଶର ଅନୁପାଳନ ଠିକ୍ ଭାବେ ହେଉଛି କି ନାହିଁ ତାହାର ସମୀକ୍ଷା ହେଉନଥିବାରୁ ପରିବର୍ତ୍ତିତ ପରିସ୍ଥିତିରେ ଯେଉଁ ପଦକ୍ଷେପ ନେବା କଥା ତାହା ଠିକଣା ସମୟରେ ସମ୍ଭବ ହୋଇପାରୁନାହିଁ। ଫଳରେ ସ୍ୱାସ୍ଥ୍ୟ ସମସ୍ୟା ବଢୁଛି।

ଆଉ, କ ପ୍ରମୁଖ କାରଣ ହେଲା ଗ୍ରାମାଞ୍ଚଳ ଓ ଅପହଞ୍ଚ ଇଲାକାରେ ଡାକ୍ତର ଏବଂ ଚିକିତ୍ସା କର୍ମୀଙ୍କ ଅଭାବ ଏବଂ ଆବଶ୍ୟକ ଚିକିତ୍ସା ଭିତ୍ତିଭୂମି ଉପଲବ୍ଧ ନ ହେବା। ସହରାଞ୍ଚଳରେ ଡେଙ୍ଗୁ ଓ ମ୍ୟାଲେରିଆ ବଢ଼ିବାର କାରଣ ହେଲା ପୌର ପ୍ରଶାସନଗୁଡ଼ିକର ଉପରଠାଉରିଆ କାମ ଓ ଉଦାସୀନତା। ରାଜଧାନୀ ଭୁବନେଶ୍ୱର ସମେତ କଟକ ଆଦି ମହାନଗରୀ ଓ ଅନ୍ୟାନ୍ୟ ପ୍ରମୁଖ ସହରର ଆବର୍ଜନା ଏବେ ମଧ୍ୟ ଠିକ୍ ଭାବେ ଉଠୁନାହିଁ। ନାଳ ନର୍ଦ୍ଦମା ପଙ୍କ ଓ ପାଣିପୂର୍ଣ୍ଣ। ରାସ୍ତାରେ ଅଳିଆଗଦା ସହିତ ବୁଦୁବୁଦିଆ ଜଙ୍ଗଲ ଓ ଅରମାକୁ କର୍ତ୍ତୃପକ୍ଷ ସଫା କରନ୍ତି ନାହିଁ। ଅନେକ ଅନୁପସ୍ଥିତ ଜମି ଓ ଘର ମାଲିକ (ଆବସେଣ୍ଟ ଲ୍ୟାଣ୍ଡଲର୍ଡ) ସହରାଞ୍ଚଳରେ ନିଜ ଜାଗାକୁ ପାଚେରି ଘେରାଇ ଆଉଟ ହାଉସ୍ ଖଣ୍ଡେ ଖଣ୍ଡେ କରି ସାପ, ପୋକଜୋକ, ମଶା, ମାଛି ଓ ଡାଆଁଶଙ୍କ ପ୍ରଜନନ କେନ୍ଦ୍ରରେ ପରିଣତ କରିଛନ୍ତି। ସେଠାରେ ବୁଶ୍ କଟିଂ ମୁନିସିପାଲିଟି କରେ ନାହିଁ। ପାଖ ପ୍ଲଟରେ ଘର କରିଥିବା ଲୋକେ ଦହଗଞ୍ଜ ଭୋଗିଥା'ନ୍ତି।

ଏବେ ସହରାଞ୍ଚଳରେ ଡେଙ୍ଗୁ ଏକ ବଡ଼ ସ୍ୱାସ୍ଥ୍ୟ ସମସ୍ୟା ପାଲଟିଛି। ଲୋକେ କେବଳ ସଚେତନ ହେଲେ ଯେ ଡେଙ୍ଗୁକୁ ରୋକିହେବ, ତାହା କହିବା ଠିକ୍ ହେବ ନାହିଁ। ନୂଆ ସରକାରଙ୍କ ପାଇଁ ଏଥିନିମନ୍ତେ ବାସ୍ତବବାଦୀ କାର୍ଯ୍ୟକ୍ରମ ଗ୍ରହଣ କରିବାକୁ ପଡ଼ିବ। ରାଜ୍ୟର ଗ୍ରାମାଞ୍ଚଳ ଡାକ୍ତରଖାନାରେ ଚିକିତ୍ସକ, ଚିକିତ୍ସାକର୍ମୀ ଯେପରି ଆବଶ୍ୟକ ସଂଖ୍ୟାରେ ଉପଲବ୍ଧ ହୁଅନ୍ତି, ତାହାକୁ ସୁନିଶ୍ଚିତ କରିବାକୁ ହେବ। ଏହାସହିତ ଉଭୟ ଗ୍ରାମୀଣ ଓ ସହରାଞ୍ଚଳରେ ସୁଲଭ ସ୍ୱାସ୍ଥ୍ୟ ଓ ନମୁନା ପରୀକ୍ଷା ବ୍ୟବସ୍ଥା ସହିତ ଡାକ୍ତରଖାନାଗୁଡ଼ିକରେ ଆବଶ୍ୟକ ଶଯ୍ୟାର ବ୍ୟବସ୍ଥା କରିବାକୁ ପଡ଼ିବ। ରୋଗୀ ହସ୍ପିଟାଲ ବାରଣ୍ଡାରେ ପଡ଼ି ଚିକିତ୍ସାରୁ ଯେପରି ବଞ୍ଚିତ ନହୁଏ, ତାହାକୁ ସୁନିଶ୍ଚିତ କରାଯିବା ଆବଶ୍ୟକ। ଏହାଛଡ଼ା ପୌରପ୍ରଶାସନଗୁଡ଼ିକୁ ସକ୍ରିୟ ଏବଂ ଉତ୍ତରଦାୟୀ କରି ସଫେଇ ତଥା ପରିଚ୍ଛନ୍ନ ବ୍ୟବସ୍ଥାକୁ ସୁନିଶ୍ଚିତ କରିବାକୁ ହେବ।

ଆମ ବିଚାରରେ ରାଜନୈତିକ ଇଚ୍ଛାଶକ୍ତି ଓ ସକ୍ରିୟତା ରହିଲେ ରାଜ୍ୟ ସରକାର ଏବେ ଓଡ଼ିଶାରେ ମୁଣ୍ଡ ଟେକୁଥିବା ଋତୁକାଳୀନ ବ୍ୟାଧିର ସଫଳ ମୁକାବିଲା କରିପାରିବେ। ଆଗକୁ ଆହୁରି ପ୍ରାୟ ତିନିମାସ ଅଛି। ତେଣୁ ମାତ୍ରାଧିକ ସରକାରୀ ସକ୍ରିୟତା ପ୍ରକାଶ ପାଇବା ଉଚିତ। ନୂଆ ସରକାରଠାରୁ ଲୋକେ ଅନେକକିଛି ଅଧିକ ଆଶା କରିବା ସ୍ୱାଭାବିକ। ଆମର ବିଶ୍ୱାସ, ରାଜ୍ୟ ସରକାର ଏ କ୍ଷେତ୍ରରେ ନିଜର ଦାୟିତ୍ୱ ସୁଚାରୁ ରୂପେ ନିର୍ବାହ କରିବେ ଏବଂ ପ୍ରତ୍ୟେକ ମୃତ୍ୟୁ ବା ତ୍ରୁଟି ରୋକିବା ପାଇଁ ସମ୍ପୃକ୍ତ ଅଧିକାରୀ, କର୍ମଚାରୀ ଓ ଲୋକପ୍ରତିନିଧିଙ୍କୁ ଉତ୍ତରଦାୟୀ କରିବେ। 'ପ୍ରତ୍ୟେକ ଜୀବନ ମୂଲ୍ୟବାନ' ଏକଥା ଓଡ଼ିଶା ସରକାର ସର୍ବଦା ମନେ ରଖି ସେ ଲକ୍ଷ୍ୟ ପୂରଣ ପାଇଁ ନୀତି ନିର୍ଦ୍ଧାରଣ କରିବାକୁ ପଡ଼ିବ। ●

# ମା' ଓ ଶିଶୁ ବିକାଶ: ଆହ୍ୱାନ ଓ ସମାଧାନ

**ସଞ୍ଜୟ କୁମାର ପଣ୍ଡା**
କଟକ, ମୋ ୮୫୨୭୬୭୮୦୦

ଶିଶୁର ସ୍ୱାସ୍ଥ୍ୟ ଓ ବିକାଶ ଉପରେ ମା'ର ଗର୍ଭାବସ୍ଥାରେ ରକ୍ତହୀନତା ଓ ଆନୁଷଙ୍ଗିକ ଅଭାବର କୁପ୍ରଭାବ ସାରା ଜୀବନ ପାଇଁ ରହେ ଏବଂ ମାନବ ସମ୍ପଦ ବିକାଶ ଲକ୍ଷ୍ୟକୁ ପ୍ରତିହତ କରିଦିଏ। ଶିଶୁ ଓ ମା'ର ପୋଷଣ, ସ୍ୱାସ୍ଥ୍ୟ ଓ ବିକାଶର ଗୁରୁତ୍ୱ ବିଷୟରେ ସମସ୍ତେ ଚିନ୍ତିତ। ଏଥିପାଇଁ ଯୋଜନା ପ୍ରଣୟନ, ଅର୍ଥ ବରାଦ କରାଯାଇଥିଲେ ମଧ୍ୟ ଆଶାନୁରୂପ ଫଳ ମିଳୁନାହିଁ। ତେଣୁ ଏହାର କାରଣ ଖୋଜି ସମାଧାନ କରିବା ଅତ୍ୟନ୍ତ ପ୍ରୟୋଜନ। ଅନେକ କ୍ଷେତ୍ରରେ ନବନିର୍ବାଚିତ ସରକାରମାନେ କେବଳ ନିଜଦଳର ପ୍ରଚାର ପ୍ରସାର ପାଇଁ ନୂଆ ଯୋଜନା କରିବା ଉଦ୍ଦେଶ୍ୟରେ ଭଲଚାଲିଥିବା ପୁରୁଣା ଯୋଜନାକୁ ଅଣଦେଖା କରନ୍ତି। ଏହା ଫଳରେ ନା ତ ନୂଆ ଯୋଜନାର ଫଳ ମିଳେ, ବରଂ ପୁରୁଣା ଯୋଜନାର ସୁଦୂର ପ୍ରସାରୀ ସୁଫଳ ହାତଛଡ଼ା ହୋଇଯାଏ। ଆମ ଗଣତନ୍ତ୍ରରେ ଏହିପରି ଅପରିପକ୍ୱ ରାଜନୈତିକ ଓ ପ୍ରଶାସନିକ ସିଦ୍ଧାନ୍ତର ଏକାଧିକ ଦୃଷ୍ଟାନ୍ତ ରହିଛି। ଏଥିପାଇଁ ନୂଆ ଯୋଜନା ପ୍ରଣୟନ କରିବା ପରିବର୍ତ୍ତେ, ଚାଲିଥିବା ଯୋଜନାଗୁଡ଼ିକୁ ସଜାଇ ସେଥିରେ ଥିବା ଖାଲିସ୍ଥାନ ପୂରଣ କରିବା ଶ୍ରେୟସ୍କର।

ଏହା ସର୍ବଜନବିଦିତ ଯେ ଶିଶୁମାନଙ୍କର ସର୍ବାଙ୍ଗୀନ ଉନ୍ନତି ମାନବ ସମ୍ପଦ ବିକାଶର ମୂଳଦୁଆ। ଆମ ଦେଶରେ ୧୯୭୫ ମସିହା ଅକ୍ଟୋବର ୨ ତାରିଖ ଗାନ୍ଧୀ ଜୟନ୍ତୀ ଅବସରରେ କୋମଳମତି ଶିଶୁଙ୍କର ସର୍ବାଙ୍ଗୀନ ବିକାଶ ପାଇଁ 'ସମନ୍ୱିତ ଶିଶୁ ଉନ୍ନୟନ ଯୋଜନା' ବା (ଆଇସିଡିଏସ) ପ୍ରଣୟନ କରାଯାଇଥିଲା। ଗର୍ଭବତୀ, ପ୍ରସୂତି ଓ ଛଅ ବର୍ଷ ବୟସ ପର୍ଯ୍ୟନ୍ତ ପିଲାମାନଙ୍କୁ ସହାୟକ ପୋଷଣ, ଟିକାକରଣ, ସ୍ୱାସ୍ଥ୍ୟ ପରୀକ୍ଷା, ଆବଶ୍ୟକ ଅନୁସାରେ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇବା, ସ୍ୱାସ୍ଥ୍ୟ ଓ ପୋଷଣ ବିଷୟରେ ଶିକ୍ଷା ଓ ପ୍ରାକ୍ ବିଦ୍ୟାଳୟ ଶିକ୍ଷା ଯୋଗାଇ ଦେବା ଆଦି ଏହି ଛଅଟି ସେବା ଏହି ଯୋଜନାର ଲକ୍ଷ୍ୟ। ଏହି ସେବାଗୁଡ଼ିକ ପ୍ରତ୍ୟେକ ଜନବସତିରେ ଥିବା ଅଙ୍ଗନବାଡ଼ିକେନ୍ଦ୍ର ମାଧ୍ୟମରେ ଯୋଗାଇ ଦିଆଯାଏ। ଏହି ଯୋଜନାରେ ଆବଶ୍ୟକ ଆନୁଷଙ୍ଗିକ ଖର୍ଚ୍ଚ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ମିଳିତ ଭାବେ ବହନ କରନ୍ତି।

ବିଗତ ପଚାଶ ବର୍ଷରେ ଏହି ଯୋଜନାର ଅନେକ ପରିବର୍ତ୍ତନ ହୋଇଛି। ସର୍ବୋଚ୍ଚ ନ୍ୟାୟାଳୟ ଉପରୋକ୍ତ ସେବାଗୁଡ଼ିକୁ ଶିଶୁମାନଙ୍କର ମୌଳିକ ଅଧିକାର ବୋଲି ରାୟ ଦେଇ ତଦନୁଯାୟୀ ସରକାରଙ୍କୁ ନିର୍ଦ୍ଦେଶ ଦେବା ପରେ ଗୋଟିଏ ଗ୍ରାମରେ ଗୋଟିଏ ମାତ୍ର ପିଲା ଥିଲେ ମଧ୍ୟ ତା' ପାଇଁ ଯୋଜନାର ସୁଫଳ ଯେପରି ଉପଲବ୍ଧ ହୋଇପାରିବ ସେଥିଲାଗି ସମସ୍ତ ବ୍ୟବସ୍ଥା କରାଯାଉଛି। ଏହାସତ୍ତ୍ୱେ ଦେଶର ଦୁର୍ଗମ ଅଞ୍ଚଳରେ ଏହା ଆଶାନୁରୂପ ଫଳବତୀ ହୋଇପାରିନାହିଁ। ଏହାର ମୂଳ କାରଣ ହେଉଛି ଯେ, ଦୁର୍ଗମ ଅଞ୍ଚଳ ଓ ଗ୍ରାମମାନଙ୍କରେ ଅଙ୍ଗନବାଡ଼ି କେନ୍ଦ୍ର ନିର୍ମାଣ ପାଇଁ ବରାଦ ଅର୍ଥ ତୁଳନାରେ ପ୍ରକୃତ ଖର୍ଚ୍ଚ ଅଧିକ ହେଉଥିବାରୁ ନିର୍ମାଣ କାମ ନିମ୍ନସ୍ତରର ହୁଏ ଏବଂ ତାହା ନିର୍ମାଣର ଅଳ୍ପ କିଛିଦିନ ମଧ୍ୟରେ ବ୍ୟବହାର ଅନୁପଯୁକ୍ତ ହୋଇଯାଏ। ରାସ୍ତା ଘାଟର ସୀମିତତା ଯୋଗୁଁ ତଦାରଖ ଠିକ୍ ଭାବେ ହୋଇ ପାରେ ନାହିଁ। ତେଣୁ କାଗଜପତ୍ର ଓ ଫଟୋ ତୁଳନାରେ ସେହିସବୁ ଅଞ୍ଚଳର ବାସ୍ତବତା ମଧ୍ୟରେ ବହୁତ ଫରକ ରହିଯାଏ। ଅଙ୍ଗନବାଡ଼ିକେନ୍ଦ୍ରରେ ପ୍ରତ୍ୟେକ ଶିଶୁ ଓ ମା'ମାନଙ୍କୁ ପ୍ରତିଦିନ ପୁଷ୍ଟିକର ଖାଦ୍ୟ ଦେବା ପାଇଁ ଆର୍ଥିକ ଅନୁଦାନ ଦିଆଯାଏ। ଏହି ଟଙ୍କାରେ ସାଧାରଣତଃ ଚାଉଳ ଓ ମୁଗଡାଲିରୁ ଖେଚିଡ଼ି ରନ୍ଧା ହୋଇ ଦିଆଯାଇଥାଏ। କିଛିସ୍ଥାନରେ ଛତୁଆ, ଭାତ ଓ ଅଣ୍ଡା ତରକାରି ଆଦି ଦେବାର ଦୃଷ୍ଟାନ୍ତ ରହିଛି। ପ୍ରତିଦିନ ଆହାର ପ୍ରସ୍ତୁତ କରି ବିତରଣ କରିବା ପରି ଜଞ୍ଜାଳମୟ କାମରେ ଅଙ୍ଗନବାଡ଼ି କର୍ମୀ ଓ ସହାୟିକା ବ୍ୟସ୍ତ ରହିବା ଫଳରେ ଯୋଜନାର ଅନ୍ୟ ପାଞ୍ଚଟି ସେବା ବାଧାପ୍ରାପ୍ତ ହୁଏ। ଏହିସବୁ କାରଣରୁ ଆମ ରାଜ୍ୟର ପାର୍ବତ୍ୟ ଓ ଗ୍ରାମାଞ୍ଚଳରେ ଶିଶୁ ଓ ମା' ମାନଙ୍କର ସ୍ୱାସ୍ଥ୍ୟ ଅବସ୍ଥା ଚିନ୍ତାଜନକ। ବୟସ ଅନୁପାତରେ ଶିଶୁର ଉଚ୍ଚତା ଓ ଓଜନ ଦୃଷ୍ଟିରୁ ଓଡ଼ିଶାର ସ୍ଥାନ କେରଳ, ତାମିଲନାଡୁ, ପଶ୍ଚିମ ବଙ୍ଗ ଓ ତ୍ରିପୁରାଠାରୁ ତଳେ।

ପିଲାଙ୍କ ସ୍ୱାସ୍ଥ୍ୟ ଓ ବିକାଶର ମୌଳିକ ଦାୟିତ୍ୱ ମା' ର। କିନ୍ତୁ ମା'ପାଖରେ ପିଲାର ସ୍ୱାସ୍ଥ୍ୟ ବିଷୟରେ ବୈଷୟିକ ଜ୍ଞାନ ଓ ସାଧନର ଅଭାବ ହେତୁ ଏଭଳି ସ୍ଥିତି ଉପୁଜିଛି। ପରିବର୍ତ୍ତିତ ପରିସ୍ଥିତିରେ ସବୁଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ ହେଉଛି ଶିଶୁର ସର୍ବାଙ୍ଗୀନ ବିକାଶ ପାଇଁ ମା'ମାନଙ୍କୁ ଆବଶ୍ୟକୀୟ ସାଧନ ଯୋଗାଇବା। ପିଲାଙ୍କ ସ୍ୱାସ୍ଥ୍ୟ ଓ ବିକାଶ ପାଇଁ ଗର୍ଭଧାରଣ ପୂର୍ବରୁ ମା'ର ପୋଷଣ, ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା, ସୁଷମ ଖାଦ୍ୟ ଓ ଔଷଧ (ରକ୍ତହୀନତା ଦୂରୀକରଣ ପାଇଁ ଆଇରନ ବଟିକା ପରି), ଡାକ୍ତରଖାନାରେ ପ୍ରସବ ଓ ନବଜାତ ଶିଶୁର ଟିକାକରଣ, ମାତୃ ସ୍ତନ୍ୟପାନ, ପୁଷ୍ଟିକର ଖାଦ୍ୟ, ବିଶୁଦ୍ଧ ପାନୀୟ ଜଳ, ଶୌଚାଳୟ ଆଦିର ବ୍ୟବସ୍ଥା ଶିଶୁକୁ ଛ' ବର୍ଷ ବୟସ ହେବା ପର୍ଯ୍ୟନ୍ତ ମା' ପାଖରେ ପହଞ୍ଚାଇବାକୁ ହେବ। ଏଥିପାଇଁ ଗୁଣ ମାନ ସହ ସାଧନ ଯୋଗାଇବା ଓ ତାହା ନିଶ୍ଚିତ କରାଇବା ହିଁ ସରକାରଙ୍କ ପାଇଁ ମୁଖ୍ୟ ଆହ୍ୱାନ।

ଓଡ଼ିଶାରେ ଚାଲିଥିବା ଯୋଜନା ଏବଂ ଆର୍ଥିକ ସମ୍ପଦକୁ ଲକ୍ଷ୍ୟ ରଖି ନିମ୍ନଲିଖିତ ତିନିଗୋଟି ବିଷୟରେ ଧ୍ୟାନ ଦେଇ ବ୍ୟବସ୍ଥା କରିବା ଆବଶ୍ୟକ। ପ୍ରଥମତଃ, ଓଡ଼ିଶାରେ ଥିବା ପ୍ରତ୍ୟେକ ୭୪, ୧୫୭ଟି ଅଙ୍ଗନବାଡ଼ିକେନ୍ଦ୍ରର ଅବସ୍ଥା ଓ ବାକିଥିବା ପାନୀୟ ଜଳ ଯୋଗାଣ ପ୍ରକଳ୍ପ, ଶୌଚାଳୟ ନିର୍ମାଣ ଆଦି ସମ୍ପୂର୍ଣ୍ଣ କରିବା ପାଇଁ ଏକ ତାଲିକା ତିଆରି କରିବା ଆବଶ୍ୟକ। ପ୍ରତି ବ୍ଲକରେ ଏହି ସମସ୍ତ କାମ, ଆଗାମୀ ଛ' ମାସ ମଧ୍ୟରେ ସାରିବାର ଦାୟିତ୍ୱ ରାଜ୍ୟରେ କାର୍ଯ୍ୟରତ ସରକାରୀ ଓ ବେସରକାରୀ ଉଦ୍ୟୋଗ ମଧ୍ୟରେ ବାଣ୍ଟିଦେବା ଉଚିତ। ଯୋଜନାରେ ମିଳୁଥିବା ଅର୍ଥ ସହ କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧ ଓ ଜିଲ୍ଲା ଖଣିଜ ପାଣ୍ଠିର ଉପଯୋଗରେ ଏହି କାମ କରାଯାଇପାରିବ।

ଦ୍ୱିତୀୟତଃ, ଶିଶୁ ଓ ମା' ମାନଙ୍କୁ ପୁଷ୍ଟିକର ଖାଦ୍ୟ ଯୋଗାଇବା ପାଇଁ ପ୍ରଚଳିତ ବ୍ୟବସ୍ଥାର ମୌଳିକ ପରିବର୍ତ୍ତନ କରିବାକୁ ହେବ। ବିଦ୍ୟାଳୟ ପିଲାଙ୍କ ପାଇଁ ମଧ୍ୟାହ୍ନ ଭୋଜନ ପ୍ରସ୍ତୁତି ଓ ବିତରଣ ଆଧାରରେ ପ୍ରତ୍ୟେକ ବ୍ଲକସ୍ତରରେ ସାମୂହିକ ଭାବେ ଖାଦ୍ୟ ପ୍ରସ୍ତୁତି କରି ସକାଳ ଦଶଟା ମଧ୍ୟରେ ଗାଡ଼ିରେ ପ୍ରତ୍ୟେକ କେନ୍ଦ୍ରରେ ପହଞ୍ଚାଇବାକୁ ହେବ। ଏହା ପ୍ରାସଙ୍ଗିକ ଯେ, ସହର ଉନ୍ନୟନ ବିଭାଗ ତରଫରୁ ୨୦୧୫ ମସିହା ଏପ୍ରିଲ ପହିଲା ଠାରୁ ଆରମ୍ଭ ହୋଇଥିବା 'ଆହାର' ଯୋଜନାରେ ୩୦ ଟି ଜିଲ୍ଲାରେ ଥିବା ୧୧୦ ଆହାର କେନ୍ଦ୍ରରେ ସହର ଅଞ୍ଚଳର ୬୭, ୦୦୦ ଲୋକଙ୍କୁ ରବିବାର ବ୍ୟତୀତ ଅନ୍ୟ ଦିନମାନଙ୍କରେ ଖାଦ୍ୟ ମାତ୍ର ୫ ଟଙ୍କାରେ ଯୋଗାଇ ଦିଆଯାଉଅଛି। ପ୍ରତି ଥାଳି ଖାଦ୍ୟ ପ୍ରସ୍ତୁତିରେ ପ୍ରାୟ କୋଡ଼ିଏ ଟଙ୍କା ଖର୍ଚ୍ଚ ହେଉଥିବା ବେଳେ ବାକି ପନ୍ଦର ଟଙ୍କା ଓ ପରିଚାଳନା ଖର୍ଚ୍ଚ କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧ ଓ ଜିଲ୍ଲା ଖଣିଜ ପାଣ୍ଠିରୁ ଦିଆଯାଉଛି। ସେହି ଆଧାରରେ ସାମୂହିକ ଭାବରେ ଖାଦ୍ୟ ପ୍ରସ୍ତୁତି କଲେ ପିଲା ଓ ମା'ମାନଙ୍କୁ ପୁଷ୍ଟିକର ଖାଦ୍ୟ ମିଳିବ। ଅଙ୍ଗନବାଡ଼ି କେନ୍ଦ୍ରରେ ନିଯୁକ୍ତ କର୍ମୀ ଓ ସହାୟିକାମାନଙ୍କୁ ରାନ୍ଧଣା କାମରୁ ମୁକ୍ତ କଲେ ସେମାନେ ପିଲାଙ୍କ ସ୍ୱାସ୍ଥ୍ୟ, ପ୍ରାକ୍ ବିଦ୍ୟାଳୟ ଶିକ୍ଷା ଆଦି ବିଷୟରେ ଅଧିକ ଧ୍ୟାନ ଦେଇପାରିବେ। ଅଙ୍ଗନବାଡ଼ି କର୍ମୀ ଓ ସହାୟିକାମାନଙ୍କର ମାସିକ ଭତ୍ତା କେନ୍ଦ୍ର ସରକାର ଓ ରାଜ୍ୟ ସରକାର ବହନ କରନ୍ତି। ଏହି ଭତ୍ତାର ପରିମାଣ ବଢ଼ାଇବା ପାଇଁ କର୍ମୀ ଓ ସହାୟିକାମାନେ ଦୀର୍ଘଦିନ ଧରି ଦାବି କରିଆସୁଛନ୍ତି। ରାଜ୍ୟର ମାନବ ସମ୍ପଦ ବିକାଶରେ ଶିଶୁ ଓ ମା'ର ସୁସ୍ୱାସ୍ଥ୍ୟର ଗୁରୁତ୍ୱ ଦୃଷ୍ଟିରୁ ବିଚାର କରି ରାଜ୍ୟ ସରକାର ସେମାନଙ୍କ ମାସିକ ଭତ୍ତାର ପରିମାଣ ବଢ଼ାଇଲେ ସେମାନେ ଅଧିକ ଆଗ୍ରହର ସହ କାମ କରିବେ।

ତୃତୀୟରେ ଅଙ୍ଗନବାଡ଼ି କେନ୍ଦ୍ରରେ କାର୍ଯ୍ୟରତ କର୍ମୀ ଓ ସହାୟିକାମାନଙ୍କ କାର୍ଯ୍ୟ ପ୍ରଯୁକ୍ତି ବିଜ୍ଞାନ ବ୍ୟବହାର କରି ପ୍ରତ୍ୟକ୍ଷ ସମୟ (ରିଅଲ ଟାଇମ) ଅନୁସାରେ ତଦାରଖ କରିବା ଆବଶ୍ୟକ। କେନ୍ଦ୍ରରେ ନଥିଭୁକ୍ତ ପ୍ରତ୍ୟେକ ପିଲାର ଓଜନ, ଉଚ୍ଚତା, ଟିକାକରଣ ତଥା ସ୍ୱାସ୍ଥ୍ୟ ବିଷୟରେ ସମସ୍ତ ତଥ୍ୟ, ସପ୍ତାହର ଏକ ନିର୍ଦ୍ଦିଷ୍ଟ ଦିନରେ ମୋବାଇଲ ଫୋନ ବ୍ୟବହାର କରି ଅପଲୋଡ୍ କରିବାକୁ ହେବ। ଏଥିପାଇଁ ଅଙ୍ଗନବାଡ଼ିକର୍ମୀଙ୍କୁ ମୋବାଇଲ ଫୋନ ଓ ଇଣ୍ଟରନେଟ୍ ପରିଚାଳନା ବିଷୟରେ ତାଲିମ୍ ଦେବା ଆବଶ୍ୟକ। ପ୍ରଯୁକ୍ତି ବିଜ୍ଞାନ ବ୍ୟବହାର ମାଧ୍ୟମରେ ଏହି ସୂଚନା ମା'ମାନଙ୍କଠାରୁ ଆରମ୍ଭ କରି ମୁଖ୍ୟମନ୍ତ୍ରୀ, ବିଭାଗୀୟ ମନ୍ତ୍ରୀ, ଗ୍ରାମ, ପଞ୍ଚାୟତ, ବ୍ଲକ ତଥା ଜିଲ୍ଲାସ୍ତରରେ ପ୍ରକଳ୍ପ ସହ ଜଡ଼ିତ ସମସ୍ତେ ତତ୍‌କ୍ଷଣାତ ଏ ବିଷୟରେ ଜାଣିପାରିବେ। ପ୍ରଯୁକ୍ତି ବିଜ୍ଞାନ ବ୍ୟବହାର କରି ଏହି ତଥ୍ୟ ଯୋଜନାର ସଫଳ ରୂପାୟନ ଓ ଦୁର୍ନୀତି ନିବାରଣରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିପାରିବ।

ଏହି ପ୍ରକଳ୍ପ ରୂପାୟନ ପାଇଁ ଜିଲ୍ଲା ସ୍ତରରେ ଜଣେ ମନ୍ତ୍ରୀଙ୍କ ଅଧ୍ୟକ୍ଷତା ଓ ଜିଲ୍ଲାପାଳଙ୍କ ସହ-ଅଧ୍ୟକ୍ଷତାରେ ଗୋଟିଏ କମିଟି ଗଠନ କରାଯାଇପାରେ। ଅର୍ଥ ସଂଗ୍ରହ, ଭିତ୍ତିଭୂମି ନିର୍ମାଣ ଓ ଦୈନନ୍ଦିନ ପରିଚାଳନା ଆଦି ସମସ୍ତ ବିଷୟ ଏହି କମିଟି ଦ୍ୱାରା ପ୍ରତି ମାସର ଏକ ନିର୍ଦ୍ଦିଷ୍ଟ ଦିନରେ କରିବା ଉଚିତ ହେବ। ଏହିପରି ଏକ ଜଟିଳ ଓ ଗୁରୁତ୍ୱପୂର୍ଣ୍ଣ ବିଷୟଟିର ସଫଳ ରୂପାୟନରେ ସମୟ ଲାଗିବ। ପ୍ରଶାସନରେ ଥିବା ଅଧିକାରୀମାନେ ରାଜ୍ୟର ଶିଶୁମାନଙ୍କୁ ନିଜ ପିଲା ବୋଲି ଭାବିଲେ ଅନ୍ୟ ସବୁ କଥା ସହଜ ହୋଇଯିବ। ଏହି ବିଷୟଟିକୁ ସଂକୀର୍ଣ୍ଣ ରାଜନୀତିଠାରୁ ଉପରେ ରଖି ଗଣମାଧ୍ୟମ, ବିପକ୍ଷ ରାଜନୈତିକ ଦଳ ଓ ଜନସାଧାରଣ ସମ୍ପୂର୍ଣ୍ଣ ସହଯୋଗ କରିବା ଆବଶ୍ୟକ, ଯାହା କର୍ମଚାରୀମାନଙ୍କର ମନୋବଳ ଦୃଢ଼ କରିବ। ମାନବ ସମ୍ପଦ ବିକାଶ ପାଇଁ ଏହି ଯୋଜନାର ବିକଳ୍ପ ନାହିଁ। ଅଙ୍ଗନବାଡ଼ିକେନ୍ଦ୍ର ହେଉଛି ଗାଁ ଗହଳରେ ଥିବା ଏକମାତ୍ର ସାର୍ବଜନୀନ ପ୍ରତିଷ୍ଠାନ। ସାରା ଓଡ଼ିଶାରେ ଥିବା ୭୪, ୧୫୭ ଟି ଅଙ୍ଗନବାଡ଼ି କେନ୍ଦ୍ର ଲୋକମାନଙ୍କର ବିକାଶ ପାଇଁ ଗୋଟିଏ ରେଳଲାଇନ ପରି। ଏହାକୁ ଭିତ୍ତିକରି ମାନବ ସମ୍ପଦ, ବିଶେଷକରି ଦୁର୍ଗମ ଅଞ୍ଚଳରେ ରହୁଥିବା ଲୋକ ତଥା ଶିଶୁମାନଙ୍କ ବିକାଶ ପାଇଁ ଯୋଜନାଗୁଡ଼ିକ କମ୍‌ଖର୍ଚ୍ଚ ତଥା ଦୁର୍ନୀତିମୁକ୍ତ ଭାବରେ ରୂପାୟନ କରାଯାଇ ପାରିବ। ●

**ପ୍ରାକ୍ତନ ସଚିବ**
**ଭାରତ ସରକାର ଓ ପ୍ରାକ୍ତନ ମୁଖ୍ୟ ସଚିବ, ତ୍ରିପୁରା**

# ମାନବ ଜୀବନରେ ସଙ୍ଗୀତ

**ନଗେନ୍ଦ୍ର ନାଥ ପଟ୍ଟନାୟକ**
ଭୁବନେଶ୍ୱର, ମୋ: ୯୪୩୮୩୩୨୧୩୮

ଚାର୍ଲସ୍ ଡାରୱିନ୍‌ଙ୍କ ମତରେ, 'ମୋତେ ଯଦି ଆପଣା ଜୀବନକୁ ପୁଣିଥରେ ବଞ୍ଚିବାକୁ ପଡ଼େ, ତା'ହେଲେ ମୁଁ ସପ୍ତାହକ ଭିତରେ କିଛି କବିତା ପଢ଼ିବା ଓ ସଙ୍ଗୀତ ଶୁଣିବାର ନିୟମ ତିଆରି କରିନେବି। ଦେଖନ୍ତୁ ମୁଁ କୌଣସି ସଙ୍ଗୀତ ତ ଜାଣେନି, କିନ୍ତୁ ଜଣେ ବାସ୍ତବବାଦୀ ରୂପେ ସ୍ୱୀକାର କରିବି ଯେ ସଙ୍ଗୀତର ବ୍ୟୁତ୍ପତ୍ତି ହିଁ ଭାବନା ଓ ବିଚାରଧାରା ସବୁକୁ ଅଭିବ୍ୟକ୍ତ କରିବା ଏବଂ ପରସ୍ପର ମଧ୍ୟରେ ତଥ୍ୟର ଆଦାନପ୍ରଦାନ କରିବାର ଏକ ପୁରାତନ ମାଧ୍ୟମ।' ଅବଶ୍ୟ ପ୍ରକୃତିର ନିଗୂଢ଼ ରହସ୍ୟ ଉନ୍ମୋଚନ କରିବା ନିମନ୍ତେ ଡାରୱିନ୍ ନିଜସ୍ୱ ପୂରା ଜୀବନ ସମର୍ପିତ କରିଥିଲେ। ପରିଣାମରେ ସେ ଜାଣିବାକୁ ପାଇଲେ ଜୀବଜଗତ ନିରନ୍ତର ତଥା ନିରବଚ୍ଛିନ୍ନ ପରିବର୍ତ୍ତନର ସେଇ ପ୍ରକ୍ରିୟା ମଧ୍ୟ ଦେଇ ଗତି କରନ୍ତି, ଯେଉଁଠି ଅନୁକୂଳନ ହିଁ ଅସ୍ତିତ୍ୱର ମାପକାଠି ପାଲଟିଯାଏ।

ଯେପରି ପଶୁପକ୍ଷୀ ବିଭିନ୍ନ ଧ୍ୱନି ଜରିଆରେ କଥାବାର୍ତ୍ତା କରନ୍ତି, ଠିକ୍ ସେମିତି ଆଦିମ ପୂର୍ବଜମାନେ ମଧ୍ୟ ନିଜସ୍ୱ ଅନ୍ତର୍ନିହିତ ଭାବନା ଓ ବିଚାରକୁ ସ୍ୱରରେ ଗ୍ରନ୍ଥିତ କରି ପରିପ୍ରକାଶ କରିବା ଆରମ୍ଭ କରଥିଲେ। ମନୁଷ୍ୟ ପ୍ରକୃତିର ଏକ ଅବିଚ୍ଛେଦ୍ୟ ଅଂଶବିଶେଷ। ସେହିପରି ସଙ୍ଗୀତ ମଧ୍ୟ ଆମର ବିକାଶଯାତ୍ରାର ଏକ ରୋଚକପୂର୍ଣ୍ଣ ବିଭାବ। ଯେଉଁବ୍ୟକ୍ତି ନିଜର ଘଣ୍ଟାଏ ସମୟ ତୁଚ୍ଛାଟାରେ ବ୍ୟୟ କରିଦିଏ ତା'କୁ ନିଜସ୍ୱ ଜୀବନର ମୂଲ୍ୟ ଜଣା ନ ଥାଏ। ମୁଷ୍ଟିମେୟ ଲୋକେ କହନ୍ତି - ତାଙ୍କ ପାଖରେ କାମଦାମ କିଛି ନାହିଁ।



କୌଣସି କାମଧନ୍ଦା ନ ଥିଲେ ବେକାର ଗୋଡ଼ ଲମ୍ବେଇ ଆଳସ୍ୟରେ ବସିବା ପରିବର୍ତ୍ତେ ନିବିଷ୍ଟ ଚିତ୍ତରେ କାନପାତି ମଧୁର ସଙ୍ଗୀତ ଶ୍ରବଣ କରିବା ଶ୍ରେୟସ୍କର। ଏତଦ୍ୱାରା କିଛି କର୍ମ ନିଷ୍ପାଦନ ହୋଇପାରିବ। ଆମ ମସ୍ତିଷ୍କର ଯୋଉ ଭାଗଟି ନିଷ୍କ୍ରିୟ, ନିସ୍ତେଜ ଓ ନିସ୍ପନ୍ଦ ହୋଇଯାଏ, ତା'କୁ ସଙ୍ଗୀତ ମାଧ୍ୟମରେ ପୁଣି ସକ୍ରିୟ କରାଯାଇ ପାରିବ। ଆମର ଖୁସୀ, ସନ୍ତୋଷର ଯୋଉ ସ୍ୱାଦ ଚାଲିଯାଇଛି ତାହା ବି ପୁନରାୟ ଲାଭ କରାଯାଇ ପାରିବ। ନୈତିକ ସ୍ଖଳନ ଜନିତ ସମସ୍ୟା ଓ ମାନସିକ ବିକାରର ଉପଚାର କେବଳ ସଙ୍ଗୀତ ଦ୍ୱାରା ହିଁ ହୋଇପାରିବ।

ଆମ ମନରେ କ୍ରୋଧ, ଭୟ ଅଥବା ପ୍ରେମ ପ୍ରୀତି ଭାବନା ଉଦ୍ରେକ ହେବା ବେଳେ ଆମ ସ୍ୱରରେ ସ୍ୱଭାବତଃ ଉତ୍ଥାନ-ପତନ ଆସିଥାଏ। ହୁଏତ ଏହା ଏକ କେନ୍ଦ୍ରବିନ୍ଦୁ ହୋଇପାରେ, ଯେଉଁଠୁ ସଙ୍ଗୀତର ଉତ୍ପତ୍ତି ହୋଇଥିଲା। ଧୀରେଧୀରେ ଏହି ସ୍ୱରଗୁଡ଼ିକୁ ଲୟ ଆଉ ତାଳରେ ବନ୍ଧାହୁଏ। ଯାହାଫଳରେ ସଙ୍ଗୀତ ସୁବ୍ୟବସ୍ଥିତ ରୂପନିଏ। ଡାରୱିନ ନିଜସ୍ୱ ପୁସ୍ତକ 'ଦି ଏକ୍ସପ୍ରେସନ୍ ଅଫ ଦି ଇମୋସନ୍‌ସ୍ ଇନ୍ ମ୍ୟାନ୍ ଆଣ୍ଡ ଆନିମଲ୍'ରେ ଏ ଦିଗଟି ଉପରେ ବିସ୍ତାରିତ ଭାବେ ଆଲୋଚନା କରିଛନ୍ତି। ଏକଥା ନିହାତି ଜରୁରୀ ନୁହେଁ ଯେ ସଙ୍ଗୀତର ଆନନ୍ଦ ଉପଭୋଗ କରିବା ପାଇଁ ଆମେ ସଙ୍ଗୀତ ଆହରଣରେ ପାରଙ୍ଗମ ହେବା ଅଥବା ତା'ର ସକଳ ବିଦ୍ୟାକୁ ଆୟତ୍ତ କରିନେବା। ତେବେ ଅନ୍ତରରେ ସଙ୍ଗୀତର ଯେକୌଣସି ପ୍ରତିଭା ନାହିଁ, ଏକଥା ସ୍ୱୀକାର କରିବା ଦୁରୂହ ବ୍ୟାପାର। ଏହାସତ୍ତ୍ୱେ ସଙ୍ଗୀତ ଆମକୁ ଆକର୍ଷିତ କରିଥାଏ। ଡାରୱିନ୍‌ଙ୍କ କହିବା କଥା ହେଲା ସେ ଯେତେବେଳେ ବି ଗଭୀର ଭାବନାରେ ବୁଡ଼ି ରହନ୍ତି ତାଙ୍କର ବାଣୀ ଅବଚେତନ ରୂପେ ଏକ ସଙ୍ଗୀତ ଆକାର ଧାରଣା କରିନିଏ। ସୂଚନାଯୋଗ୍ୟ, ସଙ୍ଗୀତ ଆମର ଭାବନା ସଞ୍ଚାଳନର ଏକ ପ୍ରାଚୀନ ସ୍ୱରୂପ। ଶୀତଳ ପବନ, ପକ୍ଷୀଙ୍କ ଗୁଞ୍ଜନ, ଝରଣାରେ କଳକଳ ହୋଇ ବୋହୁଥିବା ପାଣି ହିଁ ସଙ୍ଗୀତ। ପ୍ରଶାନ୍ତ ଚିତ୍ତରେ ଏମାନଙ୍କ ସ୍ୱର ଶୁଣିଲେ ମନର ବୀଣା ଝଙ୍କୃତ ହୋଇ ଉଠିବ।

ମୋଟାମୋଟି ଭାବେ ବିଚାରିଲେ, ବିଭିନ୍ନ ସଂସ୍କୃତି ମଧ୍ୟ ଦେଇ ସଙ୍ଗୀତର କ୍ରମବିକାଶ ବିଶେଷରୂପେ ସଂଘଟିତ ହୋଇଛି। ଆଉ ନାନାଦି ରୂପେ ଲୋପପାଇଛି ମଧ୍ୟ। ତେବେ କିଛି ମୌଳିକ ସ୍ୱର ଆଉ ଲୟ ହୁଏତ ମାନବଜାତି ପାଇଁ ସର୍ବପ୍ରଧାନ ହୋଇପାରେ; ମାତ୍ର ନାନାଦି ବାତାବରଣ ଓ ସାମାଜିକ ସଂରଚନା ନିଶ୍ଚିତରୂପେ ସଙ୍ଗୀତର ବିବିଧ ରୂପକୁ ନିଷ୍ପନ୍ନ କରିଥିବ। ନାନା ରକମ ସଂସ୍କୃତିର ସଙ୍ଗୀତ ଏବଂ ତା'ର ପ୍ରସ୍ତୁତିର କୌଶଳ ଭିନ୍ନଭିନ୍ନ ହୋଇଥାଏ। ସେହିପରି ବାଦ୍ୟଯନ୍ତ୍ର ମଧ୍ୟ ପୃଥକ। ସଙ୍ଗୀତ ପୁରୁଷପୁରୁଷ ଧରି ହସ୍ତାନ୍ତରିତ ହୋଇ ଗଡ଼ିଚାଲେ, ମାତ୍ର ପ୍ରାୟତଃ ସବୁ ସଙ୍ଗୀତ ମଧ୍ୟରେ ଯେଉଁ କଥାଟି ସମଭାବରେ ଦୃଷ୍ଟିଗୋଚର ହୁଏ, ତାହା ହେଉଛି ମନୁଷ୍ୟକୁ ଆହ୍ଲାଦ, ଆନନ୍ଦ ପ୍ରଦାନ କରିବା। ●

## ଲୋକମତ

### ସେତୁ, ରାସ୍ତା ମରାମତିର ଗୁରୁତ୍ୱ

ଗତ ୨୧ ଦିନ ମଧ୍ୟରେ ବିହାରରେ ୧୨ଟି ପୋଲ ଭୁଶୁଡ଼ି ପଡ଼ିବା ଖବର ଲୋକମାନଙ୍କ ମନରେ ଆଶଙ୍କା ସୃଷ୍ଟି କରିଥିବା ବେଳେ ଆମ ରାଜଧାନୀ ଭୁବନେଶ୍ୱରର ଖଣ୍ଡଗିରି ନିକଟବର୍ତ୍ତୀ ଜାତୀୟ ରାଜପଥରେ ଥିବା ଫ୍ଲାଏଓଭର୍‌ରେ ଗର୍ତ୍ତ ସୃଷ୍ଟି ହେବା ଖବର ପ୍ରକାଶ ପାଇଛି। ଏଥିରେ ଲୋକମାନେ କୌଣସି ବଡ଼ ଧରଣର ଦୁର୍ଘଟଣା ଆଶଙ୍କା କରି ଭୟଭୀତ ହୋଇ ପଡ଼ିଛନ୍ତି। ଏହି ଘଟଣାକୁ ଦୃଷ୍ଟିରେ ରଖି ସରକାର ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ରାସ୍ତାଘାଟ ତଥା ପୋଲଗୁଡ଼ିକୁ ନିୟମିତ ଭାବେ ଯାଞ୍ଚ ତଥା ମରାମତି କରିବାର ବ୍ୟବସ୍ଥା କରିବା ଦରକାର। ଆବଶ୍ୟକ ପଡ଼ିଲେ ଉକ୍ତ ଦୁର୍ଘଟଣାଗୁଡ଼ିକ ପାଇଁ କାହାକୁ ଉତ୍ତରଦାୟୀ କରାଯିବ, କର୍ତ୍ତବ୍ୟରେ ଖିଲାପ କରୁଥିବା ଅଧିକାରୀମାନଙ୍କୁ କି ପ୍ରକାର ଆଇନଗତ ଦଣ୍ଡବିଧାନ କରାଯିବ ସେ ସମ୍ପର୍କୀୟ ନିଷ୍ପତ୍ତି ନେବାର ସମୟ ଏବେ ଉପଗତ। ●

**ଡ. ସୀତାକାନ୍ତ ତ୍ରିପାଠୀ**
**ଅର୍ଣ୍ଣପାଳ(ଭଦ୍ରକ)**

### ପରିବାର ସମାଜର ମୂଳପିଣ୍ଡ

ପରିବାରରେ ମଣିଷ ବଞ୍ଚେ। ପରିବାର ମାନସିକ ଅବସାଦ ଦୂରୀକରଣ ପାଇଁ ଅବ୍ୟର୍ଥ ଔଷଧ। ଗୋଟିଏ ଭଲ ପରିବାର ଏକ ସୁନ୍ଦର ସମାଜ ଗଠନ କରେ, ଯାହା ଏକ ସମୃଦ୍ଧ ଓ ଉଚ୍ଚ ସଂସ୍କୃତିସମ୍ପନ୍ନ ଦେଶ ନିର୍ମାଣରେ ସହାୟକ ହୋଇଥାଏ। ଗୁରୁଜନଙ୍କୁ ପ୍ରଣାମ ଓ ସାନଙ୍କୁ ସ୍ନେହ, ତୁଳସୀ ଚଉରା ମୂଳରେ ସନ୍ଧ୍ୟା ଦୀପ ଦେଇ ଈଶ୍ୱରଙ୍କୁ ପ୍ରଣତି ବାଢ଼ିବା, ଅତିଥିଙ୍କୁ ଯଥା ମାନ୍ୟ, ବହି ଖାତା ଓ ଜିନିଷପତ୍ରାଦି ସଜାଡ଼ି ଯଥାସ୍ଥାନରେ ସାଇତି ରଖିବା, ନିଜ କାମ ନିଜେ କରିବା ସହ ପିତାମାତାଙ୍କୁ କାମରେ ସାହାଯ୍ୟ କରବା, ଖାଦ୍ୟ ପଦାର୍ଥ ବାଣ୍ଟିକୁଣ୍ଟି ଖାଇବା, ଆବଶ୍ୟକ ନ ଥିଲେ ବିଜୁଳିବତୀ ଓ ପଙ୍ଖା ବନ୍ଦ କରିବା, ସମୟର ସଦୁପଯୋଗ କରିବା ଓ ମିତବ୍ୟୟୀ ହେବା ଭଳି ସୁମହତ ଶିକ୍ଷା ଶିଶୁଟିଏ ପରିବାରର ସଦସ୍ୟଙ୍କଠାରୁ ଶିଖେ। ସେହିପରି ସ୍ନେହ, ପ୍ରେମ, କରୁଣା, ସହନଶୀଳତା, ପରୋପକାର, ଦୀନ ଦୁଃଖୀଙ୍କୁ ସାହାଯ୍ୟ, ଦୁଃଖରେ କାତର ନ ହେବା, ବିପଦରେ ପଡ଼ିଥିବା ବେଳେ ମ୍ରିୟମାଣ ନ ହୋଇ ଧୈର୍ଯ୍ୟ ଧରି ସାହସର ସହିତ ପରିସ୍ଥିତିର ମୁକାବିଲା କରିବା ଓ ବିଫଳତାରେ ଭାଙ୍ଗି ନ ପଡ଼ି ପୁନର୍ବାର ଚେଷ୍ଟା କରିବା - ଏସବୁ ପିଲାଦିନୁ ଶିଖିବାକୁ ମିଳିଥାଏ ପରିବାରର ସଦସ୍ୟଙ୍କଠାରୁ। ଏହା ହିଁ ତ ସଂସ୍କାର। ଏହିସବୁ ଶିକ୍ଷା ପାଇ ପିଲାଟି ପରବର୍ତ୍ତୀ କାଳରେ ଜୀବନକୁ ସଠିକ ଭାବରେ ମୁକାବିଲା କରିବାରେ ସମର୍ଥ ହୁଏ। ଜଣେ ଦାୟିତ୍ୱବାନ ନାଗରିକ ହୁଏ। ସମାଜରେ ପରିବାରର ଗୁରୁତ୍ୱ ଉପଲବ୍ଧି କରି ଜାତିସଂଘ ପ୍ରତିବର୍ଷ ମଇ ୧୫ ତାରିଖକୁ 'ଅନ୍ତର୍ଜାତୀୟ ପରିବାର ଦିବସ' ରୂପେ ପାଳନ କରୁଛି। ଯଦିଓ ଏବେ ଯୌଥ ପରିବାର ଭାଙ୍ଗି ଭାଙ୍ଗି ଯାଉଛି, ତଥାପି ସୁନାଗରିକ ଗଠନରେ ଏହାର ଆବଶ୍ୟକତା ଓ ଉପଯୋଗିତା ସର୍ବକାଳୀନ। ତେଣୁ ପରିବାରରେ 'ସଂସ୍କାର' ଶିକ୍ଷା ଦ୍ୱାରା ହିଁ ଏକ ସଭ୍ୟ ଓ ସମୃଦ୍ଧ ରାଷ୍ଟ୍ର ଗଠନ କରାଯାଇପାରିବ। ●

**ପ୍ରତାପ ନାୟକ**
**ଭୁବନେଶ୍ୱର, ମୋ: ୭୭୫୦୮୫୨୮୧୯**

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342

ଲେଖା ଓ ଲୋକମତ ପାଇଁ: sakalaeditorial@gmail.com

# ୨ ଶିକାରୀଙ୍କୁ ଧରାଇଲା ଶିମିଳିପାଳ ଟ୍ରାପ୍ କ୍ୟାମେରା

**ବାରିପଦା, ୧୨।୭ (ସମିସ):** ଶିମିଳିପାଳ ଅଭୟାରଣ୍ୟକୁ ଶିକାରୀ ମୁକ୍ତ କରିବା ପାଇଁ ବନବିଭାଗ ପକ୍ଷରୁ ଦୀର୍ଘ ସୂତ୍ରୀ କାର୍ଯ୍ୟକ୍ରମ ଜାରି ରହିଛି । ଏପରିକି ସଶସ୍ତ୍ର ଫୋର୍ସ ସହିତ ଅତ୍ୟାଧୁନିକ ବୈଜ୍ଞାନିକ କୌଶଳ ମଧ୍ୟ ବ୍ୟବହାର କରାଯାଉଛି । ଅଭୟାରଣ୍ୟର ଆଭ୍ୟନ୍ତରଣ କୋର ଅଞ୍ଚଳରେ ବିଭାଗ ପକ୍ଷରୁ ଅତ୍ୟାଧୁନିକ ଟ୍ରାପ୍ କ୍ୟାମେରା ଖଞ୍ଜା ଯାଇଛି । ଯେଉଁଥିରେ ବନ୍ୟଜନ୍ତୁ ଗତିବିଧି ଅନୁଧ୍ୟାନ ସହିତ ଶିକାରୀଙ୍କୁ ଠାବ କରାଯାଇପାରୁଛି । ଗତ ଫେବୃଆରୀ ମାସରେ ଏକ ଘଟଣା କ୍ରମରେ ଦୁଇଜଣ ଶିକାରୀ ବନ୍ଧୁକ ଓ ଧନୁତୀର ସହିତ ଅଭୟାରଣ୍ୟ ମଧ୍ୟକୁ ଶିକାର ଉଦ୍ଦେଶ୍ୟରେ ଅନୁପ୍ରବେଶ କରିଥିବା ବେଳେ ସେମାନଙ୍କ ଦୃଶ୍ୟ ତଥା ଫଟୋ ଟ୍ରାପ୍ କ୍ୟାମେରାରେ ରେକର୍ଡ ରହିଥିଲା ; ଯାହାକୁ ଆୟୁଧ କରି ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଉପନିର୍ଦ୍ଦେଶକ (ଦକ୍ଷିଣ) ସମ୍ରାଟ ଗୌଡାଙ୍କ ତତ୍ତ୍ୱାବଧାନରେ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ଉପରୋକ୍ତ ଶିକାରୀଦ୍ୱୟଙ୍କୁ ଚିହ୍ନଟ ପୂର୍ବକ ସେମାନଙ୍କ ଘରୁ ଗୁରୁବାର ଗିରଫ କରିବାରେ ସଫଳ ହୋଇଛନ୍ତି । ତାଙ୍କ ନିକଟରୁ ଏକ ଦେଶୀ ବନ୍ଧୁକ ମଧ୍ୟ ଜବତ କରାଯାଇଛି । ଶୁକ୍ରବାର ସନ୍ଧ୍ୟାରେ ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଛି ।

# ଅବଶିଷ୍ଟାଂଶ...

## ୭ ଭାରତୀୟଙ୍କ...

ପ୍ରଧାନମନ୍ତ୍ରୀ ପୁଷ୍ପ କମଳ ଦହଲଙ୍କ ନିର୍ଦ୍ଦେଶରେ ଘଟଣା ସ୍ଥଳକୁ ଉଦ୍ଧାରକାରୀ ଦଳ ପହଞ୍ଚିଛନ୍ତି, କିନ୍ତୁ ଅବିଶ୍ରାନ୍ତ ବର୍ଷା ଯୋଗୁଁ ଉଦ୍ଧାର କି ସନ୍ଧାନରେ ସଫଳତା ମିଳିନାହିଁ । ଯାତ୍ରୀଙ୍କ ମଧ୍ୟରେ ୭ ଜଣ ଭାରତୀୟ ଥିଲେ ।

## ଅଟକିଗଲା ନନ୍ଦିଘୋଷ...

ହୋଇଥିଲା । ହେଲେ ୨ ଘଣ୍ଟା ୪୫ ମିନିଟ୍ ବିଳମ୍ବରେ ଅର୍ଥାତ୍ ଅପରାହ୍ଣ ୩ଟା ୧୫ରେ ଆଜ୍ଞାମାଳ ବିଜେ ହୋଇଥିଲା ।

ନବଦିନାତ୍ମକ ଯାତ୍ରାରେ ବାହାରିଥିବା ଚତୁର୍ଦ୍ଧାବିଗ୍ରହ ଏବେ ଆଡ଼ପଣ୍ଡପରେ ଅବସ୍ଥାନ କରି ଭକ୍ତଙ୍କୁ ଦର୍ଶନ ଦେଉଛନ୍ତି । ଠାକୁରଙ୍କ ନୀତିକାନ୍ତି ସୁରୁଖୁରରେ ଚାଲିଛି । ଗୁରୁବାର ହେରାପଞ୍ଚମୀ ନୀତି ବିଳମ୍ବ ହୋଇଥିଲା । ଶୁକ୍ରବାର ସକାଳ ୭ଟା ୪୦ରେ ମଙ୍ଗଳ ଆଳତି ହୋଇଥିଲା । ପୂର୍ବାହ୍ନ ୧୦ଟା ୩୫ରେ ଅବକାଶ ନୀତି ବଢ଼ିବା ପରେ ସାହାଣମେଲା ଦର୍ଶନ ହୋଇଥିଲା । ଏହାପରେ ଦ୍ୱାରପାଳ ପୂଜା ଶେଷ ହୋଇ ଅପରାହ୍ଣ ୨ଟାରେ ସକାଳ ଧୂପ ଓ ୧ଟା ୫୫ରେ ଭୋଗମଣ୍ଡପ ଉଠିବା ପରେ ୩ଟା ୧୫ରେ ଆଜ୍ଞାମାଳ ବିଜେ ହୋଇଥିଲା । ତିନିଠାକୁରଙ୍କ ଆଜ୍ଞାମାଳ ନେଇ ତିନିବାଡ଼ର ପୂଜାପଣ୍ଡା ସାମନ୍ତ ରଥ ପାଖକୁ ଆସିଥିଲେ । ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖରେ ରହିଥିବା ତିନିରଥକୁ ବାହୁଡ଼ା ବିଜେ ଲାଗି ଆଜ୍ଞାମାଳ ପ୍ରଦାନ କରିଥିଲେ । ଏହାପରେ ବିଜେ କାହାଳୀ, ଘଣ୍ଟଘଣ୍ଟା ବାଜିବା ପରେ ଦେବଦଳନ ରଥର ଦକ୍ଷିଣ ମୋଡ଼ ଆରମ୍ଭ ହୋଇଥିଲା । ଏହା ପୂର୍ବରୁ ଭୋଇ ସେବକଙ୍କ ଦ୍ୱାରା ରଥର ବ୍ରେକ ଓ ଦଉଡି ସଂଯୋଗ କରାଯାଇଥିଲା । ରାସ୍ତାର ଦୁଇ ପାର୍ଶ୍ୱରେ ଦକ୍ଷିଣ ମୋଡ଼ ପାଇଁ ବାଲି ପକାଯାଇଥିଲା । ପୁଲିସ କର୍ମଚାରୀମାନେ ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖରୁ ବଡ଼ଶଙ୍ଖ ପର୍ଯ୍ୟନ୍ତ ଦେବଦଳନ ରଥକୁ ଟାଣି ନେଇଥିଲେ । ସେଠାରେ ରଥକୁ ବୁଲାଯାଇ ନାକଚଣା ଦ୍ୱାରକୁ ଅଣାଯାଇଥିଲା । ଅପରାହ୍ଣ ପ୍ରାୟ ୫ଟାରେ ଦେବଦଳନ ରଥ ନାକଚଣା ଦ୍ୱାର ସମ୍ମୁଖରେ ଲାଗିଥିଲା । ଏହାପରେ ବଡ଼ଠାକୁର ବଳଭଦ୍ରଙ୍କ ତାଳଧ୍ୱଜ ରଥ ଟଣା ଆରମ୍ଭ ହୋଇ ସନ୍ଧ୍ୟା ସାଢ଼େ ୭ଟା ସୁଦ୍ଧା ନାକଚଣା ଦ୍ୱାରରେ ପହଞ୍ଚିଥିଲା । ତେବେ ସନ୍ଧ୍ୟା ହୋଇଯିବାରୁ ମହାପ୍ରଭୁଙ୍କ ନନ୍ଦିଘୋଷ ରଥକୁ ଦକ୍ଷିଣ ମୋଡ଼ କରାଯାଇନାହିଁ । ଶନିବାର ସକାଳେ ନନ୍ଦିଘୋଷ ରଥ ଦକ୍ଷିଣ ମୋଡ଼ କରାଯିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି ।

## ବିଶୃଙ୍ଖଳାକୁ ବରଦାସ୍ତ...

କିଛି ଠିକ୍ ହେବ ବୋଲି ଆଶା କରୁଛି । ବ୍ୟବସ୍ଥାବଳୀ ଅନୁସାରେ ସଠିକ୍ ସମୟରେ ଏବଂ ସମସ୍ତଙ୍କ ସହଯୋଗରେ ନୀତିକାନ୍ତି ସୂଚାରୁରୂପେ ସମ୍ପାଦନ ହେବ । ନୀତି ଶୃଙ୍ଖଳାକୁ ସର୍ବାଧିକ ଗୁରୁତ୍ୱ ଦିଆଯିବ । ବିଶୃଙ୍ଖଳା ଆଚରଣ କଲେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ମୋବାଇଲ ଫୋନ ନେଇ ରଥ ଉପରକୁ ଯିବା ମନା । ସେହିପରି ଅନଧିକୃତ ବ୍ୟକ୍ତି ରଥ ଉପରକୁ ଯାଇପାରିବେ ନାହିଁ । ଯେଉଁ ସେବାୟତଙ୍କର ସେବା ନାହିଁ, ସେମାନେ ରଥକୁ ଯିବେ ନାହିଁ । ଏନେଇ ବିଭିନ୍ନ ନିଯୋଗ ସହ କଥାବାର୍ତ୍ତା ହୋଇଛି । ସେମାନେ ସହଯୋଗ କରିବେ ବୋଲି ସହମତି ଦେଇଛନ୍ତି । ଏହାଦ୍ୱାରା କୌଣସି ନିନ୍ଦା, ଅପବାଦ ପରିବର୍ତ୍ତେ ଆମ ସଂସ୍କୃତିର ପ୍ରଚାର ପ୍ରସାର ହୋଇପାରିବ ।

ପହଣ୍ଡି ବେଳେ ଯେଉଁ ଅଘଟଣ ଘଟିଲା, ସେଥିପାଇଁ ଠାକୁରଙ୍କ ପାଖରେ କ୍ଷମା ପ୍ରାର୍ଥନା କରୁଛୁ । ଏଥିପାଇଁ କମିଟି ଗଠନ କରାଯାଇଛି । କମିଟିର ରିପୋର୍ଟ ଆସିବା ଯାଏ ଅପେକ୍ଷା କରିବା । ଏହି ଘଟଣାର ଯେଭଳି ପୁନରାବୃତ୍ତି ନ ହେବ, ସେଥିପ୍ରତି ଶ୍ରୀମନ୍ଦିର ପ୍ରଶାସନ ଧ୍ୟାନ ଦେବ । ମହାପ୍ରଭୁଙ୍କ ଅନ୍ୟ ନୀତିକାନ୍ତିଗୁଡ଼ିକ ସୁରୁଖୁରୁରେ ସମ୍ପାଦନ କରାଯିବ ବୋଲି କହିଛନ୍ତି ମୁଖ୍ୟ ପ୍ରଶାସକ ଶ୍ରୀ ପାଢ଼ୀ । ସେହିପରି ରତ୍ନଭଣ୍ଡାର ସମ୍ପର୍କରେ ସେ କହିଛନ୍ତି, ଯେଉଁ ଏସ୍‌ଓପି କରାଯାଇଛି ତାହାକୁ ଅନୁପାଳନ କରାଯିବ । ରାଜ୍ୟ ସରକାର ଯେଉଁଭଳି ନିର୍ଦ୍ଦେଶ ଦେବେ ସେହି ଅନୁଯାୟୀ କାମ କରାଯିବ ।

ସୂଚନାଯୋଗ୍ୟ, ଆଜି ସଂଧ୍ୟାରେ ଶ୍ରୀମନ୍ଦିର ପ୍ରାଶାସନିକ କାର୍ଯ୍ୟାଳୟରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ ଏକ ବୈଠକ କରିଥିଲେ । ଏଥିରେ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଓ ପ୍ରମୁଖ ସେବାୟତ ନିଯୋଗ ଯୋଗ ଦେଇ ମହାପ୍ରଭୁଙ୍କ ଶୃଙ୍ଖଳିତ ନୀତିକାନ୍ତି ସଂପର୍କରେ ଆଲୋଚନା କରିଥିଲେ । ସେବାୟତମାନେ ପୂର୍ଣ୍ଣ ସହଯୋଗ କରିବାକୁ ପ୍ରତିଶ୍ରୁତି ଦେଇଥିବା ଜଣାଯାଇଛି ।

## ୧୫୦ ଜଳଭଣ୍ଡାର...

ବିସିଏମ୍ ଜଳ ଅଛି । ଏହା ମୋଟ କ୍ଷମତାର ୩୦% । ଗତବର୍ଷ ଜୁଲାଇ ୧୨ରେ ଏହା ୬୩% ଥିଲା । ପୂର୍ବ ଭାରତର ଆସାମ, ଝାଡ଼ଖଣ୍ଡ, ଓଡ଼ିଶା, ପଶ୍ଚିମବଙ୍ଗ, ତ୍ରିପୁରା, ନାଗାଲ୍ୟାଣ୍ଡ ଓ ବିହାରରେ ରହିଛି ୨୩ ମୁଖ୍ୟ ଜଳଭଣ୍ଡାର । ଏହି ୨୩ ଜଳଭଣ୍ଡାରର ଜଳଧାରଣ କ୍ଷମତା ହେଉଛି ୨୦.୪୩୦ ବିସିଏମ୍ । ଆଜିସୁଦ୍ଧା ଏହି ୨୩ ଜଳଭଣ୍ଡାରରେ ଭରିଲାଣି ୪.୧୩୨ ବିସିଏମ୍ । ଏହା ହେଉଛି ମୋଟ କ୍ଷମତାର ୨୦% । ଗତବର୍ଷ ଜୁଲାଇ ୧୨ରେ ଏହା ୨୨% ଥିଲା । ଦେଶର ପଶ୍ଚିମାଞ୍ଚଳର ଗୁଜରାଟ ଓ ମହାରାଷ୍ଟ୍ରରେ ରହିଛି ୪୯ ମୁଖ୍ୟ ଜଳଭଣ୍ଡାର । ଏହି ୪୯ ଜଳଭଣ୍ଡାରର ଜଳଧାରଣ କ୍ଷମତା ହେଉଛି ୩୭.୧୩୦ ବିସିଏମ୍ । ଆଜି ସୁଦ୍ଧା ଏହି ୩୯ ଜଳଭଣ୍ଡାରରେ ଭରିଲାଣି ୯.୩୯୮ ବିସିଏମ୍ । ଏହା ମୋଟ କ୍ଷମତାର ୨୫% । ଗତବର୍ଷ ଜୁଲାଇ ୧୨ରେ ଏହା ୩୨% ଥିଲା । କେନ୍ଦ୍ରୀୟ ଭାରତର ଉତ୍ତରପ୍ରଦେଶ, ଉତ୍ତରାଖଣ୍ଡ, ମଧ୍ୟପ୍ରଦେଶ ଓ ଛତିଶଗଡ଼ରେ ୨୬ ମୁଖ୍ୟ ଜଳଭଣ୍ଡାର । ଏହି ୨୬ ଜଳଭଣ୍ଡାରର ଜଳଧାରଣ କ୍ଷମତା ୪୮.୨୨୭ ବିସିଏମ୍ । ଆଜି ସୁଦ୍ଧା ଏହି ୨୬ ଜଳଭଣ୍ଡାରରେ ଭରିଲାଣି ୧୩.୦୩୫ ବିସିଏମ୍ । ଏହା ହେଉଛି ମୋଟ କ୍ଷମତାର ୨୭% । ଗତବର୍ଷ ଜୁଲାଇ ୧୨ରେ ଏହା ୩୯% ଥିଲା । ଦେଶର ଦାକ୍ଷିଣାତ୍ୟ ରାଜ୍ୟ ଆନ୍ଧ୍ର ପ୍ରଦେଶ, ତେଲଙ୍ଗାନା, କର୍ଣ୍ଣାଟକ, କେରଳ ଓ ତାମିଲନାଡୁରେ ୪୨ଟି ମୁଖ୍ୟ ଜଳଭଣ୍ଡାର ରହିଛି । ଏହି ୪୨ ଜଳଭଣ୍ଡାରର ଜଳଧାରଣ କ୍ଷମତା ୫୩.୩୩୪ ବିସିଏମ୍ ଥିବାବେଳେ ୪୨ ୧୩.୭୬୭ ବିସିଏମ୍ ଜଳ ଅଛି । ଏହା ମୋଟ କ୍ଷମତାର ମାତ୍ର ୨୬% । ଗତବର୍ଷ ଜୁଲାଇ ୧୨ରେ ଏହା ୨୨% ଥିଲା । ସେହିପରି ସୁବର୍ଣ୍ଣରେଖା, ବ୍ରହ୍ମପୁତ୍ର ଏବଂ ନର୍ମଦା ନଦୀର ଅବବାହିକାରେ ସ୍ୱାଭାବିକଠାରୁ ଅଧିକ ଜଳ ଥିବାବେଳେ କୃଷ୍ଣା ଏବଂ କାବେରୀ ନଦୀ ଶୁଖିଲା ପଡ଼ିଛି । ଏହା ବ୍ୟତୀତ ମହାନଦୀ ଏବଂ ପେନ୍ନାର ନଦୀର ଜଳ ପ୍ରବାହ ଅତ୍ୟଧିକ ପ୍ରଭାବିତ ହୋଇଛି ।

## ମରଣମୁହାଁ ମହାନଦୀ...

କାର୍ଯ୍ୟ ଚାଲିଛି ଏବଂ ଏଥିରେ ଜାଂଜଗିର- ଚାମ୍ପା ସମେତ ସାରଙ୍ଗଗଡ ଜିଲ୍ଲାର ୫୦୦ରୁ ଉଦ୍ଧ୍ୱର୍ ଗ୍ରାମକୁ ଜଳ ଯୋଗାଣ ହେବ । ଏଥିପାଇଁ ଯୁଦ୍ଧକାଳୀନ ଭିତ୍ତିରେ ବଡ଼ବଡ଼ ଇନଟାକ ୱେଲନିର୍ମାଣ ଚାଲିଛି । ଯାହା ଓଡ଼ିଶାକୁ କଲମାରୁ ଆସିବାକୁ ଥିବା ପାଣିରୁ ପାଣି ଶୋଷିବ । ବର୍ତ୍ତମାନ କଲମାର ସମସ୍ତ ଗେଟ ଖୋଲାଥିବାବେଳେ ମାତ୍ର ୭ ହଜାର ଘନଫୁଟ ଜଳ ଓଡ଼ିଶାକୁ ପ୍ରବାହିତ ହେଉଛି । ସମସ୍ତ ୨୦ଟି ଜଳ ଯୋଗାଣ ପ୍ରକଳ୍ପ କାର୍ଯ୍ୟକ୍ଷମ ହେବା ପରେ ଓଡ଼ିଶାକୁ ଆଉ ମୁନ୍ଦାଏ ପାଣି ବି ମିଳିବ ନାହିଁ ।

ଛତିଶଗଡରେ ରମଣ ସିଂଙ୍କ ନେତୃତ୍ୱାଧୀନ ବିଜେପି ସରକାର ଥିବାବେଳେ ଅନେକ ବ୍ୟାରେଜ ନିର୍ମାଣ ହୋଇଥିଲା । ସେହି ସମୟରେ ଓଡିଶା ସରକାର ଏହାର ତୀବ୍ର ବିରୋଧ କରିବା ଫଳରେ କଥା କେନ୍ଦ୍ର ପାଖରେ ପହଞ୍ଚିଥିଲା । ମାତ୍ର ବର୍ତ୍ତମାନ ମହାନଦୀ ବିବାଦ ଟ୍ରିବ୍ୟୁନାଲ ମଧ୍ୟରେ ସୀମିତ ରହିଛି । ଓଡ଼ିଶାରେ ବିଜେପି ସରକାର ଆସିଲେ ଓଡିଶାର ପାଣିକୁ କେହି ଅଟକାଇ ପାରିବେ ନାହିଁ ବୋଲି ବିଜେପି ନେତାମାନେ ଘୋଷଣା କରିଥିଲେ । ଏବେ ଏବେ ଓଡିଶା, ଛତିଶଗଡ଼ ସହ କେନ୍ଦ୍ରରେ ବି ବିଜେପି ସରକାର ରହିଛି । ବିଡ଼ମ୍ବନା ହେଉଛି ଓଡିଶାରେ ଡବଲ ଇଂଜିନ ସରକାର ଆସିବା ପରେ କଲମା ବ୍ୟାରେଜରୁ ଜଳ ହ୍ରାସ ଓ ୨୦ଟି ଜଳ ଯୋଗାଣ ପ୍ରକଳ୍ପ ନିର୍ମାଣର ଡ଼ବଲ ଝଟ୍‌କା ଓଡ଼ିଶାକୁ ଲାଗିଛି । ଏହି ୨୦ଟି ପ୍ରକଳ୍ପ କାର୍ଯ୍ୟକାରୀ ହେଲା ପରେ ଖାଲି ମହାନଦୀ ମୃତ ନଦୀରେ ପରିଣତ ହେବ ନାହିଁ; ଦେଶର ଅନ୍ୟତମ ବୃହତ୍ତମ ଜଳଭଣ୍ଡାର ହୀରାକୁଦ ମଧ୍ୟ ଇତିହାସ ହୋଇଯିବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି ।

## ଯାଞ୍ଚ ହେବ...

ପାଇଥିବା ବିଜ୍ଞପ୍ତି ଅନୁସାରେ ଯେଉଁ ଛାତ୍ରଛାତ୍ରୀମାନେ ୨୦୨୦ ପୂର୍ବରୁ ଶାରୀରିକ ଶିକ୍ଷା ପାଠ୍ୟକ୍ରମରେ ଡିଗ୍ରୀ ହାସଲ କରିଥିବେ ସେମାନେ ଏହି ପରୀକ୍ଷା ଦେଇପାରିବେ ବୋଲି ଉଲ୍ଲେଖ ଥିଲା । କିନ୍ତୁ ଏହି ବିଶ୍ୱବିଦ୍ୟାଳୟରୁ ଡିଗ୍ରୀ ହାସଲ କରିଥିବା ଛାତ୍ରଛାତ୍ରୀଙ୍କ କ୍ଷେତ୍ରରେ କିଛି ବ୍ୟତିକ୍ରମ ଦେଖାଯାଇଥିଲା । ଶାରୀରିକ ଶିକ୍ଷା ପାଠ୍ୟକ୍ରମ ପାଇଁ ଏହି ବିଶ୍ୱବିଦ୍ୟାଳୟକୁ ମାତ୍ର ୧୦୦ଟି ସିଟ୍ ପାଇଁ ୨୦୧୬ରେ ସ୍ୱୀକୃତି ମିଳିଥିଲା । କିନ୍ତୁ ୧୩୦୦ ଛାତ୍ରଛାତ୍ରୀ କିଭଳି ଆବେଦନ କଲେ ଏବଂ ସେମାନଙ୍କ ପ୍ରମାଣପତ୍ର ଦାଖଲ କଲେ ବୋଲି ପ୍ରଶ୍ନ ଉଠିଥିଲା । କେବଳ ଏହି ବିଭାଗ ନୁହେଁ, ବିଶ୍ୱବିଦ୍ୟାଳୟ ପକ୍ଷରୁ ଅନ୍ୟ ବହୁ ପାଠ୍ୟକ୍ରମକୁ ନେଇ ଦିଆଯାଇଥିବା ଡିଗ୍ରୀ ସାର୍ଟିଫିକେଟ୍ ନକଲି ବୋଲି ଜଣାପଡ଼ିବା ପରେ ବିଭିନ୍ନ ମହଲରେ ଉଦବେଗ ପ୍ରକାଶ ପାଇଥିଲା । ୨୦୧୩ ପର ଠାରୁ ବିଶ୍ୱବିଦ୍ୟାଳୟ ପକ୍ଷରୁ ୭୦୮ ପିଏଚଡି ସାର୍ଟିଫିକେଟ୍, ୮୮୬୧ ଇଞ୍ଜିନିୟରିଂ ଡିଗ୍ରୀ ଏବଂ ଶାରୀରିକ ଶିକ୍ଷା ପାଠ୍ୟକ୍ରମରେ ୧୬୪୦ ଡିଗ୍ରୀ ପ୍ରଦାନ କରାଯାଇଛି । ତେବେ ଏହାକୁ ନେଇ ଏବେ ଖୋଳତାଡ଼ ଆରମ୍ଭ ହୋଇଛି ବୋଲି ସ୍ୱତନ୍ତ୍ର ଯାଞ୍ଚ ଗ୍ରୁପ ଡିଆଇଜି ପରିସ୍ ଦେଶମୁଖ କହିଛନ୍ତି ।

## ୭ ବର୍ଷରେ...

୨-୨୨-୨୩ ମଧ୍ୟରେ ଅନୈପଚାରିକ ନିଯୁକ୍ତି ତ୍ୱରାନ୍ୱିତ ହୋଇଛି । ଅନ୍ୟପକ୍ଷରେ ଉତ୍ତରପ୍ରଦେଶ, ପଶ୍ଚିମବଙ୍ଗ, ତାମିଲନାଡୁ, କର୍ଣ୍ଣାଟକ ଏବଂ ଆନ୍ଧ୍ରପ୍ରଦେଶରେ ଅନୈପଚାରିକ କ୍ଷେତ୍ର କର୍ମଚାରୀଙ୍କ ସଂଖ୍ୟା ହ୍ରାସ ପାଇଛି । ଦେଶର ଅନୈପଚାରିକ କ୍ଷେତ୍ରରେ କାର୍ଯ୍ୟ କରୁଥିବା ପ୍ରାୟ ଦୁଇ-ତୃତୀୟାଂଶ ଶ୍ରମିକ ଏହି ୧୦ଟି ରାଜ୍ୟରେ ରହିଛନ୍ତି ।

ସର୍ଭେ ଅନୁଯାୟୀ, ମହାମାରୀ ପରେ ତୁରନ୍ତ ଅଧିକାଂଶ ରାଜ୍ୟରେ ଅନ ପଚାରିକ କ୍ଷେତ୍ର କର୍ମଚାରୀଙ୍କ ସଂଖ୍ୟା ବୃଦ୍ଧି ପାଇଛି । ଦେଶର ବୃହତ୍ତମ ରାଜ୍ୟ ଉତ୍ତରପ୍ରଦେଶରେ ଅନୈପଚାରିକ କ୍ଷେତ୍ର କର୍ମଚାରୀଙ୍କ ସଂଖ୍ୟା ୨୦୨୧-୨୨ ରେ ୧.୩୦ କୋଟି ରହିଥିଲା, କିନ୍ତୁ ୨୦୨୨-୨୩ ମସିହାରେ ଏହା ୧.୫୭ କୋଟିକୁ ବୃଦ୍ଧି ପାଇଥିଲା । ପଶ୍ଚିମବଙ୍ଗରେ ମଧ୍ୟ ସ୍ଥିତି ଏପରି ରହିଥିଲା । ଏହି ସମୟ ମଧ୍ୟରେ ମଧ୍ୟପ୍ରଦେଶ, ଗୁଜୁରାଟ ଏବଂ ଓଡିଶାରେ ଅନ ପଚାରିକ କ୍ଷେତ୍ର କର୍ମଚାରୀଙ୍କ ସଂଖ୍ୟା ମଧ୍ୟ ବୃଦ୍ଧି ପାଇଥିଲା ।

## ବୋମାମାଡ଼ରେ ସାନ...

ଦିବ୍ୟାସିଂହ ଓ ସୁବାସଙ୍କ ମଧ୍ୟରେ ସଂପତ୍ତିବାଡ଼ିକୁ ନେଇ ବିବାଦ ଲାଗି ରହିଥିଲା । ଦିବ୍ୟାସିଂହଙ୍କ ସହ ବାପା ସଠ ରହି ଆସୁଥିବା ବେଳେ ସୁବାସ ତା' ପରିବାରକୁ ନେଇ ଅଲଗା ରହୁଥିଲା । ତେବେ ଆଜି ଏହି ସଂପତ୍ତିବାଡ଼ି ବିବାଦ ଉଗ୍ରରୂପ ନେବାରୁ ବୋମାମାଡ଼ ହୋଇଥିବା କୁହାଯାଉଛି ।

ବଡ଼ ପୁଅ ସୁବାସର ସ୍ତ୍ରୀ ନିବାସୀଙ୍କ କହିବା ଅନୁଯାୟୀ, ଶଶୁର ସଠ ଓ ଦିଅର ଦିବ୍ୟାସିଂହଙ୍କ ସହ ସୁବାସଙ୍କର ଆଜି ପାଟିତୁଣ୍ଡ ହୋଇଥିଲା । ଦିବ୍ୟାସିଂହ ଏକ ବନ୍ଧୁକ ନେଇ ଆସିବାରୁ ନିବାସୀ ତାଙ୍କ ସ୍ୱାମୀ ସୁବାସଙ୍କୁ ଘର ଭିତରକୁ ଟାଣି ନେଇ ଦୁଆର ବନ୍ଦ କରି ଦେଇଥିଲେ । ସେହି ସମୟରେ ଶଶୁର ସଠ ବଡ଼ ପୁଅ ସୁବାସକୁ ମାରିବା ପାଇଁ ଘର ଉପରକୁ ଏକ ବୋମାମାଡ଼ କରିଥିଲେ । କିନ୍ତୁ ଦିବ୍ୟାସିଂହ ସେଠାରେ ପହଞ୍ଚି ଯିବାରୁ ବୋମାଟି ତାଙ୍କ ଉପରେ ପଡ଼ିଥିଲା ଓ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା । ଅନ୍ୟପକ୍ଷେ ନିକଟରେ ଉପସ୍ଥିତ ଥିବା ସଠ ରାଉତରାୟଙ୍କ ଶାଳୀ ସାରସ ପ୍ରଧାନ କହିବା ମୁତାବକ, ସମ୍ପତ୍ତି ପାଇଁ ଦୀର୍ଘ ଦିନ ଧରି ସେମାନଙ୍କ ମଧ୍ୟରେ ବିବାଦ ଲାଗି ରହିଥିଲା । ଶୁକ୍ରବାର ସକାଳେ ବଡ଼ ପୁଅ ସୁବାସ ଏକ ପାୱାର ଟିଲର ମେସିନ ସଜାଡୁଥିବା ବେଳେ ବାପା ସଠ ସେଠାରେ ପହଞ୍ଚି ତାକୁ ଗାଳିଗୁଲଜ କରିଥିଲେ । ପରେ ବାପ ରାଗି ଯାଇ ବଡ଼ ପୁଅକୁ ମରିବା ପାଇଁ ତାଙ୍କ ଘରକୁ ବୋମାମାଡ଼ କରିଥିଲା । ସେହି ସମୟରେ ସେଠାରେ ସାନ ପୁଅ ଦିବ୍ୟାସିଂହ ପହଞ୍ଚି ଯିବାରେ ତା ଦେହରେ ବୋମା ମାଡ଼ ହେବାରୁ ଘଟଣାସ୍ଥଳରେ ମୃତ୍ୟୁ ଘଟିଛି ।

---

**ବଡ଼ସାଉଁଳି-୨ ଖଣିରେ ଯୁବକ ନିଖୋଜ ଘଟଣାରେ ଭିନ୍ନ ମୋଡ଼**

# ମିଳିଲା ଶବ, ପରିବାର ଆଣିଲା ହତ୍ୟା ଅଭିଯୋଗ

**ଖୋର୍ଦ୍ଧା, ୧୨।୭ (ସମିସ):** ଖୋର୍ଦ୍ଧା ସଦର ଥାନା ଅନ୍ତର୍ଗତ ତାପଙ୍ଗ ୨ନଂ ବଡ଼ସାଉଁଳି ପାହାଡ଼ ଖଣିରେ ବୁଡ଼ି ନିଖୋଜ ହୋଇଥିବା ଓମ୍ ପ୍ରକାଶ ରଥ (୨୧)ଙ୍କ ଗଳିତ ମୃତଦେହ ଆଜି ଉଦ୍ଧାର ହୋଇଛି । ଓମ୍‌ପ୍ରକାଶ ନିଖୋଜ ହେବା ସ୍ଥାନଠାରୁ ୪୫ ଡ୍ରିଗୀରେ ପ୍ରାୟ ୧୫ ମିଟର ଦୂରରୁ ତାଙ୍କ ଶବ ଆଜି ପାଣିରେ ଭାସୁଥିବା ଦେଖାଯାଇଥିଲା । ଉଦ୍ଧାରକାରୀ ଦଳ ତାଙ୍କ ଶବକୁ କୂଳକୁ ଆଣିବା ପରେ ପୁଲିସ୍ ବ୍ୟବଚ୍ଛେଦ ଲାଗି ଏମସ୍‌କୁ ପଠାଇଛି । ଅପରପକ୍ଷେ, ଆଜି ଓମ୍‌ପ୍ରକାଶଙ୍କ ମା' ଦୀପ୍ତିରେଖା ରଥ ତାଙ୍କ ପୁଅକୁ ହତ୍ୟା କରାଯାଇଥିବା ନେଇ ଅଭିଯୋଗ କରିବା ପରେ ଘଟଣା ଭିନ୍ନ ମୋଡ଼ ନେଇଛି ।

ଦୀପ୍ତିରେଖା କହିଛନ୍ତି ଯେ ତାଙ୍କ ପୁଅକୁ ତା'ର ସହଯୋଗୀମାନେ ଡାକି ଆଣି ମାରିଦେଇଛନ୍ତି । ରିଲ୍ସ କରିବା ଘଟଣା ସତ୍ୟ ନୁହଁ । ତେଣୁ ଏହାର ନିରପେକ୍ଷ ତଦନ୍ତ କରିବାକୁ ସେ ଦାବି କରିଛନ୍ତି । ଓମ୍‌ପ୍ରକାଶଙ୍କ ଶବ ଉଦ୍ଧାର ପରେ ତାଙ୍କ ମାଆ, ଭଉଣୀ ଓ ସମ୍ପର୍କୀୟମାନେ ଶବକୁ

**ଥାନାରେ ମାମଲା, ୨ବନ୍ଧୁ ଅଟକ**

ସେଠାରେ ରଖି ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ । ତହସିଲଦାର ବିଭାସ ପାଣିଗ୍ରାହୀ, ଅତିରିକ୍ତ ଏସ୍‌ପି ସୁରେନ୍ଦ୍ରନାଥ ମୁର୍ମୁ, ଏସଡିପିଓ ଦିଲୀପ ଦାସ ପ୍ରମୁଖ ସେଠାରେ ପହଞ୍ଚି ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା ଓ ପୁଲିସ୍ ଶବକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲା । ଅଭିଯୋଗକୁ ଆଧାର କରି ପୁଲିସ ଦଫା ୧୪୦(୧), ୩(୫) ବିଏନଏସ ରେ ୧୬୭/୨୪ରେ ମାମଲା ରୁଜୁ କରି ଓମ୍‌ପ୍ରକାଶଙ୍କ ୨ ବନ୍ଧୁଙ୍କୁ ଥାନାରେ ଅଟକ ରଖି ପଚରାଉଚରା ଚଳାଇଛି ବୋଲି ଥାନା ଅଧିକାରୀ କାହ୍ନୁଚରଣ ସ୍ୱାଇଁ କହିଛନ୍ତି । ସୂଚନାଯୋଗ୍ୟ, ୫ ଦିନ ତଳେ ଓମ୍‌ପ୍ରକାଶ ନିଜର ଦୁଇ ବନ୍ଧୁଙ୍କ ସହ ଏକ କାର୍‌ରେ ଏହି ପଥର ଖଣିକୁ ବୁଲିବାକୁ ଆସିଥିଲେ । ଏଠାରେ ରିଲ୍ସ କରୁଥିବା ବେଳେ ସେ ପାଣିରେ ବୁଡ଼ି ନିଖୋଜ ହୋଇଯାଇଥିଲେ ବୋଲି ତାଙ୍କ ବନ୍ଧୁମାନେ ସୂଚନା ଦେଇଥିଲେ । ଅଗ୍ନିଶମ, ଓଡ୍ରାଫ, ନାଭାଲ, ରାଉରକେଲା ଏନଆଇଟି ରୋବୋଟ ଏବଂ ଏନ୍‌ଡିଆରଏଫ୍‌ର ମିଳିତ ଟିମ୍ ଗତ ୪ ଦିନ ହେଲା ତାଙ୍କୁ ଖୋଜି ବାହାର କରିବା ପାଇଁ ସର୍ଚ୍ଚ ଅପରେସନ୍ ଚଳାଇଥିଲେ ।

# ଅଜଣା ଗାଡ଼ି ଧକ୍କାରେ ମାଆ-ପୁଅ ମୃତ

ବଡ଼ଚଣା, ୧୨।୭ (ସମିସ): ବଡ଼ଚଣା ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ବଦାଳ ଛକ ନିକଟରେ ଆଜି ସନ୍ଧ୍ୟା ୮ଟାରେ ଏକ ଅଜଣା ଗାଡ଼ି ଧକ୍କାରେ ମାଆ-ପୁଅଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ, ଧର୍ମଶାଳା ଥାନା ଭଡଙ୍ଗା ଗ୍ରାମର କ୍ଷେତ୍ରବାସୀ ନାୟକଙ୍କ ପତ୍ନୀ ସନ୍ଧ୍ୟାରାଣୀ (୪୮) ଓ ପୁଅ ଦିବ୍ୟକିଶୋର (୨୩) । ସନ୍ଧ୍ୟାରାଣୀ ଓ ଦିବ୍ୟକିଶୋର ଏକ ବିବାହ ଭୋଜିରେ ଯୋଗଦେବାକୁ ଘରୁ ଛତିଆ ବାଇକ ଯୋଗେ ଯାଉଥିବା ସମୟରେ ତାଙ୍କୁ କୌଣସି ଅଜଣା ଗାଡ଼ି ଧକ୍କା ଦେଇଥିଲା । ଉଭୟଙ୍କୁ ଗୁରୁତର ଅବସ୍ଥାରେ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ସେଠାରେ ଉଭୟଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ । ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି ।

# ସାଇବର ଠକେଇର ଶିକାର ହେଲେ ବାଇକ ଶୋରୁମ ମାଲିକ

**ବ୍ୟାଙ୍କ ଆକାଉଣ୍ଟରୁ ଲକ୍ଷାଧିକ ଟଙ୍କା ନେଇଗଲେ ଦୁର୍ବୃତ୍ତ**

**ବାରିପଦା, ୧୨।୭ (ସମିସ):** ସାଇବର ଠକଙ୍କ ପ୍ରାଦୁର୍ଭାବ ଦିନକୁ ଦିନ ବଢ଼ିବାରେ ଲାଗିଛି । ବାରିପଦା ସହର ଷ୍ଟେସନ ରୋଡ ସ୍ଥିତ ସନ୍ ହୋଣ୍ଡା ବାଇକ ଶୋରୁମ ମାଲିକ ସାଇବର ଠକାମିର ଶିକାର ହୋଇ ଲକ୍ଷାଧିକ ଟଙ୍କା ହରାଇଛନ୍ତି । ଏନେଇ ଶୋ-ରୁମର ସ୍ୱତ୍ୱାଧିକାରୀ ଅନେଶ ଅଗ୍ରୱାଲ ବାରିପଦା ଟାଉନ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଅଭିଯୋଗ ଅନୁଯାୟୀ, ଶୋ-ରୁମ ନାମରେ ବାରିପଦା ସ୍ଥିତ ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆର ବଜାର ଶାଖା ବ୍ୟାଙ୍କରେ ଆକାଉଣ୍ଟ ରହିଛି । ତେବେ ଉକ୍ତ ଆକାଉଣ୍ଟରୁ ଦୁଇ ପର୍ଯ୍ୟାୟରେ ୧ ଲକ୍ଷ ୫୩ ହଜାର ୯୯୯ ଟଙ୍କା ଦୁର୍ବୃତ୍ତମାନେ ଉଠାଇ ନେଇଛନ୍ତି । ୯୯, ୯୯୯ ଟଙ୍କା ଓ ୫୪, ୦୦୦ଟଙ୍କା ଭିନ୍ନ ଭିନ୍ନ ଦୁଇଟି ବ୍ୟାଙ୍କ ଆକାଉଣ୍ଟକୁ ଯାଇଛି । ଶ୍ରୀ ଅଗ୍ରୱାଲ ବ୍ୟାଙ୍କ ଆକାଉଣ୍ଟ ଯାଞ୍ଚ କରିବା ପରେ ଠକେଇ ହୋଇଥିବା ଜାଣିପାରିଥିଲେ । ଏନେଇ ସେ ସାଇବର ଓ ଅର୍ଥନୈତିକ ଅପରାଧ ପୋର୍ଟାଲରେ ଅଭିଯୋଗ କରିବା ପରେ ବାରିପଦା ଟାଉନ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଅଭିଯୋଗକ୍ରମେ ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି ।

**ଓପିଆଇଡି କୋର୍ଟରେ ଆର୍ଥିକ ଅନିୟମିତତା ମାମଲା**

# ଶ୍ରୀସାଇ ଇନ୍‌ଫ୍ରାର ୫ କୋଟିର ସଂପତ୍ତି ବାଜ୍ୟାପ୍ତ ନିର୍ଦ୍ଦେଶ

**ବାଲେଶ୍ୱର, ୧୨।୭ (ସମିସ):** ବାଲେଶ୍ୱର ଜିଲ୍ଲା ବିଚାର ବିଭାଗର ଓପିଆଇଡି କୋର୍ଟର ସ୍ୱତନ୍ତ୍ର ବିଚାରପତି ବିଶ୍ୱଜିତ ଦାସ ଶୁକ୍ରବାର ଏକ ଆର୍ଥିକ ଅନିୟମିତତା ମାମଲାର ବିଚାର କରି ଶ୍ରୀସାଇ ଇନ୍‌ଫ୍ରାଷ୍ଟ୍ରକ୍‌ଚର୍ ସଂସ୍ଥାର ସମ୍ପତ୍ତି ବାଜ୍ୟାପ୍ତି କରିବା ପାଇଁ ରାୟ ଶୁଣାଇଛନ୍ତି । ସମ୍ପୃକ୍ତ ସଂସ୍ଥାର ବରଫ କଳକୁ ଛାଡ଼ି ସମସ୍ତ ସମ୍ପତ୍ତି ବାଜ୍ୟାପ୍ତି ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ସାଇ ଇନ୍‌ଫ୍ରାଷ୍ଟ୍ରକ୍‌ଚର ସଂସ୍ଥାର ୫ କୋଟିରୁ ଊର୍ଦ୍ଧ୍ୱ ସମ୍ପତ୍ତିକୁ ବାଜ୍ୟାପ୍ତି କରିଛନ୍ତି କୋର୍ଟ ।

ସଂସ୍ଥା ବିରୁଦ୍ଧରେ ଆର୍ଥିକ ଅନିୟମିତତା ଅଭିଯୋଗରେ ବାଲେଶ୍ୱର ସହଦେବଖୁଣ୍ଟା ଥାନାରେ କେଶ ନଂ- ୭୭/୨୦୧୬ ମୂଳେ ଏକ ମାମଲା ରୁଜୁ ହୋଇଥିଲା । ପରେ ଅର୍ଥ ବିଭାଗ ପକ୍ଷରୁ ସଂସ୍ଥାର ସମ୍ପତ୍ତିକୁ ସଂଲଗ୍ନ କରିବା ପାଇଁ ନିର୍ଦ୍ଦେଶ ଦେବା ପରେ କ୍ଷମତାପ୍ରାପ୍ତ ଅଧିକାରୀ ଭାବରେ ତତ୍କାଳୀନ ବାଲେଶ୍ୱର ଅତିରିକ୍ତ ଜିଲ୍ଲାପାଳ ମନ୍ମଥ କୁମାର ପାଣି ଏ ବାବଦରେ ଓପିଆଇଡି କୋର୍ଟରେ ଏକ ଅଭିଯୋଗ କରିଥିଲେ । ଏହି ଅଭିଯୋଗ ଆଧାରରେ କୋର୍ଟରେ ଏକ ମାମଲା ରୁଜୁ ହୋଇଥିଲା । କୋର୍ଟରେ ଏହି ମାମଲା ବିଚାରାଧୀନ ଥିଲା । ତତ୍କାଳୀନ ଅତିରିକ୍ତ ଜିଲ୍ଲାପାଳ ମନ୍ମଥ ପାଣିଙ୍କ ବୟାନ ଏବଂ ୭ଟି ଦଲିଲ ଓ ଦସ୍ତାବିଜକୁ ଆଧାର କରି କୋର୍ଟ ଆଜି ଏହି ରାୟ ଶୁଣାଇଛନ୍ତି । ତତ୍କାଳୀନ ଅତିରିକ୍ତ ଜିଲ୍ଲାପାଳଙ୍କ ପକ୍ଷରୁ ସାଇ ଇନ୍‌ଫ୍ରାଷ୍ଟ୍ରକ୍‌ଚର ସଂସ୍ଥା ବିରୁଦ୍ଧରେ ୧୨ ଟି ମାମଲା ଦାଖଲ ହୋଇଥିବା ବେଳେ ଆଜି ଶେଷ ମାମଲାର ରାୟ ପ୍ରକାଶ ପାଇଛି । ଏହି ମାମଲାରେ ସରକାରଙ୍କ ପକ୍ଷରୁ ମକଦ୍ଦମା ପରିଚାଳନା କରୁଥିଲେ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ପ୍ରଣବ କୁମାର ପଣ୍ଡା ।


**OFFICE OF THE DISTRICT NODAL OFFICER (MDM)-CUM-DISTRICT EDUCATION OFFICER, DPMU(MDM), DHENKANAL.**

No. 6112/ **SHORT TENDER CALL NOTICE.** Dt.12.07.2024

Sealed tender in prescribed forms are invited from the intending Registered firms/ Authorized licensing Transporting Contractors/Agents for under taking the work of transportation of MDM food stuff quarterly from FSD, FCI/OSCSC, Dhenkanal/Selected Depot to all school points of Dhenkanal district under Mid-Day-Meal Programme for the year 2024-25 (July,24 to Mar,25). The tender paper / terms and condition can be obtained from the office of the District Project Management Unit (MDM), Dhenkanal , O/o the District Education Officer, Dhenkanal and also available at District website (www.dhenkanal.nic.in) from dt.11.07.2024 to 20.07.2024 on any working day during office hour on payment of 15,000/- (Rupees Fifteen thousand) only in shape of Demand Draft (non refundable) in favor of District Nodal Officer (MDM)-cum-District Education Officer, Dhenkanal payable at Dhenkanal. In case of submission of downloaded tender paper, it must accompany the demand draft amounting Rs. 15,000/- as mentioned above, failing which the tender application will be rejected. The tender shall be received by the District Education Officer, Dhenkanal during the office hour from 11.07.2024 to 20.07.2024 through Registered Post/ Speed Post only and will be opened on 22.07.2024 at 4:00 PM in the office Chamber of Collector, Dhenkanal in presence of the members of the tender committee and the tenderers or their authorized representatives. There shall be two stages of bidding -Technical and Financial. The interested bidders must submit the Technical bid in a envelope super- scribed as "Technical Bid for Tender of Transportation of Mid Day Meal Food stuff in Dhenkanal district for 2024-25". The Financial Bid must be submitted in a separate envelope super-scribed as "Financial Bid for Tender of Transportation of Mid Day Meal Food stuff in Dhenkanal district for 2024-25". Both these envelops must then be placed in a third envelopes super-scribed as "Tender of Transportation of Mid Day Meal Food stuff in Dhenkanal district for 2024-25". The tenders received beyond the scheduled date and time shall be rejected. The undersigned reserves the right to reject/cancel /withdraw any or all the tenders without assigning any reason thereof and shall bear no responsibility what so ever consequent upon such decisions.

**Sd/- Collector & District Magistrate**
**Dhenkanal**

**AFFIDAVIT**

By virtue of an affidavit sworn before the Notary Public, Bhubaneswar, dated-10/07/2024. I, **Aswini Kumar Sahoo**, resident of At-Jagannathpur, Po-Balianta, Dist-Khurda, Pin-752101, Odisha declare that I have changed my name from **Nabakishore Sahoo** To **Aswini Kumar Sahoo.** Henceforth, I shall be known as **Aswini Kumar Sahoo** for all purposes.

**Aswini Kumar Sahoo**

**SALE**

Booking Open 2/3 BHK Flat Bhpl Krishna, Bharatpur, Bhpl Rudra in front of CET. College, Ghatikia, Bhpl SB Homes, Ghatikia, Bhpl PNM, Satya Vihar, Bhubaneswar. Contact- Bhavishya Homes Pvt Ltd.

**Ph.: 9437015112**

**SALE**

(1.) FORCE TRAVELLER T-2, 2018 MODEL, Regn No. OD-33-V-8210 (2.) MARUTI DZIRE VXI, 2023 MODEL, Regn No. **OD-02-CM-4215** in as is where is condition. Contact: M/S Sundaram Finance Limited, BHUBANESWAR BRANCH **Ph:0674-2545173** within 7 days

**OFFICE OF THE KASTURABA GANDHI BALIKA VIDYALAYA,**
**HATIBARI, SUKINDA, JAJPUR**
**(Running under Hatibari Govt. High School, Hatibari)**
**Phone no-9348884781, E mail -kgbvhatibari@gmail.com**
**Notice No. 82 Dt. 11.07.2024**

n-37 **TENDERCALL NOTICE**

Tender Call Notice for supply of different consumables and non-consumable items for Kasturaba Gandhi Balika Vidyalaya (KGBV), Hatibari running at Hatibari Govt High School .Hatibari. Sukinda. Jajpur having 150 girl students in the age group of 11 to 16 is published on 11.07.2024 in the website. Interested Suppliers are requested to refer Jajpur district website i.e. **www. jajpur.odisha.gov.in** and OSEPA website i.e. **osepa.odisha.gov.in** for tender documents i.e. category wise items, specification, terms and conditions.

**Sd/- DPC, SS, Jajpur-cum-Chairman**
**School (KGBV) Level Purchase Commiittee**

OIPR - 27158/11/0001/2425

**OFFICE OF THE EXECUTIVE ENGINEER (AGRIL)**
**PURI DIVISION, PURI**
Email: eeag-puri@gov.in

**No. 925,** **Date 10.07.2024**

**INVITATION FOR BIDS**

L-17 **e-procurement Notice**

Bid identification number/Tender call notice no – E.E. (AGRI.) PURI DIVISION-01/2024-25

The Executive Engineer (Agril.), Puri Division, Puri who has been authorized as the procuring officer for the projects of Puri Division, Puri is directed to invite percentage rate bid on behalf of the Governor of Odisha for the Civil construction works in Puri District under Puri Division. The cost of the projects are 10.00 lakhs each. Bid Document consisting of detailed tender call notice, the schedule of quantities and the set of terms and conditions of the contract and the other necessary documents can be downloaded from https://tendersodisha.gov.in from 15.07.2024 at 11.00 AM to 26.07.2024 up to 5.00 PM. The bid will be opened on 31.07.2024 at 11.00 AM in the O/o Executive Engineer (Agril.) Puri Division, Puri. All other details regarding term and conditions, corrigendum from time to time if any, DTCN etc. can be seen and downloaded from https://tendersodisha.gov.in
Email id :- eeag-puri@gov.in

**Sd/- Executive Engineer (Agril.)**
**Puri Division, Puri**

OIPR - 01479/11/0003/2425

**GOVERNMENT OF ODISHA**
**OFFICE OF THE EXECUTIVE ENGINEER (AGRIL.),**
**BOLANGIR DIVISION, BOLANGIR**
**AT-ADARSHAPADA, POST/DIST-BOLANGIR 767001**
e-mail: eea.blgr@gmail.com Notice No. 685 Dt. 12.07.2024 L-18

**NATIONAL COMPETITIVE BIDDING THROUGH e-Procurement**
**Identification No.01/Agril/EE(Blgr)/2024-25 Dt. 12.07.2024**

| | | | |
|---|---|---|---|
| 01 | Nos. of work | : | 17 No's |
| 02 | Tendered amount in Rs. | : | Rs. 8,33,400/- to Rs 8,37,300/- |
| 03 | Period of completion | : | 120 days |
| 04 | Date & Time of availability of bid document in the portal | : | From 11.00 Hrs. of 24.07.2024 to 17.00 Hrs. of 31.07.2024 |
| 05 | Last date/time of receipt of copies of uploaded documents, drafts etc in the tender box in the office of the undersigned at Adarsha Pada, Near Cold Storage, Bolangir PIN-767001 | : | Up to 17.00 Hrs. of 03.08.2024 |
| 06 | Date & Time of opening of bids | : | 11.00 Hrs. of 05.08.2024 |
| 07 | Name and Address of the officer inviting bid | : | Executive Engineer (Agril.), Bolangir Division, Bolangir At/Po-Bolangir Pin-767001. |

Further details can be seen from the web site www.tendersodisha.gov.in

Executive Engineer (Agril.)
Agriculture Engineering. Division, Bolangir

OIPR - 01462/11/0001/2425

**BHUBAN WOMEN'S HIGHER SECONDARY SCHOOL.**
**AT/ PO.- BHUBAN, DIST- DHENKANAL**
**E-mail: bwcjunion1992@gmail.com**

**WALK - IN - INTERVIEW**

A screening test and interview will be conducted on dt. 24.07.2024 in the Bhuban Women's Higher Secondary School, Bhuban campus from 11am to 2pm for the appointment of guest faculties in Logic and History on Contractual basis. Candidates having 55% in P. G. Subject may apply for the post with Bio-data and supporting documents through above email. address or directly submit at the time of interview. No TA/DA will be provide by the institution for the purpose of interview.

**Sd/- Principal**
**Bhuban Women's Higher Secondary School**
**At/Po- Bhuban, Dist- Dhenkanal**

# ବଜାରରେ ଭଳିକିଭଳି ଜଙ୍ଗଲୀ ଛତୁର ସମ୍ଭାର

କେନ୍ଦୁଝର,୧୨।୭ (ସମିସ)





କେନ୍ଦୁଝର ଜିଲ୍ଲା ବଣ ଜଙ୍ଗଲରେ ଭରପୂର ଜିଲ୍ଲା ଅଟେ। ଏଠାକାର ଜଙ୍ଗଲ ଗୁଡିକରେ ପ୍ରକୃତିଦତ୍ତସ୍ୱାଦିଷ୍ଟ ଫଳ, ଫୁଲ, ଛତୁ, ରୁଟୁକା, ବର୍ଷ ତମାମ ମିଳିଥାଏ। ତାହା ପୁଣି ଋତୁ ଅନୁସାରେ। ବିଭିନ୍ନ ଋତୁରେ ବିଭିନ୍ନ ପ୍ରକାରର ଫଳ, ଫୁଲ, ସମେତ ବର୍ଷାଦିନେ ମିଳୁଥିବା ଭଳିକି ଭଳି ଛତୁ ପାଇଁ ଜିଲ୍ଲାର ହାଟ ବଜାରରେ ଗ୍ରାହକଙ୍କ ଗହଳି ଲାଗିଥାଏ। ଜଙ୍ଗଲ ଅଞ୍ଚଳରେ ମିଳୁଥିବା ଭଳିକିଭଳି ଛତୁ ପାଇଁ ହାଟବଜାରର କଡ଼େ ବିକ୍ରୟକାରୀ ଏବଂ ଖାଉଟିଙ୍କର ଗହଳି ଲାଗିଥାଏ। ବର୍ତ୍ତମାନ ବର୍ଷା ଋତୁ ଆରମ୍ଭ ହୋଇଥିବାରୁ ଜଙ୍ଗଲ ଅଞ୍ଚଳରେ ଡାଳପତ୍ର ପଚି ବିଭିନ୍ନ ବନାଞ୍ଚଳରେ ଭଳିକିଭଳି ଛତୁ ଫୁଟିବା ଆରମ୍ଭ ହୋଇଛି। ଏହା ସୁସ୍ୱାଦୁ ହୋଇଥିବାରୁ ଏହାକୁ ଖାଇବାକୁ ଲୋକଙ୍କ ମଧ୍ୟରେ ପ୍ରତିଯୋଗିତା ଲାଗିଥାଏ। ଋତୁ ଅନୁସାରେ ଜଙ୍ଗଲରେ ମିଳୁଥିବା ନୂଆନୂଆ ଜିନିଷ ଖାଇବା ପାଇଁ ଲୋକଙ୍କ ମଧ୍ୟରେ ଆଗ୍ରହ ମଧ ଥାଏ। କିନ୍ତୁ ଏବର୍ଷ ଛତୁର ଦର ଶୁଣି ଖାଉଟି ଏକ ପ୍ରକାର ଟେରା ହେବା ଭଳି ପରିସ୍ଥିତି ହୋଇଛି। ସଂଗ୍ରହକାରୀଙ୍କ ଠାରୁ କମ୍ ଦରରେ ଛତୁ ଓ ରୁଟୁକାକୁ ନେଇ ବ୍ୟବସାୟୀମାନେ ଚଢ଼ାଦରରେ ବିକ୍ରୟ କରୁଥିବାରୁ ଏଭଳି ଅଧିକ ଦର ରହିଥିବା କୁହାଯାଉଛି। ବନବାସୀମାନେ ଭୋର ସକାଳୁ ନିଜନିଜ ଜୀବନକୁ ବିପଦରେ ପକାଇ ଜୀବଜନ୍ତୁଙ୍କ ଭୟ ମଧ୍ୟରେ ଜଙ୍ଗଲରୁ ଛତୁ ସଂଗ୍ରହ କରିଥାନ୍ତି। ନିଜ ପରିବାରର ଖାଇବା ପାଇଁ କିଛି ରଖିବା ପରେ ସଂଗ୍ରହକାରୀ ସେଗୁଡିକୁ ସହର ବଜାରକୁ ବିକ୍ରୟ କରିବାକୁ ଆଣିଥାନ୍ତି। ବଜାରକୁ ଗାଡିମୋଟରରେ ଆସି ଗାଡିରୁ ସେମାନେ ଓହ୍ଲାଇବା ପରେ ବ୍ୟବସାୟୀମାନେ ସମସ୍ତ ଛତୁକୁ ଅଳ୍ପ ଦରରେ ଆଣି ରାସ୍ତା କଡରେ ଅଧିକ ଦାମରେ ବିକ୍ରୟ କରୁଛନ୍ତି। ସଂଗ୍ରହକାରୀଙ୍କୁ ଅଳ୍ପଦେଇ ୩/୪ ଶହରେ ରୁଟୁକା, ୨୫୦/୩୦୦ ଟଙ୍କା କେଜିରେ ଜଙ୍ଗଲୀ ପତ୍ର ଛତୁ ବିକ୍ରୟ କରୁଛନ୍ତି। କେନ୍ଦୁଝରରେ ଛତୁ ଦର କେବେ ହେଲେ ଏମିତି ନଥିଲା ବୋଲି କୁହାଯାଉଛି। କେତେକ ଖାଉଟି ବାଧ ହୋଇ ଚଢ଼ାଦରରେ ଛତୁ ନେଉଛନ୍ତି। କିନ୍ତୁ ଅନେକ ଲୋକ ଦର ଶୁଣି ଫେରିଯାଉଥିବା ଦେଖାଯାଉଛି। ଇଛା ଥିଲେ ମଧ ଖାଉଟି ଏତେ ଦରରେ କିଣିବାକୁ ଚାହୁଁ ନଥିଲା ବେଳେ ପରେ ହୁଏତ ଦର କମିଲେ ଜଙ୍ଗଲୀ ଛତୁର ମଜା ନେବାକୁ କେତେକ ଲୋକ ମନସ୍ଥ କରିଛନ୍ତି। ଭଳିକି ଛଳି ଜଙ୍ଗଲୀ ଛତୁ ସହର ବଜାର ରାସ୍ତା କଡରେ ଫୁଲପରି ଦେଖାଯାଉଛି। ଜଙ୍ଗଲରେ ପତ୍ର ସବୁ ପଚିବା ଆରମ୍ଭ ହୋଇଛି। ଆଗକୁ ଅଧିକା ବର୍ଷା ହେଲେ ଆହୁରି ଅନେକ ପ୍ରକାରର ଜଙ୍ଗଲୀ ଛତୁ ବଜାରରେ ଉପଲବ୍ଧ ହେବ। ବିଶେଷକରି ଅତ୍ୟନ୍ତ ସ୍ୱାଦିଷ୍ଟ ବିହୁଡଣୀ ଛତୁ, ବାଲି ଛତୁ ସମେତ ଭଳିକିଭଳି ଛତୁ ବଜାରରେ ଉପଲବ୍ଧ ହେବ। କିନ୍ତୁ ଛତୁ ସଂଗ୍ରହକାରୀଙ୍କ ଠାରୁ ବେପାରୀ ଅଧିକା ଲାଭ ପାଉଥିବା କଥାକୁ ନେଇ ବନ୍ୟଜାତ ଦ୍ରବ୍ୟ ସଂଗ୍ରହକାରୀଙ୍କ ମଧ୍ୟରେ ଚିନ୍ତା ପ୍ରକଟ କରାଯାଉଛି। ସହର ବଜାରରେ ଏତେ ସଂଖ୍ୟାରେ ବେପାରୀ ଆସୁଛନ୍ତି କେଉଁଠୁ ତାକୁ ନେଇ ମଧ ଗ୍ରାହକଙ୍କର ଚିନ୍ତା ବଢିଗଲାଣି। କାରଣ କେବଳ ଛତୁ କଥା ନୁହେଁ; ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହରେ ଅନେକ ପରିଶ୍ରମ କରି ବଜାରକୁ ପହଞ୍ଚାଉଥିବା ଦ୍ରବ୍ୟ ଆଗରୁ ଖାଉଟି ସୁବିଧା ଦରରେ ପାଉଥିଲେ। ଏପରିକି କେନ୍ଦୁଝର ସହର ବଜାରରେ ଆଗରୁ କେବେ କିଲୋରେ ବିକ୍ରୟ ହେଉନଥିଲା। ଭାଗରେ ସୁବିଧାରେ ସିଧାସଳଖ ସଂଗ୍ରହକାରୀଙ୍କ ଠାରୁ ଖାଉଟି ନେଇପାରୁଥିଲେ। ଏବେ କିନ୍ତୁ ବେପାରୀଙ୍କ କବ୍ଜାରେ କେନ୍ଦୁଝର ଛତୁବଜାରକୁ ନେଇ ଗ୍ରାହକ ଚିନ୍ତା ପ୍ରକଟ କରୁଥିବା ଜଣାପଡିଛି।

- ସଂଗ୍ରହକାରୀଙ୍କଠାରୁ ଅଧିକା ବ୍ୟବସାୟୀ
- କଷ୍ଟକରୁଥିବା ଲୋକ ପାଉଛି କମ୍, ବେପାରୀ ପାଉଛି ବେଶୀ

# କାୟାବିସ୍ତାର କଲାଣି ଧଳାଜହର

## ନିଶା କବଳରେ ଯୁବପିଢ଼ି

**ହାଟଡ଼ିହୀ,୧୨।୭ (ସମିସ):** କେନ୍ଦୁଝର ଜିଲ୍ଲା ହାଟଡିହୀ ବ୍ଲକର ବିଭିନ୍ନ ଅଞ୍ଚଳରେ ଏବେ ଧଳାଜହର (ବ୍ରାଉନସୁଗର) କାରବାର କାୟାବିସ୍ତାର କରିବାରେ ଲାଗିଛି। ଧଳାଜହର ନିଶାରେ କବଳିତ ହୋଇ ଯୁବପିଢ଼ି ପଥଭ୍ରଷ୍ଟ ହେଉଥିବା ଦେଖାଯାଉଛି। କେହି କେହି ନିଜ ରୋଜଗାର ପଇସା ତ ପୁଣି କେହି ଘରୁ ଜୋର ଜବରଦସ୍ତ ନେଇ ଉଡ଼ାଉଛି। ଅଭ୍ୟାସରେ ପରିଣତ ହେବା ପରେ ଟଙ୍କା ନପାଇ କେହି କେହି ଅସାମାଜିକ କାର୍ଯ୍ୟ କରିବାକୁ ପଛାଉନାହାଁନ୍ତି। କୁହାଯାଉଛି ପାଉଡ଼ର ଖାଉଥିବା କିଛି ଯୁବକଙ୍କ ଇଙ୍ଗିତରେ ସ୍ଥାନୀୟ ଅଞ୍ଚଳରୁ ଚୋରି ଡକାୟତି ଭଳି ଅସାମାଜିକ କାର୍ଯ୍ୟ ବୃଦ୍ଧି ପାଉଛି। ତେବେ ଏହାର ଚେର ପଡ଼ୋଶୀ ଜିଲ୍ଲା ଏବଂ ରାଜ୍ୟରୁ ଲମ୍ବି ଆସିଥିବା ଶୁଣିବାକୁ ମିଳୁଛି। ହାଟଡିହୀ ବ୍ଲକର ବିଭିନ୍ନ ଅଞ୍ଚଳରେ ନକଲି ବିଦେଶୀ ମଦ କାରବାର ଲୁଚାଛପାରେ ଚାଲୁଥିବା ବେଳେ ଧଳାଜହର କାରବାର ଏବେ ସମକକ୍ଷ ଭାବେ ମୁଣ୍ଡ ଟେକିବାରେ ଲାଗିଛି। ଯୁବପିଢ଼ିଙ୍କ ହାତପାହାନ୍ତାରେ ଏସବୁ ନିଶାଦ୍ରବ୍ୟ ମିଳିଯିବାରୁ ସେମାନଙ୍କ ମଧ୍ୟରୁ ଅନେକ ଯୁବପିଢ଼ି ୨୪ଘଣ୍ଟା ନିଶାରେ ରହି ନିଜର ଭବିଷ୍ୟତ ଅନ୍ଧାରକୁ ଠେଲି ଦେଉଛନ୍ତି। ଏଭଳି ଯୋଗୁଁ ଅନେକ ସୁଖୀ ପରିବାରରେ ଅଶାନ୍ତି ଲାଗିରହୁଛି। ଏଥିପ୍ରତି ସ୍ଥାନୀୟ ଅବକାରୀ ବିଭାଗର ଦୃଷ୍ଟି ପଡୁନି ନା ସବୁଜାଣି ଚୁପରହୁଛି ବୋଲି ସାଧାରଣରେ ପ୍ରଶ୍ନ ଉଠୁଛି। ଧୀରେ ଧୀରେ ସମଗ୍ର ଅଞ୍ଚଳରେ ଧଳାଜହର କାୟାବିସ୍ତାର କରି ଯୁବପିଢ଼ି ସମ୍ପୂର୍ଣ୍ଣ ନଷ୍ଟ କରିବା ପୂର୍ବରୁ ଜିଲ୍ଲା ଅବକାରୀ ଅଧିକ୍ଷକ ଏଥିରେ ହସ୍ତକ୍ଷେପ କରିବାକୁ ସାଧାରଣରେ ଦାବି ହୋଇଛି।

# ବନ୍ଦ ଘରୁ ବୃଦ୍ଧାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ତୁରୁମୁଙ୍ଗା/ପାଟଣା,୧୨।୭ (ସମିସ):** କେନ୍ଦୁଝର ଜିଲ୍ଲା ପାଟଣା ମୁଖ୍ୟାଳୟ ଟାଇଁସିରା ଗ୍ରାମରେ ଶୁକ୍ରବାର ସକାଳୁ ବନ୍ଦ ଘରୁ ଜଣେ ବୃଦ୍ଧାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି। ମୃତକ ହେଲେ ହୀରା ନାଏକ(୬୩)। ଝରକା ଗ୍ରୀଲରେ ଏକ ଗାମୁଛାକୁ ବେକରେ ଲଗାଇ ଆତ୍ମହତ୍ୟା କରିଛନ୍ତି। ବୃଦ୍ଧା ଜଣଙ୍କ ମାନସିକ ସ୍ତରରେ ଦୁର୍ବଳ ଥିଲେ। ସୂଚନା ଅନୁସାରେ ରାତିରେ ବୃଦ୍ଧା ଜଣଙ୍କ ଖାଇ ସାରି ଶୋଇଥିଲେ। ସକାଳୁ ନ ଉଠିବାରୁ ପରିବାର ଲୋକେ କବାଟ ବାଡେଇଥିଲେ। ପରେ ଝରକା ପଟରୁ ତାଙ୍କ ମୃତଦେହ ଝୁଲୁଥିବା ଦେଖି ପୁଲିସକୁ ଖବର ଦେଇଥିଲେ। ଘଟଣା ସ୍ଥଳରେ ପାଟଣା ପୁଲିସ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି ଏନେଇ ପାଟଣା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

# ମୁକୁଳା ପଡ଼ିଛି ବିଦ୍ୟୁତ୍ ଟ୍ରାନ୍ସଫର୍ମର



**ବେଲବାହାଲି,୧୨।୭ (ସମିସ):** ରାଜ୍ୟ ସରକାର ଟିପିଏନ୍‌ଓଡିଏଲକୁ ବିଦ୍ୟୁତ୍ ଆବଣ୍ଟନ ହସ୍ତାନ୍ତର କରି ସାରିବା ପରେ ଏବେ ପ୍ରତ୍ୟେକ ଗ୍ରାମାଞ୍ଚଳ ଗୁଡିକରେ ବିଦ୍ୟୁତ୍ ପରିଚାଳନାରେ ଅବ୍ୟବସ୍ଥା ଦେଖିବାକୁ ମିଳୁଛି। ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ଆନନ୍ଦପୁର ବ୍ଲକ ଅନ୍ତର୍ଗତ ହରିଡାପାଳ ପଞ୍ଚାୟତ ମଙ୍ଗଳପୁର ଖେଳପଡିଆ ନିକଟରେ। ଏହି ଖୋଲା ପଡ଼ିଥିବା ଟ୍ରାନ୍ସଫର୍ମର ଯୋଗୁ ଅନେକଙ୍କ ଧନଜୀବନ ବିପଦପୂର୍ଣ୍ଣ ଅବସ୍ଥାରେ ରହିଛି। ଏହି ଉଚ୍ଚବିଦ୍ୟୁତ ସମ୍ପନ୍ନ ଟ୍ରାନ୍ସଫର୍ମର ବହୁ ବର୍ଷ ହେବ ମୁକୁଳା ପଡିଛି ଓ ଚାରିପାଖରେ ବାଡ଼ ନଥିବାରୁ ବହୁ ସମୟରେ ଅନାବନା ଗଛରେ ଟ୍ରାନ୍ସଫର୍ମର ଲୁଚି ଯାଇଛି। ଫଳରେ ପାଖରେ ଥିବା ଗାଈଗୋରୁ ତାହା ମଧ୍ୟକୁ ଅବାଧ ପ୍ରବେଶ କରୁଛନ୍ତି। ଏଥି ସହିତ ପାଖରେ ଥିବା ବିଦ୍ୟାଳୟ ଓ ଅଙ୍ଗନବାଡି କେନ୍ଦ୍ରକୁ ଆସୁଥିବା ଛାତ୍ରଛାତ୍ରୀ ସେହି ସ୍ଥାନରେ ଖେଳୁଥିବା ଦେଖିବାକୁ ମିଳୁଛି। ସେହିଭଳି ଟୋଲଙ୍କପଡା ଗ୍ରାମର ନୂଆପଡିଆଠାରେ ମୁକୁଳା ପଡ଼ିଥିବା ଟ୍ରାନ୍ସଫର୍ମର ଦେଖିବାକୁ ମିଳୁଛି। ତେଣୁ ବିଦ୍ୟୁତ୍ ବିଭାଗର ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ତାହାର ଚାରିପାଖକୁ ସିମେଣ୍ଟ ଖୁଣ୍ଟ ଏବଂ ତାରବାଡ କରିବାକୁ ଗ୍ରାମବାସୀଙ୍କ ତରଫରୁ ଦାବି କରାଯାଇଛି।

# ସିମିଳିଆରେ ହନୁମାନ ମନ୍ଦିର ପ୍ରତିଷ୍ଠା



**ହାଟଡ଼ିହୀ,୧୨।୭ (ସମିସ):** କେନ୍ଦୁଝର ଜିଲ୍ଲା ହାଟଡିହୀ ବ୍ଲକ ସିମିଳିଆ ଗ୍ରାମରେ ଗ୍ରାମର ଗୌରାଙ୍ଗ ଓଝାଙ୍କ ଉଦ୍ୟମ ଏବଂ ଗ୍ରାମବାସୀଙ୍କ ସହଯୋଗରେ ନିର୍ମିତ ମହାବୀର ହନୁମାନଙ୍କ ନୂତନ ମନ୍ଦିର ପ୍ରତିଷ୍ଠା କାର୍ଯ୍ୟ ଆଜି ଦ୍ୱିତୀୟ ଦିନରେ ପହଞ୍ଚିଛି। ଗୁରୁବାର ସନ୍ଧ୍ୟାରେ ଯୁବଗୋଷ୍ଠୀଙ୍କ ଦ୍ୱାରା ଏକ ବିରାଟ ଶୋଭାଯାତ୍ରାର ପାଟୁଆରାରେ ୩୨ଟି ଜଳପୂର୍ଣ୍ଣ କଳସ ଆସ୍ଥାନକୁ ଅଣାଯାଇଥିଲା। ଆଜି ମନ୍ଦିର ପ୍ରତିଷ୍ଠା ଉତ୍ସବରେ ମହାବୀରଙ୍କ ଯଥା ରୀତିନୀତି ଅନୁସାରେ ପୂଜକ ଶ୍ରୀପତି ନନ୍ଦ ଓ ଦିନବନ୍ଧୁ ପଣ୍ଡାଙ୍କ ଦ୍ୱାରା ପୂଜାପାଠ ଚାଲିଛି। କାର୍ଯ୍ୟକ୍ରମକୁ ରଙ୍ଗାଧର ଓଝା, ପଦ୍ମଲୋଚନ ଓଝା, ବିନୋଦ ଓଝା, ବଳରାମ ପହି, ଚିତ୍ତରଞ୍ଜନ ରାଉତ, ବିଶ୍ୱନାଥ ମହାନ୍ତି, ନାରାୟଣ ଓଝା ପ୍ରମୁଖ ପରିଚାଳନା କରୁଥିଲା ବେଳେ ଗ୍ରାମର ଯୁବଗୋଷ୍ଠୀ ଏଥିରେ ସହଯୋଗ କରିଛନ୍ତି। ଆସନ୍ତାକାଲି ଏହାର ସମାପନ ହେବା ନେଇ ଅନୁଷ୍ଠାନ ପକ୍ଷରୁ ସୂଚନା ମିଳିଛି।

# ଦୁର୍ଦ୍ଦଶାରେ ମରେଇଗାଁ-ବଳିପୁର ରାସ୍ତା



**ହାଟଡ଼ିହୀ,୧୨।୭ (ସମିସ):** କେନ୍ଦୁଝର ଜିଲ୍ଲା ହାଟଡିହୀ ବ୍ଲକ ଅନ୍ତର୍ଗତ ମରେଇଗାଁ ଠାରୁ ବଳିପୁର ଯାଏଁ ଲମ୍ବିଥିବା ରାସ୍ତାର ଅବସ୍ଥା ଯମଯନ୍ତ୍ରଣା ଠାରୁ ବଳିଯାଇଛି। ଦୀର୍ଘ ୪ବର୍ଷ ତଳେ ଏହାର ନବୀକରଣ ନିମନ୍ତେ ସରକାର କୋଟି କୋଟି ଟଙ୍କାର ଅନୁଦାନ ଯୋଗାଇଥିଲେ ସୁଦ୍ଧା ବିଭାଗୀୟ ଅଧିକାରୀ ଓ ସମ୍ପୃକ୍ତ ଠିକାଦାରଙ୍କ ମଧୁଚନ୍ଦ୍ରିକା ଯୋଗୁଁ ସରକାରୀ ଅର୍ଥ ତୋଷାରପାତ ହୋଇଥିଲା। ପରେ ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲାପରିଷଦ ଟିମ ପକ୍ଷରୁ ବାରମ୍ବାର ଅନୁଧ୍ୟାନ ସତ୍ତ୍ୱେ ଏହାର ପୁନଃରୁଦ୍ଧାର ହୋଇପାରିଲା ନାହିଁ। ଏବେବି ଆଇଡିପୁର, ଗେଡ଼ମା, ବଁଅର, ଶାଳଣିଆଁ, ସଡ଼ଙ୍ଗ, ହାବଲେଶ୍ୱର, ଇଞ୍ଜୋଳ, ଓରାଳି ଆଦି ପଞ୍ଚାୟତରେ ଥିବା ଗାଁର ଶତାଧିକ ଲୋକେ ପ୍ରତିଦିନ ଏହି ରାସ୍ତାରେ ବଡ଼ ଅସୁବିଧାରେ ଯାଆସ କରୁଛନ୍ତି। ବର୍ଷା ମାତ୍ରକେ ରାସ୍ତାର ବିଭିନ୍ନ ଖାଲଖମା ଜଳପୂର୍ଣ୍ଣ ହୋଇ ପଥଚାରୀଙ୍କୁ ଭ୍ରମିତ କରୁଛି। ସାଇକେଲ ଓ ବାଇକ ଆରୋହୀ ରାସ୍ତାରେ ପଡ଼ି ଖଣ୍ଡିଖାଖାବରା ହେଉଛନ୍ତି। ଏପରିକି ବର୍ତ୍ତମାନ ଉକ୍ତ ରାସ୍ତାଦେଇ ଓଭର ଲୋଡିଂ ବାଲିଗାଡ଼ି ଚଳାଚଳ କରୁଥିବାରୁ ବଁଅର ଛକ ଠାରୁ ଚଷାଖଣ୍ଡ ଯାଏଁ ଗମନାଗମନ କରିବା ଅତ୍ୟନ୍ତ କଷ୍ଟଦାୟକ ହୋଇପଡୁଛି। ସ୍ଥାନୀୟ ଲୋକଙ୍କ ସହ ଛାତ୍ରଛାତ୍ରୀ ସ୍କୁଲ-କଲେଜ ଯିବାରେ ନାନା ସମସ୍ୟା ଭୋଗୁଛନ୍ତି। ବଡ଼ ବଡ଼ ଖାଲଖମା ପାଇଁ ଜରୁରୀକାଳୀନ ଗାଡ଼ି ମଧ୍ୟ ଯାଇପାରୁନି। ପୂର୍ବର ଲକ୍ଷ୍ମୀ ବସ ଏବେକାର ମୁଖ୍ୟମନ୍ତ୍ରୀ ବସ ସେବା ନାମରେ ଚାଲୁଥିବା ବସ ଗୁଡ଼ିକ ମଧ ଯାଇପାରୁ ନାହାଁନ୍ତି। ଯାହା ଫଳରେ ଜରୁରୀକାମରେ ଆସୁଥିବା ଲୋକେ ମଧ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଭଳି ସମସ୍ୟା ପ୍ରତି କେନ୍ଦୁଝର ଜିଲ୍ଲାପାଳ ଦୃଷ୍ଟିଦେଇ ତୁରନ୍ତ ଏହାର ସମାଧାନ କରାଇବାକୁ ସାଧାରଣରେ ଦାବି ହୋଇଛି।

## ବିପଦକୁ ଡାକୁଛି ଖପରାଖାଇ ସର୍ଭିସ ରୋଡ୍

# ଛୋଟବଡ଼ ଦୁର୍ଘଟଣା ନୀତିଦିନିଆ ଘଟଣା

**ଆନନ୍ଦପୁର, ୧୨।୭ (ସମିସ):** ୨୦ନଂ ଜାତୀୟ ରାଜପଥର ଖପରାଖାଇଠାରେ ଅଧପନ୍ତରିଆ ସର୍ଭିସ ରୋଡରେ ହୋଇଥିବା ଗାଡରେ ଜଣେ କଲେଜ ଛାତ୍ରୀ ସ୍କୁଟିରୁ ଖସିପଡି କାଦୁଅ ପାଣିରେ ସରବର ହେବା ଘଟଣା ପ୍ରଶାସନର ପାରିବା ପଣିଆକୁ ପଦାରେ ପକାଇ ଦେଇଛି। ଭୁବନେଶ୍ୱର-କଟକ, ଭଦ୍ରକ-କରଞ୍ଜିଆରୁ ଆସୁଥିବା ବସ୍ ଏହି ସର୍ଭିସ ରୋଡ ଦେଇ ଘସିପୁରା ବସଷ୍ଟାଣ୍ଡକୁ ଯାଇଥାଏ। ୨୦ନଂ ଜାତୀୟ ରାଜପଥରୁ ବସ୍‌ଷ୍ଟାଣ୍ଡକୁ ଯିବା ପାଇଁ ଆବଶ୍ୟକୀୟ ଟ୍ରାଫିକ ବ୍ୟବସ୍ଥା ନଥିବାରୁ ଏହି ରଙ୍ଗ୍ ସର୍ଭିସ ରୋଡରେ ଉଭୟ ଯାତାୟାତ ହୋଇଥାଏ। ତେବେ ଆଜି ଏକ ଯାତ୍ରୀବାହୀ ବସ୍ ପଛରେ ସ୍କୁଟିରେ ଯାଉଥିବା କଲେଜ ଛାତ୍ରୀ ଦୁର୍ଘଟଣାର ସମ୍ମୁଖୀନ ହୋଇଛନ୍ତି। ଏହି ସର୍ଭିସ ରୋଡର ବାଲିଆପିଟା ନିକଟରେ ଥିବା ଏକ ବିରାଟ ଗାଡରେ ବର୍ଷା ଜଳ ଜମି ରହିଥିବାରୁ ଛାତ୍ରୀ ଜଣକ ଗାଡ ସମ୍ପର୍କରେ ଜାଣି ନପାରି ପଡିଯାଇଥିଲେ। ପ୍ରତିଦିନ ଏହିଭଳି ଛୋଟବଡ ଦୁର୍ଘଟଣା ଘଟୁଥିଲେ ମଧ ୨୦ନଂ ଜାତୀୟ ରାଜପଥ ନିର୍ମାଣକାରୀ ଠିକାସଂସ୍ଥା ସାମାନ୍ୟ ମରାମତି କରୁନଥିବା ଚିନ୍ତାର କାରଣ ହୋଇଛି। ତେବେ ଏହି ରାସ୍ତାରେ ୪ ଚକିଆ ଶୀତତାପ ନିୟନ୍ତ୍ରିତ ଯାନରେ ପ୍ରତିଦିନ ଚଳାଚଳ କରୁଥିବା ପ୍ରଶାସନିକ ଅଧିକାରୀମାନଙ୍କ ଦୃଷ୍ଟି କେବେ ପଡିବ ବୋଲି ବୁଦ୍ଧିଜୀବୀ ମହଲରେ ପ୍ରଶ୍ନ ହୋଇଛି। ଏହି ରାସ୍ତାରେ ହୋଇଥିବା ବିରାଟ ଗାଡରେ ବର୍ଷାଜଳ ଜମି ରହିଥିବାରୁ ପ୍ରତିଦିନ ଏହି ରାସ୍ତାରେ ସାଇକଲ ଓ ବାଇକ୍ ଆରୋହୀମାନେ ପାଣି କାଦୁଅରେ ସରବର ହେଉଥିବା ବେଳେ ବିଭିନ୍ନ ଯାନବାହାନ ଫସିଯାଉଥିବାରୁ ଦୟନୀୟ ପରିସ୍ଥିତି ସୃଷ୍ଟି ହୋଇଛି। ଏହି ସର୍ଭିସ ରୋଡର ଦୁଇଟି ସ୍ଥାନରେ ହୋଇଥିବା ବିରାଟ ଗାଡ଼ ଯୋଗୁ ସନ୍ଧ୍ୟା ପରେ ଯାତାୟତ କରିବା କଷ୍ଟକର ହୋଇପଡିଛି। ସନ୍ଧ୍ୟା ପରେ ଟ୍ୟୁସନରୁ ଫେରୁଥିବା ଛାତ୍ରଛାତ୍ରୀ ବିଶେଷ ଅସୁବିଧା ଭୋଗ କରୁଥିବାରୁ ଏନେଇ ବିଭିନ୍ନ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷଙ୍କ ଖାମଖିଆଲି ନୀତି ଯୋଗୁ ପ୍ରତିଦିନ ସାଧାରଣ ଲୋକେ ନାହିଁ ନଥିବା ଦୁର୍ଦ୍ଦଶା ଭୋଗ କରୁଛନ୍ତି।



# ବିଧାୟକଙ୍କୁ ଗାଁ ସାଥି ମେଟ୍ ସଂଘର ସମ୍ବର୍ଦ୍ଧନା

**ପାଟଣା,୧୨।୭ (ସମିସ):** ପାଟଣା ବ୍ଲକ ଅନ୍ତର୍ଗତ ଚିଲିଦା ମହାଦେବ ମନ୍ଦିର ପରିସରରେ ପାଟଣା ନିର୍ବାଚନ ମଣ୍ଡଳୀ ଗାଁ ସାଥି ମେଟ୍ ମିଳିତ କ୍ରିୟାନୁଷ୍ଠାନ କମିଟି ଦ୍ୱାର ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ପ୍ରଦାନ କରି ସ୍ୱାଗତ ଓ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଅନୁଷ୍ଠାନ ମୁଖ୍ୟ ଉପଦେଷ୍ଟା ଅଜିତ କୁମାର ମହାନ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମନ୍ଦିର ପରିସରରେ ବିଧାୟକଙ୍କ ଦ୍ୱାରା ଚାରାରୋପଣ କରାଯାଇଥିଲା। ସମ୍ବର୍ଦ୍ଧନା ସଭାରେ ଗାଁ ସାଥି ମେଟ୍‌ଙ୍କ ମୌଳିକ ଆବଶ୍ୟକତା ମାସିକ ପ୍ରୋତ୍ସାହନ ମାସକୁ ୨୦ ହଜାର ଟଙ୍କା ପ୍ରଦାନ ନିମନ୍ତେ ସରକାରୀ ସ୍ତରରେ ଉପସ୍ଥାପନା କରିବା ପାଇଁ ସଂଘ ତରଫରୁ ନିବେଦନ କରାଯାଇଥିଲା। ସମ୍ବର୍ଦ୍ଧନା ସଭାରେ ଉପଦେଷ୍ଟା ମାନସରାଜ ପଣ୍ଡା, ମାଟୁରାମ ମୁଣ୍ଡା, ସାହାରପଡା ବ୍ଲକ ସଭାପତି ପ୍ରମୋଦ କୁମାର ମହାନ୍ତ, ଖଗେଶ୍ୱର ନାଏକ, ମୋହନ ଚରଣ ମହାନ୍ତ, ଫକୀର ନାଏକ, ସଭାନେତ୍ରୀ ସୁଶୀଳା ନାଏକ, ସହସମ୍ପାଦିକା ନିରୁପମା ଟୁଡୁଙ୍କ ସହ ଶତାଧିକ ମେଟ୍ ଭାଇଭଉଣୀ ଉପସ୍ଥିତ ଥିଲେ। ମନ୍ଦିର ପରିଚାଳନା କମିଟି ସଭାପତି ବିଶ୍ୱନାଥ ମହାନ୍ତ ଓ ମନ୍ଦିର ପୂଜକ ମଧୁ ସୁଦନ ମିଶ୍ର ମନ୍ଦିର ଉନ୍ନୟନ ନିମନ୍ତେ ଆଲୋକପାତ କରିଥିଲେ।



# ବାଘିଆନସା ପ୍ରାଥମିକ ବିଦ୍ୟାଳୟରେ ଚାରାରୋପଣ



**ବାଲିବନ୍ଧ,୧୨।୭ (ସମିସ):** ଝୁମ୍ପୁରା ବ୍ଲକ ଅନ୍ତର୍ଗତ ନହବେଡ଼ା ପଞ୍ଚାୟତ ବାଘିଆନସା ପ୍ରାଥମିକ ବିଦ୍ୟାଳୟ ପରିସରରେ ଶୁକ୍ରବାର ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁଶିଲ କୁମାର ବେହେରାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଚମ୍ପୁଆ ରେଞ୍ଜର ଅକ୍ଷୟ ଛତ୍ରିଆ, ବାଲିବନ୍ଧ ଫରେଷ୍ଟର ବୁଲୁ ନାହାକ, ଚିପିଣ୍ଡା ଫରେଷ୍ଟର କୁନ୍ତଳା ମହାନ୍ତ, ଫରେଷ୍ଟଗାର୍ଡ କିରାଣି ମହାରଣାଙ୍କ ସମେତ ସ୍ୱୟଂସହାୟିକା ଗୋଷ୍ଠୀର ମା'ମାନେ ଉପସ୍ଥିତ ରହିଥିଲେ। ପୂଜାପାଠ ପରେ ପରେ ଉପସ୍ଥିତ ଅତିଥି, ଛାତ୍ରଛାତ୍ରୀ, ଶିକ୍ଷକ ଏବଂ ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାମାନେ ମିଳିତ ଭାବେ ବିଦ୍ୟାଳୟ ପରିସରରେ ଆମ୍ବ, ପିଜୁଳି, ବଉଳ, ଅଁଳା, ଶାଳ, ଦେବଦାରୁ ଆଦି ଚାରାରୋପଣ କରିଥିଲେ। ତେବେ ଗଛ ବଡ଼ ହେବା ପର୍ଯ୍ୟନ୍ତ ଯତ୍ନ ନେବା, ବିଦ୍ୟାଳୟ ପରିସର ସଫାସୁତୁରା ରଖିବା, ନିଜ ନିଜ ଘର ଚାରିପାଖରେ ଗଛ ଲଗାଇବା ଏବଂ ଗଛ ସଂପର୍କରେ ବହୁ ଉପାଦାୟ କଥା ଛାତ୍ରଛାତ୍ରୀଙ୍କୁ ଚମ୍ପୁଆ ରେଞ୍ଜର ଶ୍ରୀ ଛତ୍ରିଆ ମାର୍ଗଦର୍ଶନ କରିଥିଲେ। କାର୍ଯ୍ୟକ୍ରମକୁପରିଚାଳନା କରିବା ନିମନ୍ତେ ଶିକ୍ଷକ ଆଶିଷ କୁମାର ପ୍ରଧାନ ତଥା ସ୍ୱୟଂ ସହାୟିକା ଗୋଷ୍ଠୀର ମା'ମାନେ ସହଯୋଗ କରିଥିଲେ।

# ହେରା ପଞ୍ଚମୀରେ ଭଜନ ସମାରୋହ

**କେନ୍ଦୁଝର,୧୨।୭ (ସମିସ):** ପବିତ୍ର ଶ୍ରୀବଳଦେବଜୀଉଙ୍କ ରଥଯାତ୍ରାରେ ମାଉସୀ ମା' ଗୁଣ୍ଡିଚା ମନ୍ଦିର ଓ ବିଶ୍ୱ ସବୁଠାରୁ ବଡ଼ ରଥ ସମ୍ମୁଖରେ ହେରା ପଞ୍ଚମୀ ସନ୍ଧ୍ୟାରେ ଜିଲ୍ଲାର ଅଗ୍ରଣୀ ଅନୁଷ୍ଠାନ ସତ୍ୟ ବୈକୁଣ୍ଠ ଫାଉଣ୍ଡେସନ ତରଫରୁ ଭଜନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ସତ୍ୟ ବୈକୁଣ୍ଠ ଫାଉଣ୍ଡେସନର ଅଧକ୍ଷ ମୋହିତ କୁମାର ଦାସଙ୍କ ଅଧକ୍ଷତା ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସଂସ୍କୃତି କମିଟି ସଦସ୍ୟ ତଥା ସଂଗୀତ ନିର୍ଦ୍ଦେଶକ ମନୋଜ ମିଶ୍ର ମଞ୍ଚ ପରିଚାଳନା କରିଥିଲେ। ଏହି ଭଜନ ସମାରୋହକୁ ମୁଖ୍ୟଅତିଥି ଭାବେ କେନ୍ଦୁଝର ବନଖଣ୍ଡ ଅଧିକାରୀ ଧନରାଜ ଏଚ୍‌ଡି ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ କେନ୍ଦୁଝର ଅତିରିକ୍ତ ଜିଲ୍ଲାପାଳ ଲଳିତ ସୋରେଙ୍ଗ, ଆଞ୍ଚଳିକ ପରିବହନ ଅଧିକାରୀ ଗୋପାଳକୃଷ୍ଣ ଦାସ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସାର୍ଥକ ଅଭିନନ୍ଦନ ରାୟ, ଜିଲ୍ଲା ସଂସ୍କୃତି ଅଧିକାରୀ ରମେଶ ଚନ୍ଦ୍ର ନାୟକ, ସଂସ୍କୃତି କମିଟି ସଦସ୍ୟ ଦେବାଶିଷ ମିଶ୍ର ଓ ସଂଗ୍ରାମ ଦାସ ପ୍ରମୁଖ ଯୋଗ ଦେଇଥିଲେ। ବିଶିଷ୍ଟ ଉପସ୍ଥାପିକା ସମୟଶ୍ରୀ ଚାର୍ଟାଜୀ ଉପସ୍ଥାପନା କରିଥିଲେ। ଏହି ଭଜନ କାର୍ଯ୍ୟକ୍ରମରେ ଓଡିଶାର ବିଶିଷ୍ଟ ଯୁବ କଣ୍ଠଶିଳ୍ପୀ ଅମିତ କୁମାର, ପ୍ରଦୀପ କୁମାର ଜେନା, ବିନୋଦ ମହାନ୍ତି, ଈଶ୍ୱରୀ ସାହୁ, ହେମନ୍ତ କୁମାର, ମାନସ କୁମାର ପଲେଇ, ଆରାଧ୍ୟା ସାହୁ, ଶୁଭାଶିଷ ମିଶ୍ର ଓ ସମୟଶ୍ରୀ ଚାଟାର୍ଜୀ ଭଜନ ପରିବେଷଣ କରିଥିଲେ। ଏଥିରେ ବାଦ୍ୟଯନ୍ତ୍ରରେ ଚନ୍ଦ୍ରଶେଖର ଜେନା, ପ୍ରଶାନ୍ତ କୁମାର ପଣ୍ଡା, ମାନସିଂ ବେହେରା, ଅର୍ଜୁନ କୁମାର ଜେନା, ନିରଞ୍ଜନ ମହାପାତ୍ର ଓ ଗୋବିନ୍ଦ ଚନ୍ଦ୍ର ନାଏକ ସହାୟତା ଏବଂ ସନ୍ତୋଷ ଚାଟାର୍ଜୀ, ଜିତେନ୍ଦ୍ର ସାହୁ, ସାମ୍ବାଦିକ ସତ୍ୟଜିତ ମିଶ୍ର, ଦେବଦର୍ଶନ ଦାଶ, ସୁରେନ୍ଦ୍ର ଦାଶ ପ୍ରମୁଖ ପରିଚାଳନା କରିଥିଲେ।



## ଜବରଦଖଲରେ ଐତିହାସିକ ଗଡଚଣ୍ଡୀ ପୀଠ

# ସୌନ୍ଦର୍ଯ୍ୟ ହରାଉଛି ସ୍ୱାଗତତୋରଣ

ଆନନ୍ଦପୁର, ୧୨।୭ (ସମିସ)



ଐତିହାସିକ କିମ୍ବଦନ୍ତୀ ବହନ କରୁଥିବା ପ୍ରସିଦ୍ଧ ଗଡ଼ଚଣ୍ଡୀ ପୀଠ ପ୍ରଶାସନିକ ଅଣଦେଖାରୁ ଏବେ ଜବରଦଖଲକାରୀଙ୍କ କବଜାକୁ ଚାଲିଯାଇଛି। ଏହି ପୀଠର ପ୍ରବେଶ ପଥରେ ନିର୍ମାଣ ହୋଇଥିବା ସ୍ୱାଗତ ତୋରଣ ଦୁଇ ପାଶ୍ୱର୍ରେ କେତେକ ବ୍ୟକ୍ତି ଜବରଦଖଲ କରି ରଖିବା ଏବଂ ଏବେ ସ୍ଥାୟୀ ପକ୍କାଗୃହ ନିର୍ମାଣ କରୁଥିବାରୁ ଶ୍ରଦ୍ଧାଳୁମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି ପୀଠକୁ ପ୍ରତିଦିନ ଓଡିଶାର ବିଭିନ୍ନ ସ୍ଥାନରୁ ଶହ ଶହ ପର୍ଯ୍ୟଟକ ଆସୁଥିବା ବେଳେ ଏହାର ସ୍ୱାଗତ ତୋରଣ ଅଞ୍ଚଳକୁ ଜବରଦଖଲ କରି ଦୋକାନ ଘର ନିର୍ମାଣ କରାଯାଉଥିବାରୁ ଏହି ଦର୍ଶନୀୟ ପୀଠର ସୌନ୍ଦର୍ଯ୍ୟ ନଷ୍ଟ ହେଉଥିବା ଅଭିଯୋଗ ହୋଇଛି। ବିଭିନ୍ନ ଅଞ୍ଚଳରେ ଥିବା ସରକାରୀ ଜମି ମନ୍ଦିର, ମଠ ସମ୍ପତ୍ତିରେ ହୋଇଥିବା ଜବରଦଖଲକୁ ଉଚ୍ଛେଦ କରିବା ପାଇଁ ରାଜ୍ୟ ସରକାର ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିବା ବେଳେ ଆନନ୍ଦପୁର ଉପଖଣ୍ଡରେ ଏହାର ବ୍ୟତିକ୍ରମ ପରିଲକ୍ଷିତ ହୋଇଛି। ଆନନ୍ଦପୁର ଉପଖଣ୍ଡର ହାଟଡିହୀ ତହସିଲ ଅନ୍ତର୍ଗତ ସଡ଼ା ରାଜସ୍ୱ ସର୍କଲ କାର୍ଯ୍ୟାଳୟର ଅନତି ଦୂରରେ ଏପରି ଜବରଦଖଲ ହୋଇଥିବା ଏବଂ ଦିବାଲୋକରେ ସରକାରୀ ଜମିରେ ସ୍ଥାୟୀ ନିର୍ମାଣ କାର୍ଯ୍ୟ ହେଉଥିବା ପଛରେ ସ୍ଥାନୀୟ ରାଜସ୍ୱ ବିଭାଗ କର୍ମଚାରୀଙ୍କ ଅନୁକମ୍ପା ରହିଛି ବୋଲି ସାଧାରଣରେ ଅଭିଯୋଗ ହୋଇଛି। ଏଣୁ ପ୍ରଶାସନ ପକ୍ଷରୁ ଏହି ଦର୍ଶନୀୟ ସ୍ଥାନର ବିଭିନ୍ନ ଅଞ୍ଚଳରେ ହୋଇଥିବା ଜବରଦଖଲକୁ ଉଚ୍ଛେଦ ନକଲେ ଆଗାମୀ ଦିନରେ ପ୍ରଶାସନ ପାଇଁ ଏହା ମୁଣ୍ଡବ୍ୟଥାର କାରଣ ହେବ ବୋଲି ଜଣାଯାଇଛି। ଅପରୂପ ଶୋଭାରାଜି ଏବଂ ସୁନ୍ଦର ଓ ଶାନ୍ତ ପରିବେଶରେ ଥିବା ଏହି ଗଡଚଣ୍ଡି ପୀଠ ବଉଳା ପର୍ବତମାଳାକୁ ଲାଗିରହିଥିବା ବେଳେ ଅନେକ ଐତିହସିକ କିମ୍ବଦନ୍ତୀ ରହିଥିବା ଜଣାଯାଇଛି। କେନ୍ଦୁଝର, ଭଦ୍ରକ, ବାଲେଶ୍ୱର ସୀମାନ୍ତରେ ଥିବା ଏହି ଐତିହାସିକ ପୀଠ ଅପରୂପ ପ୍ରାକୃତିକ ଶୋଭାରାଜି ଯୋଗୁ ଏଠାକୁ ବର୍ଷସାରା ପର୍ଯ୍ୟଟକମାନଙ୍କ ଯାତାୟତ ଲାଗିରହିଥାଏ।

# ସଟର ସଂଯୋଗ କାମ ଦୁର୍ବଳ ଅଭିଯୋଗ

**ବାରିକପୁର, ୧୨।୭ (ସମିସ):** ଭଣ୍ଡାରିପୋଖରୀ ବ୍ଲକ ଅଞ୍ଚଳରେ ଚାଷ ଜମିକୁ ଜଳସେଚନ ପାଇଁ ବ୍ୟାପକ କେନାଲ ବ୍ୟବସ୍ଥା ରହିଛି। ବ୍ଲକର ଶତକଡା ୩୦ଭାଗ ଜମି ଶାଳଣିଆ ଜଳସମ୍ପଦ ବିଭାଗ ପକ୍ଷରୁ କେନାଲ ଦ୍ୱାରା ଜଳସେଚିତ ହେଉଥିବା ବେଳେ ବାକି ୭୦ଭାଗ ଆଖୁଆପଦା ଓ ଧାମନଗର ଜଳସମ୍ପଦ ଦ୍ୱାରା ଜଳସେଚିତ ହୋଇଥାଏ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଉକ୍ତ ଦୁଇ କାର୍ଯ୍ୟାଳୟ ଅଧୀନରେ ଯେତେ ଗୁଡିଏ କେନାଲ ରହିଛି ସେଗୁଡିକରେ ଏବେ ସଟର ସଂଯୋଗ ହେଉଛି। ଜିଲ୍ଲା ବାହାରର ଜନୈକ ନିର୍ମାଣକାରୀ ସଂସ୍ଥା ୩ନଂ ହାଇଲେବୁଲ କେନାଲ ସହିତ ଅନ୍ୟାନ୍ୟ କେନାଲରେ ନୂଆ ସଟର ଲଗାଇବା ପାଇଁ ଦାୟିତ୍ୱ ନେଇଛି। କେନାଲ ଗୁଡିକ ମଧ୍ୟରେ ଜଳ ସୁପରିଚାଳନା ପାଇଁ ସଟରର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିବା ବେଳେ ଅନେକ ବର୍ଷ ହେବ ଏହା ଆବଶ୍ୟକ ସ୍ଥାନରେ ଲାଗିନଥିଲା। ଯଦିଓ ସ୍ୱଳ୍ପ କେତେକ ଜାଗାରେ ପାଣି ଗଚ୍ଛିତ ଓ ନିଷ୍କାସନ ପାଇଁ ନୂଆ ଲୁହା କବାଟ ଲାଗିଥିଲା ଏହା ମଧ୍ୟ ଭଗ୍ନ ଅବସ୍ଥାରେ ପଡ଼ିରହିଥିଲା। ଏନେଇ ବିଭିନ୍ନ ଗଣମାଧ୍ୟମରେ ଖବର



ପ୍ରକାଶ ପାଇବା ପରେ ଏବେ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ମରାମତି ଓ ସଟର ଲାଗିବା ପ୍ରକ୍ରିୟା ଆରମ୍ଭ ହୋଇଛି। ନିର୍ମାଣକାରୀ ସଂସ୍ଥାର କର୍ମଚାରୀ ମାନେ ବିଭିନ୍ନ ମୁଖ୍ୟ କେନାଲର ଶାଖା କେନାଲରେ ନୂଆ ବିମ ସହିତ କବାଟ ଲଗାଉଥିବା ବେଳେ ସେଗୁଡିକୁ ସ୍ଥାୟୀ ଭାବେ ରଖିବା ପାଇଁ ସିମେଣ୍ଟ କଂକ୍ରିଟ ଦିଆଯାଉଛି। ପରିତାପର ବିଷୟ ପୂର୍ବରୁ ନିର୍ମିତ ପକ୍କା ପ୍ରାଚୀର ଓ ଏବେ ସଂଯୋଗ ହେଉଥିବା ନୂଆ ବିମକୁ ଯୋଡିବା ପାଇଁ କଂକ୍ରିଟର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲେ ସୁଦ୍ଧା କାମ ଅତି ଦୁର୍ବଳ ମାନର ହୋଇଛି। କର୍ମଚାରୀ ମାନେ ସଟର ଲଗାଇବା ପରେ ତରବରିଆ ଭାବେ ହାତରେ ସିମେଣ୍ଟ, ବାଲି ଓ କଂକ୍ରିଟ ଥାପି ଦେଉଛନ୍ତି। ଯାହାକି କାମର ସ୍ଥାୟିତ୍ୱ ନେଇ ସନ୍ଦେହ ପ୍ରକଟ ହୋଇଛି। ଏପରିକି କଂକ୍ରିଟ ନିର୍ମାଣରେ ନିୟମିତ ପାଣି ବ୍ୟବହାର ହେଉନାହିଁ। ଏଭଳି ଚିତ୍ର ୩ନଂ କେନାଲ ତାଳପଦା, ସୁରୁବଣ, କୁରିକଣା ନିକଟରେ ଦେଖିବାକୁ ମିଳିଛି। ଆଗକୁ ଅନେକ ନୂଆ ସଟର ଲାଗିବା ପାଇଁ ଯୋଜନା ଥିବାବେଳେ ଏହା ଉପରେ ବିଭାଗୀୟ ଯନ୍ତ୍ରୀ ମାନେ ନିୟମିତ ତଦାରଖ କରିବାକୁ ଦାବି ହୋଇଛି।

## ନଦୀରେ ଜଳସ୍ରୋତ କମ

# ଆନିକଟରେ ଜଳ ଗଚ୍ଛିତ ପ୍ରକ୍ରିୟା ଆରମ୍ଭ

**ବାରିକପୁର, ୧୨।୭ (ସମିସ)**

ସମ୍ପ୍ରତି ନିଅଣ୍ଟିଆ ବର୍ଷା କାରଣରୁ ବିଲବାଡି ଫାଟି ଆଁ କଲାଣି। ଚାଷ ଜମି ଗୁଡିକ ଦୁବ ଘାସରେ ଭର୍ତ୍ତି ହୋଇଯାଇଥିବା ବେଳେ ଏହା ଏବେ ଏକପ୍ରକାର ଖେଳ ପଡ଼ିଆ ଭଳି ଦେଖାଗଲାଣି। ତଥାପି ଅନେକ କଷ୍ଟ ସହ୍ୟ କରି କୃଷକଟିଏ ଚଳିତ ଖରିଫ ଚାଷ ପାଇଁ ଯେନତେନ ଉପାୟରେ ତଳି ପକା କାର୍ଯ୍ୟ ଆରମ୍ଭ କରିଛି। ଏହି ପରିପ୍ରେକ୍ଷୀରେ ଭଣ୍ଡାରିପୋଖରୀ ବ୍ଲକର ବିଭିନ୍ନ ସ୍ଥାନରେ ଖରାଟିଆ ଧାନ ତଳି ପଡ଼ିଥିବା ବେଳେ ସେଗୁଡିକ ମଧ୍ୟରୁ କେତେକ ଗଛ ମଧ୍ୟ ହୋଇଗଲାଣି। ତଳି ବଞ୍ଚାଇବା ପାଇଁ ପ୍ରଚୁର ପାଣିର ଆବଶ୍ୟକ ଥିବା ବେଳେ ବର୍ଷା ଏକପ୍ରକାର ଉଭାନ ହୋଇଯାଇଛି। ତେଣୁ କେନାଲ ପାଣିର



ଆବଶ୍ୟକତାକୁ ଦୃଷ୍ଟିରେ ରଖି ଜଳ ସମ୍ପଦ ବିଭାଗ ଗତ ଦୁଇଦିନ ହେବ ଏଦିଗରେ କାର୍ଯ୍ୟ ଆରମ୍ଭ କରିଛି। ବୈତରଣୀ ନଦୀର ଆଖୁଆପଦା ଆନିକଟ ଠାରେ ନଦୀରେ କବାଟ ପଡ଼ିଥିବା ବେଳେ ଧୀରେ ଧୀରେ ଜଳ ଗଚ୍ଛିତ ପ୍ରକ୍ରିୟା ଆରମ୍ଭ ହୋଇଛି। ଉପର ମୁଣ୍ଡ କେନ୍ଦୁଝର ଜିଲ୍ଲାରେ ବର୍ଷା ନଥିବାରୁ ନଦୀ ଗର୍ଭରେ ଜଳ ସ୍ରୋତ କମ ରହିଛି। ତେଣୁ ଜଳ ଗଚ୍ଛିତ ପାଇଁ ଏହା ଅନେକ ସମସ୍ୟା ସୃଷ୍ଟି କରୁଛି। ପୂର୍ବରୁ ଆବଶ୍ୟକ ବର୍ଷା ହେଲେ ଆନିକଟରେ ଜଳ ସଞ୍ଚୟ ପାଇଁ ଦୁଇ ଚାରି ଦିନ ସମୟ ଲାଗୁଥିବା ବେଳେ ଏବେ କିନ୍ତୁ ଏକ ସପ୍ତାହରୁ ଅଧିକ ସମୟ ଲାଗିବ ବୋଲି ଅନୁମାନ କରାଯାଉଛି। ତେଣୁ କେନାଲ ବ୍ୟବସ୍ଥା ଉପରେ ନିର୍ଭର କରୁଥିବା ବନ୍ତ, ଭଣ୍ଡାରିପୋଖରୀ, ଭଦ୍ରକ ଓ ଧାମନଗର ବ୍ଲକ ଚାଷୀ ମାନେ ଆବଶ୍ୟକ ପରିମାଣର ପାଣି ପାଇବାରୁ ବଞ୍ଚିତ ହେବେ ବୋଲି ଜଣାପଡ଼ିଛି। ଆନିକଟରେ ଜଳ ଗଚ୍ଛିତ ପରେ ଯଦିଓ କିଛି ପରିମାଣରେ କେନାଲ ପାଣି ଆସିବ ତାହା କିନ୍ତୁ ସମସ୍ତ କୃଷିକ୍ଷେତ୍ରରେ ପହଞ୍ଚି ପାରିବ ନାହିଁ। ତେଣୁ ବର୍ଷା ହେଲେ ନଦୀ ସ୍ରୋତ ବଢ଼ିବା ସହିତ ଚାଷ କାର୍ଯ୍ୟ ପାଇଁ ଆବଶ୍ୟକ କେନାଲ ପାଣି ଯୋଗାଇ ଦିଆଯାଇ ପାରିବ ବୋଲି ବିଭାଗୀୟ ଅଧିକାରୀ ମତ ପ୍ରକାଶ କରିଛନ୍ତି।

## ବ୍ୟବସାୟୀଙ୍କ ପରଲୋକ

**ବ୍ରହ୍ମବରଦା, ୧୨।୭ (ସମିସ):** ବୁଧବାର ବିଳମ୍ବିତ ରାତିରେ ଯାଜପୁର ବ୍ଲକ ଝାଲପଡ଼ା ପଞ୍ଚାୟତ କାକୁଡ଼ିକୁଦ ଗ୍ରାମର ରଙ୍ଗଣୀସାହି ନିବାସୀ ବ୍ୟବସାୟୀ ଦୀନବନ୍ଧୁ ନାୟକ (୭୨)ଙ୍କ କଟକ ବଡ ମେଡିକାଲରେ ପରଲୋକ ଘଟିଛି। ଶ୍ରୀ ନାୟକଙ୍କୁ ୫ ଦିନ ହେବ ଜ୍ୱର ହେବା ସହିତ ସେ ମଧୁମେହ ରୋଗରେ ପୀଡ଼ିତ ଥିଲେ। ସେ ଅସୁସ୍ଥତା ଅନୁଭବ କରିବାରୁ ପରିବାର ଲୋକେ ତାଙ୍କୁ ତୁରନ୍ତ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ତାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ରାତି ୧ଟାରେ ତାଙ୍କର ପରଲୋକ ଘଟିଥିଲା। ତାଙ୍କ ପରଲୋକ ଖବର ପାଇ ବଣିକ ସଂଘର ସମସ୍ତ ସଭ୍ୟ ଓ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହ ଶୋକସନ୍ତପ୍ତ ପରିବାରକୁ ସାନ୍ତ୍ୱନା ଦେଇଥିଲେ। ଗୁରୁବାର ଶୋକାକୁଳ ପରିବେଶରେ ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ପୁଅ ଦୀପକ ମୁଖାଗ୍ନି ଦେଇଥିଲେ।

## କଳାକାରଙ୍କ ପରଲୋକ

**ଯଖପୁରା, ୧୨।୭ (ସମିସ):** ଦାନଗଦି ଓ କଳିଙ୍ଗନଗର ଅଞ୍ଚଳର ସଫଳ କଳାକାର ମଙ୍ଗୁଳି ଚରଣ ପୃଷ୍ଟିଙ୍କ ପରଲୋକ ଘଟିଛି। ମାନଗୋବିନ୍ଦପୁରର ଏହି ବରିଷ୍ଠ କଳାକାରଙ୍କୁ ମୃତ୍ୟୁ ବେଳକୁ ୭୯ ବର୍ଷ ବୟସ ହୋଇଥିଲା। ସେ ଦୀର୍ଘବର୍ଷ ଧରି ମହାଲକ୍ଷ୍ମୀ ନାଟ୍ୟ



ସଂସଦ ମଞ୍ଚରେ ଲୋକଙ୍କୁ ନିଜର ଅଭିନୟ ଯାଦୁରେ କନ୍ଦାଉଥିଲେ। ସେ ବହୁ କଳାକାର ତିଆରି କରି ସମସ୍ତଙ୍କ ଗୁରୁ ଥିଲେ। ସେ ମେଳାପୀ ଓ ଧର୍ମପରାୟଣ ବ୍ୟକ୍ତି ଥିଲେ। କିଛିଦିନ ହେବ ରୋଗରେ ପୀଡିତ ହୋଇ କଟକର ଏକ ଘରୋଇ ହସ୍‌ପିଟାଲରେ ଚିକିତ୍ସିତ ହେଉଥିବାବେଳେ ତାଙ୍କର ମୃତ୍ୟୁ ହୋଇଛି। ଶେଷଶଯ୍ୟା ନିକଟରେ ପୁଅବୋହୂ, ଝିଅଜ୍ୱାଇଁ ଉପସ୍ଥିତ ଥିଲେ। ଗାଁ ମଶାଣିରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ବଡ଼ପୁଅ ପ୍ରକାଶ ମୁଖାଗ୍ନି ଦେଇଥିଲେ। ମହାଲକ୍ଷ୍ମୀ ନାଟ୍ୟ ସଂସଦର ମହେଶ୍ୱର ପୃଷ୍ଟି, ବିଜୟକୁମାର ପୃଷ୍ଟି, ସୁବାସ ସାହୁ, ଅରୁଣ ପୃଷ୍ଟି, ଶ୍ରୀଧର ପୃଷ୍ଟି, ପବିତ୍ର ମୋହନ ରଣା, ରଣଜିତ ପଟ୍ଟନାୟକ, ଗୋବର୍ଦ୍ଧନ ସାହୁ, ମୁନେଶ୍ୱର ନାୟକ, ନନ୍ଦକିଶୋର ପୃଷ୍ଟି, କାଶୀନାଥ ପୃଷ୍ଟି, ବାବୁଲା ନାୟକ, ରମାକାନ୍ତ ମହାପାତ୍ର ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

## ଭଦ୍ରକ ଏସ୍‌ପିଙ୍କୁ ଏନ୍‌ଏଚ୍‌ଆର୍‌ସିଙ୍କ ନିର୍ଦ୍ଦେଶ

# ୪ସପ୍ତାହରେ ଦାଖଲ କର କାର୍ଯ୍ୟାନୁଷ୍ଠାନ ରିପୋର୍ଟ

**ଭଦ୍ରକ, ୧୨।୭ (ସମିସ)**

ଭଦ୍ରକ ଜିଲ୍ଲା ଚାନ୍ଦବାଲି ଥାନା ସମ୍ମୁଖରେ ଦଳିତ ମହିଳାଙ୍କୁ ଘୋଷାରି ଘୋଷାରି ମାଡ଼ ଘଟଣାରେ ଜାତୀୟ ମାନବାଧିକାର ଆୟୋଗ (ଏନଏଚ୍‌ଆର୍‌ସି) ଭଦ୍ରକ ଏସ୍‌ପିଙ୍କୁ ୪ସପ୍ତାହ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପକ୍ଷରେ ଏହି ଆଦେଶର ଏକ କପି ରାଜ୍ୟ ପୁଲିସ ଡିଜିପିଙ୍କୁ ପ୍ରଦାନ କରିଛନ୍ତି।

ସୂଚନାଯୋଗ୍ୟ, ଗତ ଜୁନ୍ ୨୫ତାରିଖରେ ଥାନାରେ ଥିବା ନିଜ ସ୍ୱାମୀଙ୍କୁ ଦେଖା କରିବାକୁ ନିଜ ଛୋଟ ୨ ଛୁଆଙ୍କ ସହ ଚାନ୍ଦବାଲି ଥାନାକୁ ଯାଇଥିଲେ ଚାନ୍ଦବାଲି ଏନଏସି ଅଞ୍ଚଳର ମିତା ଓରଫ୍ ପୂର୍ଣ୍ଣିମା ସେଠୀ। ସେଠାରେ ପଡ଼ିଥିବା ଏକ ଚପଲ ଖୋଳକୁ ତାଙ୍କ ଝିଅ (ନାବାଳିକା)ହାତରେ ଧରି ଥାନା ପରିସରରେ ଫିଙ୍ଗିବା ନେଇ ପୁଲିସ କନଷ୍ଟେବଲ ରବୀନ୍ଦ୍ର ସେଠୀଙ୍କ ସହ ମିତାଙ୍କର ଯୁକ୍ତିତର୍କ ହୋଇଥିଲା। ତାପରେ ୩ ଜଣ ପୁଲିସ କର୍ମଚାରୀ ଅତି ଅମାନୁଷିକ ଭାବେ ଉକ୍ତ ମହିଳାଙ୍କୁ ଘୋଷାରି ଘୋଷାରି ମାଡ଼ ମାରିଥିଲେ। ଉକ୍ତ ଘଟଣାର ଭିଡିଓ ବିଭିନ୍ନ ସାମାଜିକ

**● ମହିଳାଙ୍କୁ ପୁଲିସର ମାଡ଼ ଘଟଣା**

ତଥା ଗଣମାଧ୍ୟମରେ ପ୍ରସାରଣ ହୋଇଥିଲା। ସମ୍ପୃକ୍ତ ମହିଳା ତାଙ୍କୁ ଆକ୍ରମଣ କରିଥିବା ୩ ଜଣ ପୁଲିସ କର୍ମଚାରୀ ଏଏସ୍‌ଆଇ ନେପାଳ ସାହା, କନଷ୍ଟେବଲ ରବୀନ୍ଦ୍ର ସେଠୀ ଓ ଜଣେ ହୋମଗାର୍ଡଙ୍କ ନାମରେ ଚାନ୍ଦବାଲି ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପାଇବା ପରେ ଚାନ୍ଦବାଲି ଥାନାଧିକାରୀ ମାମଲା ରୁଜୁ କରିବା ସହ ଜିଲ୍ଲା କାର୍ଯ୍ୟାଳୟକୁ ବଦଳି କରିଥିବା ବେଳେ ପରେ ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଏଏସ୍‌ଆଇ ନେପାଳ ସାହା ଓ କନଷ୍ଟେବଲ ରବୀନ୍ଦ୍ର ସେଠୀଙ୍କୁ ନିଲମ୍ବିତ କରାଯାଇଥିଲା। ଏହି ଅମାନୁଷିକ ଘଟଣା ନେଇ ଗତ ୧ତାରିଖରେ ଆଇନଜୀବୀ ତଥା ମାନବାଧିକର୍ମୀ ରାଧାକାନ୍ତ ତ୍ରିପାଠୀ ଜାତୀୟ ମାନବାଧିକାର ଆୟୋଗଙ୍କ ଠାରେ ଅଭିଯୋଗ କରିଥିଲେ। ଯାହାର ଡାଇରୀ ନମ୍ବର-୭୩୯୫୩/ସିଆର/୨୦୨୪। ଏହି ମାମଲାରେ ଆୟୋଗ ଗତ ୮ତାରିଖରେ ଭଦ୍ରକ ଏସ୍‌ପିଙ୍କୁ ଘଟଣାରେ ଗ୍ରହଣ କରାଯାଇଥିବା କାର୍ଯ୍ୟାନୁଷ୍ଠାନ (ଏଟିଆର ବା ଆକ୍ସନ ଟେକେନ୍ ରିପୋର୍ଟ) ୪ସପ୍ତାହ ମଧ୍ୟରେ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

## ■ ୭ଦିନ ଗାଁ ଦାଣ୍ଡ ହୁଏ ଆନନ୍ଦ ବଜାର

# ଭକ୍ତ ଭଗବାନ ହୁଅନ୍ତି ଏକାକାର

**ଅସୁରାଳି, ୧୨।୭ (ସମିସ)**

ରଥଯାତ୍ରାରୁ ବାହୁଡ଼ା ପର୍ଯ୍ୟନ୍ତ ଦୁଇ ଗାଁ ଚଳଚଞ୍ଚଳ ହୋଇଉଠେ। ଭକ୍ତମାନେ ଜଗନ୍ନାଥ ପ୍ରେମରେ ଉଦ୍‌ବୁଦ୍ଧ ହୋଇ ଆଧ୍ୟାତ୍ମିକତାରେ ନିଜକୁ ହଜେଇ ଦିଅନ୍ତି। ଏହି ଦୁଇ ଗାଁ ଗାଁ ହେଉଛି ଧାମନଗର ବ୍ଲକ ରଇପୁର ଓ ବେତାଳିଗାଁ। ପ୍ରତିବର୍ଷ ପରି ଚଳିତବର୍ଷ ରଥଯାତ୍ରା ଦିନ ରଇପୁର ଗାଁରୁ ଏକ ସୁସଜ୍ଜିତ ରଥକୁ ହଜାର ହଜାର ଶ୍ରଦ୍ଧାଳୁ ୩ କିମି ପର୍ଯ୍ୟନ୍ତ ଟାଣି ଟାଣି ଆଣିଥିଲେ। ଆଉ ରଥ ଅଟକିଥିଲା ବେତାଳିଗାଁରେ ଥିବା ମାଉସୀମା'ମନ୍ଦିରରେ। ରଥଯାତ୍ରା ପରଦିନଠାରୁ ବାହୁଡ଼ାର ପୂର୍ବଦିନ ପର୍ଯ୍ୟନ୍ତ ୭ ଦିନ ଧରି ଗାଁ ହୋଇଯାଏ ଶ୍ରୀକ୍ଷେତ୍ର। ଆଉ ଗାଁ ଦାଣ୍ଡ ଆନନ୍ଦବଜାର। ପିଲାଠାରୁ ବୃଦ୍ଧାବୃଦ୍ଧ ସମସ୍ତେ ଏହି ୭ ଦିନ ଜଗନ୍ନାଥ ଚେତନାରେ ନିଜକୁ ସାମିଲ କରନ୍ତି। ଦାଣ୍ଡରେ ଲୋକେ ସାମୂହିକ ଭାବେ ପ୍ରସାଦ ସେବନ କରନ୍ତି। ଗାଁରେ ବସବାସ କରୁଥିବା ବ୍ରାହ୍ମଣ, କ୍ଷତ୍ରୀୟ, ବୈଶ୍ୟ, ଶୁଦ୍ର ସମସ୍ତେ ଏକାକାର ହୋଇଯାଆନ୍ତି।



ସକାଳଠାରୁ ମଧ୍ୟରାତ୍ରି ପର୍ଯ୍ୟନ୍ତ ଆଖପାଖ ଗାଁରୁ ହଜାର ହଜାର ଭକ୍ତ ବେତାଳିଗାଁକୁ ଆସି ପ୍ରଭୁଙ୍କୁ ଦର୍ଶନ କରୁଛନ୍ତି। ଏହି ଅବସରରେ ସକାଳଠାରୁ ସନ୍ଧ୍ୟା ପର୍ଯ୍ୟନ୍ତ ଭାଗବତ ପଠନ, ସନ୍ଧ୍ୟାରୁ ବିଳମ୍ବିତ ରାତି ପର୍ଯ୍ୟନ୍ତ କଳାକାରମାନ ରାଯାଉଛି। ଦ୍ୱାରା ଭଜନ ପରିବେଷଣ କରାଯ ଏହି ଗାଁରେ ସାତ ଦିନ କାଳ ୨୦୦୦ରୁ ଅଧିକ ଲୋକଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଛି। ପ୍ରତ୍ୟହ ଦ୍ୱିପ୍ରହର ଓ ରାତିରେ ଗାଁରେ ସବୁ ଜାତି, ସବୁ ବର୍ଗର ଲୋକେ ଗୋଟିଏ ସ୍ଥାନରେ ବସି ପ୍ରସାଦ ସେବନ କରୁଛନ୍ତି। ବର୍ଷେ କି ଦୁଇବର୍ଷ ନୁହେଁ ଦୀର୍ଘ ୨୯ ବର୍ଷ ଧରି ଅନୁଷ୍ଠିତ ହୋଇଆସୁଛି। ବେତାଳିଗାଁ ଶ୍ରୀଜଗନ୍ନାଥ କମିଟି ସଭାପତି ପଣ୍ଡିତ ପଞ୍ଚାନନ ମିଶ୍ର, ସମ୍ପାଦକ ପ୍ରଧାନ ଶିକ୍ଷକ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଅଭୟ ନାୟକ, ପଣ୍ଡିତ ସନ୍ନ୍ୟାସୀ ମିଶ୍ର ମୁଖ୍ୟ ପୂଜକ, ମୁଖ୍ୟ କର୍ତା ପୁରସ୍ତମ ପରିଡ଼ା, ଉପଦେଷ୍ଟା ତ୍ରିଲୋଚନ ଦାସ, ବିଭୂତି ଭୂଷଣ ବାରିକ୍, ମୃତ୍ୟୁଞ୍ଜୟ ସାହୁ, ରଞ୍ଜନ ସାହୁ, ସୁରେନ୍ଦ୍ର ମଲ୍ଲିକ ପ୍ରମୁଖ ଏହି ସଂସ୍ଥାକୁ ଚାଲୁ ରଖିଛନ୍ତି। ବିଷ୍ଣୁ ପ୍ରେମ ଓ ଭଗବତ ଚେତନା ସୃଷ୍ଟି କରି ସମାଜ କଲ୍ୟାଣ ସାଧନ କରିବା ଏହି ଅନୁଷ୍ଠାନର ଲକ୍ଷ୍ୟ।

# ମଧୁବନ ଅଞ୍ଚଳରେ ବ୍ୟାପକ ଚୋରାମଦ କାରବାର

**କୁଆଖିଆ, ୧୨।୭ (ସମିସ):** କୁଆଖିଆ ଥାନା ଅନ୍ତର୍ଗତ ମଧୁବନ ହାଟ ଓ ଏହା ଆଖପାଖ ଅଞ୍ଚଳରେ ବ୍ୟାପକ ଚୋରାମଦ କାରବାର ହେଉଥିବା ଅଭିଯୋଗ ଆସିଛି। ସଞ୍ଜ ହେଲେ ମଦୁଆଙ୍କ ଗହଳି ପରିବେଶକୁ ଖରାପ କରୁଛି। ଅନେକ ସମୟରେ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେଉଛି। ରସୁଲପୁର ବ୍ଲକରେ ଅବକାରୀ ଥାନା ହେବା ପରେ ଚୋରାମଦ ଓ ନିଶା କାରବାର କମିବ ବୋଲି ଲୋକେ ଆଶା କରିଥିଲେ। ବରଂ ଏହା ଅଧିକ ହେଉଛି। କେବଳ ମଧୁବନ ନୁହେଁ, ହରିପୁର, ବାରବାଟୀ, ସିଂହାପୁର, ନଠୁଆବର ପ୍ରଭୃତି ଅଞ୍ଚଳରେ ମଧ୍ୟ ବ୍ୟାପକ ଚୋରାମଦ ସହିତ ଅନ୍ୟାନ୍ୟ ନିଶା ସାମଗ୍ରୀ ବେପାର ଚାଲିଛି। ଅବକାରୀ କିମ୍ବା ପୁଲିସ କର୍ମଚାରୀଙ୍କ ନଜରକୁ କେମିତି ଏହା ଆସୁନାହିଁ ତାହା ଲୋକଙ୍କୁ ଚକିତ କରୁଛି। କେତେକ ବେପାରୀ ଦୀର୍ଘଦିନ ହେବ ଏହି ଚୋରାମଦ ବ୍ୟବସାୟ କେମିତି କରୁଛନ୍ତି ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। କୁଆଖିଆ ଥାନା ଚୋରାମଦ କାରବାର ବନ୍ଦ କରିବାକୁ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

# ବାସୁଦେବପୁର ବିଧାୟକଙ୍କୁ ଭଦ୍ରକ ଜିଲ୍ଲା କଂଗ୍ରେସ ପକ୍ଷରୁ ସମ୍ବର୍ଦ୍ଧନା




**ଭଦ୍ରକ, ୧୨।୭ (ସମିସ):** ଭଦ୍ରକ ଜିଲ୍ଲାର ବାସୁଦେବପୁର ନିର୍ବାଚନ ମଣ୍ଡଳୀର ନବ ନିର୍ବାଚିତ କଂଗ୍ରେସ ବିଧାୟକ ଅଶୋକ ଦାସଙ୍କୁ ଭଦ୍ରକ ଜିଲ୍ଲା କଂଗ୍ରେସ କମିଟି ତରଫରୁ ସମ୍ବର୍ଦ୍ଧନା ଉଦ୍ଦେଶ୍ୟରେ ସଭାର ଆୟୋଜନ ହୋଇଥିଲା। ବିଧାୟକ ଶ୍ରୀ ଦାସ କଂଗ୍ରେସର ଟେକ ରଖିଛନ୍ତି ବୋଲି ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ସାଂସଦ ଅନନ୍ତ ପ୍ରସାଦ ସେଠୀ ନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ। ସମ୍ବର୍ଦ୍ଧନାର ଉତ୍ତରରେ ଶ୍ରୀ ଦାସ କଂଗ୍ରେସ କର୍ମୀ ତଥା ଜନ ସାଧାରଣଙ୍କ ଆସ୍ଥା ଓ ବିଶ୍ୱାସକୁ ସବୁଦିନ ପାଇଁ ଅତୁଟ ରଖିବି ବୋଲି କହିଥିଲେ। ଏଥିସହ ସାରା ଜିଲ୍ଲାରେ କଂଗ୍ରେସ ଦଳକୁ ଅଧିକ ସୁଦୃଢ କରିବା ପାଇଁ ଉଦ୍ୟମ କରିବି ବୋଲି କହିଥିଲେ। ଏହି ଅବସରରେ ତାଙ୍କୁ ଭଦ୍ରକ ଜିଲ୍ଲା କଂଗ୍ରେସ ତରଫରୁ ମାନପତ୍ର, ଉତ୍ତରୀୟ, ପୁଷ୍ପଗୁଚ୍ଛ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଭଦ୍ରକ ଜିଲ୍ଲା କଂଗ୍ରେସ କମିଟିର କାର୍ଯ୍ୟକାରୀ ସଭାପତି ଦେବରୂପ ମହାନ୍ତି(ରୁବି)ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମ୍ବର୍ଦ୍ଧନା ସଭାରେ କଂଗ୍ରେସ କମିଟିର ମୁଖପାତ୍ର ଶୁଭେନ୍ଦୁ ରାୟ ମହାପାତ୍ର, ଚାନ୍ଦବାଲି ନିର୍ବାଚନ ମଣ୍ଡଳୀର ନେତା ଅମିୟ ମହାପାତ୍ର, ଦିଗମ୍ବର ଦାସ, ବରିଷ୍ଠ କଂଗ୍ରେସ ନେତା ଦେବେନ୍ଦ୍ର ମହାନ୍ତି, ଧାମନଗର ନିର୍ବାଚନ ମଣ୍ଡଳୀର ନେତା ରଞ୍ଜନ ବେହେରା, ଜିଲ୍ଲା ମହିଳା ସଭାନେତ୍ରୀ ସବିତା ଚାନ୍ଦ, କଂଗ୍ରେସ ନେତ୍ରୀ ମଧୁମିତା ସେଠୀ, ଖଗେଶ୍ୱର ବେହେରା, ଧାମନଗର ବ୍ଲକ ସଭାପତି ରମେଶ ବେହେରା, ଅମିତାବାଲା ଆଚାର୍ଯ୍ୟ, ବିକାଶ ସାମଲ, ରଞ୍ଜନ ବେହେରା, ଆଇନଜୀବୀ ସ୍ୱସ୍ତିକା ପଣ୍ଡା, ଯୁବନେତା ପ୍ରକାଶ ଜ୍ୟୋତି ମହାକୁଡ଼, ନର ନାରାୟଣ ଜେନା, ଜିଲ୍ଲା ଯୁବ କଂଗ୍ରେସ ସଭାପତି ବଳରାମ ରାଉତ, ଆଲୋକ ସ୍ୱାଇଁ, ଛାତ୍ର କଂଗ୍ରେସ ସଭାପତି ସେକ ସାଇଲ କାଦିର, ଭଦ୍ରକ ବ୍ଲକ ସଭାପତି ପ୍ରଫୁଲ୍ଲ ସାମଲ, ତିହିଡି ବ୍ଲକ ସଭାପତି ସରୋଜ ଦାସ, ଚାନ୍ଦବାଲି ବ୍ଲକ ସଭାପତି ତ୍ରୈଲୋଚନ ପଣ୍ଡା, ବନ୍ତ ବ୍ଲକ ସଭାପତି ରାଜକିଶୋର ସ୍ୱାଇଁ, ଭଣ୍ଡାରି ପୋଖରୀ ବ୍ଲକ ସଭାପତି ରଜନୀକାନ୍ତ ଚନ୍ଦ, ବାସୁଦେବପୁର ବ୍ଲକ ସଭାପତି ରମେଶ ବଳ, ସୁଲୋଚନା ଦାସ, ମଞ୍ଜୁଲତା ପଣ୍ଡା ପ୍ରମୁଖ ଯୋଗଦେଇଥିଲେ।

# ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

**ମଇଁଦା, ୧୨।୭ (ସମିସ):** ବିଂଝାରପୁର ବ୍ଲକ ଅନ୍ତର୍ଗତ ବାଛଳ ପଞ୍ଚାୟତର ଗୋଡିଡିଆ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ହିମାନୀପ୍ରଭା ସାମଲଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ରବିନାରାୟଣ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବିଂଝାରପୁର ବ୍ଲକ ଶିକ୍ଷାଧିକାରୀ ସୁବାସ ଚନ୍ଦ୍ର ବିଶ୍ୱାଳ ଯୋଗଦାନ କରିଥିଲେ। ମୁଖ୍ୟବକ୍ତା ଭାବେ ସହଶିକ୍ଷାଧିକାରୀ ଏସକେ ନିଜାମୁଦ୍ଦିନ ଓ ସମ୍ମାନିତ ଅତିଥି ଭାବେ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଦେବେନ୍ଦ୍ର ନାୟକ, ଜିଲ୍ଲା ପରିଷଦ ଶିକ୍ଷକ ସଂଘ ସଭାପତି କ୍ଷୀରୋଦ ମଲିକ, ପ୍ରାଥମିକ ଶିକ୍ଷକ



ସଂଘ ସମ୍ପାଦକ ଅକ୍ଷୟ ସାମଲ ଯୋଗଦାନ କରିଥିଲେ। ଉକ୍ତ ସଭାରେ ଶ୍ରୀମତୀ ସାମଲ ଜଣେ ସଦଗୁଣା ସମ୍ପନ୍ନା ଶିକ୍ଷୟିତ୍ରୀ ଭାବେ ପରିଚିତ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ବରିଷ୍ଠ ଶିକ୍ଷକ ଆଶାଦୁଲା ଖା, ଏସକେ ହବିବୁଲ ମୋହିନି, ମନୋଜ ମହାଳିକ, ଅକ୍ଷୟ କୁମାର ସେଠୀ, ଶ୍ରୀକାନ୍ତ ପଣ୍ଡା, ଶିକ୍ଷୟିତ୍ରୀ ଯୋଗଦାନ କରିଥିଲେ। ସଭାକୁ ଶିକ୍ଷୟିତ୍ରୀ ପ୍ରତିଜ୍ଞା ସାହୁ, ସୁବାସିନୀ ରାଉତ, ନମିତା ବାରିକ, ଶିକ୍ଷା ମଞ୍ଜରୀ ବାରିକ, ପ୍ରେମଲତା ସାମଲ ପ୍ରମୁଖ ସହଯୋଗ କରିଥିଲେ। ରଶ୍ମୀରଞ୍ଜନ ଧଳ ଧନ୍ୟବାଦ ଅର୍ପଣ କରିଥିଲେ।

# ଦୁବକଣରେ ଡ୍ରେନେଜ ହୁଡ଼ା ମାଟି ବିକ୍ରି ଘଟଣାର ତଦନ୍ତ ଦାବି

**କଯାଁଗୋଲା, ୧୨।୭ (ସମିସ)**

ପ୍ରଶାସନ ଆଖିରେ ଧୂଳି ଦେଇ ମାଟି ମାଫିଆ ନିଜର ଆଧିପତ୍ୟ ଜାହିର କରିଆସୁଥିବାବେଳେ ସ୍ଥାନୀୟ ଜନସାଧାରଣ ବିଭାଗୀୟ ଅଧିକାରୀଙ୍କୁ ମାଟି ମାଫିଆଙ୍କ ସମ୍ପର୍କରେ ସୂଚନା ଦେଲେ ମଧ୍ୟ ପ୍ରଶାସନ ପକ୍ଷରୁ ମାଟି ମାଫିଆଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେବା ପରିବର୍ତ୍ତେ ସେମାନଙ୍କୁ ଖସାଇ ଦେବାରେ ସହଯୋଗ କରୁଥିବା ନେଇ ସାଧାରଣରେ ଅଭିଯୋଗ ହୋଇଛି। ଏମିତି ଏକ ଅଭିଯୋଗ ହୋଇଛି ଦଶରଥପୁର ବ୍ଲକ କଯାଁ-ନିଜାମପୁର ଦୁଇଟି ପଞ୍ଚାୟତର ମଧ୍ୟଦେଇ ଡ୍ରେନେଜ ବିଭାଗ ପକ୍ଷରୁ ଖୋଳାଯାଇଥିବା ନାଳ କ୍ଷେତ୍ରରେ। ଦୁଇବର୍ଷ ପୂର୍ବରୁ ଏହି ନାଳ ଖୋଳାଯାଇଥିବାବେଳେ ଏହି ନାଳରେ ଆସୁଥିବା ପାଣି ଉପରେ ନିର୍ଭର କରି ଅନେକ ଚାଷୀ ଡାଲୁଅ ଧାନ ଚାଷ କରିଥା'ନ୍ତି।

ପୂର୍ବବର୍ଷ ଖୋଳାଯାଇଥିବା ନାଳର ଦୁଇକଡ଼ ହୁଡ଼ା ମାଟିକୁ ମାଟି ମାଫିଆ ଜେସିବି ଓ ଟ୍ରାକ୍ଟର ସହାୟତାରେ ଚୋରି କରିନେଉଥିବା ସମୟରେ ସ୍ଥାନୀୟ ଜନସାଧାରଣ ଦଶରଥପୁର ତହସିଲଦାରଙ୍କୁ ଜଣାଇଥିଲେ। ତହସିଲଦାର ଓ ମଙ୍ଗଳପୁର ପୁଲିସ ପହଞ୍ଚି ଜେସିବି ଓ ଟ୍ରାକ୍ଟରକୁ ଜବତ କରିଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ସେମାନଙ୍କ ଉପରେ ନାମକୁ ମାତ୍ର ଜରିମାନା କରି ଛାଡ଼ି ଦେଇଥିଲେ। ଫଳରେ ମାଟି ମାଫିଆ ପୁନର୍ବାର ଏ ବର୍ଷ ପୁଣି ସେହି ନାଳର



ହୁଡ଼ା ମାଟିକୁ ବିକିବା ପାଇଁ ସାହସ ଜୁଟାଇଲେ। ଗତ ପ୍ରାୟ ୧୫ ଦିନ ପୂର୍ବେ ସେହି ମାଟି ମାଫିଆ ପୁନର୍ବାର ଦୁବକଣ ଛକ ନିକଟ ନାଳ କଡ଼ ହୁଡ଼ା ମାଟିକୁ ଜେସିବି ଓ ଟ୍ରାକ୍ଟର ଦ୍ୱାରା ମାଟି ନେଇ ନିକଟରେ ପୂର୍ତ୍ତ ବିଭାଗ ଦ୍ୱାରା ନୂତନ ଭାବେ ନିର୍ମାଣାଧୀନ ରାସ୍ତା ଠିକାଦାରଙ୍କୁ ବିକ୍ରି କରିଥିବା ନେଇ ସ୍ଥାନୀୟ ଜନସାଧାରଣଙ୍କ ପକ୍ଷରୁ ଦଶରଥପୁର ତହସିଲଦାର, ଡ୍ରେନେଜ ବିଭାଗର କନିଷ୍ଠ ଯନ୍ତ୍ରୀ, ଡ୍ରେନେଜ ବିଭାଗର ଏସଡିଓ, ଡ୍ରେନେଜ ବିଭାଗର ଏସ୍‌ଇ, ଯାଜପୁର ଜିଲ୍ଲାପାଳଙ୍କ ସମେତ ଯାଜପୁର ମାଇନିଂ ବିଭାଗ ଅଧିକାରୀଙ୍କୁ ଜଣାଇଥିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଶୂନ୍। ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇବା ସହ ପ୍ରଶାସନ ଉପରେ ସ୍ଥାନୀୟ ଲୋକେ ଆସ୍ଥା ହରାଇଥିବା ନେଇ ଆଲୋଚନାର ବିଷୟ ସାଜିଛି।

ସେହିପରି ଉକ୍ତ ନାଳକୁ ସଂଯୋଗ କରୁଥିବା ଏକ ପୋଖରୀର ଦୁଇପଟ ପାଣି ବାଟକୁ ମାଟି ମାଫିଆ ମାଟି ପକାଇ ବନ୍ଦ କରିଥିବାବେଳେ ଏ ନେଇ ଚାଷୀ ଯାଜପୁର ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଦଶରଥପୁର ତହସିଲଦାର ଘଟଣାସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ କରିବା ସହ ବନ୍ଦ ହୋଇଥିବା ପୋଖରୀର ଦୁଇପଟ ମୁହଁକୁ ଖୋଲିଥିଲେ। ମାତ୍ର ପୋଖରୀ ବାଟକୁ ବନ୍ଦ କରିଥିବା ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ପ୍ରଶାସନ କାହିଁକି ପଛଘୁଞ୍ଚା ଦେଲା ତାହାକୁ ନେଇ ଏବେ ଚର୍ଚ୍ଚା ଜୋର ଧରିଛି। ଦୁଇ ଦୁଇଥର ଚାଷୀ ନାଳର ହୁଡ଼ା ମାଟିକୁ ବିକ୍ରି କରିବା, ଚାଷୀ ନାଳରେ ଆସୁଥିବା ପାଣି ବାଟକୁ ବନ୍ଦ କରିବା ଭଳି ଘଟଣାରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନ ହେବା ପଛରେ ଡ୍ରେନେଜ ବିଭାଗ ଅଧିକାରୀ ସମ୍ପୃକ୍ତ ଥିବା ନେଇ ସାଧାରଣରେ ଚର୍ଚ୍ଚା ଜୋର ଧରିଛି। ମାଟି ମାଫିଆ ବାରମ୍ବାର ନାଳ ହୁଡ଼ା କଡ଼ରୁ ଯେଉଁ ମାଟି ବିକ୍ରି କରୁଛନ୍ତି, ସେଥିରେ ବିଭାଗୀୟ ଅଧିକାରୀ ସମ୍ପୃକ୍ତ ଥିବାରୁ ପ୍ରଶାସନ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ପଛଘୁଞ୍ଚା ଦିଆଯାଉଥିବା ନେଇ ଅଞ୍ଚଳବାସୀଙ୍କ ପକ୍ଷରୁ ଅଭିଯୋଗ ହୋଇଛି। ଏ ସମ୍ପର୍କରେ ଡ୍ରେନେଜ ବିଭାଗର ଜେଇଙ୍କୁ ପଚାରିବାରୁ ଅଭିଯୋଗ ସମ୍ପର୍କରେ ଖବର ପାଇବା ପରେ ଉଚ୍ଚ ଅଧିକାରୀଙ୍କୁ ଘଟଣା ସମ୍ପର୍କରେ ଜଣାଇଥିବା କହିଥିବାବେଳେ ଡ୍ରେନେଜ ଏସଡିଓଙ୍କୁ ପଚାରିବାରୁ ଆମେ ଘଟଣା ସମ୍ପର୍କରେ ମାଇନିଂ ବିଭାଗକୁ ଜଣାଇଛୁ ଓ ସେ ଘଟଣାର ତଦନ୍ତ କରୁଛନ୍ତି ବୋଲି କହିଥିଲେ। ଡ୍ରେନେଜ ବିଭାଗର ଏସଇଙ୍କୁ ପଚାରିବାରୁ ସେ କୌଣସି ସନ୍ତୋଷଜନକ ଉତ୍ତର ଦେଇ ନ ଥିଲେ।

# ଶିଶୁଙ୍କୁ ଶିକ୍ଷା ପରାମର୍ଶ ଶୀର୍ଷକ କର୍ମଶାଳା



ଭଦ୍ରକ, ୧୨।୭(ସମିସ): ଜିଲ୍ଲା ସଂସ୍କୃତି ଭବନ ପରିସରରେ ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ 'ସଂଯୋଗ' କଟକ ତରଫରୁ ଆୟୋଜିତ ଶିଶୁ ପରାମର୍ଶ ସେବା ଶୀର୍ଷକ କାର୍ଯ୍ୟକ୍ରମ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ଓ ଶିଶୁ ମଙ୍ଗଳ କମିଟିଙ୍କ ମିଳିତ ସହଯୋଗରେ ଶିଶୁ ଅନୁଷ୍ଠାନର ଅନ୍ତେବାସୀମାନଙ୍କୁ ନେଇ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଶିଶୁ ମଙ୍ଗଳ କମିଟିର ଅଧ୍ୟକ୍ଷ ଡ.ଦେବରାଜ ପାଣିଗ୍ରାହୀଙ୍କୁ ଅତିଥି ରୂପେ ଯୋଗଦାନ କରିଥିବା ବେଳେ ଅନ୍ୟତମ ଅତିଥିମାନଙ୍କ ମଧ୍ୟରେ ଶିଶୁ ସୁରକ୍ଷା ଅଧିକାରୀ ଅବିନାଶ ମହାନ୍ତି, ଆଇନ ପ୍ରୋବେସନ ଅଧିକାରୀ ସୁବ୍ରତ ଦାସ, ଅଣ ଆନୁଷ୍ଠାନିକ ଅଧିକାରିଣୀ ସ୍ୱାଗତିକା ବାରିକ, ଆନୁଷ୍ଠାନିକ ଅଧିକାରୀ ବିଶ୍ୱ ନାରାୟଣ ପଣ୍ଡା ସମେତ ଶିଶୁ ମଙ୍ଗଳ କମିଟିର ସଦସ୍ୟ ଅମର ବାରିକ ଯୋଗଦାନ କରିଥିଲେ। ସଂଯୋଗର ପ୍ରକଳ୍ପ ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ପାଲଟାସିଂହ ପ୍ରାରମ୍ଭିକ ସୂଚନା ଉଦ୍ଦେଶ୍ୟଜ୍ଞାପନ ସହ ମଞ୍ଚ ପରିଚାଳନା କରିଥିଲେ। ବିଷୟ ବିଶାରଦ ରୂପେ ରାମ କିଶୋର ଶର୍ମା ଯୋଗଦାନ କରି ଶିଶୁ ତଥା ଶିକ୍ଷା ପରାମର୍ଶ ପାଇଁ ବିଭିନ୍ନ କ୍ଷେତ୍ରରେ ସୁଯୋଗ ସୃଷ୍ଟି କରିଥିବା ସଂସ୍ଥା, ଶିଶୁଙ୍କ ମନୋଭାବ ଥିବା ନିର୍ଣ୍ଣୟ କରି ଆତ୍ମ ନିର୍ଭରଶୀଳ ପାଇଁ ପ୍ରତିଷ୍ଠାନ ଉପରେ ଆଲୋକପାତ କରିଥିଲେ। ବିଭିନ୍ନ ଉଦାହରଣ ସହ ଶିଶୁମାନେ କେଉଁ ଶିକ୍ଷା ଗ୍ରହଣ କରିପାରିବେ, ଜୀବନ କୌଶଳ, ପିଲାମାନଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦିତା କରିବାର ମନୋଭାବ, ବୈଷୟିକ ଶିକ୍ଷା ପାଇଁ ସୁଯୋଗ ବାଳିକା ମାନଙ୍କ ପାଇଁ କେଉଁ କ୍ଷେତ୍ର ଆଦି ଉପରେ ବିଷଦ ଆଲୋଚନା ପ୍ରଶ୍ନ ମାଧ୍ୟମରେ ଅନୁଷ୍ଠିତ ହୋଇଥିଲା। ଆଜିର ଯାନ୍ତ୍ରିକ ଯୁଗରେ ଶିଶୁମାନେ ସକ୍ରିୟ ଏବଂ ଦକ୍ଷଶୀଳ ହେବାପାଇଁ ପ୍ରମୁଖ ବ୍ୟକ୍ତିମାନେ ମତବ୍ୟକ୍ତ କରିଥିଲେ। ଜିଲ୍ଲା ସ୍ତରରେ ପଞ୍ଜୀକୃତ ସମସ୍ତ ଶିଶୁ ଅନୁଷ୍ଠାନର ଅନ୍ତେବାସୀ, କର୍ମକର୍ତ୍ତା ଯୋଗଦାନ କରିଥିଲେ। ସଂଯୋଗର ମଣ୍ଡଳ ସଂଯୋଜନ ଜଗନ୍ନାଥ ସାହୁ, ରିଙ୍କୁ ବିଶ୍ୱାଳ, ବିକାଶ ମହାନ୍ତିଙ୍କ ସମେତ ଶିଶୁ ଅନୁଷ୍ଠାନର ରିୟାଜ ଅହମ୍ମଦ, ରଶ୍ମିରଞ୍ଜନ ବେହେରା, ସସ୍ମିତା ନାୟକ, ଧନଞ୍ଜୟ ଜେନା, ସତ୍ୟଦେବ ପାତ୍ର, ଦିଗନ୍ତ ବେହେରା ପ୍ରମୁଖ କର୍ମଶାଳାରେ ଅଂଶଗ୍ରହଣ କରିଥିଲେ। ପରିଶେଷରେ ଶିଶୁ ସୁରକ୍ଷା ଶାଖାର ପ୍ରୋବେସନ ଅଧିକାରୀ ସୁବ୍ରତ ଦାସ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

ଧାନତଳି ରକ୍ଷା ପାଇଁ କସରତ

# ଚାଷୀଙ୍କ ଶେଷ ଭରସା ଟେକାପାଣି

ବାରିକପୁର, ୧୨।୭(ସମିସ):



ସମ୍ପ୍ରତି ମୌସୁମୀ ଏକ ପ୍ରକାର ଉଭାନ ହୋଇ ଯାଇଥିବା ବେଳେ ଲଘୁଚାପ ବର୍ଷା ମଧ୍ୟ ଏକ ପ୍ରକାର ବନ୍ଦ ହୋଇଯାଇଛି। ପାଣିପାଗ ଜନିତ ଅନିୟମିତତା ଯୋଗୁଁ ଚଳିତ ବର୍ଷ ଖରିଫ ଧାନ ଚାଷର ବେଉଷଣ କାର୍ଯ୍ୟ ଆଗେଇ ପାରୁନାହିଁ। ଯେଉଁ ଚାଷୀମାନେ ବର୍ଷା ପାଣିକୁ ଭରସା କରି ଖରାଟିଆ ଧାନ ତଳି ପକାଇଥିଲେ ଏବେ ସେଗୁଡିକୁ ବଞ୍ଚାଇବା ପାଇଁ କଷ୍ଟକର ହୋଇ ଗଲାଣି। ସୂଚନା ମୁତାବକ ଭଣ୍ଡାରିପୋଖରୀ ବ୍ଲକ ଅଞ୍ଚଳରେ ଚଳିତ ବର୍ଷ ପ୍ରାୟ ୧୬ ହଜାର ହେକ୍ଟରରୁ ଅଧିକ ଜମିରେ ଧାନ ଚାଷ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଏଥିପାଇଁ ବିଭିନ୍ନ ସ୍ଥାନରେ ଚାଷୀମାନେ ଶୁଖିଲା ଧାନ ତଳି ବୁଣିଛନ୍ତି। ବିଶେଷ କରି ବ୍ଲକର ରହଣିଆ, ମାଳଦା, ସରସଦା, କୋରିଗାଁ, ରଣଜିତ, ବାଲିପୋଖରୀ, ନେରଡା, ବିଷ୍ଣୁପୁର, ନଗୁଆଁ, ପାଟୁଳି ପ୍ରମୁଖ ପଞ୍ଚାୟତ ଅଧୀନ ବିଭିନ୍ନ ଗ୍ରାମର ଚାଷୀମାନେ ବର୍ଷାନୁକ୍ରମିକ ଗତାନୁଗତିକ ଧାରା ଅନୁସାରେ ତଳି ପକାଇଛନ୍ତି। ଅନେକ କ୍ଷେତରେ ପଡ଼ିଥିବା ଧାନ ଏବେ ଗଛ ହୋଇ ଯାଇଥିବା ବେଳେ କିଛି ମଧ୍ୟ ଗଜା ଫୁଟିଲାଣି। ଏପରି ସ୍ଥଳେ ଧାନ ତଳି ପାଇଁ ପାଣିର ଢେର ଆବଶ୍ୟକ ରହିଛି। ଇନ୍ଦ୍ରଦେବତାଙ୍କ ରୋଷ କାରଣରୁ ଅନେକ ଦିନ ହେବ ମେଘ ନଥିବା ବେଳେ କେନାଲରେ ମଧ୍ୟ ପାଣି ନାହିଁ। ତେଣୁ ତଳି ରକ୍ଷା ପାଇଁ ଚାଷୀ ଏକପ୍ରକାର କସରତ ଆରମ୍ଭ କରିଛି। ସୁବିଧା ଥିଲେ କେଉଁଠି ସାଲୋ ଯୋଗେ ତଳିକୁ ପାଣି ମଡ଼ା ଯାଉଛି ତ ପୁଣି କେଉଁଠି ଗାଡିଆ ପୋଖରୀରୁ ମୋଟର ପାଇପ୍‌ରେ ଜମିକୁ ପାଣି ଆସୁଛି। ପରିସ୍ଥିତି ଏଭଳି ହୋଇଛି ଯେ ଅନେକ ସ୍ଥାନରେ ଚାଷୀମାନେ କଳସୀ ଓ ବାଲ୍‌ଟିରେ ପାଣି ଆଣି ଧାନ ତଳିରେ ସିଞ୍ଚନ କରୁଛନ୍ତି। ଏକ ପ୍ରକାର ଟେକା ପାଣି ତଳିକୁ ଶେଷ ଭରସା ପାଲଟିଛି। ଏବେ ଅନେକ କଷ୍ଟ କରି ତଳିକୁ ରକ୍ଷା କରାଯାଉଥିବା ବେଳେ ଆଗାମୀ ୨/୪ଦିନ ମଧ୍ୟରେ ଯଦି ବର୍ଷା ନହୁଏ ତାହେଲେ ଏଗୁଡ଼ିକ ସମ୍ପୂର୍ଣ୍ଣ ନଷ୍ଟ ହୋଇଯିବ ବୋଲି ଚାଷୀମାନେ ସୂଚନା ଦେଇଛନ୍ତି।

# ମୁଖ୍ୟମନ୍ତ୍ରୀଙ୍କୁ ଦାବି ଜଣାଇଲେ ପ୍ରାଥମିକ ଶିକ୍ଷକ ସଂଘ



ଭଦ୍ରକ, ୧୨।୭(ସମିସ): ରାଜ୍ୟରେ ୧୯୭୯-୮୦ ମସିହାରୁ ଆବଶ୍ୟକ ଥିବା ପ୍ରାଥମିକ ବିଦ୍ୟାଳୟ ନଥିବାରୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ତତ୍ତ୍ୱାବଧାନରେ ଅଣ ଆନୁଷ୍ଠାନିକ ଶିକ୍ଷାକେନ୍ଦ୍ର ଖୋଲାଯାଇ ସେହି ଅଣଆନୁଷ୍ଠାନିକ ଶିକ୍ଷା କେନ୍ଦ୍ରରେ ପରୀକ୍ଷାମୂଳକ ଭାବେ ଶିକ୍ଷା ଜିଲ୍ଲା ଅଧିକାରୀ ଶିକ୍ଷକ ନିଯୁକ୍ତି କରିଥିଲେ। ରାଜ୍ୟ ସରକାର ସେହି ଶିକ୍ଷକମାନଙ୍କୁ ପର୍ଯ୍ୟାୟକ୍ରମେ ସିଟି ତାଲିମ୍ ଦେଇ ତିନିବର୍ଷର ଅଭିଜ୍ଞତାକୁ ଆଧାର କରି ୧୯୯୭-୯୮ ମସିହା ପର୍ଯ୍ୟନ୍ତ ପ୍ରାଥମିକ ବିଦ୍ୟାଳୟରେ ଏଲିମେଟାରୀ ଶିକ୍ଷକ ରୂପେ ନିଯୁକ୍ତି ଦେଇ ଆସୁଥିଲେ। କେନ୍ଦ୍ର ସରକାର ୨୦୦୧ମସିହା ମାର୍ଚ୍ଚ ୩୧ ତାରିଖ ଅଣ ଆନୁଷ୍ଠାନିକ ଶିକ୍ଷା ବ୍ୟବସ୍ଥା ବନ୍ଦ କରି ନିଶ୍ଚିତ ଶିକ୍ଷା ଯୋଜନା(ଇଜିଏସ୍) ପ୍ରଚଳନ କଲେ। ସେଥିରେ ସର୍ବପ୍ରଥମେ ଅଣଆନୁଷ୍ଠାନିକ ଶିକ୍ଷକମାନଙ୍କୁ ନିଯୁକ୍ତି କରିଥିଲେ। ୨୦୦୬ ମସିହା ବିଜ୍ଞାପନ ମୂଳେ ତାଲିମପ୍ରାପ୍ତ ଅଣଆନୁଷ୍ଠାନିକ ଶିକ୍ଷକମାନଙ୍କୁ ଶିକ୍ଷା ସହାୟତାରେ ନିଯୁକ୍ତି କରି ସେମାନଙ୍କୁ ୬ ବର୍ଷ ପରେ ନିୟମିତ କରିଛନ୍ତି। କେନ୍ଦ୍ର ସରକାର ନିଶ୍ଚିତ ଶିକ୍ଷା ଯୋଜନା (ଇଜିଏସ୍) ଶିକ୍ଷକ/ ଶିକ୍ଷୟିତ୍ରୀମାନଙ୍କୁ ସିଟି ତାଲିମର ବ୍ୟବସ୍ଥା କରିଥିଲେ ହେଁ ରାଜ୍ୟ ସରକାର ସଠିକ୍ ସମୟରେ ସିଟି ତାଲିମ୍ ଦେଇ ନପାରି ପ୍ରାଥମିକ ବିଦ୍ୟାଳୟରେ ସେମାନଙ୍କୁ ଗଣଶିକ୍ଷକ ରୂପେ ନିଯୁକ୍ତି ଦେଇ ସିଟି ତାଲିମ୍ ବ୍ୟବସ୍ଥା କରିଛନ୍ତି। ଏବେ ତାଲିମପ୍ରାପ୍ତ ଗଣଶିକ୍ଷକମାନଙ୍କୁ ୨୦୧୭ ମାର୍ଚ୍ଚରେ ଏକ୍ସ-କ୍ୟାଡର ଶିକ୍ଷକ ଭାବେ ନିଯୁକ୍ତି ଦେଇଛନ୍ତି। ଦୀର୍ଘ ୩୦ ବର୍ଷରୁ ଊର୍ଦ୍ଧ୍ୱ ଏହି ଅଣଆନୁଷ୍ଠାନିକ ଶିକ୍ଷକମାନଙ୍କର ଅଭିଜ୍ଞତାକୁ ବିଚାର କରି ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କୁ ଭେଟି ମୂଳ ଏଲିମେଟାରୀ ଶିକ୍ଷକ ରୂପେ ମାନ୍ୟତା ଦେବା ସହ ଅବସର ନେଉଥିବା ଓ ନେଇଥିବା ସମସ୍ତ ଅଣଆନୁଷ୍ଠାନିକ ଶିକ୍ଷକମାନଙ୍କର ଅଭିଜ୍ଞତାକୁ ଆଧାର କରି ପୁରୁଣା ପେନ୍‌ସନ୍ ଦେବାକୁ ସଭାପତି ଛବିଲତା ବାରିକ, ସମ୍ପାଦକ ଅନୀୟ କୁମାର ବରାଳ, ମହାସଚିବ ମହାଦେବ ସେଠୀ, ପ୍ରକାଶ ଚନ୍ଦ୍ର ବେହେରା, ସୁଶାନ୍ତ କୁମାର ଜ୍ୟୋତିଷ, କସ୍ତୁରୀ ଚରଣ ସେଠୀ, ଶୁଭେନ୍ଦୁ ବିଶ୍ୱାଳ, ରମେଶ ଜେନା ପ୍ରମୁଖ ଦାବି କରିଛନ୍ତି। ଏଥିସହ ରାଜ୍ୟ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଓ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କୁ ଭେଟି ଦାବି ପତ୍ର ପ୍ରଦାନ କରିଛନ୍ତି।

# ଶିଶୁମନ୍ଦିର ଛାତ୍ର ପାଇଲେ ନବୋଦୟ



ବନ୍ତ/ଆଗରପଡ଼ା, ୧୨।୭(ସମିସ): ବନ୍ତ ବ୍ଲକ ଗୋପିନାଥପୁର ପଞ୍ଚାୟତ ଅନ୍ତର୍ଗତ ସାହୁପଡ଼ା ସ୍ଥିତ ଶିଶୁମନ୍ଦିର ଛାତ୍ର ପ୍ରତୀକ ବେହେରା ଚଳିତ ବର୍ଷ ନବୋଦୟ ଓ ଆଦର୍ଶ ପ୍ରବେଶିକା ପରୀକ୍ଷାରେ କୃତିତ୍ୱ ଅର୍ଜନ କରି ବିଦ୍ୟାଳୟକୁ ଗୌରବାନ୍ୱିତ କରିଛନ୍ତି। ଏହି ସଫଳତାର ଶ୍ରେୟ ସେ ଗୁରୁମା, ଗୁରୁଜୀ ଓ ତାଙ୍କ ପିତା କୈଳାସ ଚନ୍ଦ୍ର ବେହେରା ଓ ମାତା ଅନୁସୟାଙ୍କୁ ଦେଇଛନ୍ତି।

# ଧର୍ମପରାୟଣା ମହିଳାଙ୍କ ଶ୍ରଦ୍ଧାଞ୍ଜଳି ସଭା



ଦୋବଲ, ୧୨।୭(ସମିସ):ଧାମନଗର ବ୍ଲକ ଅନ୍ତର୍ଗତ ଦଳାଙ୍ଗ ପଞ୍ଚାୟତ ଅଧୀନ ଦାହି ଗ୍ରାମର ବିଜେଡି ଯୁବନେତା ମାନସ ରାଉତଙ୍କ ମାତୃ ତଥା ଧର୍ମପରାୟଣା ମହିଳା ସ୍ୱର୍ଗତା ଶ୍ୱେତଲତା ରାଉତଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଧାମନଗର ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ଅଶୋକ କୁମାର ନାୟକ, ଏନ୍‌ଏସି ଅଧ୍ୟକ୍ଷା ନିବେଦିତା ଜେନା, ଅବସରପ୍ରାପ୍ତ ଅଧ୍ୟକ୍ଷ ନିତ୍ୟାନନ୍ଦ ମିଶ୍ର, ସ୍ଥାନୀୟ ସରପଞ୍ଚ, ସମିତି ସଭ୍ୟ, ପୂର୍ବତନ ସମିତି ସଭ୍ୟ, ବରିଷ୍ଠ ସାମ୍ବାଦିକ ବାସୁଦେବ ତ୍ରିପାଠୀ, କିଷାନ ରାଉତ, ସେକ୍ ଜାଫର ଅଲ୍ଲୀ, ସମାଜସେବୀ, ବୁଦ୍ଧିଜୀବୀ, ଆଇନଜୀବୀ ଅମରେନ୍ଦ୍ର ମହାନ୍ତି, ରଞ୍ଜିତ ମହାନ୍ତି, ଶିକ୍ଷକ ତଥା ସମାଜସେବୀ ଜୟନ୍ତ ବିଶ୍ୱାଳ, କୃଷ୍ଣ ଚନ୍ଦ୍ର ପତି, ସୁବାସ ଚନ୍ଦ୍ର ସାହୁ, ବ୍ରଜକିଶୋର ମଲ୍ଲିକ ପ୍ରମୁଖ ଯୋଗ ଦେଇ ସ୍ୱର୍ଗତାଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ପୂର୍ବକ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ରାଉତ ପରିବାରରଙ୍କ ସମସ୍ତ ସଦସ୍ୟ ତଥା ବ୍ୱାଇଁ, ଝିଅ, ନାତି ନାତୁଣୀ ବନ୍ଧୁବାନ୍ଧବ ଉପସ୍ଥିତ ଥିଲେ।

# ବ୍ୟବସାୟୀଙ୍କ ପରଲୋକ

ଦୋବଲ, ୧୨।୭(ସମିସ):ଦୋବଲ ଜୋନ ଅନ୍ତର୍ଗତ ମୁସ୍ତାଫାପୁର ପଞ୍ଚାୟତ ହଂସପୁର ଗ୍ରାମର ବ୍ୟବସାୟୀ ପଦନ ଚରଣ ଶଙ୍ଖୁଆ (୭୦)ଙ୍କ ଶୁକ୍ରବାର ପରଲୋକ ଘଟିଛି। ଦୀର୍ଘ ଦିନ ଧରି ସେ ଅସୁସ୍ଥ ହୋଇ ଘରେ ଥିବା ବେଳେ ଆଜି ପୂର୍ବାହ୍ନରେ ତାଙ୍କର ପରଲୋକ ଘଟିଛି। ଜଣେ ବ୍ୟବସାହୀ ସହିତ ଧର୍ମପାରାୟଣ ବ୍ୟକ୍ତି ଭାବେ ସମ୍ପୃକ୍ତ ଅଞ୍ଚଳରେ ପରିଚିତ ଥିଲେ। ତାଙ୍କର ଏହି ବିୟୋଗ ଖବରପାଇ ବ୍ଲକ ଉପାଧ୍ୟକ୍ଷ ଜଗବନ୍ଧୁ ପ୍ରଧାନ, ଦୋବଲ ସରପଞ୍ଚ ଅଶୋକ ପଣ୍ଡା, ପୂର୍ବତନ ସରପଞ୍ଚ ପ୍ରମୋଦ ସୂତାର, ଆଇନଜୀବୀ ରଣଜିତ ମହାନ୍ତି, ଶିକ୍ଷାବିତ ହୃଦାନନ୍ଦ କର, ସାମ୍ବାଦିକ ପ୍ରଶାନ୍ତ କୁମାର ସାହୁ, ବିଜେପି ନେତା ସୁବ୍ରତ ସାମଲ, ସୁବାସ ଚନ୍ଦ୍ର ନନ୍ଦ, ବିଜୟଶଙ୍କର ନାୟକ, ନାରାୟଣ ସାହାଣୀ, ରାଜିବ ମାଝୀ, ଜୟଦେବ ରଥ ପ୍ରମୁଖ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହିତ ଶୋକ ସନ୍ତପ୍ତ ପରିବାରଙ୍କୁ ସମବେଦନା ଜଣାଇଛନ୍ତି।

ପ୍ରଧାନଶିକ୍ଷକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ଘଟଣା

# ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକେ

ଧାମନଗର, ୧୨।୭(ସମିସ): ଧାମନଗର ଥାନା ଅନ୍ତର୍ଗତ ଦଇପୁର ପଞ୍ଚାୟତର ନାରାୟଣପୁର ଗ୍ରାମର ଶିକ୍ଷକ ସୁରେନ୍ଦ୍ର କୁମାର ପଣ୍ଡା(୬୦)ଙ୍କ ମୃତଦେହ ଉଦ୍ଧାର ଘଟଣାରେ ହତ୍ୟା ଅଭିଯୋଗ ଆଣିଲେ ତାଙ୍କ ପତ୍ନୀ।
ଅବସରର ମାତ୍ର ମାସକ ପୂର୍ବରୁ ପ୍ରଧାନଶିକ୍ଷକଙ୍କ ମୃତଦେହ ଦଇପୁର ଦେଇ ଯାଇଥିବା ୫ ନମ୍ବର କେନାଲରେ ଥିବା କଂକ୍ରିଟ କଲଭେଟ ନିକଟରେ ଗୁରୁବାର ସକାଳେ ଏକ ଲିମ୍ବ ଗଛରେ ରଶିରେ ଝୁଲୁଥିବା ନେଇ ସ୍ଥାନୀୟ ଲୋକେ ଦେଖିଥିଲେ। ସ୍ଥାନୀୟ ଲୋକଙ୍କ ଠାରୁ ଖବର ପାଇ ଧାମନଗର ପୁଲିସ ଅନୁସନ୍ଧାନ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ଶବକୁ ବ୍ୟବଚ୍ଛେଦ ପାଇଁ ଭଦ୍ରକ ଡାକ୍ତରଖାନାକୁ ପଠାଇଥିଲା। ତେବେ ଏହା ଏକ ହତ୍ୟାକାଣ୍ଡ ବୋଲି ମୃତ ଶିକ୍ଷକଙ୍କ ସ୍ତ୍ରୀ ଉର୍ବଶୀ ପଣ୍ଡା ଅଭିଯୋଗ କରିଥିଲେ। ତାଙ୍କ ହତ୍ୟା ଅଭିଯୋଗକୁ ଭିତ୍ତି କରି ପୁଲିସ ଏକ ମାମଲା( ନଂ-୩୨୩/୨୪ରେ ଦଫା ୧୦୩/୦୩(୦୫) ବିଏନ୍‌ଏସ୍‌ରେ ମାମଲା ରୁଜୁକରି ତଦନ୍ତ ଜାରି ରଖିଛି। ଅଭିଯୋଗ ମୁତାବକ ସୁରେନ୍ଦ୍ର କୁମାର ପଣ୍ଡା ଧୂଷୁରୀ ପଞ୍ଚାୟତ ସ୍ଥିତ ବିବି ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଥିଲେ। ଆଉ ମାସକ ମଧ୍ୟରେ ସେ ଅବସର ଗ୍ରହଣ କରିଥାଆନ୍ତେ। ଗତ ବୁଧବାର କୌଣସି ଏକ କାମରେ ବାହାରକୁ ଯାଇ ରାତ୍ର ପର୍ଯ୍ୟନ୍ତ ଘରକୁ ଫେରି ନଥିବାରୁ ବିଳମ୍ବିତ ରାତ୍ର ପର୍ଯ୍ୟନ୍ତ ପରିବାର ପକ୍ଷରୁ ବହୁ ଖୋଜାଖୋଜି କରିଥିଲେ ମଧ୍ୟ କୌଣସ ସନ୍ଧାନ ପାଇ ନଥିଲେ। ହେଲେ ଗୁରୁବାର ସକାଳେ ତାଙ୍କର ଝୁଲନ୍ତା ମୃତଦେହ ଉଦ୍ଧାର କରାଯାଇଥିଲା। ମୃତ ବ୍ୟକ୍ତି ବ୍ୟବହାର କରୁଥିବା ବାଇକ୍‌ଟି ଘଟଣାସ୍ଥଳରୁ ପାଖାପାଖି ୧ କିମି ଦୂରରେ କେନାଲ କଡ଼ରୁ ମିଳିଥିଲା। ଏହାସହ ତାଙ୍କର ପିନ୍ଧିଥିବା ସାର୍ଟ ହେଲମେଟ ଓ ଚଷମା ମାତ୍ର କିଛି ଦୂରରେ ପଡ଼ିଥିଲା।

ଚିକିତ୍ସା ଅବହେଳାରୁ ପ୍ରସୂତି ମୃତ୍ୟୁ ଘଟଣା

# ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେଉନି

ଭଦ୍ରକ, ୧୨।୭(ସମିସ):



- ପୀଡ଼ିତାଙ୍କ ପରିବାରକୁ ଦିଆଯାଉଛି କ୍ଷତିପୂରଣ
- ସ୍ୱାସ୍ଥ୍ୟବିଭାଗ ପକ୍ଷରୁ କାରଣ ଦର୍ଶାଅ ନୋଟିସ ଜାରି
- ମା'କୁ ଝୁରୁଛି ୧୦ ଦିନର ଶିଶୁକନ୍ୟା

ଭଦ୍ରକ ଏମ୍‌ସିଏଚ୍ (ମାତୃ ଓ ଶିଶୁ ସ୍ୱାସ୍ଥ୍ୟ ଶାଖା)ରେ ଗତ ୩ ତାରିଖରେ ଚିକିତ୍ସାରେ ଅବହେଳା ଯୋଗୁଁ ଜଣେ ପ୍ରସୂତିଙ୍କ ମୃତ୍ୟୁ ଘଟଣାରେ ଅଭିଯୁକ୍ତଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ହେଉ ନ ଥିବା ଅଭିଯୋଗ ହୋଇଛି। ମୃତାଙ୍କଙ୍କ ସ୍ୱାମୀ ବାଣିତିଆ ଗାଁର ବୈରାଗୀ ଦାଶଙ୍କ ଏତଲାକ୍ରମେ ଭଦ୍ରକ ଗ୍ରାମାଞ୍ଚଳ ପୁଲିସ ଏକ ମାମଲା (ନଂ-୪୪୧/୨୪, ଭାରତୀୟ ନ୍ୟାସ ସଂହିତାର ଧାରା-୧୦୬ ଓ ୩(୫)) ରୁଜୁ କରି ଘଟଣାର ତଦନ୍ତ କରୁଛି। ଅଭିଯୁକ୍ତ ଡାକ୍ତର ଖଗେଶ୍ୱର ମାରାଣ୍ଡି ଓ ଡାକ୍ତର ସୌଦାମିନୀ ଧଳଙ୍କ ସହ କାର୍ଯ୍ୟରତ ନର୍ସ ସଞ୍ଜୁଲତା ଲେଙ୍କାଙ୍କ ନାମରେ ମାମଲା ହୋଇଛି। ସେହିଭଳି ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ଆଦେଶକ୍ରମେ ଜିଲ୍ଲା ମେଡିକାଲ ଅଫିସର ସମ୍ପୃକ୍ତ ଡାକ୍ତର ଦ୍ୱୟଙ୍କ ସହ ୨ଜଣ ନର୍ସଙ୍କୁ କାରଣ ଦର୍ଶାଅ ନୋଟିସ କରାଯାଇଛି। ଆଉ ଏହି ଚିକିତ୍ସା ଅବହେଳା ଘଟଣା ନେଇ ରାଜ୍ୟ ସ୍ୱାସ୍ଥ୍ୟବିଭାଗକୁ ରିପୋର୍ଟ ଦିଆଯାଇଛି। ତେବେ ବାସ୍ତବ କ୍ଷେତ୍ରରେ ଚିକିତ୍ସାରେ ଅବହେଳା ନେଇ କୌଣସି ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନି କି ମୃତକଙ୍କ ପରିବାରକୁ ଟଙ୍କାଟିଏ ସରକାରୀ ଆର୍ଥିକ ସହାୟତା ପ୍ରଦାନ କରାଯାଇନି। ଯାହାକୁ ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

ସୂଚନାଯୋଗ୍ୟ, ଭଦ୍ରକ ଗ୍ରାମାଞ୍ଚଳ ଥାନା ବାଣୀତିଆ ଗ୍ରାମର ବୈରାଗୀ ଦାଶଙ୍କ ସ୍ତ୍ରୀ ରଞ୍ଜିତା ଦାଶଙ୍କୁ ପ୍ରସୂତି ଯନ୍ତ୍ରଣା କାରଣରୁ ଗତ ୨ତାରିଖରେ ଭଦ୍ରକ ଏମ୍‌ସିଏଚ୍(ମାତୃ ଓ ଶିଶୁ ସ୍ୱାସ୍ଥ୍ୟ ଶାଖା)ରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ଏକ ଶିଶୁକନ୍ୟା ଜନ୍ମ ହେବାର କିଛି ସମୟ ମଧ୍ୟରେ ମହିଳାଙ୍କ ରକ୍ତସ୍ରାବ ହେବାରୁ ତାଙ୍କୁ କଟକ ମେଡିକାଲ ସ୍ଥାନାନ୍ତର କରାଯାଇଥିଲା। ତେବେ ସେଠାରେ ମହିଳାଙ୍କ ମୃତ୍ୟୁ ଘଟିଥିଲା। ତେବେ ଚିକିତ୍ସା ଅବହେଳା କାରଣରୁ ମହିଳାଙ୍କ ମୃତ୍ୟୁ ହେଲା ବୋଲି ତାଙ୍କ ପରିବାର ଲୋକେ ଓ ଗ୍ରାମବାସୀ ଅଭିଯୋଗ କରି ମୃତଦେହ ଏମ୍‌ସିଏଚ୍ ପରିସରରେ ରଖିବା ସହ ମେଡିକାଲ ଭିତରେ ପ୍ରବେଶ କରି ବ୍ୟାପକ ଭଙ୍ଗାରୁଜା କରି ପ୍ରତିବାଦ କରିଥିଲେ। ଖବର ପାଇ ଘଟଣାସ୍ଥଳରେ ପୁଲିସ ଓ ସହକାରୀ ଜିଲ୍ଲାପାଳ ସୁଧାଂଶୁ ମୋହନ ସ୍ୱାଇଁ ପହଞ୍ଚି ଲୋକଙ୍କୁ ବୁଝାସୁଝା କରି ପରିସ୍ଥିତିକୁ ଆୟତକୁ ଆଣିଥିଲେ। ପରିବାର ଲୋକଙ୍କ ଅଭିଯୋଗକୁ ନେଇ ଉଚିତ ତଦନ୍ତ ପୂର୍ବକ କାର୍ଯ୍ୟାନୁଷ୍ଠାନ ନିଆଯିବା ନେଇ ପ୍ରତିଶ୍ରୁତି ଦେବା ପରେ ଧାରଣା ହଟିଥିଲା।। ତେବେ ଏହି ଘଟଣାକୁ ଇତିମଧ୍ୟରେ ୧୦ଦିନ ପୂରିସାରିଲାଣି। ଏବେ ୧୦ଦିନର ମାତୃଛେଉଣ୍ଡ ଶିଶୁକନ୍ୟା ଓ ୬ବର୍ଷର ପୁଅକୁ ନେଇ ଘର ସମ୍ଭାଳିଥିବା ବୈରାଗୀ ଦାଶ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି, ମୋତେ ନ୍ୟାୟ ମିଳିବା ନେଇ ମୁଁ ସନ୍ଦେହରେ। କାରଣ ଚିକିତ୍ସାରେ ଅବହେଳା କରିଥିବା ଡାକ୍ତର ଓ ନର୍ସଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନି। ସେମାନେ ପୂର୍ବବତ କାର୍ଯ୍ୟ କରୁଛନ୍ତି। ଆଉ ପ୍ରଶାସନ ପକ୍ଷରୁ ମଧ୍ୟରୁ ରେଡକ୍ରସ ପାଣ୍ଠିରୁ ବି ଟଙ୍କାଟିଏ ସହାୟତା ମିଳିନଥିବା ସେ ଅଭିଯୋଗ କରିଛନ୍ତି। ଏହା ପ୍ରଶାସନର ପାତର ଅନ୍ତର ବୋଲି ଅଭିଯୋଗ କରିଛନ୍ତି ଆଇନଜୀବୀ ଦେବାଶିଷ ନାୟକ। ଶ୍ରୀ ନାୟକ କହିଛନ୍ତି, ପୂର୍ବରୁ ମଧ୍ୟ ଗତ ଫେବୃଆରୀ ୨୬ତାରିଖରେ ଭଦ୍ରକ ଏମସିଏଚ୍‌ରେ ଆଗରପଡ଼ା ଥାନା ଅଣିଜ ବିରିଡି ଗାଁର ଆସନ୍ନ ପ୍ରସୂତି ମଞ୍ଜୁରାଣୀ ଘଡେଇ(୨୮୭)ଙ୍କ ଚିକିତ୍ସାରେ ଅବହେଳା ଯୋଗୁଁ ମୃତ୍ୟୁକୁ ନେଇ ସେତେବେଳେ ପ୍ରବଳ ଉତ୍ତେଜନା ପ୍ରକାଶ ପାଇଥିଲା। ତାଙ୍କ ପରିବାରକୁ ରେଡକ୍ରସ ପାଣ୍ଠିରୁ ୨୫ହଜାର ଟଙ୍କା ଦିଆଯିବା ସହ ତାଙ୍କ ସ୍ୱାମୀଙ୍କୁ ଏକ ଅସ୍ଥାୟୀ ସୁରକ୍ଷାକର୍ମୀ ଚାକିରି ମିଳିଥିଲା। ତେବେ ପୀଡ଼ିତ ବୈରାଗୀଙ୍କ କ୍ଷେତ୍ରରେ ଏଭଳି ଅବହେଳା ମାନବାଧିକାର ଉଲ୍ଲଂଘନ କରିଥିବା ବୁଦ୍ଧିଜୀବୀ ମହଲ ଅଭିଯୋଗ କରିଛନ୍ତି। ଏଦିଗରେ ଜିଲ୍ଲା ପ୍ରଶାସନ ଗୁରୁତର ସହ ଦୃଷ୍ଟି ଦେଇ ପୀଡିତ ପରିବାରକୁ ସହାୟତା ପ୍ରଦାନ ସହ ଚିକିତ୍ସା ଅବହେଳା ଘଟଣାର ଅଭିଯୁକ୍ତ ଡାକ୍ତର ଓ ନର୍ସଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି।

# ସିଏ ଫାଇନାଲରେ କୃତକାର୍ଯ୍ୟ ଛାତ୍ରଙ୍କୁ ଶୁଭେଚ୍ଛା



ଭଦ୍ରକ, ୧୨।୭(ସମିସ): ଚଳିତ ବର୍ଷ ଚାଟାର୍ଡ ଆକାଉଟେଣ୍ଟ ଫାଇନାଲ ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି ସତ୍ୟସୁନ୍ଦର ପାଣିଗ୍ରାହୀ। ଭଦ୍ରକ ବ୍ଲକ ଅନ୍ତର୍ଗତ ସାବରଙ୍ଗ ଶାସନ ଅଞ୍ଚଳର ଏକ ମଧ୍ୟବିତ୍ତ ପରିବାରରେ ଜନ୍ମ ସତ୍ୟସୁନ୍ଦର (ଲିପୁନ୍) ଜଣେ ମେଧାବୀ ଛାତ୍ର। ଭଗବାନଙ୍କ କରୁଣା ଏବଂ କଠିନ ପରିଶ୍ରମ, ଦୃଢ଼ ଇଚ୍ଛାଶକ୍ତି ଓ କର୍ତ୍ତବ୍ୟନିଷ୍ଠା ବଳରେ ସେ ଆଜି ଏହି ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି। ପିତା ତପନ କୁମାର ପାଣିଗ୍ରାହୀ ଓ ମାତା ପ୍ରତିଭା ପାଣିଗ୍ରାହୀଙ୍କ ଏକ ମାତ୍ର ପୁତ୍ର ସତ୍ୟସୁନ୍ଦର। କୋଲକାତାର ଦ ଇନଷ୍ଟିଚ୍ୟୁଟ ଅଫ୍ ଚାଟାର୍ଡ ଆକାଉଟେଣ୍ଟ ଅଫ ଇଣ୍ଡିଆ (ଆଇସିଏଆଇ)ରେ ୨୦୧୭ରେ ଯୋଗଦେଇଥିବା ଛାତ୍ର ସତ୍ୟସୁନ୍ଦର ଭଦ୍ରକ ଜିଲ୍ଲାର କନିଷ୍ଠ ଚାଟାର୍ଡ ଆକାଉଟେଣ୍ଟ ଭାବେ କୃତକାର୍ଯ୍ୟ ହୋଇଥିବା ଖବର ପ୍ରସାରିତ ପରେ ସାବରଙ୍ଗ ଅଞ୍ଚଳରେ ଖୁସିର ଲହରୀ ଖେଳିବା ସହ ବିଭିନ୍ନ ମହଲରୁ ତାଙ୍କୁ ସ୍ୱାଗତ ସହ ଶୁଭେଚ୍ଛା ଜ୍ଞାପନ କରାଯାଇଛି। ଭବିଷ୍ୟତରେ ଆର୍‌ଥିକ ବ୍ୟବସ୍ଥିତ ବୃତ୍ତିରେ କାର୍ଯ୍ୟ କରିବାକୁ ଆଗ୍ରହୀ ସତ୍ୟସୁନ୍ଦର ନିଜର ସଫଳତାର ଶ୍ରେୟ ବଡବାପା ଗୋପେନ୍ ପାଣିଗ୍ରାହୀ ଓ ବଡ଼ମା ଦମୟନ୍ତୀ ପାଣିଗ୍ରାହୀଙ୍କ ସମେତ ଇନଷ୍ଟିଚ୍ୟୁସନର ଶିକ୍ଷକ ମାନଙ୍କୁ ଦେଇଛନ୍ତି।

# ଦିନବେଳା ଭାରୀଯାନ ଚଳାଚଳକୁ ବିରୋଧ



ବନ୍ତ/ଆଗରପଡ଼ା, ୧୨।୭(ସମିସ):ଦୀର୍ଘ ଦିନ ହେଲା ଆଗରପଡ଼ା ମୁଖ୍ୟ ରାସ୍ତା ଦେଇ ଦିନବେଳା ଭାରୀଯାନ ଚଳାଚଳକୁ ବନ୍ଦ ପାଇଁ ସ୍ଥାନୀୟ ଜନସାଧାରଣଙ୍କ ପକ୍ଷରୁ ବିଭିନ୍ନ ସମୟରେ ଦାବି ହେବା ସହ ଦାବିପତ୍ର ମଧ୍ୟ ପ୍ରଶାସନକୁ ଦିଆଯାଇଥିଲା। ମାତ୍ର କୌଣସି ସୁଫଳ ମିଳିପାରିନଥିଲା। ଶୁକ୍ରବାର ଆଇନଜୀବୀ ଚିନ୍ମୟ ମହାପାତ୍ର, ଯୁବନେତା ବୁଟୁ ପାଢ଼ୀ, ଅଶୋକ ପରିଡ଼ା, ଶୁଭେନ୍ଦୁ ବେହେରା, ପ୍ରଫୁଲ୍ଲ ମହାନ୍ତି, କାଠିଆ ପାଢ଼ୀ, କହ୍ନେଇ ଜେନା, ଗୋପାଳକୃଷ୍ଣ ଦାଶ, ନରେଶ ନାୟକ, ଟୁନା ଜେନା ଏବଂ କାର୍ତ୍ତିକ ମହାପାତ୍ର ପ୍ରମୁଖଙ୍କ ନେତୃତ୍ୱରେ ସ୍ଥାନୀୟ ଅଞ୍ଚଳବାସୀ ଆଗରପଡ଼ାକୁ ଥିବା ସମସ୍ତ ପ୍ରବେଶ ରାସ୍ତାରେ ବାଲି, ଚିପ୍ସ ଆଦି ବୋଝେଇ ଭାରୀଯାନ ଗୁଡ଼ିକୁ ଅଟକାଇଥିଲେ। ଏଥିରେ ସ୍ଥାନୀୟ ଥାନା ଅଧିକାରୀ ଜନସାଧାରଣଙ୍କ ଦାବିକୁ ହୃଦୟଙ୍ଗମ କରି ଦିନ ୮ଟାରୁ ରାତି ୮ଟା ପର୍ଯ୍ୟନ୍ତ ଭାରୀଯାନ ଗୁଡ଼ିକ ଚଳାଚଳ କରିପାରିବ ନାହିଁ ବୋଲି ନିର୍ଦ୍ଦେଶ ଦେଇଥିଲେ। ଉକ୍ତ ନିର୍ଦ୍ଦେଶରେ ଗାଡ଼ି ମାଲିକମାନେ ନିଜର ସହମତି ପ୍ରଦାନ କରିଥିବାର ଜଣାପଡ଼ିଛି।

**ମୁଦ୍ରା ବିନିମୟ ମୂଲ୍ୟ**

ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୩.୫୬ ● ପାଉଣ୍ଡ ୧୦୮.୭୯
- ୟୁରୋ ୯୦.୯୯ ● ୟେନ୍ ୦.୫୨

**ସୁନା, ରୁପା ଦର**

୧୦ ଗ୍ରାମ ପିଛା (ଟଙ୍କାରେ)
- ସୁନା : ୬୭,୪୬୦ (ଭୁବନେଶ୍ୱର)
- ରୁପା : ୯୫,୬୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୦,୫୧୯.୦୦
- ନିଫ୍ଟି ୨୪,୫୦୨.୦୦

**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୬

# କ୍ୱାଣ୍ଟ ମ୍ୟୁଚୁଆଲ ଫଣ୍ଡର ସିଏଫ୍‌ଓ ହର୍ଷଲ ପଟେଲଙ୍କ ଇସ୍ତଫା

**ନୂଆଦିଲ୍ଲୀ,୧୨।୭ (ଏଜେନ୍ସି):** କ୍ୱାଣ୍ଟ ମ୍ୟୁଚୁଆଲ ଫଣ୍ଡର ମୁଖ୍ୟ ଆର୍ଥିକ ଅଧିକାରୀ (ସିଏଫ୍‌ଓ) ହର୍ଷଲ ପଟେଲ ତାଙ୍କ ପଦରୁ ଇସ୍ତଫା ଦେଇଛନ୍ତି। ତେବେ ହର୍ଷଲ୍ ବ୍ୟକ୍ତିଗତ କାରଣରୁ ଇସ୍ତଫା ଦେଇଥିବା କମ୍ପାନୀ ପକ୍ଷରୁ ନିବେଶକମାନଙ୍କୁ ଅବଗତ କରାଯାଇଛି। ସମ୍ଭାବ୍ୟ ଫ୍ରଣ୍ଟ ରନିଂ ମାମଲାରେ ଭାରତୀୟ ପ୍ରତିଭୂତି ବିନିୟ ବୋର୍ଡ (ସେବି) ତଦନ୍ତର ସମ୍ମୁଖୀନ ହୋଇଥିବା କ୍ୱାଣ୍ଟ ମ୍ୟୁଚୁଆଲ ଫଣ୍ଡ ଜୁଲାଇ ପହିଲାରୁ ଶଶି କଟାରିଆଙ୍କୁ ଏହାର



**ସେବି ଚଳାଇଛି ତଦନ୍ତ**

ନୂତନ ସିଏଫ୍‌ଓ ଭାବେ ନିଯୁକ୍ତି ଦେବାକୁ ଘୋଷଣା କରିଛି। କ୍ୱାଣ୍ଟ ମ୍ୟୁଚୁଆଲ ଫଣ୍ଡ ପକ୍ଷରୁ କୁହାଯାଇଛି ଯେ, ବ୍ୟକ୍ତିଗତ କାରଣରୁ ଇସ୍ତଫା ଦେଇଥିବା ହର୍ଷଲ ପଟେଲଙ୍କ ସ୍ଥାନରେ ଶଶି କଟାରିଆଙ୍କୁ ୨୦୨୪ ଜୁଲାଇ ୧ତାରିଖରୁ କ୍ୱାଣ୍ଟ ମନି ମ୍ୟାନେଜର୍ସ ଲିମିଟେଡର ମୁଖ୍ୟ ଆର୍ଥିକ ଅଧିକାରୀ, ଅପରେସନ୍ ମୁଖ୍ୟ ଏବଂ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଭାବେ ନିଯୁକ୍ତି ଦିଆଯାଇଛି। ସେବି ଜୁନ୍ ମାସରେ କ୍ୱାଣ୍ଟ ମ୍ୟୁଚୁଆଲ ଫଣ୍ଡ ସମ୍ପର୍କରେ ତଦନ୍ତ ଆରମ୍ଭ କରିଥିଲା । ଏହି ମାମଲାରେ କ୍ୱାଣ୍ଟ ମ୍ୟୁଚୁଆଲ ଫଣ୍ଡର ହାଇଦ୍ରାବାଦ ଓ ମୁମ୍ବାଇ କାର୍ଯ୍ୟାଳୟରେ ସେବି ଚଢ଼ାଉ କରି ବିଭିନ୍ନ କାଗଜପତ୍ର ଜବତ କରିଥିବା ଜଣାପଡ଼ିଛି। କ୍ୱାଣ୍ଟ ମ୍ୟୁଚୁଆଲ ଫଣ୍ଡ ୮୦ ଲକ୍ଷରୁ ଅଧିକ ଫୋଲିଓ ଏବଂ ୯୩୦ କୋଟି ଟଙ୍କାରୁ ଅଧିକ ଆସେଟ୍ ଅଣ୍ଡର ମ୍ୟାନେଜମେଣ୍ଟ (ଏୟୁଏମ) ସହିତ ଦେଶର ଦ୍ରୁତ ଅଭିବୃଦ୍ଧିଶୀଳ ଫଣ୍ଡ ହାଉସ୍ ମଧ୍ୟରୁ ଅନ୍ୟତମ।

# ପୁଣି ଜୋର୍‌ଦାର ମହଙ୍ଗାମାଡ଼

- ଜୁନ୍‌ରେ ଖୁଚୁରା ମୁଦ୍ରାସ୍ଫୀତି ୫.୦୮%କୁ ବୃଦ୍ଧି
- ଦରଦାମ୍ ବୃଦ୍ଧି ୪ ମାସର ରେକର୍ଡ ଭାଙ୍ଗିଲା
- ଖାଦ୍ୟ ସାମଗ୍ରୀର ଉଚ୍ଚ ଦରରେ ଖାଉଟି କଲବଲ

**ନୂଆଦିଲ୍ଲୀ,୧୨।୭ (ଏଜେନ୍ସି)**

ଗତ ଜୁନ୍ ମାସରେ ଦେଶର ଖୁଚୁରା ମୁଦ୍ରାସ୍ଫୀତି ୫.୦୮%କୁ ବୃଦ୍ଧି ଘଟିଛି। ଯଦି ଆମେ ଦେଖିବା ତେବେ ଏହା ବିଗତ ୪ ମାସ ମଧ୍ୟରେ ଏହା ହେଉଛି ସର୍ବୋଚ୍ଚ ସ୍ତରର ମୁଦ୍ରାସ୍ଫୀତି। କାରଣ ଏପ୍ରିଲରେ ମୁଦ୍ରାସ୍ଫୀତି ୪.୮୫% ରହି ଥିଲା। ମେ' ମାସରେ ମୁଦ୍ରାସ୍ଫୀତି ୪.୭୫% ଥିଲା। ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ ପକ୍ଷରୁ ଆଜି ଜାରି କରାଯାଇଥିବା ରିପୋର୍ଟରୁ ଏହା ଜଣାପଡିଛି। ଏହାଫଳରେ ପୁଣି ଥରେ ଖାଉଟିଙ୍କ ଉପରେ ଜୋରଦାର ମହଙ୍ଗାମାଡ଼ ଆରମ୍ଭ ହୋଇଯାଇଥିବା ଏଥିରୁ ସ୍ପଷ୍ଟ।

ବଜାରରେ ଖାଦ୍ୟ ସାମଗ୍ରୀଗୁଡିକର ଉଚ୍ଚ ଦର ଯୋଗୁଁ ମୁଦ୍ରାସ୍ଫୀତି ବୃଦ୍ଧି ପାଇଛି। ଖାଦ୍ୟ ମୁଦ୍ରାସ୍ଫୀତି ହାର ୮.୬୯%ରୁ ୯.୩୬% କୁ ବୃଦ୍ଧି ପାଇଛି। ଏଥି ସହିତ ସହରତଳରେ ମୁଦ୍ରାସ୍ଫୀତି ମାସିକ ଆଧାରରେ ୪.୨୧%ରୁ ୪.୩୯%କୁ ବୃଦ୍ଧି ପାଇଛି। ଅପରପକ୍ଷେ ଗ୍ରାମୀଣ କ୍ଷେତ୍ରରେ ମୁଦ୍ରାସ୍ଫୀତି ହାର ମଧ୍ୟ ୫.୩୪%ରୁ ୫.୬୬୫କୁ ବୃଦ୍ଧି ପାଇଛି। ଦେଶରେ ସାଧାରଣ ନିର୍ବାଚନ ଶେଷ ହେବା ଏକ ମାସ ପରେ ଖାଉଟିଙ୍କ ଅବସ୍ଥା ବେହାଲ ହୋଇପଡିଛି। ଅତ୍ୟାବଶ୍ୟକ ସାମଗ୍ରୀର ଦରଦାମ୍ ବୃଦ୍ଧିରେ ଗରିବ ଓ ମଧ୍ୟବିତ୍ତ ଶ୍ରେଣୀର ଲୋକଙ୍କ ମେରୁଦଣ୍ଡ ଭାଙ୍ଗିପଡିଛି।






ତେଜରାତି ସାମଗ୍ରୀଠାରୁ ଆରମ୍ଭ କରି ପନିପରିବା ଯାଏ ସବୁ କିଛି ଜିନିଷର ଦର ହୁ ହୁ ହୋଇ ବଢ଼ିବାରେ ଲାଗିଛି। ଏହା ମଧ୍ୟରେ ମୋବାଇଲ କଲ୍ ମହଙ୍ଗା ହେବା "ବେଡି ଉପରେ କୋରଡା ମାଡ଼' ସଦୃଶ ହୋଇଛି। ଏହାଫଳରେ ଖାଉଟି ବଜାର ଅତ୍ୟଧିକ ମହଙ୍ଗା ହୋଇଛି। ଏଥିଯୋଗୁ ଚାରିଆଡୁ ମହଙ୍ଗା ବଜାରର ଉଚ୍ଚ ଦର ବୃଦ୍ଧିରେ ଛନ୍ଦି ହୋଇପଡିଛନ୍ତି ଖାଉଟି। ମାଡ଼। ଖୁଚୁରା ବଜାରରେ ହୁ ହୁ ହୋଇ ବଢ଼ିଚାଲିଛି ଡାଲି, ଚାଉଳ, ଅଟା, ଖାଇବା ତେଲ ଭଳି ତେଜରାତି ସାମଗ୍ରୀ ସହ ପନିପରିବା ଦର। ଇତିମ ଧରେ ସବୁ ସାମଗ୍ରୀର କିଲୋ ପିଛା ଦର ୧୦ରୁ ୧୫ ଟଙ୍କା ବଢ଼ି ଗଲାଣି। ଏଥିରେ ତ୍ରାହି ତ୍ରାହି ଡାକ ଛାଡିଲେଣି ଖାଉଟି। ଧୀରେ ଧୀରେ ପ୍ରତି ମାସରେ ଦୁଇ ଦୁଇ ଥର ତେଜରାତି ସାମଗ୍ରୀର ଦର ବଢୁଛି। ବର୍ତ୍ତମାନ ଖୁଚୁରା ବଜାରରେ ଡାଲି, ଚାଉଳ, ଅଟା , ସୁଜି ଏବଂ ମଇଦା ଦର କିଲୋ ପିଛା ୧୦-୧୫ ଟଙ୍କା ମହଙ୍ଗା ହୋଇଯାଇଛି। ଏଥିରେ ଡାଲି ଦର ସବୁଠାରୁ ଅଧିକ ବଢ଼ିଛି। ଖୁଚୁରା ବଜାରରେ ହରଡଠାରୁ ଆରମ୍ଭ କରି ବିରି, ମୁଗ ଆଉ ମସୁର ଡାଲି ଦର ବୃଦ୍ଧି ଖାଉଟିଙ୍କ ସବୁଠାରୁ ଅଧିକ କନ୍ଦାଉଛି। ହରଡ ଡାଲି କିଲୋ ପିଛା ୧୮୦ରୁ ୧୯୦ ଟଙ୍କାକୁ ବୃଦ୍ଧି ଘଟିଥିବାବେଳେ ଅଟା କିଲୋ ପିଛା ୫୦ ଟଙ୍କା ଛୁଇଁବାକୁ ବସିଛି। ସେହିପରି ଉଷୁନା ଚାଉଳ କିଲୋ ପିଛା ୪୦ ରୁ ୪୮ ଟଙ୍କା ସ୍ତରକୁ ବୃଦ୍ଧି ଘଟିଛି।

**'ହାଓ ଅର୍ବାନ ଇଣ୍ଡିଆ ପେଜ୍' ରିପୋର୍ଟ**

# ୯୦% ଲୋକଙ୍କ ପସନ୍ଦ ଡିଜିଟାଲ ପେମେଣ୍ଟ

**ମୁମ୍ବଇ,୧୨।୭ (ଏଜେନ୍ସି)**

ନଗଦ ବିହୀନ ଅର୍ଥନୀତି ଆଡ଼କୁ ଭାରତର ଦ୍ରୁତ ଗତିକୁ ଉନ୍ମୋଚନ କରି କିର୍ନି ଇଣ୍ଡିଆ ଏବଂ ଆମାଜନ ପେ ଇଣ୍ଡିଆ ଆଜି 'ହାଓ ଅର୍ବାନ ଇଣ୍ଡିଆ ପେଜ୍' ରିପୋର୍ଟ ରିପୋର୍ଟ ଜାରି କରିଛି। ୧୨୦ ଟି ସହର ଏବଂ ୬୦୦୦ ରୁ ଅଧିକ ଉପଭୋକ୍ତା ଏବଂ ୧୦୦୦ ବ୍ୟବସାୟୀଙ୍କୁ ନେଇ କରାଯାଇଥିବା ଏକ ସର୍ବେକ୍ଷଣକୁ ଆଧାର କରି କରାଯାଇଥିବା ଏହି ବିସ୍ତୃତ ଅଧ୍ୟୟନରୁ ଦେୟ ପସନ୍ଦରେ ଏକ ଉଲ୍ଲେଖନୀୟ ପରିବର୍ତ୍ତନ ଜଣାପଡିଛି। ୯୦% ଉତରଦାତା ଅନଲାଇନ୍ କ୍ରୟ ପାଇଁ ଡିଜିଟାଲ ପେମେଣ୍ଟକୁ ପସନ୍ଦ କରୁଥିବା ବେଳେ ପ୍ରାୟ ଅଧା (୫୦%) ଏହି ପସନ୍ଦକୁ ବ୍ରିକ୍-ଆଣ୍ଡ-ମୋର୍ଟାର ଷ୍ଟୋରକୁ ବୃଦ୍ଧି କରିଛନ୍ତି।

ବିଭିନ୍ନ ଅଞ୍ଚଳ, ଆୟ ବର୍ଗ, ସହରର ସ୍ତର, ବୟସ ବର୍ଗ ଏବଂ ଲିଙ୍ଗ ମଧ୍ୟରେ ଏହି ସର୍ଭେର ବିସ୍ତୃତ ପହଞ୍ଚ ଭାରତର ଡିଜିଟାଲ ପେମେଣ୍ଟ ପରିଦୃଶ୍ୟରେ ଏକ ବିସ୍ତୃତ ଦୃଷ୍ଟିକୋଣ ପ୍ରଦାନ କରୁଛି। ଏହି ରିପୋର୍ଟରେ ଉପଭୋକ୍ତା ଏବଂ ବ୍ୟବସାୟୀଙ୍କ ଗ୍ରହଣ ପଦ୍ଧତିକୁ ସତର୍କତାର ସହ ଉପସ୍ଥାପିତ କରାଯାଇଛି, ଯେଉଁଥିରେ ମୁଖ୍ୟ ଅଭିବୃଦ୍ଧି ଚାଳକ ଏବଂ ଅଭିବୃଦ୍ଧି ପାଇଁ କ୍ଷେତ୍ରଗୁଡ଼ିକୁ ଉନ୍ମୋଚନ କରାଯାଇଛି। କିର୍ନି ଇଣ୍ଡିଆର ଫାଇନାନ୍ସିଆଲ ସର୍ଭିସେସ୍ ଲିଡର ପାର୍ଟନର ଶାଶ୍ୱତ ଶର୍ମା କହିଛନ୍ତି ଯେ "ଆମର ବ୍ୟାପକ ଗବେଷଣା ଭାରତର ଡିଜିଟାଲ୍ ପେମେଂଟ ବିକାଶର ଏକ ଆକର୍ଷଣୀୟ ଝଲକ ପ୍ରଦାନ କରୁଛି, ଯାହା ଉପଭୋକ୍ତା ଏବଂ ବାଣିଜ୍ୟିକ ଆଚରଣରେ ନାଟକୀୟ ପରିବର୍ତ୍ତନକୁ ଦର୍ଶାଉଛି। ଉଭୟ ଅନଲାଇନ୍ ଏବଂ ଅଫଲାଇନ୍ କାରବାରରେ ଡିଜିଟାଲ ପେମେଂଟର ବ୍ୟାପକ ଗ୍ରହଣଠାରୁ ଆରମ୍ଭ କରି ବିଏନପିଏଲ୍ ଭଳି ଉଦୀୟମାନ ଦେୟ ପଦ୍ଧତିର ବୃଦ୍ଧି ପର୍ଯ୍ୟନ୍ତ, ଭାରତ କିପରି ଏହାର ଦେୟ କ୍ଷେତ୍ରରେ ପରିବର୍ତ୍ତନ କରୁଛି ତାହା ଉପରେ ଏହି ରିପୋର୍ଟରେ ବିସ୍ତୃତ ଦୃଷ୍ଟି ଦିଆଯାଇଛି। ଆମାଜନ ପେ ଇଣ୍ଡିଆର ସିଇଓ ବିକାଶ ବଂଶଲ କହିଛନ୍ତି, "ଭାରତର ଡିଜିଟାଲ ପେମେଣ୍ଟ ବିପ୍ଳବ ଗ୍ରାହକ ଓ ବ୍ୟବସାୟୀଙ୍କ ଦ୍ୱାରା ପରିଚାଳିତ ସମସ୍ତ ସିଲିଣ୍ଡର ଉପରେ ଚାଲୁଛି। ଅର୍ବାନ ଇଣ୍ଡିଆ କିପରି ଦେୟ ଦିଏଢକ୍ସଙ୍କକ୍ସ୍‌; ରିପୋର୍ଟ ଏକ

ଆହ୍ୱାନ, ଯେଉଁଥିରେ ଅଂଶୀଦାରମାନଙ୍କୁ ଏକ ଅନ୍ତର୍ଭୁକ୍ତ, ସୁରକ୍ଷିତ ଏବଂ ଭବିଷ୍ୟତ-ପ୍ରମାଣିତ ଡିଜିଟାଲ ପେମେଢକ୍ଷଗ୍ସ; ଇକୋସିଷ୍ଟମ ନିର୍ମାଣ କରିବା ପାଇଁ ଉଦ୍ଭାବନ ଏବଂ ସହଯୋଗ କରିବାର ଜରୁରୀ ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରାଯାଇଛି। ଡିଜିଟାଲ ପେମେଣ୍ଟ ବିପ୍ଳବର ଏହି ଉଲ୍ଲେଖନୀୟ ପରିବର୍ତ୍ତନକୁ ପ୍ରୋତ୍ସାହିତ କରିବା ହେଉଛି ଡିଜିଟାଲ ପେମେଂଟର ଅତୁଳନୀୟ ସୁବିଧା, ଯାହାକୁ ୬୦% ରୁ ଅଧିକ ଉତରଦାତା ଅନଲାଇନ୍ ଏବଂ ଅଫଲାଇନ କ୍ରୟ ପାଇଁ ପ୍ରାଥମିକ ପ୍ରେରଣା ବୋଲି ଦର୍ଶାଇଛନ୍ତି। ବେଗ, ଦକ୍ଷତା ଏବଂ ଲୋଭନୀୟ ପୁରସ୍କାର ଏହି ଆକର୍ଷଣକୁ ଆହୁରି ବଢ଼ାଇଥାଏ, ଯାହା ବ୍ୟାପକ ଗ୍ରହଣକୁ ଉତ୍ସାହିତ କରିଥାଏ। ୫୩% ଉପଭୋକ୍ତା ଅନଲାଇନ କ୍ରୟ ପାଇଁ ୟୁପିଆଇକୁ ପସନ୍ଦ କରୁଥିବା ବେଳେ ଡିଜିଟାଲ ୱାଲେଟ୍ ଏବଂ କାର୍ଡ (କ୍ରେଡିଟ୍, ଡେବିଟ୍ ଏବଂ ପ୍ରିପେଡ୍) ୩୦% ଉପଭୋକ୍ତା ଏହାକୁ ପସନ୍ଦ କରୁଛନ୍ତି। ଅଫଲାଇନ୍ କ୍ରୟରେ ୨୫% ଗ୍ରାହକ ୟୁପିଆଇକୁ ପସନ୍ଦ କରୁଥିବା ବେଳେ ସେମାନଙ୍କ ମଧ୍ୟରୁ ୨୦% ଡିଜିଟାଲ ୱାଲେଟ୍ ଏବଂ କାର୍ଡକୁ ପସନ୍ଦ କରୁଛନ୍ତି।




**ଚୀନ୍‌କୁ ପଛରେ ପକାଇଲା ଭାରତ**

# ଭାରତ ଦକ୍ଷିଣ ଏସିଆର ସର୍ବବୃହତ୍ ରିଅଲ୍ଟି ବଜାର

**ନୂଆଦିଲ୍ଲୀ,୧୨।୭ (ଏଜେନ୍ସି):** ଭାରତର ରିଅଲ ଇଷ୍ଟେଟ ବଜାର ଖୁବ୍ ଦ୍ରୁତ ଗତିରେ ବୃଦ୍ଧି ପାଇବାରେ ଲାଗିଛି। ଏବେ ଭାରତ ଚୀନକୁ ଏହି କ୍ଷେତ୍ରରେ ପଛରେ ପକାଇ ଦେଇଛି। ବର୍ତ୍ତମାନଭାରତ ଦକ୍ଷିଣ ଏସିଆର ସବୁଠାରୁ ବଡ଼ ରିଆଲିଟି ବଜାର ଭାବେ ଉଭା ହୋଇଛି। ହୁରୁନ ରିସର୍ଚ୍ଚ ଇନଷ୍ଟିଚ୍ୟୁଟ ପକ୍ଷରୁ ଜାରି ଏକ ରିପୋର୍ଟରେ କୁହାଯାଇଛି ଯେ, ଭାରତରେ ୧ ଆରବ ଡଲାରରୁ ଅଧିକ ମୂଲ୍ୟର ରିଅ ଇଷ୍ଟେଟ କମ୍ପାନୀମାନଙ୍କ ସଂଖ୍ୟା ଚୀନଠାରୁ ଅଧିକ ହୋଇଯାଇଛି। ଏହି ମାମଲାରେ ଭାରତ ଚୀନଠାରୁ ଢ଼େର ଆଗରେ ରହିଛି, ଯେଉଁଠାରେ ୧ ଆରବ ଡଲାରରୁ ଅଧିକ ମୂଲ୍ୟର କମ୍ପାନୀମାନଙ୍କ ସଂଖ୍ୟା ଲଗାତାର କମିବାରେ ଲାଗିଛି। ରିପୋର୍ଟ ମୁତାବକ, ଭାରତରେ ୧ ଆରବ ଡଲାରରୁ ଅଧିକ ମୂଲ୍ୟର ରିଅଲ ଇଷ୍ଟେଟ କମ୍ପାନୀମାନଙ୍କ ସଂଖ୍ୟା ୩୦। ତେବେ ୬ ବର୍ଷ ପୂର୍ବେ ଏହି ସଂଖ୍ୟା ୭ ରହିଥିଲା। ଏଥିରୁ ଜଣାପଡିଛି ଯେ, ଭାରତୀୟ ରିଅଲ୍ଟି କ୍ଷେତ୍ର କେତେ ଅଧିକ ବଢିଚାଲିଛି ତାହା ଏଥିରୁ ଜଣାପଡୁଛି। ଏହା ଭାରତୀୟ ରିଅଲ ଇଷ୍ଟେଟ ବଜାରରେ ବର୍ଦ୍ଧିତ ଘରୋଇ ଏବଂ ବିଦେଶୀ ନିବେଶକଙ୍କ ସଂଖ୍ୟାରୁ ଜଣାପଡୁଛି। ରିପୋର୍ଟରେ କୁହାଯାଇଛି ଯେ, ଭାରତରେ ଯେଉଁଠାରେ ରିଅଲ ଇଷ୍ଟେଟ ବଜାର ବଢିବାରେ ଲାଗିଛି ସେଠାରେ ଚୀନରେ ଗତ କିଛି ବର୍ଷ ହେବ ଏଥିରେ ହ୍ରାସ ଧାରା ଜାରି ରହିଛି।



# କର୍ମଚାରୀଙ୍କୁ ଆଣ୍ଡ୍ରଏଡ୍ ଡିଭାଇସ୍ ବ୍ୟବହାର ନ କରିବାକୁ ମାଇକ୍ରୋସଫ୍ଟର ନିର୍ଦ୍ଦେଶ

**ୱାଶିଂଟନ,୧୨।୭ (ଏଜେନ୍ସି):** ଆମେରିକୀୟ କମ୍ପାନି ମାଇକ୍ରୋସଫ୍ଟ ଚୀନ୍ ବିରୋଧରେ ଏକ ବଡ ପଦକ୍ଷେପ ନେଇଛି। ମାଇକ୍ରୋସଫ୍ଟ ଏହାର ସମସ୍ତ କର୍ମଚାରୀଙ୍କୁ ଆଣ୍ଡ୍ରଏଡ୍ ଡିଭାଇସ୍ ବ୍ୟବହାର ନ କରିବାକୁ କହିଛି। କମ୍ପାନୀ କହିଛି କୌଣସି ଅଫିସିଆଲ୍ କାମ କରିବାକୁ ହେଲେ ସେମାନଙ୍କୁ ଆଇଫୋନ୍ ବ୍ୟବହାର କରିବାକୁ ପଡିବ। ବାସ୍ତବରେ ସାଇବର ସୁରକ୍ଷା ପ୍ରସଙ୍ଗକୁ ଦୃଷ୍ଟିରେ ରଖି ଏହି ପଦକ୍ଷେପ ନିଆଯାଇଛି। ବ୍ଲୁମବର୍ଗ ଏହି ବିଷୟରେ ଏକ ରିପୋର୍ଟ ପ୍ରକାଶ କରିଛି ଏବଂ ଏହାକୁ ଏକ ଆଭ୍ୟନ୍ତରୀଣ ମେମୋ ଆଧାରରେ ପ୍ରକାଶିତ କରିଛି। ମାଇକ୍ରୋସଫ୍ଟ ଟିମ୍ କ୍ରମାଗତ ଭାବରେ ସୁରକ୍ଷା ପ୍ରସଙ୍ଗରେ କାର୍ଯ୍ୟ କରୁଛି ଏବଂ ଏହା ସେହି କାର୍ଯ୍ୟ ଆଧାରର ଏକ ଅଂଶ ବିଶେଷ ବୋଲି କୁହାଯାଇଛି। କର୍ମଚାରୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଏହି ନିଷ୍ପତ୍ତି ନିଆଯାଇଛି।

# ଜେନ୍‌ଏକ୍ସ ଡାଇଗ୍ନୋଷ୍ଟିକ୍ସରେ ଅଂଶଧନ ଅଧିଗ୍ରହଣ କଲା ମେଡ୍‌ଜେନୋମ୍

**ଭୁବନେଶ୍ୱର,୧୨।୭ (ସମିସ):** ଏକ ପ୍ରମୁଖ ଅନ୍ତର୍ଜାତୀୟ ଜେନୋମିକ୍ସ-ପରିଚାଳିତ ଡାଇଗ୍ନୋଷ୍ଟିକ୍ସ ଓ ରିସର୍ଚ୍ଚ ସର୍ଭିସ କମ୍ପାନୀ ମେଡ୍‌ଜେନୋମ୍ ପକ୍ଷରୁ ଘୋଷଣା କରାଯାଇଛି ଯେ, ଏହା ଓଡିଶାର ଏକ ଅଗ୍ରଣୀ ଡାଇଗ୍ନୋଷ୍ଟିକ ଲ୍ୟାବ୍ ଶୃଙ୍ଖଳା ଜେନ୍‌ଏକ୍ସ ଡାଇଗ୍ନୋଷ୍ଟିକ୍ସରେ ଏକ ଅଂଶଧନ ଅଧିଗ୍ରହଣ କରିଛି। ୨୦୧୭ରେ ସ୍ଥାପିତ ଜେନ୍‌ଏକ୍ସ ଡାଇଗ୍ନୋଷ୍ଟିକ୍ସ ଭୁବନେଶ୍ୱରର ସହିଦନଗରରେ ଏନ୍‌ଏବିଏଲ୍ ଓ ଏନ୍‌ଏବିଏଚ୍ ଦ୍ୱାରା ସ୍ୱୀକୃତିପ୍ରାପ୍ତ ଏକ ଫ୍ଲାଗଶିପ ଲାବୋରେଟୋରୀ ସମେତ ରାଜ୍ୟରେ ୭ଟି ଡାଇଗ୍ନୋଷ୍ଟିକ ଓ ୬୦ଟି କଲେକ୍ସନ ସେଣ୍ଟର ସହ ଓଡିଶାରେ ଏକ ମଜବୁତ ଆଞ୍ଚଳିକ ଉପସ୍ଥିତି ପ୍ରତିଷ୍ଠା କରିଛି। ଜେନ୍‌ଏକ୍ସ ଡାଇଗ୍ନୋଷ୍ଟିକ୍ସର ପ୍ରତିଷ୍ଠାତା ସଦସ୍ୟମାନେ ସ୍ୱାସ୍ଥ୍ୟସେବା କ୍ଷେତ୍ରର ବିଶିଷ୍ଟ ବ୍ୟକ୍ତି ଅଟନ୍ତି, ଯେଉଁଠାରେ ୨-୩ ଦଶନ୍ଧିରୁ ଅଧିକ ସମୟର ଡାକ୍ତରୀ ଅଭିଜ୍ଞତା ସହିତ ଡା. ବିଶ୍ୱଜିତ ମହାନ୍ତି ଓ ଡା.ବିକାଶ ଅଗ୍ରୱାଲ ଯଥାକ୍ରମେ ପ୍ରଖ୍ୟାତ ଲ୍ୟାବ୍ ମେଡିସିନ ଓ ରେଡିଓଲୋଜି କନ୍‌ସଲଟାଣ୍ଟଲ୍ଲାଂଟ୍ ଭାବେ ନିଯୁକ୍ତ ଅଛନ୍ତି। ଦେଶର ଏହି ଭାଗରେ ଜେନ୍‌ଏକ୍ସର କ୍ଲିନିସିଆନରର ମଜବୁତ ନେଟୱର୍କ ଅଞ୍ଚଳରେ ଜେନେଟିକ ଓ ମଲିକ୍ୟୁଲାରୁ ଟେଷ୍ଟିଂକୁ ଅଧିକ ବ୍ୟାପକ କରିବା ପାଇଁ ଗୁରୁତ୍ୱପୂର୍ଣ୍ଣ ଅଭିବୃଦ୍ଧି ସୁଯୋଗ ଉପସ୍ଥାପନ କରୁଛି। ମେଡ୍ଜେନୋମ୍ର ଷ୍ଟେଟ୍-ଅଫ୍-ଦ-ଆର୍ଟ ଆଡ୍ଭାନ୍ସଡ ସାଇନ୍ସ ଓ ବୈଷୟିକ କ୍ଷମତାଗୁଡିକ ପୂର୍ବାଞ୍ଚଳରେ ଜେନ୍‌ଏକ୍ସର ନିଦାନ ନେତୃତ୍ୱ ସହିତ ମିଳିତ ଭାବେ ଜେନେଟିକ ତଥ୍ୟରୁ କାର୍ଯ୍ୟକ୍ଷମଯୁକ୍ତ ତଥ୍ୟ ସହ ଓଡିଶାରେ କ୍ଲିନିସିଆନଙ୍କୁ ସଶକ୍ତ କରିବ ଏବଂ ସେମାନଙ୍କୁ ରୋଗୀମାନଙ୍କ ପାଇଁ ସ୍ୱାସ୍ଥ୍ୟସେବା ଫଳାଫଳକୁ ଉନ୍ନତ କରି ଉପଯୁକ୍ତ ଚିକିତ୍ସା ପାଇଁ ପରାମର୍ଶ ଦେବାକୁ ସକ୍ଷମ କରିବ। ଜେନ୍‌ଏକ୍ସ ଡାଇଗ୍ନୋଷ୍ଟିକ୍ସକୁ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଉତ୍କର୍ଷତା ପାଇଁ ଏହାର ଦୃଢ ପ୍ରତିବଦ୍ଧତା ଲାଗି ସ୍ୱୀକୃତି ପ୍ରଦାନ କରାଯାଇଛି।

# ଧୁମ୍‌ଧାମ୍‌ରେ ହେଲା ଅନନ୍ତ-ରାଧିକାଙ୍କ ବାହାଘର







- ଅଢ଼େଇ ହଜାରରୁ ଅଧିକ ବ୍ୟଞ୍ଜନ
- ଯୋଗଦେଲେ ହଲିଉଡ୍, ବଲିଉଡ୍ ତାରକାଙ୍କଠାରୁ ରାଜନେତା ଓ ପ୍ରସିଦ୍ଧ ବ୍ୟବସାୟୀ

**ମୁମ୍ବଇ,୧୨।୭ (ଏଜେନ୍ସି)**

ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ ଅଧ୍ୟକ୍ଷ ତଥା ଦ୍ୱେଶର ସବୁଠାରୁ ଧନୀ ବ୍ୟବସାୟୀ ମୁକେଶ ଅମ୍ବାନୀଙ୍କ ସାନପୁଅ ଅନନ୍ତ ଅମ୍ବାନୀ ଏବଂ ବ୍ୟବସାୟୀ ବିରେନ୍ ମର୍ଚ୍ଚାଣ୍ଟଙ୍କ ଝିଅ ରାଧିକା ମର୍ଚ୍ଚାଣ୍ଟ ଆଜି ମୁମ୍ବାଇର ଜିଓ ୱାର୍ଲ୍ଡ କନଭେନସନ୍ ସେଣ୍ଟରରେ ବିବାହ କରିଛନ୍ତି। ଏହି ବିବାହକୁ ସ୍ୱତନ୍ତ୍ର କରିବା ପାଇଁ ଭାରତ ତଥା ବିଦେଶର ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇଛନ୍ତି। ଯେଉଁଥିରେ ବଲିଉଡ, ହଲିଉଡ ତାରକାଠାରୁ ଆରମ୍ଭ କରି ଅନେକ ରାଜନେତା ଏବଂ ପ୍ରସିଦ୍ଧ ବ୍ୟବସାୟୀ ମଧ୍ୟ ସାମିଲ ହୋଇଛନ୍ତି।

ମାର୍ଚ୍ଚରେ ଜାମନଗରରେ ଅନନ୍ତ ଏବଂ ରାଧିକାଙ୍କ ବିବାହ ଉତ୍ସବ ଆରମ୍ଭ ହୋଇଥିଲା। ୫ ହଜାର କୋଟି ବ୍ୟୟରେ ହେଉଥିବା ଏହି ବାହାଘରରେ ପ୍ରାୟ ୨୫୦୦ରୁ ଅଧିକ ବ୍ୟଞ୍ଜନ ପ୍ରସ୍ତୁତ ହୋଇଛି। ଏହି ବିବାହ ପାଇଁ ଦେଶ ତଥା ବିଦେଶରୁ ଅତିଥିମାନେ ମଧ୍ୟ ଆସିଛନ୍ତି। ସେମାନଙ୍କ ମଧ୍ୟରେ ବ୍ରିଟେନର ପୂର୍ବତନ ପ୍ରଧାନମନ୍ତ୍ରୀ ଟନି ବ୍ଲେୟାର, ସାମସଙ୍ଗ ସିଇଓ ଏକାର୍‌ଦାସିଆନ୍ ସିଷ୍ଟର୍ସ ରହିଛନ୍ତି। ବିବାହରେ ବଲିଉଡ୍ ଗାୟକ ହନି ସିଂହଙ୍କ ପରଫରମାନ୍ସ ସହ ରଣବୀର ସିଂହଙ୍କ ନୃତ୍ୟ ବେଶ ଆକର୍ଷଣୀୟ ଥିଲା। ପ୍ରିୟଙ୍କା ଚୋପ୍ରା ଅନନ୍ତ ଅମ୍ବାନୀ-ରାଧିକା ବ୍ୟବସାୟୀଙ୍କ ବିବାହରେ ତାଙ୍କ ସ୍ୱାମୀ ନିକ୍ ଜୋନାସ୍‌ଙ୍କ ସହ ଧୁମ୍ ନାଚିଥିଲେ। ଅନ୍ୟ ସେଲିବ୍ରିଟିଙ୍କ ମଧ୍ୟରେ ସାଉଥ ସୁପରଷ୍ଟାର ରଜନୀକାନ୍ତ, ଅନିଲ କପୁର, ସଲ୍‌ମାନ୍ ଖାନ୍, ଶାହରୁଖ୍ -ଗୌରୀ, କ୍ୟାଟ୍ରିନା କୈଫ୍-ଭିକି କୌଶଲ୍, ଜନ୍ ସିନା, ଅର୍ଜୁନ କପୁର, ରଣବୀର ସିଂ, ସଞ୍ଜୟ ଦତ୍ତ, କ୍ରିକେଟର ମହେନ୍ଦ୍ର ସିଂହ ଧୋନୀ ଓ ପରିବାର ଏବଂ ଆଲିଆ ଭଟ୍ଟ ପ୍ରମୁଖ ଏହି ବାହାହ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

# ଷ୍ଟେଟ୍ ବ୍ୟାଙ୍କ ଶାଖା କେଶୁରା ଛକକୁ ସ୍ଥାନାନ୍ତରିତ



**ଭୁବନେଶ୍ୱର,୧୨।୭ (ସମିସ):** ଭାରତୀୟ ଷ୍ଟେଟ୍ ବ୍ୟାଙ୍କ (ଏସ୍‌ବିଆଇ) କେଶୁରା ଶାଖା ଏବେ କଟକ ପୁରୀ ବାଇପାସ୍ ରୋଡ ତଥା କେଶୁରା ଛକ ପାଖକୁ ସ୍ଥାନାନ୍ତରିତ ହୋଇ ଯାଇଛି। ଗ୍ରାହକଙ୍କ ସୁବିଧା ପାଇଁ ଏହି ନୂତନ ଶାଖା ତଳ ମହଲାରେ କରାଯାଇଛି। ଏଠାରେ ପର୍ଯ୍ୟାପ୍ତ ସ୍ଥାନ ସହିତ ଇ- କର୍ଣ୍ଣର ସୁବିଧା ମଧ୍ୟ ଉପଲବ୍ଧ। ଷ୍ଟେଟ୍ ବ୍ୟାଙ୍କ ଭୁବନେଶ୍ୱର ମଣ୍ଡଳର ମୁଖ୍ୟ ମହାପ୍ରବନ୍ଧକ ଦିନେଶ ପରୁଥି ନୂତନ ଶାଖା କାର୍ଯ୍ୟାଳୟକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ପ୍ରଶାନ୍ତ କୁମାର ଉପ ମହାପ୍ରବନ୍ଧକ ଭୁବନେଶ୍ୱର ଅଞ୍ଚଳ ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଶ୍ରୀ ପରୁଥୀ ଗ୍ରାହକ ସେବା ଦିଗରେ ଷ୍ଟେଟ୍ ବ୍ୟାଙ୍କର ବିଭିନ୍ନ ପଦକ୍ଷେପ ବିଷୟରେ ଗ୍ରାହକମାନଙ୍କୁ ଜଣାଇଇବା ସହ ଯୋଗ୍ୟ ଗ୍ରାହକଙ୍କୁ ଋଣ ମଞ୍ଜୁରୀ ପତ୍ର ପ୍ରଦାନ କରିଥିଲେ।

ସମ୍ପୂର୍ଣ୍ଣା
ସକାଳ THE SAKALA
www.sakalaepaper.com

## ଆଜିର ଇତିହାସ

- ୧୮୮୨- ରୁଷିଆରେ ଟ୍ରେନ୍ ଲାଇନ୍‌ଚ୍ୟୁତ ହେବାରୁ ୨୦୦ ଯାତ୍ରୀଙ୍କ ମୃତ୍ୟୁ।
- ୧୯୪୫- ଇଣ୍ଡିଆନ୍ ଇଣ୍ଡିପେଣ୍ଡେନ୍ସ ଆକ୍ଟ ବ୍ରିଟିଶ ପାର୍ଲାମେଣ୍ଟରେ ଗୃହୀତ ହେଲା।
- ୧୯୭୪- ଆଜିର ଦିନରେ ଭାରତ ତା'ର ପ୍ରଥମ କ୍ରିକେଟ୍ ଦିନିକିଆ ମ୍ୟାଚ୍ ଆରମ୍ଭ କରିଥିଲା।
- ୧୯୭୭- ଦେଶରେ ଜାରି ହୋଇଥିବା ଜରୁରିକାଳୀନ ପରିସ୍ଥିତି ଯୋଗୁଁ ଭାରତ ସରକାର ଭାରତ ରତ୍ନ, ପଦ୍ମ ପୁରସ୍କାର ଆଦି ବନ୍ଦ କରି ଦେଇଥିଲେ।
- ୧୯୯୫- ବିଶିଷ୍ଟ ବଙ୍ଗୀୟ ଲେଖିକା ଆଶାପୂର୍ଣ୍ଣା ଦେବୀଙ୍କ ପରଲୋକ।
- ୨୦୧୧- ମୁମ୍ବାଇରେ ସିରିଜ୍ ବୋମା ବିସ୍ଫୋରଣ ଯୋଗୁଁ ପାଖାପାଖି ୨୬ ଲୋକଙ୍କ ମୃତ୍ୟୁ ହୋଇଥିଲା।

## ଅଟ୍ଟାଳିକା ଭିତରେ ଗଡ଼ୁଛି ଟ୍ରେନ୍



ସାଧାରଣତଃ ପାହାଡ଼, ନଦୀ, ଘାଟି ଉପର ଦେଇ ରେଳପଥ ଯିବା କଥା ସମସ୍ତେ ଅବଗତ। କିନ୍ତୁ ଏପରି ଏକ ରେଳ ଲାଇନ ରହିଛି, ଯାହାକି ଏକ ଅଟ୍ଟାଳିକା ମଧ୍ୟରେ ଯାତ୍ରା କରିଥାଏ। ଏହି ରେଳଲାଇନ୍ ଚୀନ୍ ଚୋଙ୍ଗକିଙ୍ଗ ଅଞ୍ଚଳରେ ଥିବା ଜଣାପଡ଼ିଛି। ଚୋଙ୍ଗକିଙ୍ଗ୍ 'ମାଉଣ୍ଟସିଟି' ଭାବେ ଜଣାଶୁଣା। ଏଠିରେ ଅନେକଗୁଡ଼ିକ ଉଚ୍ଚ ଅଟ୍ଟାଳିକା ରହିଛି। ଏହି ସହରରେ ପାଖାପାଖି ୩.୩ କୋଟି ଲୋକ ରୁହନ୍ତି। ଏହି ରେଳଲାଇନର ବିଶେଷତା ହେଉଛି, ଏହା କୌଣସି ଗଳି କିମ୍ବା ବସ୍ତି ଦେଇ ନୁହେଁ, ଏହା ଏକ ଉଚ୍ଚ ଅଟ୍ଟାଳିକା ମଧ୍ୟରେ ଗତି କରିଥାଏ। ତେବେ ଏହି ଅଞ୍ଚଳରେ ରେଳଲାଇନ ତିଆରି କରାଯାଉଥିବା ସମୟରେ ସେହି ମାର୍ଗରେ ଏହି ୧୯ ମହଲା ବିଶିଷ୍ଟ ଅଟ୍ଟାଳିକାଟି ପଡ଼ିଥିଲା। ଯାହାକୁ ଇଞ୍ଜିନିୟରମାନେ ନ ଭାଙ୍ଗି ଆଧୁନିକ ଜ୍ଞାନକୌଶଳ ତଥା ପ୍ରଯୁକ୍ତି ବିଦ୍ୟା ଉପଯୋଗ କରି ସେହି ଅଟ୍ଟାଳିକା ମଧ୍ୟ ଦେଇ ରେଳଲାଇନ୍ ନିର୍ମାଣ କରିଥିଲେ। ଅଟ୍ଟାଳିକାର ଷଷ୍ଠ ଓ ଅଷ୍ଟମ ମହଲା ମଧ୍ୟ ଦେଇ ଏହି ରେଳ ଲାଇନ୍ ଯାଇଛି। ଏହାଦ୍ୱାରା ଅଟ୍ଟାଳିକାରେ କୌଣସି ପ୍ରକାର କ୍ଷତି ମଧ୍ୟ ହୋଇ ନ ଥିଲା। ତେବେ ସବୁଠୁ ରୋଚକୀୟ କଥା ହେଉଛି, ଏହି ଟ୍ରେନ୍ ଅଟ୍ଟାଳିକା ମଧ୍ୟ ଦେଇ ଯାତ୍ରା କରୁଥିବା ସମୟରେ ବିଲ୍ଡିଂର ଅନ୍ୟ ମହଲାଗୁଡ଼ିକରେ କୌଣସି ଶବ୍ଦ ହୋଇ ନ ଥାଏ। ନିକଟରେ ସାମାଜିକ ଗଣମାଧ୍ୟମରେ ଏହାର ଏକ ଭିଡିଓ ଭାଇରାଲ ହୋଇଥିବା ଦେଖାଯାଇଛି।

## 'ଅଶ୍ୱତ୍ଥାମା' ଭୂମିକା ପାଇଁ ଅମିତାଭଙ୍କୁ ୧୮ କୋଟି



ନାଗା ଅଶ୍ୱିନଙ୍କ ନିର୍ଦ୍ଦେଶିତ ପୌରାଣିକ ପୃଷ୍ଠଭୂମିରେ ନିର୍ମିତ ସାଇନ୍ସ ଫିକ୍ସନ୍ ଚଳଚ୍ଚିତ୍ର 'କଲ୍‌କି ୨୮୯୮ ଏଡି' ଜୁନ୍ ୨୭ରେ ମୁକ୍ତିଲାଭ କରିଥିଲା। ଏହା ରିଲିଜ୍ ପରଠାରୁ ଆୟ ମାମଲାରେ ରେକର୍ଡ ପରେ ରେକର୍ଡ କରି ଚାଲିଛି। ସାଉଥ୍ ସୁପରଷ୍ଟାର୍ ପ୍ରଭାସ ଓ ଦୀପିକା ପାଦୁକୋନ୍‌ଙ୍କ ଅଭିନୀତ 'କଲ୍‌କି ୨୮୯୮ ଏଡି' ଦର୍ଶକଙ୍କୁ ବେଶ୍ ପସନ୍ଦ ଆସିଛି। ରିଲିଜ୍ ହେବାର ୧୩ ଦିନ ପରେ ଏହା କେବଳ ଭାରତରେ ୫୨୯ କୋଟି ଆୟ କରିଛି। ସାରା ବିଶ୍ୱରେ ଏହା ୮୦୦ କୋଟିରୁ ଅଧିକ ଆୟ କରି ସାରିଛି। ନିର୍ଦ୍ଦେଶକ ନାଗ ଅଶ୍ୱିନ୍ ଏହି ଫିଲ୍ମଟିକୁ ନିର୍ମାଣ କରିବା ପାଇଁ ପାଣି ଭଳି ଅର୍ଥ ଖର୍ଚ୍ଚ କରିଥିଲେ। ଫିଲ୍ମର ବଜେଟ୍ ଥିଲା ୬୦୦ କୋଟି। ତେବେ ଫିଲ୍ମର କଳାକାରମାନେ ଏଥିପାଇଁ ବେଶ୍ ମୋଟା ଅଙ୍କର ଟଙ୍କା ନେଇଛନ୍ତି। ତେବେ ବିଗ୍ ବି' ତାଙ୍କ ଭୂମିକା ଅନୁସାରେ ଏହି ଫିଲ୍ମ ପାଇଁ କମ୍ ପାରିଶ୍ରମିକ ନେଇଥିବା ଚର୍ଚ୍ଚା ହେଉଛି। ଫିଲ୍ମରେ ସେ ଅଶ୍ୱତ୍ଥାମା ଭୂମିକାରେ ଅଭିନୟ କରିଥିଲେ। ସବୁଠୁ ଗୁରୁତ୍ୱପୂର୍ଣ୍ଣ ଥିଲା ତାଙ୍କର ଭୂମିକା। ଏଥିପାଇଁ ସେ ପାରିଶ୍ରମିକ ବାବଦରେ ୧୮ କୋଟି ନେଇଛନ୍ତି। ପ୍ରଭାସ ଏହି ଚଳଚ୍ଚିତ୍ର ପାଇଁ ୮୦ କୋଟି, ଦୀପିକା ୨୦ କୋଟି, କମଲ ହାସନ ୨୦ କୋଟି ଏବଂ ଦିଶା ପଟାନି ୨ କୋଟି ନେଇଛନ୍ତି। ତେବେ ଅନ୍ୟ କଳାକାରମାନଙ୍କ ପାରିଶ୍ରମିକ ତୁଳନାରେ ବିଗ୍ ବିଙ୍କୁ କମ୍ ପାରିଶ୍ରମିକ ମିଳିଥିବା କଥା କୁହାଯାଉଛି। ବହୁତ ଜଲ୍‌ଦି ଏହି ଫିଲ୍ମ ସାରା ବିଶ୍ୱରେ ୧୦୦୦ କୋଟି ଆୟ କରିବ ବୋଲି ଆଶା କରାଯାଉଛି।

## ଆଜି ଆସିଥିଲେ... କର୍ମବୀର ଗୌରୀଶଙ୍କର ରାୟ



ଓଡ଼ିଆ ଭାଷା ସାହିତ୍ୟ ଓ ସାମ୍ବାଦିକତା ଜଗତ ପ୍ରତି କର୍ମବୀର ଗୌରୀଶଙ୍କର ରାୟଙ୍କର ରହିଛି ଅତୁଳନୀୟ ଯୋଗଦାନ। ଓଡ଼ିଶାକୁ ସ୍ୱତନ୍ତ୍ର ପ୍ରଦେଶ ମାନ୍ୟତା ଦେବା ପାଇଁ ଯେଉଁ କେତେଜଣ ବରେଣ୍ୟ ଓଡ଼ିଆ ଆଗଧାଡ଼ିରେ ଥିଲେ, ସେମାନଙ୍କ ଭିତରେ କର୍ମବୀର ଗୌରୀଶଙ୍କର ଅନ୍ୟତମ। ସବୁବେଳେ ସେ କର୍ମରେ ବିଶ୍ୱାସ କରୁଥିଲେ। ତାଙ୍କ ନିଷ୍ଠାପର କର୍ମ ପାଇଁ ତାଙ୍କୁ 'କର୍ମବୀର' ଆଖ୍ୟା ଦିଆଯାଇଥିଲା। ଗୌରୀଶଙ୍କର ଏକାଧାରରେ ଥିଲେ ଜଣେ ନିଷ୍ଠାପର ସମାଜ ସଂସ୍କାରକ, ଦକ୍ଷ ସଂଗଠକ, ଓଡ଼ିଆ ସାମ୍ବାଦିକତାର ଜନକ, ପ୍ରଚଣ୍ଡ ଜାତୀୟତାବାଦୀ ନେତା ତଥା ଶିକ୍ଷା ଓ ସଂସ୍କୃତି ପ୍ରେମୀ ବଳିଷ୍ଠ ସ୍ୱାଭିମାନୀ ବ୍ୟକ୍ତିତ୍ୱ। ୧୮୩୮ ମସିହା ଆଜିର ଦିନରେ କଟକ ଜିଲ୍ଲା ଅସୁରେଶ୍ୱର ଅନ୍ତର୍ଗତ ଦୀକ୍ଷିତପଡ଼ା ଗ୍ରାମରେ ଜନ୍ମଗ୍ରହଣ କରିଥିଲେ। ଗାଁ ଚାଟଶାଳୀରେ ପ୍ରାଥମିକ ଶିକ୍ଷା ଶେଷ କରିବା ପରେ କଟକରେ ହାଇସ୍କୁଲ ଏବଂ ପରେ ଉଚ୍ଚଶିକ୍ଷା ପାଇଁ ହୁଗୁଳି ଯାଇଥିଲେ। ଶିକ୍ଷା ଶେଷ ହେବା ପରେ ସେ ପ୍ରଥମେ ବାଲେଶ୍ୱର ଜିଲ୍ଲା ସ୍କୁଲରେ ଶିକ୍ଷକତା କରୁଥିଲେ। ମାସକୁ ୨୦ ଟଙ୍କା ବେତନ ପାଉଥିଲେ। ଶିକ୍ଷକତା ଛାଡ଼ି କଟକ କମିସନରଙ୍କ କାର୍ଯ୍ୟାଳୟରେ କିରାଣି ଚାକିରି କରିଥିଲେ। ଗୌରୀଶଙ୍କର ଓ ତାଙ୍କର ଘନିଷ୍ଠ ସହଯୋଗୀ ବିଚିତ୍ରାନନ୍ଦ ଦାସଙ୍କ ଉଦ୍ୟମରେ ୧୮୬୪ ମସିହାରେ 'କଟକ ପ୍ରିଣ୍ଟିଂ କମ୍ପାନି' ଗଢ଼ିଥିଲେ। ୪ ଅଗଷ୍ଟ ୧୮୬୬ରେ ପ୍ରଥମ ଓଡ଼ିଆ ଖବରକାଗଜ 'ଉତ୍କଳ ଦୀପିକା' ପ୍ରକାଶିତ ହୋଇଥିଲା। ଏହା ପ୍ରଥମେ ସାପ୍ତାହିକ ଭାବେ ପ୍ରକାଶିତ ହେଉଥିଲା। ଗୌରୀଶଙ୍କର ପ୍ରାୟ ୫୨ ବର୍ଷ ଏହାର ସମ୍ପାଦକ ଦାୟିତ୍ୱ ତୁଲାଇଥିଲେ। ଉତ୍କଳ ଦୀପିକା ଯେଉଁ ବର୍ଷ ଆରମ୍ଭ ହୋଇଥିଲା ସେହି ବର୍ଷ ଓଡ଼ିଶାରେ ନଅଙ୍କ ଦୁର୍ଭିକ୍ଷରେ ୧୦ ଲକ୍ଷ ଲୋକଙ୍କର ଜୀବନ ଯାଇଥିଲା। ଦୁର୍ଭିକ୍ଷ ଓ ପରବର୍ତ୍ତୀ ଭୟାବହତା ବିଷୟରେ ଗୌରୀଶଙ୍କର 'ଉତ୍କଳ ଦୀପିକା'ରେ ନିୟମିତ ଭାବେ ଲେଖା ପ୍ରକାଶ କରି ଇଂରେଜ ସରକାରଙ୍କ ଦୃଷ୍ଟିଆକର୍ଷଣ କରିଥିଲେ। ସରକାରୀ ଚାକିରି କରିଥିଲେ ମଧ୍ୟ ସରକାରଙ୍କ ବିରୋଧରେ ଏଥିରେ ସ୍ୱର ଉତ୍ତୋଳନ କରିବାକୁ ସେ ପଛାଉ ନ ଥିଲେ। ବଙ୍ଗୀୟ ପରିବାରରେ ଜନ୍ମ ହୋଇଥିଲେ ସୁଦ୍ଧା ସେ ଓଡ଼ିଆକୁ ମାତୃଭାଷା ଭାବେ ଗ୍ରହଣ କରିଥିଲେ। ଜୀବନର ମଧ୍ୟାହ୍ନରେ ବ୍ରାହ୍ମ ଧର୍ମ ଗ୍ରହଣ କରିଥିଲେ। ତାଙ୍କର ଦେହର ରଙ୍ଗ ଥିଲା ତୋଫା। ମୋଟା ନିଶ ରଖୁଥିଲେ ନିଜକୁ ସୁସ୍ଥସବଳ ରଖିବା ପାଇଁ ସେ ଦୈନିକ ଦଣ୍ଡ ବୈଠକ, କୁସ୍ତି କସରତ କରୁଥିଲେ, କାଠଯୋଡ଼ି ନଦୀରେ ସନ୍ତରଣ କରୁଥିଲେ। ଶୃଙ୍ଖଳା ଓ ନିୟମାନୁବର୍ତ୍ତିତା ଥିଲା ତାଙ୍କର ବିଶେଷ ଗୁଣ। ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ହେବା ପୂର୍ବରୁ ୧୯୧୭ ମାର୍ଚ୍ଚ ୭ରେ ତାଙ୍କର ପରଲୋକ ଘଟିଥିଲା। ଜଣେ ଦକ୍ଷ ସାମ୍ବାଦିକ ଭାବେ ଗୌରୀଶଙ୍କର ଲୋକଙ୍କ ଦାବିକୁ ସରକାରଙ୍କ ସାମ୍ନାରେ ଉପସ୍ଥାପନ କରିବା ସହ ସରକାରଙ୍କ ଦୋଷତ୍ରୁଟିକୁ ଲୋକଲୋଚନକୁ ଆଣୁଥିଲେ। ଓଡ଼ିଆ ଭାଷା ସାହିତ୍ୟ ତଥା ସାମ୍ବାଦିକତା କ୍ଷେତ୍ରରେ ତାଙ୍କର ଅତୁଳନୀୟ ଯୋଗଦାନ ପାଇଁ ସେ ଚିର ସ୍ମରଣୀୟ ହୋଇ ରହିବେ।

## ଆଜିର ରାଶିଫଳ

**ମେଷ:** ଦିନଟି ଭଲରେ କଟିବ। ପଶ୍ଚାତାପ କରିପାରନ୍ତି। ଦୂରସ୍ଥାନକୁ ଯାତ୍ରା କରିବା ସମୟରେ ସତର୍କତା ଅବଲମ୍ବ କରନ୍ତୁ। ବ୍ୟବସାୟରେ ସଫଳତା ପାଇବେ।

**ବୃଷ:** ଦୀର୍ଘଦିନ ଧରି ଅଟକି ଥିବା କାର୍ଯ୍ୟରେ ସଫଳତା ମିଳିବ। ଆୟ ଅନୁସାରେ ବ୍ୟୟ ଅଧିକ ହେବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ପିଠି ଯନ୍ତ୍ରଣା ଅନୁଭବ କରିପାରନ୍ତି। ଘରେ ମାଙ୍ଗଳିକ କାର୍ଯ୍ୟ ହେବ।

**ମିଥୁନ:** କାମ କରିବାର ତରିକାକୁ ବଦଳାନ୍ତୁ। ଆର୍ଥିକ ସ୍ଥିତି ଠିକ୍ ରହିବ। ବ୍ୟବସାୟିକ ନିଷ୍ପତ୍ତି ଭାବିଚିନ୍ତି ନେବା ଭଲ। ବିଦ୍ୟାର୍ଥୀମାନେ ଭଲ ପ୍ରଦର୍ଶନ କରିବେ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ।

**କର୍କଟ:** ମାନସିକ ଶାନ୍ତି ମିଳିବ। ଅଟକି ଥିବା କାର୍ଯ୍ୟ ପୂରା ହେବାର ସମ୍ଭାବନା ରହିଛି। କର୍ମକ୍ଷେତ୍ରରେ ସମସ୍ତଙ୍କ ସହ ଭଲ ଆଚରଣ ଦେଖାନ୍ତୁ। ଗୁରୁଜନଙ୍କଠାରୁ ପରାମର୍ଶ ନେବା ଫଳପ୍ରଦ।

**ସିଂହ:** ଅନ୍ୟଙ୍କୁ ବିଶ୍ୱାସ କରି ବ୍ୟକ୍ତିଗତ କଥା କୁହନ୍ତୁନି। ଯୋଜନା ମୁତାବକ କାମ କରନ୍ତୁ। ସମସ୍ୟାରେ ପଡ଼ିବାର ଆଶଙ୍କା ଅଧିକ। ଅଯଥା ଖର୍ଚ୍ଚରୁ ଦୂରେଇ ରୁହନ୍ତୁ। ଅଚାନକ ଖୁସି ଖବର ପାଇବେ।

**କନ୍ୟା:** କୋର୍ଟକଚେରୀ ମାମଲାର ଶୁଣାଣି ହେବ। ବିପଦରେ ପଡ଼ିପାରନ୍ତି। ନିଜ ଲୋକ ଶତ୍ରୁ ସାଜିପାରନ୍ତି। ଖର୍ଚ୍ଚ ବଢ଼ିବ। ସକାରାତ୍ମକ ଚିନ୍ତାଧାରାରେ ସମସ୍ୟାର ସମାଧାନ କରନ୍ତୁ।

**ତୁଳା:** ଅଫିସ କାମକୁ ନେଇ ଚିନ୍ତାରେ ରହିବେ। ଅନ୍ୟମାନଙ୍କ କଥାରେ ପରିଚାଳିତ ହୁଅନ୍ତୁ ନାହିଁ। ଆଧ୍ୟାତ୍ମିକ କାର୍ଯ୍ୟରେ ସମୟ ବିତାନ୍ତୁ। ମହିଳାମାନଙ୍କ ପାଇଁ ଦିନଟି ଭଲ। ପ୍ରେମ ବ୍ୟାପାରରେ ସଫଳ ହେବେ।

**ବିଛା:** ପରିଶ୍ରମ ଅନୁସାରେ ଫଳ ମିଳିବ। ନିଷ୍ପତ୍ତି ନିଜେ ନିଅନ୍ତୁ। ଯୋଜନା ଅନୁସାରେ କାମ କରିବା ଭଲ। ସ୍ୱାସ୍ଥ୍ୟ ପ୍ରତି ଅଣଦେଖା କରନ୍ତୁନି। ଷ୍ଟକ୍ ମାର୍କେଟ ସହିତ ଜଡ଼ିତ ବ୍ୟକ୍ତିଙ୍କୁ ଲାଭ ମିଳିବ।

**ଧନୁ:** କ୍ରୋଧ ଉପରେ ନିୟନ୍ତ୍ରଣ କରନ୍ତୁ। ଲୋକସମ୍ପର୍କ ବଢ଼ିବ। ଅଫିସ୍‌ର ସହକର୍ମୀଙ୍କ ସହ ମତାନ୍ତର ହୋଇପାରେ। ଆୟ ମୁତାବକ ଖର୍ଚ୍ଚ କରିବା ଭଲ। କାହାକୁ ବାଧିଲା ପରି କଥା କୁହନ୍ତୁନି।

**ମକର:** ଯୁବପିଢ଼ିଙ୍କ ପାଇଁ ଦିନଟି ଭଲ। ଆଧ୍ୟାତ୍ମିକ କାର୍ଯ୍ୟରେ ସମୟ ବିତିବ। ବୈବାହିକ ସମ୍ପର୍କରେ ମଧୁରତା ଆସିବ। ମହିଳାମାନେ ନିଜ ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହୁଅନ୍ତୁ। ପେଟଜନିତ ସମସ୍ୟା ହୋଇପାରେ।

**କୁମ୍ଭ:** ତରବରିଆ ଭାବେ କୌଣସି ନିଷ୍ପତ୍ତି ନିଅନ୍ତୁ ନାହିଁ। ଅଟକି ଥିବା ଅର୍ଥ ଫେରିପାଇବେ। ଅତିଥି ସତ୍କାରରେ ଦିନ ବିତିବ। କର୍ମଚାରୀଙ୍କ ପାଇଁ ଦିନଟି ଭଲ। ବିଦ୍ୟାର୍ଥୀମାନେ ଶିକ୍ଷା କ୍ଷେତ୍ରରେ ଭଲ ପ୍ରଦର୍ଶନ କରିବେ।

**ମୀନ:** ପରିବାର ପାଇଁ ସମୟ କାଢ଼ନ୍ତୁ। ବିପଦରେ ପଡ଼ିଥିବା ଲୋକଙ୍କୁ ସାହାଯ୍ୟର ହାତ ବଢ଼ାନ୍ତୁ। କର୍ମକ୍ଷେତ୍ରରେ କାର୍ଯ୍ୟର ଚାପ ବଢ଼ିବ। ପାରିବାରିକ ଜୀବନରେ ଝଡ଼ ସୃଷ୍ଟି ହେବାର ଆଶଙ୍କା ରହିଛି।

## କାଗଜ ଡଙ୍ଗା



ଅଶୋକ କୁମାର ପ୍ରଧାନ

କାଗଜ ଡଙ୍ଗାରେ କାଗଜ ଡଙ୍ଗା
ମୋ ଜୀବନେ ତୁ... ଖୁସିର ଗଙ୍ଗା
ତୋତେ ମୁଁ ଗଢ଼େ ମୋ କଅଁଳ ହାତେ
ତୋ ସାଥିରେ ଖେଳି ଖୁସିରେ ମାତେ
ଆକାଶରୁ ଯେବେ ବରଷେ ପାଣି
ହାତରେ ମୁଁ ତୋତେ ଯତନେ ଆଣି।
ଓଳିପାଣି ସୁଏ ଭସାଇ ଦେଇ
ନାଚେ ଗୀତ ଗାଇ ତାଥେଇ ଥେଇ
ତୋ ସାଥିରେ କଥା ହୁଅଇ କେତେ
କଥା ହୋଇ ଦୁଃଖ ଭୁଲେ ମୁଁ ଯେତେ
ବାପା ବୋଉ ଗାଳି ପଛକୁ ଟାଳି
ତୋ କଥା ମୁଁ କେତେ ହୁଅଇ ଭାଳି
ବରଷାରେ ଭିଜେ ତୋ ସାଥେ ହସି
ଭାସୁ ହସୁ ପାଣି ସୁଏ ତୁ ବସି
ଦୋହଲି ତୁ ଯେବେ ଆଗକୁ ଯାଉ
ମୁରୁକି ହସିକି ମୋ ଆଡେ ଚାହୁଁ
ମୁଁ ବି ହସି ତୋତେ ବିଦାୟ ଦିଏ
କହେ ଆମ ଭାଗ୍ୟ ଜାଣିଛି ସିଏ
ଭାସି ଭାସି ହେବୁ ଦରିଆ ପାରି
ଡାକୁଛି ସେ ତା'ର ହାତକୁ ଠାରି
ସବୁରି ଜୀବନ ତା' ହାତେ ବନ୍ଧା
ତୋ ସାଥେ ମୋ ମନ ପରାଣ ଛନ୍ଦା
କାଗଜ ଡଙ୍ଗା ତୁ ମୋ ମନ ମିତ
ତୋ ପାଇଁ ଗାଏ ମୁଁ ଖୁସିରେ ଗୀତ।



ରୋହିଗାଁ, ଗଞ୍ଜାମ
ମୋ-୮୨୪୯୧୧୯୧୩୦

## ସକାଳ ଶିଶୁ କୁଇଜ୍-୧୨୬

(୧) ମୀନାକ୍ଷୀ ମନ୍ଦିର ଭାରତର କେଉଁ ରାଜ୍ୟରେ ଅଛି?
ଉତ୍ତର: ______
(୨) କୋଟା ସହର କେଉଁ ନଦୀ କୂଳରେ ଅବସ୍ଥିତ?
ଉତ୍ତର: ______
(୩) ଭିଟାମିନ୍ ବି-୭ର ରାସାୟନିକ ନାମ କ'ଣ?
ଉତ୍ତର: ______
(୪) ଭାରତର ପ୍ରଥମ ଗଭର୍ଣ୍ଣର ଜେନେରାଲ କିଏ ଥିଲେ?
ଉତ୍ତର: ______
(୫) ଥାଇଲାଣ୍ଡର ମୁଦ୍ରାକୁ କ'ଣ କୁହାଯାଏ?
ଉତ୍ତର: ______

ସକାଳ ଶିଶୁ କୁଇଜ୍‌ରେ ଅଂଶଗ୍ରହଣ କରୁଥିବା ଛାତ୍ରଛାତ୍ରୀମାନେ ଏବେ ସେମାନଙ୍କ ଉତ୍ତରକୁ sakalasishu@gmail.comରେ ପଠାଇବାକୁ ଅନୁରୋଧ। ତିନିଜଣ ସଠିକ୍ ଉତ୍ତରଦାତାଙ୍କ ନାମ ଏହି ପୃଷ୍ଠାରେ ପ୍ରକାଶ ପାଇବ।

**ଗତ ସପ୍ତାହର କୁଇଜ୍ ବିଜେତା**
- ଅଭିଷେକ ହୋତା, ଓଡ଼ଗାଁ, ନୟାଗଡ଼
- ବ୍ୟୋମକେଶ ପୁହାଣ, ଚାନ୍ଦବାଲି
- ସନ୍ଦୀପ୍ତା ଶୁଭଦର୍ଶିନୀ, ଧୁଷୁରୀ, ଭଦ୍ରକ

ଆମର ଯୋଗାଯୋଗ ଠିକଣା
ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍
ଇଡ୍‌କୋ ପ୍ଲଟ୍ ନଂ- ୯୦-୯୧, ଭଗବାନପୁର, ଭୁବନେଶ୍ୱର-୭୫୧୦୧୯

## ପ୍ରହେଳିକା

ଶ୍ରୀଗୁଣ୍ଡିଚା ଦିନ ଯାଆନ୍ତି ସାଆନ୍ତ
ମାଉସୀ ମାଆଙ୍କ ଘର
ନଅଦିନ ରହି ଖୁସି ମଜା କରି
ଫେରନ୍ତି ଶିରି ମନ୍ଦିର
ଆଷାଢ଼ ଶୁକ୍ଳ ଦଶମୀ ତିଥିରେ
ଆସିଥାଏ ପୁଣ୍ୟ ଯାତ
ଭକ୍ତଙ୍କ ଗହଣେ ରଥ ପରେ ବସି
ଆସନ୍ତି ଜଗତ ନାଥ
କୁହ ସେ ଯାତର ନାମ
ବଡ଼ଦାଣ୍ଡ ଦିଶେ ଗହଳି ଚହଳି
ହସିଉଠେ ପୁରୀ ଧାମ।
ଉତ୍ତର-ବାହୁଡ଼ା ଯାତ



ମାଉସୀ ମା'ଘରୁ ଫେରନ୍ତି କାଳିଆ
ପୁଣ୍ୟ ଦଶମୀ ତିଥିରେ
ରଥ ପରେ ପ୍ରଭୁ ଏକାଦଶୀ ଦିନ
ଦିଶନ୍ତି ନୂଆ ବେଶରେ
ଅତି ଦୁର୍ଲଭ ସେ ଦୃଶ୍ୟ
ବରଷକେ ପାଞ୍ଚ ବାର ହୋଇଥାଏ
କୁହ ସିଏ କେଉଁ ବେଶ।
ଉତ୍ତର-ସୁନାବେଶ

- ରାମଚନ୍ଦ୍ର ବେହେରା
ତେନ୍ତୁଳିପଦା, ଜଗତସିଂହପୁର
ମୋ-୭୩୫୫୬୩୪୩୪୬

## ସୁମନ

## ଦରଦୀ ବନ୍ଧୁ





ନଗେନ୍ଦ୍ର ନାଥ ପଟ୍ଟନାୟକ

ଅଗନାଅଗନି ବନରେ ଇଲି ନାମରେ ହାତୀଟେ ବାସ କରୁଥିଲା। ସେ ଭାରି ଦରଦୀ। ଖୁବ୍ ଶାନ୍ତଶିଷ୍ଟ ପ୍ରକୃତିର। ବଣ ମୁଲକର ଜୀବଜନ୍ତୁଙ୍କ ତୁଣ୍ଡରେ ଖାଲି ଇଲି ହାତୀର ପ୍ରଶଂସା। ଇଲି ଜୀବଜନ୍ତୁଙ୍କ ଭଲମନ୍ଦ କଥା ବୁଝୁଥିଲା ଆଉ ସେମାନଙ୍କ ସୁଖଦୁଃଖରେ ସମଭାଗୀ ହେଉଥିଲା। ବିପଦ ଆପଦ ଓ ଅସୁବିଧାରେ ପଡ଼ିଲେ ସେମାନଙ୍କ ପଛରେ ଛିଡ଼ା ହେବାକୁ କେବେ ବି ପଛାଉ ନ ଥିଲା। ସେ ସଦାବେଳେ ଜଙ୍ଗଲୀ ଜୀବଜନ୍ତୁଙ୍କୁ ସାହାଯ୍ୟ ଓ ସହାୟତାର ହାତ ବଢ଼ାଉଥିଲା। ଦିନକର କଥା, ଟାଇଁଟାଇଁ ଖରାବେଳେ ସେ ଗୋଟେ ଚୁଇଁ ଚଢ଼େଇକୁ ହାବୁଡ଼ିଲା। ଚୁଇଁ ଚଢ଼େଇ ଭୂଇଁରେ ପଡ଼ି ବିକଳରେ ଛଟପଟ ହେଉଥିଲା। ଚିଁ ଚିଁ ସ୍ୱରରେ କରୁଣ ଭାବରେ ରାବୁଥିଲା। ଏତେ ନିର୍ବଳୁଆ ଯେ, ଡେଣା ମେଲି ଉଡ଼ିପାରୁ ନ ଥିଲା, ଡେଣା ଝାଡ଼ି ଫଡ଼ଫଡ଼ କରିବା ଦୂରର କଥା। ପାଖ ଝଙ୍କାଳିଆ ଗଛରେ ବନାହୋଇଥିବା ଶୁଖାଘାସ ଓ କୁଟାର ନୀଡ଼ରୁ ସେ ଦାଲୁକିନା ତଳକୁ ଖସିପଡ଼ି ଖଣ୍ଡିଆଖାବରା ହୋଇଥିଲା। ଏଣେ କୁଲା ଭଳି କାନକୁ ହଲେଇ ହଲେଇ, ଗୋଦର ପରିକା ପାହୁଲ ପକାଇ ଇଲି ହାତୀ ହଲିହଲି ସେ ଆଡ଼କୁ ମାଡ଼ି ଆସୁଥିଲା। ବିରାଟ ଇଲି ହାତୀ ଥୋଡ଼ ପାହାଡ଼ରେ ଚୁଇଁ ଚଢ଼େଇଟିକୁ ତଳୁ ଟେକିଧରି ପାଖ ନଈକୂଳକୁ ନେଇଗଲା। ସେଇ ନଈରୁ ଶୁଣ୍ଢରେ ପାଣିନେଇ ଚୁଇଁ ଚଢ଼େଇର କ୍ଷତସ୍ଥାନକୁ ଭଲ ଭାବରେ ସଫାକଲା। ବିଚାରୀ ଆହତ ଚୁଇଁ ଚଢ଼େଇ ଚଞ୍ଚୁରେ ପାଣି ମୁନ୍ଦେ ଦେଲା ପିଇବାକୁ। ଏହାପରେ ବିଚାରୀକୁ ତା'ବସାକୁ ନେଇଗଲା। ଚୁଇଁ ଏବେ ବିପଦମୁକ୍ତ। ବେଶ୍ ଆରାମ ଅନୁଭବ କରୁଛି ବୋଲି ଇଲି ଏକପ୍ରକାର ନିଶ୍ଚିତ ଥିଲା। ଦିନ ପରେ ଦିନ ଗଡ଼ିଚାଲିଲା। ସମୟକ୍ରମେ ଚୁଇଁ ଚଢ଼େଇଟି ପୁଣି ତା'ବଳ ଫେରିପାଇଲା। ଇଲି ହାତୀ ପ୍ରତି ଚୁଇଁର ମନ କୃତଜ୍ଞତାରେ ଭରିଗଲା। ଚୁଇଁ ଚଢ଼େଇ ତା' ସାହାଯ୍ୟର ଋଣ ଶୁଝିବାକୁ ଚାହୁଁଥିଲା। ଦିନେ ଦଳେ ଶିକାରୀ ମେଳିହୋଇ ଏକାବେଳେ ନିଘଞ୍ଚ ଜଙ୍ଗଲ ଭିତରକୁ ପଶିଲେ। ସେମାନଙ୍କ ଏକମାତ୍ର ଲକ୍ଷ୍ୟ - ସେ ଇଲି ହାତୀକୁ କଳେବଳେ କୌଶଳେ କାବୁ କରିନେବା। ଏତିକିବେଳେ ଚୁଇଁ ଚଢ଼େଇ ଇଲି ହାତୀ ନିକଟକୁ ପବନ ବେଗରେ ଉଡ଼ିଯାଇ ତା' ମୁଣ୍ଡ ଉପରେ ବିପଦ ମାଡ଼ିଆସୁଛି ବୋଲି ଚେତେଇଦେଲା। ଚୁଇଁ ଚଢ଼େଇର ଉପସ୍ଥିତ ବୁଦ୍ଧି ଓ ଠିକଣା ସମୟରେ ତା'ର ସାହାଯ୍ୟ ଯୋଗୁ ଇଲି ହାତୀ ଶିକାରୀମାନଙ୍କ କବଳରୁ ନିଜ ଜୀବନକୁ ବଞ୍ଚାଇ ପାରିଲା ଆଉ ନିରାପଦରେ କାଳାତିପାତ କଲା।

ନୀତିଶିକ୍ଷା-ଦୟା କରୁଣାର ଋଣ ଅପ୍ରତ୍ୟାଶିତ ଭାବେ ଶୁଝାଯାଏ।

- ଓସ୍କାର ସିଟି,
ଲକ୍ଷ୍ମୀସାଗର କେନାଲ ରୋଡ୍, ଭୁବନେଶ୍ୱର
ମୋ-୯୪୩୮୩୩୨୧୩୮

## ତୁଳି











**ସୋମ ଆଶୀର୍ବାଦ ତ୍ରିପାଠୀ**
ସପ୍ତମ ଶ୍ରେଣୀ
ଫ୍ୟୁଚର୍ ଭୁବନେଶ୍ୱର ସ୍କୁଲ
ଭୁବନେଶ୍ୱର



**ସ୍ୱନ୍ଦିତା ଦିବ୍ୟାରାଣୀ**
ତୃତୀୟ ଶ୍ରେଣୀ
ଡିଏଭି ପବ୍ଲିକ୍ ସ୍କୁଲ
ପୋଖରୀପୁଟ, ଭୁବନେଶ୍ୱର



**ଶୁଭ୍ରାଂଶୁ ଶେଖର ବେହେରା**
ଅଷ୍ଟମ ଶ୍ରେଣୀ
ଡିଏଭି ଗୁରୁକୁଳ
କୁହୁଡ଼ି, ଖୋର୍ଦ୍ଧା



**ସ୍ମରଣିକା ପ୍ରଧାନ**
ପଞ୍ଚମ ଶ୍ରେଣୀ
ସେଣ୍ଟ ଆନିସ୍ କନଭେଣ୍ଟ ସ୍କୁଲ୍
ସୋନପୁର

## ଦେ ଦେ ମେଘ ବରଷା ଟୋପା



କୁଞ୍ଜବିହାରୀ ସାହୁ

ଦେ ଦେ ମେଘ ବରଷା ଟୋପା
ମାଟି ପରେ ପଡୁ ଥୋପାକୁ ଥୋପା
ବତର ହୋଇବ ଶୁଖିଲା ମାଟି
ପାଣିରେ ବୁଲିବ ପତର କାଠି।
ମେଘ ବି କହିଲା ହଁ..ହଁ..
ବରଷା ପାଣିକୁ ଧ...ଧ.
ଓଳିପାଣି ଧାରେ ଗଲା ପାଣି
କାଠିକୁଟା ତକ ଦେଲା ଟାଣି।
ଫିଁ..ଫିଁ..ଫିଁ.ହସିଦେଲି
କାଗଜ ଡଙ୍ଗାଟି ଭସେଇଲି
ଥିରିଥିରି ଗଲା ସାଙ୍ଗ ଘର
ମେଘକୁ କରିଲି ନମସ୍କାର।



- ପାତ୍ରପଡ଼ା, ଭୁବନେଶ୍ୱର
ମୋ-୭୦୦୮୧୪୨୦୪୦

### ଲର୍ଡ୍ସରେ ଇଂଲଣ୍ଡର ପାଳି ବିଜୟ

# ବିଦାୟୀ ଟେଷ୍ଟରେ ଆଣ୍ଡରସନଙ୍କୁ ବିଜୟ ଭେଟି



ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ଗସ୍ ଆଟକିନସନ

**ଲର୍ଡ୍ସ,୧୨।୭(ଏଜେନ୍ସି):** ମହାନ ଦ୍ରୁତ ବୋଲର ଜେମ୍ସ ଆଣ୍ଡରସନଙ୍କ ବିଦାୟୀ ଟେଷ୍ଟରେ ଇଂଲଣ୍ଡ ଭ୍ରମଣକାରୀ ୱେଷ୍ଟଇଣ୍ଡିଜ୍‌କୁ ମାତ୍ର ଅଢେଇ ଦିନ ମଧ୍ୟରେ ଗୋଟିଏ ପାଳି ଓ ୧୧୪ ରନରେ ପରାସ୍ତ କରିଛି। ଏଥିସହ ଇଂଲଣ୍ଡ ବିଜୟ ଉପହାର ଦେବା ସହ ଆଣ୍ଡରସନଙ୍କୁ ଅନ୍ତର୍ଜାତୀୟ କ୍ରିକେଟ୍‌ରୁ ବିଦାୟ ଦେଇଛି। ଐତିହାସିକ ଲର୍ଡ୍ସ ଗ୍ରାଉଣ୍ଡରେ ଇଂଲଣ୍ଡ ଓ ୱେଷ୍ଟଇଣ୍ଡିଜ ପ୍ରଥମ ଟେଷ୍ଟରେ ପରସ୍ପରକୁ ଭେଟିଥିଲେ ଓ ଆଣ୍ଡରସନଙ୍କ କ୍ୟାରିୟରର ଅନ୍ତିମ ତଥା ୧୮୮ତମ ଟେଷ୍ଟ ଖେଳି କ୍ରିକେଟ୍‌ରୁ ସନ୍ୟାସ ନେଇଛନ୍ତି।

## ୱେଷ୍ଟଇଣ୍ଡିଜ ୨୫୦ ରନର ପଛୁଆ

ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ୱେଷ୍ଟଇଣ୍ଡିଜ ପ୍ରଥମ ପାଳିରେ ୪୧.୪ ଓଭରରେ ୧୨୧ ରନକରି ଅଲଆଉଟ୍ ହୋଇଥିଲା। ଜବାବରେ ଇଂଲଣ୍ଡ ପ୍ରଥମ ପାଳି ଆରମ୍ଭ କରି ୯୦ ଓଭରରେ ୩୭୧ ରନକରି ଅଲଆଉଟ ହୋଇଥିଲା। ଫଳରେ ଇଂଲଣ୍ଡ ୨୫୦ ରନର ମହତ୍ତ୍ୱପୂର୍ଣ୍ଣ ଅଗ୍ରଣୀ ହାସଲ କରିଥିଲା। ଏହାପରେ ଦ୍ୱିତୀୟ ପାଳି ଆରମ୍ଭ କରି ୱେଷ୍ଟଇଣ୍ଡିଜ ଶୁକ୍ରବାର ୪୭ ଓଭରରେ ୧୩୬ ରନକରି ଅଲଆଉଟ ହୋଇ ଗୋଟିଏ ପାଳି ଓ ୧୧୪ ରନରେ ପରାସ୍ତ ହୋଇଥିଲା। ପଦାର୍ପଣ ଟେଷ୍ଟରେ ଇଂଲଣ୍ଡର ୨୬ ବର୍ଷୀୟ ଦ୍ରୁତ ବୋଲର ଗସ୍ ଆଟକିନସନ ଚମତ୍କାର ପ୍ରଦର୍ଶନ କରିଛନ୍ତି। ସେ ପ୍ରଥମ ପାଳିରେ ୭ ଓ ଦ୍ୱିତୀୟରେ ୫ ୱିକେଟ ଅକ୍ତିଆର କରି ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିବା ସହ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି।

## ଆଟକିନସନଙ୍କୁ ୫, ଆଣ୍ଡରସନଙ୍କୁ ୩ ୱିକେଟ

ଅସମାପ୍ତ ଦ୍ୱିତୀୟ ପାଳି ସ୍କୋର ୭୯/୬ରୁ ଖେଳ ଆରମ୍ଭ କରି ୱେଷ୍ଟଇଣ୍ଡିଜ ଶୁକ୍ରବାର ଅଲଆଉଟ ହୋଇଥିଲା ଓ ଆଉ ମାତ୍ର ୫୭ ରନ ଅଧିକ ସଂଗ୍ରହଣ କରିଥିଲା। ଫଳରେ ମ୍ୟାଚ୍ ମାତ୍ର ଅଢେଇ ଦିନରେ ମ୍ୟାଚ୍ ଶେଷ ହୋଇଥିଲା। ଓଭରନାଇଟ୍ ବ୍ୟାଟର ଜୋସୁଆ ଡା ସିଲ୍‌ଭା ୮ ରନ୍‌ରୁ ଖେଳ ଆରମ୍ଭ କରି ଆଉ ମାତ୍ର ଗୋଟିଏ ରନ୍ ଅଧିକ କରି ଆଉଟ ହୋଇଥିଲେ। ଏହାପରେ ଅଲଜାରି ଜୋଶେଫ୍ ୮, ଶମର ଜୋସେଫ୍ ୩, ଜେଡେନ ସିଲ୍ସ ୮ ରନକରି ଆଉଟ ହୋଇଥିବା ବେଳେ ଗୁଡାକେଶ ମୋତି ଦ୍ରୁତ ୩୧ ରନକରି ଅପରାଜିତ ରହିଥିଲେ। ବୋଲିଂରେ ଇଂଲଣ୍ଡ ତରଫରୁ ଅଟକିସନନ ୫, ଆଣ୍ଡରସନ ୩ ଓ ବେନ୍ ଷ୍ଟୋକ୍ସ ୨ ୱିକେଟ ଅକ୍ତିଆର କରିଥିଲେ। ପ୍ରଥମ ପାଳିରେ ଇଂଲଣ୍ଡ ତରଫରୁ ଓଲି ପୋପ୍ (୫୭), ଜୋ ରୁଟ୍ (୬୮), ହାରୀ ବ୍ରୁକ (୫୦), ଜେମି ସ୍ମିଥ୍ (୭୦) ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ୱେଷ୍ଟଇଣ୍ଡିଜର ଦ୍ରୁତ ବୋଲର ଜେଡେନ ସିଲ୍ସ ସର୍ବାଧିକ ୪ ୱିକେଟ ନେଇଥିଲେ।



### ସଂକ୍ଷିପ୍ତ ସ୍କୋର

**ୱେଷ୍ଟଇଣ୍ଡିଜ ପ୍ରଥମ ପାଳି:** ୧୨୧/୧୦, ୪୧.୪ ଓଭର।
**ଇଂଲଣ୍ଡ ପ୍ରଥମ ପାଳି:** ୩୭୧/୧୦, ୯୦ ଓଭର।
**ୱେଷ୍ଟଇଣ୍ଡିଜ ଦ୍ୱିତୀୟ ପାଳି:** ୧୩୬/୧୦, ୪୭ ଓଭର (ଗୁଦାକେଶ ମୋତି- ୩୧*, ଆଲିକ ଅଥାନାଜ- ୨୨,ଜାସନ ହୋଲ୍ଡର- ୨୦, ମିକାଇଲ ଲୁଇସ୍- ୧୪, ଗସ୍ ଆଟକିନସନ- ୫/୬୧, ଜେମ୍ସ ଆଣ୍ଡରସନ- ୩/୩୨, ବେନ ଷ୍ଟୋକ୍ସ-୨/ ୨୫)।

# ଅନ୍ତର୍ଜାତୀୟ କ୍ରିକେଟ୍‌କୁ ଆଣ୍ଡର୍‌ସନ୍‌ଙ୍କ ଅଲ୍‌ବିଦା

ଇଂଲଣ୍ଡ କ୍ରିକେଟ ଇତିହାସର ଅନ୍ୟତମ ଶ୍ରେଷ୍ଠ ଦ୍ରୁତ ବୋଲର ଜେମ୍ସ ଆଣ୍ଡରସନ ଅନ୍ତର୍ଜାତୀୟ କ୍ରିକେଟ୍‌ରୁ ବିଦାୟ ନେଇଛନ୍ତି। ଐତିହାସିକ ଲର୍ଡ୍ସ ଗ୍ରାଉଣ୍ଡରେ ଖେଳାଯାଇଥିବା ପ୍ରଥମ ଟେଷ୍ଟରେ ଦଳର ବିଜୟ ସହ ସେ କ୍ରିକେଟ୍‌କୁ ଅଲବିଦା କରିଛନ୍ତି। ଏହି ଟେଷ୍ଟରେ ସେ ପ୍ରଥମ ପାଳିରେ ଗୋଟିଏ ଓ ଦ୍ୱିତୀୟ ପାଳିରେ ୩ ୱିକେଟ ଓ ମୋଟ୍ ଉପରେ ୪ ୱିକେଟ ଅକ୍ତିଆର କରିଛନ୍ତି। ୪୧ ବର୍ଷୀୟ ଆଣ୍ଡରସନ ତାଙ୍କର ଦୀର୍ଘ ୨୧ ବର୍ଷର ଉଜ୍ଜ୍ୱଳମୟ କ୍ୟାରିୟରରେ ୧୮୮ଟି ଟେଷ୍ଟ ଖେଳି ୨୬.୪୫ ରନ ହାରରେ ୭୦୪ଟି ୱିକେଟ ଅକ୍ତିଆର କରିଛନ୍ତି। ସେହିପରି ସେ ୧୯୪ଟି ଦିନିକିଆ ଖେଳି ୨୯.୨୨ ରନ ହାରରେ ୨୬୯ ଓ ୧୯ଟି ଟି-୨୦ ମ୍ୟାଚ୍ ଖେଳି ୧୮ଟି ୱିକେଟ ଅକ୍ତିଆର କରିଛନ୍ତି। ତୃତୀୟ ଦିବସର ଖେଳ ଆରମ୍ଭ ହେବା ପୂର୍ବରୁ ଆଣ୍ଡସରସ ବେଶ୍ ଭାବପ୍ରବଣ ହୋଇ ପଡିଥିଲେ। ପଡିଆରେ ପ୍ରବେଶ କରିବା ବେଳେ ତାଙ୍କୁ ଗାର୍ଡ ଅଫ୍ ଅନର ପ୍ରଦାନ କରାଯାଇଥିଲା ଓ ଷ୍ଟାଡିୟମରେ ଉପସ୍ଥିତ ଦର୍ଶକ ଠିଆ ହୋଇ ତାଙ୍କୁ ଅଭିବାଦନ ଜଣାଇଥିଲେ।

## ଦ୍ରୁତ ବୋଲର ଭାବେ ନେଇଛନ୍ତି ସର୍ବାଧିକ ୱିକେଟ

ଟେଷ୍ଟ କ୍ୟାରିୟରରେ ସେ ଏକାଧିକ ବିଶ୍ୱ ରେକର୍ଡ ଅଧିକାରୀ ହୋଇଛନ୍ତି। ଟେଷ୍ଟ ଫର୍ମାଟ୍‌ରେ ସେ ଦ୍ରୁତ ବୋଲର ଭାବେ ସର୍ବାଧିକ ୭୦୪ ୱିକେଟ ଅକ୍ତିଆର କରି ବିଶ୍ୱରେକର୍ଡ ସ୍ଥାପନ କରିଛନ୍ତି। ବିଶ୍ୱର ଅନ୍ୟତମ ଦ୍ରୁତ ବୋଲର ଭାବେ ଇଂଲଣ୍ଡର ଷ୍ଟୁଆର୍ଟ ବ୍ରଡ୍ ୬୦୪ ୱିକେଟ ନେଇ ୬୦୦ରୁ ଊର୍ଦ୍ଧ୍ୱ ୱିକେଟ ଅକ୍ତିଆର କରିଛନ୍ତି। ସେ କ୍ୟାରିୟରରେ ୩୨ଟି ୫ ୱିକେଟ ସଫଳତା ହାସଲ କରି ତାଲିକାର ଷଷ୍ଠ ସ୍ଥାନରେ ରହିଛନ୍ତି। ସେହିପରି କ୍ରିକେଟ ଆଇକନ୍ ସଚିନ ତେନ୍ଦୁଲକର (୨୦୦ ଟେଷ୍ଟ)ଙ୍କ ପରେ ଦ୍ୱିତୀୟ ସର୍ବାଧିକ ସଂଖ୍ୟକ ୧୮୮ଟି ଟେଷ୍ଟ ଖେଳିଛନ୍ତି। ୱେଷ୍ଟଇଣ୍ଡିଜ ବିପକ୍ଷରେ ସର୍ବାଧିକ ୱିକେଟ ନେବାରେ ସେ କପିଳଦେବଙ୍କୁ ପଛରେ ପକାଇ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ୱେଷ୍ଟଇଣ୍ଡିଜ ବିପକ୍ଷରେ ଅଷ୍ଟ୍ରେଲିଆର ଗ୍ଲେନ ମ୍ୟାକଗ୍ରା ୧୧୦, ଆଣ୍ଡରସନ ୯୦, କପିଳଦେବ ୮୯ ଟି ୱିକେଟ ନେଇଛନ୍ତି। ଟେଷ୍ଟରେ ସେ ପ୍ରଥମ ଦ୍ରୁତ ବୋଲର ଭାବେ ୪୦,୦୩୭ ବଲ ବୋଲିଂ କରିଛନ୍ତି। ୩ଟି ଯାକ ଫର୍ମାଟ୍‌ରେ ସେ ୪୦୦ ମ୍ୟାଚ୍ ଖେଳି ୫୦,୦୦୦ ବଲ ପକାଇଛନ୍ତି।

## ଜୟ ଶାହଙ୍କୁ ଭେଟିଲେ ସଞ୍ଜୟ



**କଟକ,୧୨।୭(ସମିସ):** ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ) ସମ୍ପାଦକ ସଞ୍ଜୟ ବେହେରା ମୁମ୍ବାଇ ଗସ୍ତରେ ଯାଇଛନ୍ତି। ଏହି ଅବସରରେ ସେ ବିସିସିଆଇ ସମ୍ପାଦକ ଜୟ ଶାହଙ୍କୁ ଭେଟିଥିଲେ। ଭାରତୀୟ ଦଳ ଟି-୨୦ ବିଶ୍ୱକପ୍ ବିଜୟୀ ହୋଇଥିବାରୁ ଜୟଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଏହାଛଡ଼ା ଆସନ୍ତା ଫେବୃୟାରୀ ୯ ତାରିଖରେ ବାରବାଟୀ ଷ୍ଟାଡିୟମରେ ଭାରତ-ଇଂଲଣ୍ଡ ମଧ୍ୟରେ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳାଯିବ। ଏଥି ନିମନ୍ତେ ସଞ୍ଜୟ ବିସିସିଆଇ ସମ୍ପାଦକଙ୍କୁ କୃତଜ୍ଞତା ଜଣାଇଥିଲେ। ରାଜ୍ୟ କ୍ରିକେଟର ବିକାଶ ଏବଂ ବାରବାଟୀ ଷ୍ଟାଡିୟମର ବିକାଶ ମୂଳକ କାର୍ଯ୍ୟ ନେଇ ଆଲୋଚନା ମଧ୍ୟ ହୋଇଛି ବୋଲି ଓସିଏ ପକ୍ଷରୁ ପ୍ରେସ ବିବୃତ୍ତି ମାଧ୍ୟମରେ ସୂଚନା ଦିଆଯାଇଛି।

### ଖେଲୋ ଇଣ୍ଡିଆ ଜୋନାଲ ଭାରୋତ୍ତୋଳନ

## ଓଡ଼ିଶାର ମିନା ସାନ୍ତାଙ୍କୁ ଡବଲ୍ ସ୍ୱର୍ଣ୍ଣ



**ଭୁବନେଶ୍ୱର, ୧୨।୭(ସମିସ):** ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ୍‌ରେ ଚାଲିଥିବା ଅସ୍ମିତା ଖେଲୋ ଇଣ୍ଡିଆ ଜୋନାଲ ଭାରୋତ୍ତୋଳନ ପ୍ରତିଯୋଗିତାରେ ଓଡ଼ିଶାର ମିନା ସାନ୍ତାଙ୍କୁ ୨ଟି ସ୍ୱର୍ଣ୍ଣ ସହ ୩ଟି ପଦକ ମିଳିଛି। ଶୁକ୍ରବାର ଅନୁଷ୍ଠିତ ଦୁଇଟି ଓଜନ କାଟେଗୋରୀ ୫୫ ଓ ୫୯ କିଲୋଗ୍ରାମ୍‌ରେ ୩ଟି ଲେଖାଏଁ ଇଭେଣ୍ଟ ଆୟୋଜିତ ହୋଇଥିଲା। ଏହା ମଧ୍ୟରୁ ମିନା ସାନ୍ତା ୫୫ କିଲୋଗ୍ରାମ୍ ବରିଷ୍ଠ ବିଭାଗରେ କାଂସ୍ୟ, ୟୁଥ୍ ଓ କନିଷ୍ଠ ବିଭାଗରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସେ ମୋଟ ୧୭୮ କେଜି ଓଜନ ଉଠାଇଥିଲେ। ବରିଷ୍ଠ ବିଭାଗରେ ଓଡ଼ିଶାର ଖ୍ୟାତନାମା ଭାରୋତ୍ତୋଳିକା ସ୍ନେହା ସୋରେନ ସ୍ୱର୍ଣ୍ଣ ଜିତିବାରେ ଅସମର୍ଥ ହୋଇଛନ୍ତି। ସେ ୧୮୮ କେଜି ଓଜନ ଉଠାଇ ରୌପ୍ୟ ପଦକ ହାସଲ କରିଥିଲାବେଳେ ପଶ୍ଚିମବଙ୍ଗର ଶ୍ରାବଣୀ ଦାସ ସ୍ୱର୍ଣ୍ଣ ପଦକ ଜିତିବାରେ ସମର୍ଥ ହୋଇଛନ୍ତି। ୟୁଥ ବିଭାଗରେ ଆସାମର ଏ. ଗୋଗୋଇ ରୌପ୍ୟ ଓ ଓଡ଼ିଶା କ୍ରୀଡ଼ା ଛାତ୍ରାବାସର ମିନା ସିଂ କାଂସ୍ୟ ପଦକ ବିଜୟୀ ହୋଇଛନ୍ତି। କନିଷ୍ଠରେ ଅରୁଣାଚଳ ପ୍ରଦେଶର ବୋନି ମାଙ୍ଗଖ୍ୟା ରୌପ୍ୟ ଓ ଆସାମର ଏ. ଗୋଗୋଇ କାଂସ୍ୟ ପଦକ ହାସଲ କରିଛନ୍ତି। ୫୯ କେଜି କାଟାଗୋରୀର ବରିଷ୍ଠ ବିଭାଗରେ ଓଡ଼ିଶାର ରୀମା ଭୋଇ ବାଜି ମାରିନେଇଛନ୍ତି। ସେ ୧୮୫ କେଜି ଓଜନ ଉଠାଇ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛନ୍ତି। ଏଥିରେ ଅରୁଣାଚଳ ପ୍ରଦେଶ ଓ ପଶ୍ଚିମବଙ୍ଗକୁ ଯଥାକ୍ରମେ ରୌପ୍ୟ ଓ କାଂସ୍ୟ ପଦକ ହାସଲ କରିଛନ୍ତି। ୫୯ କେଜି ୟୁଥ୍ କାଟାଗୋରୀରେ ମିନା ସାନ୍ତା ସ୍ୱର୍ଣ୍ଣ ଓ ଅଲିଶା ବେହେରା କାଂସ୍ୟ ପଦକ ବିଜୟୀ ହୋଇଛନ୍ତି। କନିଷ୍ଠ ବିଭାଗରେ ପଶ୍ଚିମବଙ୍ଗର ରାଜଶ୍ରୀ ବିଶ୍ୱାସ ସ୍ୱର୍ଣ୍ଣ, ଓଡ଼ିଶାର ମିନା ସାନ୍ତା ରୌପ୍ୟ ଓ ବିଧୁସ୍ମିତା ସାହୁ କାଂସ୍ୟ ପଦକ ବିଜୟୀ ହୋଇଛନ୍ତି।

# ବ୍ୟାଡ୍‌ମିଣ୍ଟନ: ସହଜ ଡ୍ର’ରେ ପ୍ରଣୟ ସିନ୍ଧୁ





**ପ୍ୟାରିସ ଅଲିମ୍ପିକ୍ସ**
**ଆଉ ୧୨ ଦିନ**

**ପ୍ୟାରିସ,୧୨।୭(ଏଜେନ୍ସି):** ଆଉ ୧୨ ଦିନ ପରେ ଫ୍ରାନ୍ସ ରାଜଧାନୀ ପ୍ୟାରସ୍‌ରେ ଅଲିମ୍ପିକ୍ସର ୩୩ତମ ସଂସ୍କରଣ ଆରମ୍ଭ ହେବ। ଏହି ମେଗା ଇଭେଣ୍ଟ ଜୁଲାଇ ୨୬ରୁ ଆରମ୍ଭ ହୋଇ ଅଗଷ୍ଟ ୧୧ ତାରିଖରେ ଶେଷ ହେବ। ଏହି ଅଲିମ୍ପିକ୍ସର ବ୍ୟାଡ୍‌ମିଣ୍ଟନ ଇଭେଣ୍ଟ ପାଇଁ ଶୁକ୍ରବାର ଡ୍ର ଘୋଷିତ ହୋଇଛି। ବ୍ୟାଡମିଣ୍ଟନ ୱାର୍ଲ୍ଡ ଫେଡେରେସନ (ବିଡବ୍ଲ୍ୟୁଏଫ୍) କ୍ୱାଲାଲମ୍ପୁରରେ ଟୁର୍ଣ୍ଣାମେଣ୍ଟର ଡ୍ର ଘୋଷିତ କରିଛି। ତେବେ ଅଲିମ୍ପିକ୍ସର ପୁରୁଷ ଯୁଗଳ ପ୍ରତିଯୋଗିତାର ଡ୍ର ଘୋଷଣା ବିଳମ୍ବିତ ହୋଇଛି। ଫ୍ରେଞ୍ଚ୍ ଯୋଡି ରୋନାନ ଲାବାସ ଓ ଲୁକାସ କୋର୍ଭି କ୍ୱାଲିଫାଇଂ ର୍‌ୟାଙ୍କିଂର ହିସାବ ଗଣତିରେ ଭୁଲ କରିଛି ବୋଲି ଅଭିଯୋଗ କରିବା ସହ କୋର୍ଟ ଅଫ୍ ଅର୍ବିଟ୍ରେସନ ଅଫ୍ ସ୍ପୋର୍ଟ୍ସ (କାସ)ରେ ଦ୍ୱାରସ୍ଥ ହୋଇଥିଲେ। ଏହି ଫ୍ରେଞ୍ଚ୍ ଯୋଡି ଏହି ମାମଲାରେ ବିଜୟୀ ହୋଇଛନ୍ତି ଓ ପୁରୁଷ ଯୁଗଳ ପ୍ରତିଯୋଗିତାର ଡ୍ର ପରେ ଘୋଷଣା ହେବ ବୋଲି ବିଡବ୍ଲ୍ୟୁଏଫ୍ କହିଛି।

ଦୁଇଥର ଅଲିମ୍ପିକ୍ସ ପଦକ ହାସଲ କରିଥିବା ଅଭିଜ୍ଞ ଭାରତୀୟ ମହିଳା ଖେଳାଳି ପିଭି ସିନ୍ଧୁ ଓ ପୁରୁଷ ତାରକା ଏଚ୍ଏସ୍ ପ୍ରଣୟ ଅପେକ୍ଷାକୃତ ସହଜ ଡ୍ର’ରେ ସାମିଲ ହୋଇଛନ୍ତି। ୧୦ବ ସିଡ୍ ମାନ୍ୟତା ପାଇଥିବା ସିନ୍ଧୁ ଗ୍ରୁପ୍ ଏମ୍’ରେ ସାମିଲ ହୋଇଛନ୍ତି। ମହିଳା ଏକକରେ ସେ ବିଶ୍ୱର ୭୫ ନଂ ଖେଳାଳି ଇସ୍ତୋନିଆର କ୍ରିଷ୍ଟିନା କୁବା, ବିଶ୍ୱର ୧୧୧ ନଂ ଖେଳାଳି ମାଲଦୀପର ଫାତିମା ନାବାହା ଅବଦୁଲ ରଜାକଙ୍କୁ ଭେଟିବେ। ସିନ୍ଧୁ ୨୦୧୬ ରିଓ ଅଲିମ୍ପିକ୍ସରେ ରୌପ୍ୟ ଓ ୨୦୨୦ ଟୋକିଓ ଅଲିମ୍ପିକ୍ସରେ କାଂସ୍ୟ ପଦକ ଜିତିଥିଲେ। ପୁରୁଷ ଏକକରେ ପ୍ରଣୟ ଗ୍ରୁପ୍ କେ’ରେ ସାମିଲ ହୋଇଛନ୍ତି ଓ ସେ ଭିଏତନାମର ଲି ଡକ୍ ଫାତ ଏବଂ ଜର୍ମାନୀର ଫାବିଆନ ରୋଥଙ୍କୁ ଭେଟିବେ। ଅଲିମ୍ପିକ୍ସରେ ପଦାର୍ପଣ କରିବାକୁ ଯାଉଥିବା ଭାରତର ଲକ୍ଷ୍ୟ ସେନ୍ ଗ୍ରୁପ୍ ଏଲ୍‌ରେ ସାମିଲ ହୋଇଛନ୍ତି ଓ ସେ ଇଣ୍ଡୋନେସିଆର ତୃତୀୟ ସିଡ୍ ଜୋନାଥନ କ୍ରିଷ୍ଟି, ଗୁଏଟିମାଲାର କେଭିନ ଗର୍ଡନ ଓ ବେଲଜିୟମର ଜୁଲିଏନ କାରାଗିଙ୍କୁ ଭେଟିବେ। ଅନ୍ୟପଟେ ଭାରତୀୟ ମହିଳା ଯୁଗଳ ଯୋଡି ତନୀଷା କ୍ରାଷ୍ଟୋ ଓ ଅଶ୍ୱିନୀ ପୋନାପ୍ପା ଗ୍ରୁପ୍ ସି’ରେ ସ୍ଥାନ ପାଇଛନ୍ତି। ଏହି ଭାରତୀୟ ଯୋଡି ଟୋକିଓ ଅଲିମ୍ପିକ୍ସ କାଂସ୍ୟ ପଦକ ବିଜେତା ଦକ୍ଷିଣ କୋରିଆ କିମ୍ ସୋ ୟେଅଙ୍ଗ/ କୋଙ୍ଗ ହି ୟଙ୍ଗ ଏବଂ ଅଷ୍ଟ୍ରେଲିଆର ସେତୟାନା ମେପାସା/ ଆଞ୍ଜେଲା ୟୁଙ୍କୁ ଭେଟିବେ।

# ପୂର୍ବାଞ୍ଚଳ ହକି ଚାମ୍ପିଅନସିପ୍ ଲାଗି ଓଡ଼ିଶା ଦଳ



**ବାଳକ ଦଳ:** ବିବେକ ଲାକ୍ରା ଓ ଅଭିଷେକ ଯାଦବ (ଗୋଲରକ୍ଷକ), ଅଙ୍କିତ ଜୋଜୋ, ଅଭିଷେକ ଟପ୍ପୋ, ନିତେଶ ମିଞ୍ଜ୍, ସନ୍ଦୀପ ଏକ୍କା, ପ୍ରଦୀପ ମଣ୍ଡଳ, ସୁଜିତ ତିର୍କୀ (ରକ୍ଷଣଭାଗ), ଆଦ୍ରୋହିତ ଏକ୍କା, ସଚିନ କିଣ୍ଡୋ, ପ୍ରେମଦୟାଲ ଗିରି, ରୋହିତ କୁଲୁ, ସୁରେଶ ଶର୍ମା (ମଧ୍ୟଭାଗ), କରଣ ଲାକ୍ରା, ଦୀପକ ପ୍ରଧାନ, ଦେବୋନାଥ ନାନୱାର, ଆର୍ଯ୍ୟନ ଖେସ୍ ଓ ସୁନୀଲ ଲାକ୍ରା (ଅଗ୍ରଭାଗ)। ପ୍ରଶିକ୍ଷକ-ଲକ୍ଷ୍ମୀନାରାୟଣ।

**ବାଳିକା ଦଳ :** ଅମିଶା କୁଲୁ, ପବିତ୍ରା ହୋଦମ (ଗୋଲରକ୍ଷକ), ସୋନାଲୀ ଏକ୍କା, ନେହାରିକା ଟପ୍ପୋ, ଅହଲ୍ୟା ଲାକ୍ରା, ପୂଜା ରାମଛୁରିଆ, ପ୍ରେମଶିଳା ବାଗେ, ପ୍ରିୟଙ୍କା କୁଜୁର (ରକ୍ଷଣଭାଗ), ସୁପ୍ରିୟା, ଅମିଶା ଏକ୍କା, ରମ୍ଭା କୁଜୁର, ଜାହ୍ନବୀ ବଡା, ଦ୍ରୁପତି ନାଏକ (ମଧ୍ୟଭାଗ), ଦୋଳି ଭୋଇ, ପ୍ରିୟଙ୍କା ଟପ୍ପୋ, ଯଶୋଦା, ଜ୍ୟୋତି ଖାଖା ଓ ଅଂଶୁକା ଭାୱରେ। ପ୍ରଶିକ୍ଷକ- ପିନାହସ ଦାସ।



**ଭୁବନେଶ୍ୱର, ୧୨।୭(ସମିସ):** ଚଳିତବର୍ଷର ପୂର୍ବାଞ୍ଚଳ କନିଷ୍ଠ ହକି ଚାମ୍ପିଅନସିପ୍ କୋଲକାତାର ଚଳିତମାସ ୧୪ରୁ ୨୧ ତାରିଖଯାଏ ଅନୁଷ୍ଠିତ। ଏହି ପ୍ରତିଯୋଗିତା ଲାଗି ଓଡ଼ିଶା ବାଳକ ଓ ବାଳିକାମାନଙ୍କର ଏକ ୧୮ ଜଣିଆ ଦଳ ଘୋଷଣା କରାଯାଇଛି। ପୂର୍ବାଞ୍ଚଳରେ ହକି ଖେଳର ଗୁରୁତ୍ୱ ରହିଛି। ଏହି ଚାମ୍ପିଅନସିପ୍‌ରେ ଆସାମ, ବେଙ୍ଗଲ, ମଣିପୁର, ଝାଡଖଣ୍ଡ ଓ ବିହାର ଦଳ ଅଂଶଗ୍ରହଣ କରିବେ। ଏହି ଦଳ ଗୁଡ଼ିକ ଶକ୍ତିଶାଳୀ ହୋଇଥିବାରୁ ବେଶ ଉନ୍ନତମାନର ଖେଳ ଦେଖିବାକୁ ମିଳିବ ବୋଲି ଆଶା କରାଯାଉଛି। ଓଡ଼ିଶା ଦଳ ମଧ୍ୟ କନିଷ୍ଠ ବିଭାଗରେ ବେଶ ପ୍ରଭାବ ବିସ୍ତାର କରିବାରେ ଲାଗିଛି। ଏଣୁ ଏହି ଚାମ୍ପିଅନସିପ୍‌ରେ ଦଳ ଭଲ ଖେଳିବ ବୋଲି ଆଶା କରିବା ସ୍ୱାଭାବିକ୍। ଆସାମ ବିପକ୍ଷରେ ଓଡ଼ିଶା ବାଳକ ଓ ବାଳିକା ଦଳ ସେମାନଙ୍କ ଅଭିଯାନ ଆରମ୍ଭ କରିବ। ଲକ୍ଷ୍ମୀନାରାୟଣ ପିଟି ଓ ପିନହାସ ଦାସ ଯଥାକ୍ରମେ ବାଳକ ଓ ବାଳିକା ଦଳର ମୁଖ୍ୟ ପ୍ରଶିକ୍ଷକ ଦାୟିତ୍ୱରେ ରହିଛନ୍ତି।

## ସୌମ୍ୟଙ୍କୁ ରାଜ୍ୟପାଳଙ୍କ ଶୁଭେଚ୍ଛା



**ଭୁବନେଶ୍ୱର, ୧୨।୭(ସମିସ):** ରାଜ୍ୟର ପ୍ରଥମ ଫିଡେ ମାଷ୍ଟର ତଥା ୮୧ଥର ଟାଇଟଲ ବିଜେତା ସୌମ୍ୟରଞ୍ଜନ ମିଶ୍ରଙ୍କୁ ରାଜ୍ୟପାଳ ରଘୁବର ଦାସ ଶୁଭେଚ୍ଛା ଜଣାଇଛନ୍ତି। ଶୁକ୍ରବାର ରାଜ୍ୟପାଳଙ୍କୁ ସାକ୍ଷାତ କରିବା ଅବସରରେ ଓଡ଼ିଶାର ଏହି କିମ୍ବଦନ୍ତୀ ଚେସ୍ ଖେଳାଳିଙ୍କୁ ସଫଳତା ଯୁବ ପିଢ଼ିକୁ ଅନୁପ୍ରାଣୀତ କରିବ ବୋଲି ଶ୍ରୀ ଦାସ କହିଥିଲେ। ସୌମ୍ୟରଞ୍ଜନ ରାଜ୍ୟର ଏକମାତ୍ର ଖେଳାଳିଭାବେ ସର୍ବଭାରତୀୟ ପୋଷ୍ଟାଲ, ରେଲୱେ ଓ ସିଭିଲ ସର୍ଭିସ ଚେସ୍ ପ୍ରତିଯୋଗିତାରେ ଚାମ୍ପିଅନ ହୋଇଛନ୍ତି। ସୌମ୍ୟଙ୍କ ସହ ପତ୍ନୀ ସଞ୍ଜିତା ମଧ୍ୟ ରାଜ୍ୟପାଳଙ୍କ ଆଶୀର୍ବାଦ ନେଇଥିଲେ।



# ଡିସେମ୍ବର ୨୭ରୁ ହକି ଇଣ୍ଡିଆ ଲିଗ୍



**ଭୁବନେଶ୍ୱର, ୧୨।୭ (ସମିସ):** ଦୀର୍ଘ ୮ ବର୍ଷର ବ୍ୟବଧାନ ପରେ ପୁଣି ଫେରିବ ହକି ଇଣ୍ଡିଆ ଲିଗ୍। ବିଶ୍ୱର ଏହି ଶ୍ରେଷ୍ଠ ପେସାଦାର ଟୁର୍ଣ୍ଣାମେଣ୍ଟ ଚଳିତବର୍ଷ ଡିସେମ୍ବର ୨୭ରୁ ଆରମ୍ଭ ହୋଇ ଫେବୃଆରୀ ୧ରେ ଶେଷ ହେବ ବୋଲି ହକି ଇଣ୍ଡିଆ ସଭାପତି ଦିଲ୍ଲୀପ ତିର୍କି ସୂଚନା ଦେଇଛନ୍ତି। ତାଙ୍କଠାରୁ ମିଳିଥିବା ସୂଚନା ଅନୁଯାୟୀ ଏହି ଟୁର୍ଣ୍ଣାମେଣ୍ଟରେ ଉଭୟ ପୁରୁଷ ଓ ମହିଳା ଦଳ ଅଂଶଗ୍ରହଣ କରିବେ। ପୂର୍ବପରି ଏହି ଟୁର୍ଣ୍ଣାମେଣ୍ଟ ଧୂମ୍‌ଧାମ୍‌ରେ ହେବ ବୋଲି ତିର୍କି କହିଛନ୍ତି। ଏହି ଟୁର୍ଣ୍ଣାମେଣ୍ଟ ୨୦୧୩ରେ ଆରମ୍ଭ ହୋଇଥିଲାବେଳେ ଶେଷଥର ଲାଗି ୨୦୧୭ରେ ଆୟୋଜିତ ହୋଇଥିଲା। ଏହା ପରେ ପ୍ରାୟୋଜକ ଅଭାବରୁ ଏହା ବନ୍ଦ ହୋଇଯାଇଥିଲା। ଏହି ଟୁର୍ଣ୍ଣାମେଣ୍ଟରେ ବିଶ୍ୱର ପ୍ରାୟ ସମସ୍ତ ଶ୍ରେଷ୍ଠ ଖେଳାଳି ଅଂଶଗ୍ରହଣ କରିଥିଲେ। ଓଡ଼ିଶାରୁ ମଧ୍ୟ ଏକ ଦଳ ଭାଗ ନେଇଥିଲା। କଳିଙ୍ଗ ଲାନ୍ସର୍ସ ନାମରେ ଓଡ଼ିଶା ସରକାରଙ୍କ ପ୍ରୋତ୍ସାହନରେ ଏହା ଗଠିତ ହୋଇଥିଲା। ଏହି ଟୁର୍ଣ୍ଣାମେଣ୍ଟରେ କଳିଙ୍ଗ ଲାନ୍ସର୍ସ ଥରେ ଚାମ୍ପିଅନ ହୋଇଥିଲା। ଆୟୋଜିତ ହୋଇଥିବା ୫ଟି ଟୁର୍ଣ୍ଣାମେଣ୍ଟରେ ୫ଟି ଭିନ୍ନ ଦଳ ଚାମ୍ପିଅନ ହୋଇଥିଲେ। ରାଞ୍ଚି କିନ୍ତୁ ୨ଥର ଟାଇଟଲ ଜିତିଥିଲା। ରାଞ୍ଚି ରାଇନୋ ଟାଇଟଲ ଜିତିବା ପରେ ଟିମ୍ ଭାଙ୍ଗିଯାଇଥିଲା। ଏହା ପରେ ମହେନ୍ଦ୍ର ସିଂ ଧୋନିଙ୍କ ମାଲିକାନାରେ ରାଞ୍ଚି ରେଜ୍ ଦଳ ଗଠିତ ହୋଇଥିଲା ଓ ଦଳ ଚାମ୍ପିଅନ ମଧ୍ୟ ହୋଇଥିଲା।

**୮ ବର୍ଷ ପରେ ଫେରିଲା ଏହି ଏଲିଟ ଟୁର୍ଣ୍ଣାମେଣ୍ଟ**

**ପୁରୁଷରେ ୮ ଓ ମହିଳାରେ ୬ଟି ଦଳ ଭାଗନେବେ**

**ରାଉରକେଲା ଓ ରାଞ୍ଚିରେ ଖେଳାଯିବ ସମସ୍ତ ମ୍ୟାଚ**

**ଓଡ଼ିଶାରୁ ଗୋଟିଏ ଦଳ ଖେଳିବାକୁ ପଞ୍ଜୀକୃତ**

HOCKEY INDIA LEAGUE

ସଭାପତି ତିର୍କିଙ୍କ ଅନୁଯାୟୀ ଏହି ଟୁର୍ଣ୍ଣାମେଣ୍ଟ ଭାରତୀୟ ଖେଳାଳିଙ୍କ ଲାଗି ଏକ ସୁବର୍ଣ୍ଣ ସୁଯୋଗ ଆଣିବ। ଭାରତର ପ୍ରାୟ ସମସ୍ତ ମନୋନୀତ ଖେଳାଳି ଅନ୍ତର୍ଜାତୀୟ ସ୍ତରରେ ଶ୍ରେଷ୍ଠ ସଫଳତା ହାସଲ କରିଥିବା ଖେଳାଳିଙ୍କ ସହ ମିଶି ଖେଳିବେ। ଏହି ଅଭିଜ୍ଞତା ଆମ ଖେଳାଳିଙ୍କୁ ବେଶ ଲାଭ ଦେବ ବୋଲି ସେ କହିଛନ୍ତି। ପୂର୍ବପରି ଏହି ଟୁର୍ଣ୍ଣାମେଣ୍ଟରେ ଯେପରି ବିଶ୍ୱର ଶ୍ରେଷ୍ଠ ଖେଳାଳିମାନେ ଭାଗ ନେବେ ସେଥିଲାଗି ଗୁରୁତ୍ୱ ନିଆଯିବ। ଏହା ମଧ୍ୟରେ ୮ଟି ପୁରୁଷ ଦଳ ଓ ୬ଟି ମହିଳା ଦଳ ଲାଗି ପଞ୍ଜିକରଣ ଶେଷ ହୋଇଛି। ଏହା ପରେ ଖେଳାଳି ନିଲାମ, ଭେନ୍ୟୁ, ପ୍ରାୟୋଜକ ଚୟନ ଆଦି କାର୍ଯ୍ୟକ୍ରମ ଖୁବ ଶୀଘ୍ର ଶେଷ ହେବ। ଖେଳାଳିମାନଙ୍କୁ ସର୍ବଶ୍ରେଷ୍ଠ ଆନୁଷଙ୍ଗିକ ସୁବିଧା ସୁଯୋଗ ଯୋଗାଇଦିଆଯିବ ବୋଲି ଦିଲ୍ଲୀପ ତିର୍କି ଶୁକ୍ରବାର ସୂଚନା ଦେଇଛନ୍ତି।

## ସିରିଜ ବିଜୟ ଲକ୍ଷ୍ୟରେ ଭାରତ

**ହରାରେ,୧୨।୭(ଏଜେନ୍ସି):** ଶୁବମାନ ଗିଲ୍‌ଙ୍କ ନେତୃତ୍ୱରେ ଭାରତ ଶୁକ୍ରବାର ଚତୁର୍ଥ ଟି-୨୦ ମ୍ୟାଚ୍‌ରେ ଘରୋଇ ଜିମ୍ବାୱେକୁ ଭେଟିବ। ସ୍ଥାନୀୟ ହରାରେ ସ୍ପୋର୍ଟ୍ସ କ୍ଲବ ଗ୍ରାଉଣ୍ଡରେ ଖେଳାଯିବାକୁ ଥିବା ଏହି ମ୍ୟାଚ୍ ଜିତି ଭାରତ ସିରିଜ ହାତେଇବା ଲକ୍ଷ୍ୟରେ ରହିଛି। ପ୍ରଥମ ମ୍ୟାଚ୍‌ରେ ୧୩ ରନରେ ପରାସ୍ତ ହୋଇଥିବା ଭାରତ ଦ୍ୱିତୀୟ ମ୍ୟାଚ୍‌ରେ ୧୦୦ ଓ ତୃତୀୟରେ ୨୩ ରନରେ ବିଜୟୀ ହୋଇ ୫ ମ୍ୟାଚ୍ ବିଶିଷ୍ଟ ଏହି ସିରିଜରେ ୨-୧ରେ ଅଗ୍ରଣୀ ହାସଲ କରିଛି। ଯୁବ ଖେଳାଳିଙ୍କୁ ନେଇ ଗଠିତ ଭାରତୀୟ ଦଳ ପାଇଁ ଏହି ସିରିଜରେ ବିଶେଷ ଗୁରୁତ୍ୱ ବହନ କରୁଛି। ଟି-୨୦ ବିଶ୍ୱକପ୍ ବିଜୟ ପରେ ଅଭିଜ୍ଞ ତଥା ତାରକା ଖେଳାଳିମାନେ ଏହି ସିରିଜ ନଖେଳି ବିଶ୍ରାମ ନେଇଛନ୍ତି। ଏପର୍ଯ୍ୟନ୍ତ ସିରିଜରେ ଯୁବ ଓପନର ଅଭିଷେକ ଶର୍ମା ଓ ସ୍ପିନ ଅଲରାଉଣ୍ଡର ୱାସିଂଟନ ସୁନ୍ଦର ପ୍ରଭାବୀ ପ୍ରଦର୍ଶନ କରିଛନ୍ତି। ଟି-୨୦ରୁ ରବୀନ୍ଦ୍ର ଜାଡେଜା ଅବସର ନେବା ପରେ ତାଙ୍କ ସ୍ଥାନ ନେବାକୁ ସୁନ୍ଦର ପ୍ରୟାସ କରିବେ। ଦ୍ୱିତୀୟ ମ୍ୟାଚ୍‌ରେ ଅଭିଷେକ ୪୭ ବଲରୁ ଶତକ ହାସଲ କରିଥିଲେ। ଶିବମ ଦୁବେ, ସଞ୍ଜୁ ସାମସନ ଓ ଯଶସ୍ୱୀ ଜୟସ୍ୱାଲ ଦଳରେ ସାମିଲ ହେବା ପରେ ଭାରତୀୟ ଦଳ ଅଧିକ ଶକ୍ତିଶାଳୀ ଓ ସନ୍ତୁଳିତ ମନେ ହେଉଛି। ତେଣୁ ଏହି ମ୍ୟାଚ୍‌ରେ ଭାରତ ଫେବରାଇଟ ବିବେଚିତ ହେଉଛି। ଏହି ୩ ଖେଳାଳି ପ୍ରଥମ ଦୁଇଟି ମ୍ୟାଚ୍ ଖେଳିପାରି ନଥିଲେ। ଅପରପକ୍ଷରେ ଜିମ୍ବାୱେ ଘରୋଇ ପରିବେଶରୁ ଫାଇଦା ଉଠାଇ ସିରିଜକୁ ପ୍ରତ୍ୟାବର୍ତ୍ତନ କରିବାକୁ ପ୍ରୟାସ କରିବ। ଅଧିନାୟକ ସିକନ୍ଦର ରାଜା, ବ୍ଲେସିଂ ମୁଜାରବାନୀ, ଡିଅନ ମେୟର୍ସ ପୁଣି କମାଲ କରିବେ ବୋଲି ଆଶା କରାଯାଉଛି। ପାଗ ସଫା ରହିବ ଓ ଟସ ଜିତିବା ଦଳ ପ୍ରଥମେ ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେବ ବୋଲି ଆଶା କରାଯାଉଛି। ଉଭୟ ଦଳ ଏପର୍ଯ୍ୟନ୍ତ ୧୧ଟି ମ୍ୟାଚ୍ ଖେଳିଛନ୍ତି। ଏଥିରେ ଭାରତ ୮ ଓ ଜିମ୍ବାୱେ ୩ଟିରେ ବିଜୟୀ ହୋଇଛି।

**ଚତୁର୍ଥ ଟି-୨୦ ଆଜି**
ଖେଳ ଆରମ୍ଭ: ଅପରାହ୍ଣ ୪ଟା ୩୦
ପ୍ରସାରଣ: ସୋନି ସ୍ପୋର୍ଟ୍ସ ନେଟ୍‌ୱର୍କ

**ୱିମ୍ବଲଡନ ଟେନିସ୍**

# ଫାଇନାଲରେ ଆଲ୍‌କାରାଜ



**ଲଣ୍ଡନ,୧୨।୭(ଏଜେନ୍ସି):** ବର୍ଷର ତୃତୀୟ ଗ୍ରାଣ୍ଡସ୍ଲାମ ଟୁର୍ଣ୍ଣାମେଣ୍ଟ ୱିମ୍ବଲଡନ ଟେନିସ ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି। ପୁରୁଷ ଏକକ ପ୍ରତିଯୋଗିତାରେ ସ୍ପେନ୍ ଯୁବ ଖେଳାଳି ତଥା ଡିଫେଣ୍ଡିଂ ଚାମ୍ପିଅନ କାର୍ଲୋସ୍ ଆଲକାରାଜ ଫାଇନାଲକୁ ଉଠିଛନ୍ତି। ତୃତୀୟ ସିଡ୍ ମାନ୍ୟତା ପାଇଥିବା ଆଲକାରାଜ ଶୁକ୍ରବାର ଅନୁଷ୍ଠିତ ପ୍ରଥମ ସେମିଫାଇନାଲ ମ୍ୟାଚ୍‌ରେ ୬-୭, ୬-୩, ୬-୪, ୬-୪ ମାରାଥନ ସେଟ୍‌ରେ ୫ମ ସିଡ୍ ଖେଳାଳି ରୁଷିଆର ଡାନିଲ ମେଦଭେଦେଭଙ୍କୁ ପରାସ୍ତ କରି ଫାଇନାଲ ଟିକଟ ହାସଲ କରିଛନ୍ତି। ପ୍ରଥମ ସେଟ୍‌ରେ ସଂଘର୍ଷ କରି ପରାସ୍ତ ହୋଇଥିଲେ ମଧ୍ୟ ଆଲକାରାଜ ବାକି ୩ଟି ସେଟ୍‌ରେ ଅତି ସହଜରେ ବିଜୟ ହାସଲ କରିଥିଲେ। ରବିବାର ଟାଇଟଲ ପାଇଁ ସେ ଫାଇନାଲ ମୁକାବିଲାରେ ଦ୍ୱିତୀୟ ସେମିଫାଇନାଲ ବିଜେତା ଦ୍ୱିତୀୟ ସିଡ୍ ନୋଭାକ ଜୋକୋଭିଚ୍ କିମ୍ବା ୨୫ତମ ସିଡ ଇଟାଲୀର ଲରେଞ୍ଜୋ ମୁସେଟିଙ୍କୁ ଭେଟିବେ। ଆଲକାରାଜ ଚଳିତ ବର୍ଷ ଅଷ୍ଟ୍ରେଲିଆନ ଓପନ୍ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିବା ବେଳେ ଫ୍ରେଞ୍ଚ୍ ଓପନ୍ ଟାଇଟଲ ଜିତିଥିଲେ। ସେ ୨୦୨୨ରେ ମଧ୍ୟ ୟୁଏସ୍ ଓପନରେ ଚାମ୍ପିଅନ ହୋଇଥିଲେ। ପୂର୍ବରୁ ଅଲକାରାଜ କ୍ୱାର୍ଟର ଫାଇନାଲରେ ଦ୍ୱାଦଶ ସିଡ୍ ଆମେରିକାର ଟମି ପଲଙ୍କୁ ୫-୭, ୬-୪, ୬-୨, ୬-୨ ସେଟ୍‌ରେ ହରାଇ ସେମିକୁ ଉଠିଥିଲେ।

### ପାଓଲିନି- କ୍ରେଜିକୋଭା ଫାଇନାଲ ଆଜି

ଶୁକ୍ରବାର ମହିଳା ଏକକ ଟୁର୍ଣ୍ଣାମେଣ୍ଟର ଫାଇନାଲ ମୁକାବିଲା ଖେଳାଯିବ। ଟାଇଟଲ ଫାଇନାଲରେ ଇଟାଲୀର ଜସ୍ମିନ ପାଓଲିନି ଓ ଚେକ ଗଣରାଜ୍ୟର ବାର୍ବୋରା କ୍ରେଜିକୋଭା ପରସ୍ପରକୁ ଭେଟିବେ। ଗୁରୁବାର ଅନୁଷ୍ଠିତ ସେମିଫାଇନାଲରେ ୭ମ ସିଡ୍ ମାନ୍ୟତା ପାଇଥିବା ପାଓଲିନି ୨-୬, ୬-୪, ୭-୬ ସେଟ୍‌ରେ କ୍ରୋଏସିଆର ଡୋନା ଭେକିକଙ୍କୁ ହରାଇ ଇଟାଲୀର ପ୍ରଥମ ମହିଳା ଖେଳାଳି ଭାବେ ୱିମ୍ବଲଡନ ଫାଇନାଲରେ ପ୍ରବେଶ କରିଥିଲେ। ଫାଇନାଲ ମ୍ୟାଚ ଜିତିଲେ ସେ ଇତିହାସ ସୃଷ୍ଟି କରିବେ। ୨୮ ବର୍ଷୀୟା ପାଓଲିନି ପୂର୍ବରୁ ଗତମାସରେ ଫ୍ରେଞ୍ଚ୍ ଓପନ୍‌ର ମହିଳା ଏକକ ଓ ଯୁଗଳ ଫାଇନାଲରେ ପ୍ରବେଶ କରିଥିଲେ। ଏବେ ଭଲ ଫର୍ମରେ ରହିଥିବାରୁ ସେ ଫାଇନାଲରେ ବାଜି ମାରିବେ ବୋଲି ଆଶା କରାଯାଉଛି। ସେହିପରି ଦ୍ୱିତୀୟ ସେମିରେ ୩୧ତମ ସିଡ୍ ମାନ୍ୟତା ପାଇଥିବା କ୍ରେଜିକୋଭା ୩-୬, ୬-୩, ୬-୪ ସେଟ୍‌ରେ ଚତୁର୍ଥ ସିଡ୍ କାଜାଖସ୍ତାନର ଏଲିନା ରିବାକିନାଙ୍କୁ ପରାସ୍ତ କରି ବିପର୍ଯ୍ୟୟ ଘଟାଇବା ସହ ଫାଇନାଲ ଟିକଟ ହାସଲ କରିଛନ୍ତି। ୨୮ ବର୍ଷୀୟା କ୍ରେଜିକୋଭା ପୂର୍ବରୁ ୨୦୨୧ରେ ଫ୍ରେଞ୍ଚ୍ ଓପନ ଟାଇଟଲ ଜିତିଥିଲେ ଓ ଏହା ତାଙ୍କ କ୍ୟାରିୟରର ଏକମାତ୍ର ଗ୍ରାଣ୍ଡସ୍ଲାମ ଟାଇଟଲ ଥିଲା। ସେ ଏପର୍ଯ୍ୟନ୍ତ ୭ଟି ଏକକ ଓ ୧୮ଟି ଯୁଗଳ ଟାଇଟଲ ଜିତିଛନ୍ତି। ଅନ୍ୟପଟେ ପାଓଲିନି ୨ଟି ଏକକ ଓ ୪ଟି ଯୁଗଳ ଟାଇଟଲ ଜିତିଛନ୍ତି।

### ନିର୍ଦ୍ୱନ୍ଦ୍ୱରେ ପୂରଣ ହେଲା 'ଫାଓ'ର ୧୫ ପଦ

## ସମୀର ସଭାପତି, ଆଶୀର୍ବାଦ ସମ୍ପାଦକ





**କଟକ,୧୨।୭(ସମିସ):** ଫୁଟବଲ ଆସୋସିଏସନ ଅଫ ଓଡ଼ିଶା (ଫାଓ)ର ୧୫ଟି ଯାକ ପଦ ନିର୍ଦ୍ୱନ୍ଦ୍ୱରେ ପୂରଣ ହୋଇଛି। ବରିଷ୍ଠ ବିଜେପି ନେତା ସମୀର ଦେ ଫାଓର ନୂତନ ସଭାପତି ହୋଇଥିବା ବେଳେ ସମ୍ପାଦକ ପଦ ବଜାୟ ରଖିଛନ୍ତି ବର୍ଷୀୟାନ କ୍ରୀଡ଼ା ସଙ୍ଗଠକ ଆଶୀର୍ବାଦ ବେହେରା। ଆସନ୍ତା ୨୧ରେ ଫାଓର ବାର୍ଷିକ ସାଧାରଣ ପରିଷଦ ବୈଠକ ରହିଛି। ଏହି ଅବସରରେ ନୂତନ ପଦାଧିକାରୀଙ୍କ ନାମ ବିଧିବଦ୍ଧ ଭାବେ ଘୋଷଣା କରାଯିବ। ନବନିର୍ବାଚିତ ସଦସ୍ୟ ୪ବର୍ଷ ନିମନ୍ତେ ଦାୟିତ୍ୱ ଗ୍ରହଣ କରିବେ।

ପ୍ରକାଶଥାଉକି, ଫାଓ ନିର୍ବାଚନ ନିମନ୍ତେ ଗତ ମେ' ୮ରେ ନୋଟିସ୍ ପ୍ରକାଶ ପାଇଥିଲା। ଇତି ମଧ୍ୟରେ ଭୋଟର ତାଲିକା ପ୍ରସ୍ତୁତ ହୋଇଥିଲା। ୭୩ ଅନୁବନ୍ଧିତ ୟୁନିଟରୁ ୧୭୩ଜଣଙ୍କ ନାମ ଭୋଟର ତାଲିକାରେ ସାମିଲ ହୋଇଥିଲା। ଏମାନଙ୍କ ଭିତରେ ଓଡ଼ିଶା ଅଲିମ୍ପିକ ସଂଘ ଏବଂ ଓଡ଼ିଶା କାଉନସିଲ ଅଫ ସ୍ପୋର୍ଟସରୁ ଜଣେ ଲେଖାଏ ଏକ୍ସ-ଅଫିସିଓଙ୍କ ନାମ ରହିଥିଲା। ନିର୍ବାଚନରେ ଅଂଶ ଗ୍ରହଣ କରିବା ନିମନ୍ତେ ବିଭିନ୍ନ ଅନୁବନ୍ଧିତ ୟୁନିଟରୁ ମୋଟ୍ ୧୬ଟି ନାମାଙ୍କନ ପତ୍ର ଦାଖଲ ହୋଇଥିଲା। ସଭାପତି ନିମନ୍ତେ ଜଣେ, କାର୍ଯ୍ୟକାରୀ ସଭାପତି ନିମନ୍ତେ ଜଣେ, ଉପସଭାପତି ନିମନ୍ତେ ୧୨ଜଣ, ସମ୍ପାଦକ ନିମନ୍ତେ ଜଣେ, ଯୁଗ୍ମ ସମ୍ପାଦକ ନିମନ୍ତେ ୩ଜଣ ଏବଂ କୋଷାଧ୍ୟକ୍ଷ ନିମନ୍ତେ ଜଣେ ପ୍ରାର୍ଥିପତ୍ର ଦାଖଲ କରିଥିଲେ। ତେବେ ଉପସଭାପତି ପଦ ନିମନ୍ତେ ୪ଜଣ ପ୍ରାର୍ଥୀପତ୍ର ପ୍ରତ୍ୟାହାର କରି ନେଇଥିବା ଯୋଗୁଁ ଫାଓର ଚଳିତ ନିର୍ବାଚନ ଏକପାଖିଆ ଭାବେ ଶେଷ ହୋଇଛି। ପୂର୍ବରୁ ଓଡ଼ିଶା ଅଲିମ୍ପିକ ସଂଘର ସଭାପତି ରହିଥିବା ସମୀର ଦେ ପ୍ରଥମଥର ନିମନ୍ତେ ଫାଓର ସଭାପତି ପଦରେ ଅବସ୍ଥାପିତ ହେବେ। ସେହିପରି ସମ୍ପାଦକ ପଦ ବଜାୟ ରଖିଛନ୍ତି ଆଶୀର୍ବାଦ। ଉକ୍ତ ଦୁଇଟି ଯାକ ପଦ ନିର୍ଦ୍ୱନ୍ଦ୍ୱରେ ପୂରଣ ହୋଇଛି। ବିଜୟ ଦାସ, ପଦ୍ମଲୋଚନ ଲେଙ୍କା, ଦିଲ୍ଲୀପ କୁମାର ସାହୁ, ରବି ନାରାୟଣ ପଣ୍ଡା, ଅସିତ ବରଣ ପତି, ମହମ୍ମଦ ସହିଦ ଜବାର, ସହଦେବ ରାଉତ ଏବଂ ବୀରେନ୍ଦ୍ର କୁମାର ସାହୁ ଫାଓର ଉପସଭାପତି ଭାବେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ଅଭିଜିତ ପାଲ, ବିଶ୍ୱରଞ୍ଜନ ଘଡେଇ, ବିଜୟ କୁମାର ଦାସ ଯୁଗ୍ମ ସମ୍ପାଦକ ଏବଂ ଭକ୍ତ ବଲ୍ଲଭ ଦାସ କୋଷାଧ୍ୟକ୍ଷ ହୋଇଛନ୍ତି।

**ଏସୀୟ କନିଷ୍ଠ ବାଳକ ହ୍ୟାଣ୍ଡବଲ**

## ଭାରତୀୟ ଦଳରେ ଆର୍ଯ୍ୟନ ବ୍ରାହ୍ମିନ୍



**ଭୁବନେଶ୍ୱର, ୧୨।୭(ସମିସ):** ଜୋର୍ଡାନର ଅମାନଠାରେ ୧୩ରୁ ୨୬ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବ ଏସୀୟ କନିଷ୍ଠ ହ୍ୟାଣ୍ଡବଲ ଚାମ୍ପିଅନସିପ୍। ଏହି ଚାମ୍ପିଅନସିପ୍ ଲାଗି ଘୋଷିତ ଭାରତୀୟ ଦଳରେ ଓଡ଼ିଶାର ଜଣାଶୁଣା ଖେଳାଳି ଆର୍ଯ୍ୟନ ବ୍ରାହ୍ମିନଙ୍କୁ ସ୍ଥାନ ମିଳିଛି। ଗତ ମେ ମାସରେ ଅନୁଷ୍ଠିତ ଏସୀୟ ପୁରୁଷ ହ୍ୟାଣ୍ଡବଲ ଦଳରେ ସାମିଲ ହୋଇ ଆର୍ଯ୍ୟନ କାଂସ୍ୟ ପଦକ ବିଜୟୀ ହୋଇଥିଲେ। ଆର୍ଯ୍ୟନଙ୍କ ଏହି ସ୍ୱୀକୃତି ଲାଗି ଭୁବନେଶ୍ୱର ଓ ଓଡ଼ିଶା ବାସ୍କେଟବଲ ସଂଘ ପକ୍ଷରୁ ଶୁଭକାମନା ଜଣାଇଛନ୍ତି।

## ଓସିଏଲ୍: ୫ ୱିକେଟରେ ଜିତିଲା ପୁମାସ୍




**କଟକ,୧୨।୭(ସମିସ):** ବାରବାଟୀ ଷ୍ଟାଡିୟମରେ ଚାଲିଥିବା ଓଡ଼ିଶା କ୍ରିକେଟ ଲିଗ୍(ଓସିଏଲ)ର ଏକ ମ୍ୟାଚ୍‌ରେ ଓଡ଼ିଶା ପୁମାସ୍ ବିଜୟୀ ହୋଇଛି। ଜାଗୁଆର୍ସ ବିପକ୍ଷ ଏକ ଲୋ ସ୍କୋରିଂ ମ୍ୟାଚ୍‌ରେ ପୁମାସ୍ ୫ ୱିକେଟରେ ଓଡ଼ିଶା ଚିତାସ୍‌କୁ ହରାଇଛି। ୧୦ରନ ବିନିମୟରେ ୩ ୱିକେଟ ଅକ୍ତିଆର କରିଥିବା ପୁମାସ୍ ଦଳର ମିଡିୟମ ପେସ୍ ବୋଲର ରାଜେଶ ମହାନ୍ତିଙ୍କୁ ପ୍ଲେୟାର ଅଫ ଦି ମ୍ୟାଚ୍ ଭାବେ ପୁରସ୍କୃତ କରାଯାଇଥିଲା। ପୁରସ୍କାର ବିତରଣୀ କାର୍ଯ୍ୟକ୍ରମରେ ଓସିଏ ସଦସ୍ୟ ଶିବ ପ୍ରସାଦ ତ୍ରିପାଠୀ ଅତିଥି ଭାବେ ଯୋଗ ଦେଇଥିଲେ।

ପୁମାସ୍ ଅଧିନାୟକ କାର୍ତ୍ତିକ ବିଶ୍ୱାଳ ଟସ୍ ଜିତି ପ୍ରଥମେ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ। ନିର୍ଦ୍ଧାରିତ ୨୦ ଓଭରରେ ଜାଗୁଆର୍ସ ୯ ୱିକେଟ ହରାଇ ଦଳ ୮୮ରନ କରିଥିଲା। ପଙ୍କଜ ସେନାପତି ସର୍ବାଧିକ ୩୬ରନ କରିଥିଲେ। ଅଧିନାୟକ ଅନୀଲ ପରିଡା ୨୫ରନ, ସୌଭାଗ୍ୟ ମିଶ୍ର ୧୦ରନ କରିଥିଲେ। ଅନ୍ୟ କୌଣସି ବ୍ୟାଟର ଦୁଇ ଅଙ୍କ ଛୁଇଁ ପାରିନଥିଲେ। ପୁମାସ୍ ପକ୍ଷରୁ ରାଜେଶଙ୍କ ସମେତ ଅଭିଷେକ ଯାଦବ ମଧ୍ୟ ୩ଟି ୱିକେଟ ଅକ୍ତିଆର କରିଥିଲେ। ସୌଭାଗ୍ୟ ରାଉତ, ରିତେଶ ପ୍ରିୟରଞ୍ଜନ, ଡିନା ଦାସଙ୍କୁ ଗୋଟିଏ ଲେଖାଏ ୱିକେଟ ମିଳିଥିଲା। ସଂଘର୍ଷପୂର୍ଣ୍ଣ ପରିସ୍ଥିତିରେ ୫ ୱିକେଟ ହରାଇ ଅନ୍ତିମ ଓଭରରେ ବିଜୟୀ ହୋଇଥିଲା ପୁମାସ୍। ୧୦ ଓଭର ଶେଷ ସୁଦ୍ଧା ଦଳ ୪ ୱିକେଟ ହରାଇ ୩୯ରନ କରିଥିଲା। ସାୱନ ପହରିୟା(୧୯ରନ) ଏବଂ ବିନୟ ପାଇକରାୟ(୧୬ରନ) କ୍ରିଜରେ ତିଷ୍ଠି ରହି ଦଳକୁ ବିଜୟୀ କରାଯାଇଥିଲେ। ଗିରିଜା ବାରିକ ୧୭ରନ ଏବଂ ଅଭିଷେକ ଯାଦବ ୧୪ରନ କରିଥିଲେ। ଜାଗୁଆର୍ସ ପକ୍ଷରୁ ବାଦଲ ବିଶ୍ୱାଳ ସର୍ବାଧିକ ୩ଟି, ଶୁଭମ ନାୟକ ଏବଂ ଶୁଭମ ବିଷ୍ଟ ଗୋଟିଏ ଲେଖାଏ ୱିକେଟ ହାସଲ କରିଥିଲେ। ଶୁକ୍ରବାର ଖେଳାଯିବାକୁ ଥିବା ଓଡ଼ିଶା ଟାଇଗର୍ସ-ଓଡ଼ିଶା ଚିତାସ୍ ବିପକ୍ଷ ମ୍ୟାଚ୍ ବର୍ଷା ଯୋଗୁଁ ବାତିଲ ହୋଇଥିଲା।

## ଭାରତ-ମ୍ୟାଁମାର ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ଅମୀମାଂସିତ



**ୟାଙ୍ଗନ,୧୨।୭(ଏଜେନ୍ସି):** ଭାରତ ଓ ମ୍ୟାଁମାର ମଧ୍ୟରେ ଖେଳାଯାଇଥିବା ମହିଳା ବନ୍ଧୁତ୍ୱପୂର୍ଣ୍ଣ ମୁକାବିଲା ୧-୧ ଗୋଲରେ ଅମୀମାଂସିତ ରହିଛି। ମ୍ୟାଁମାରର ୟାଙ୍ଗନ ସହରର ଥୁଉନ୍ନା ଷ୍ଟାଡିୟମରେ ଶୁକ୍ରବାର ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଭରାତୀୟ ମହିଳା ଫୁଟବଲରମାନେ ଦମ୍‌ଦାର ପ୍ରଦର୍ଶନ କରିଥିଲେ ଓ ଘରୋଇ ଦଳକୁ ଅଟକାଇବାରେ ସମର୍ଥ ହୋଇଥିଲେ। ଏହାପୂର୍ବରୁ ମଙ୍ଗଳବାର ଅନୁଷ୍ଠିତ ପ୍ରଥମ ମ୍ୟାଚ୍‌ରେ ଭାରତ ୧-୨ ଗୋଲରେ ଘରୋଇ ଦଳଠାରୁ ପରାସ୍ତ ହୋଇଥିଲା। ତେବେ ଦ୍ୱିତୀୟ ମ୍ୟାଚ୍‌ରେ ଭାରତ ଉନ୍ନତ ପ୍ରଦର୍ଶନ କରିଥିଲା। ବର୍ଷା ବାଧାପ୍ରାପ୍ତ ଏହି ମୁକାବିଲାର ପ୍ରଥମାର୍ଦ୍ଧରେ ଭାରତ ଭଲ ଖେଳିଥିଲା। ମ୍ୟାଚ୍‌ର ୪୮ତମ ମିନିଟ୍‌ରେ ଓଡ଼ିଶା ଷ୍ଟ୍ରାଇକର ପ୍ୟାରି ଖାଖା ଗୋଲ ଦେଇ ଭାରତକୁ ଅଗ୍ରଣୀ କରାଇଥିଲେ। ପ୍ୟାରୀ କଳାତ୍ମକ ଖେଳ ପ୍ରଦର୍ଶନ କରି ଘରୋଇ ଡିଫେଣ୍ଡର ଲିନ୍ ଲାଓ ଉଙ୍କୁ ପଛରେ ପକାଇ ସିଧା ସଟ୍ ମାରି ଏକ ସୁନ୍ଦର ଗୋଲ ସ୍କୋର କରିଥିଲେ। ପ୍ୟାରୀ ପ୍ରଥମ ମ୍ୟାଚ୍‌ରେ ମଧ୍ୟ ଗୋଟିଏ ଗୋଲ ସ୍କୋର କରିଥିଲେ। କିନ୍ତୁ ଏହାର ଦୁଇ ମିନିଟ୍ ପରେ ମ୍ୟାଁମାର ସର୍ବକାଳୀନ ସର୍ବାଧିକ ଗୋଲ ସ୍କୋରର ୱିନ୍ ଥେଇଙ୍ଗି ଗୋଲ ଦେଇ ମ୍ୟାଚ୍‌କୁ ୧-୧ ବରାବର ସ୍ଥିତିକୁ ଆଣିଥିଲେ। ଏହାପରେ ଉଭୟ ଦଳ ଏକାଧିକ ସୁଯୋଗ ସୃଷ୍ଟି କରି ବିଜୟ ସମ୍ଭାବନା ସୃଷ୍ଟି କରିଥିଲେ ମଧ୍ୟ ଗୋଲ ଦେଇପାରି ନଥିଲେ। ଫଳରେ ଶେଷରେ ଏହି ମ୍ୟାଚ୍ ଅମୀମାଂସିତ ରହିଥିଲା। ଭାରତୀୟ ଖେଳାଳିମାନେ ଆକ୍ରମଣାତ୍ମକ ଖେଳ ପ୍ରଦର୍ଶନ କରିଥିଲେ ଓ କ୍ରମାଗତ ଭାବେ ମ୍ୟାଁମାର ରକ୍ଷଣଭାଗକୁ ଚାପରେ ରଖିବାରେ ସମର୍ଥ ହୋଇଥିଲେ।

**ପ୍ୟାରୀ ଖାଖାଙ୍କ ଗୋଲ**

## ଓଡ଼ିଶା ନାଭାଲ ଟାଟା ହକି ତୃଣମୂଳ ଲିଗ୍ ଉଦ୍‌ଯାପିତ



**ଭୁବନେଶ୍ୱର, ୧୨।୭(ସମିସ):** କଳିଙ୍ଗ ଷ୍ଟାଡିୟମ୍‌ରେ ଥିବା ଓଡ଼ିଶା ନାଭାଲ ଟାଟା ହକି ତୃଣମୂଳ ଲିଗ୍ ଚାମ୍ପିଅନସିପ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ହାଇ ପରଫର୍ମାନ୍ସ ସେଣ୍ଟର ରାଇରଙ୍ଗପୁର ବାଳକ ବିଭାଗରେ ଓ ଲାଠିକଟା ବାଳିକା ବିଭାଗରେ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛନ୍ତି। ଏଥିରେ ମୋଟ ୩୨ଟି ଦଳ ଅଂଶଗ୍ରହଣ କରିଥିଲେ। ଏହା ମଧ୍ୟରୁ ଶ୍ରେଷ୍ଠ ୮ଟି ଦଳକୁ ଚୂଡାନ୍ତ ପର୍ଯ୍ୟାୟ ଲାଗି ମନୋନୀତ କରାଯାଇଥିଲା। ଶୁକ୍ରବାର ଏହି ପ୍ରତିଯୋଗିତାର ଉଦ୍‌ଯାପନୀ ସମାରୋହରେ ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ ମୁଖ୍ୟ ଅତିଥି, କ୍ରୀଡ଼ା ବିଭାଗ ଶାସନ ସଚିବ ଭାସ୍କରଜ୍ୟୋତି ଶର୍ମା ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଅଲିମ୍ପିଆନ ବୀରେନ୍ଦ୍ର ଲାକ୍ରା, ରୋଶନ ମିଞ୍ଜ୍, ସୁନୀତା ଲାକ୍ରା ଓ ଲିଲିମା ମିଞ୍ଜ ପ୍ରମୁଖ ଉପସ୍ଥିତ ଥିଲେ। ଟାଟା ହକି ହାଇ ପର୍ଫାନ୍ସ ସେଣ୍ଟରର ପ୍ରକଳ୍ପ ନିର୍ଦ୍ଦେଶକ ତଥା ଟାଟା ଷ୍ଟିଲ୍‌ର କ୍ରୀଡ଼ା ବିଭାଗ ଓଡ଼ିଶା ମୁଖ୍ୟ ରାଜୀବ ସେଠ ମଧ୍ୟ ଉପସ୍ଥିତ ଥିଲେ। ଅନ୍ତର୍ଜାତୀୟ ଖେଳାଳି ଦିପସାନ ତିର୍କୀ ଓ ଷ୍ଟାନଲି ଭିକ୍ଟର ମଧ୍ୟ ଉପସ୍ଥିତ ରହିଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA.
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS